ଧରିତ୍ରୀ
DHARITRI
51 Years

ଭୁବନେଶ୍ୱର, ରବିବାର, ଅଗଷ୍ଟ ୩୧/୨୦୨୫ (୧୪ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, August 31/2025 | Page 14 | ₹ 7.00 | DHENKANAL
୫୧ଶ ଭାଗ ୨୭୬ ସଂଖ୍ୟା | www.orissakhabar.com/www.dharitri.com | Printed at Angul, Bhubaneswar, Sambalpur & Rayagada | VOLUME 51 ISSUE 276 | ମୂଲ୍ୟ ₹୭/-

୯୦ ବର୍ଷର ଖିମ୍‌ଜୀ ପରମ୍ପରା
ଏବେ ଅନୁଗୁଳରେ

# ମହାନଦୀ ଜଳ ବିବାଦ: ଫିଟିପାରେ ସମାଧାନ ବାଟ

ଛତିଶଗଡ଼ର ଅମରକଣ୍ଟକ ମାଳଭୂମିରୁ ବାହାରି ବଙ୍ଗୋପସାଗରେ ମିଶିଥିବା ମହାନଦୀ ଓଡ଼ିଶାର ଜୀବନରେଖା। ମହାନଦୀ ୮୫୧ କି.ମି. ଲମ୍ବର ହୋଇଥିବାବେଳେ ଏଥିରୁ ୪୯୪ କି.ମି. ଓଡ଼ିଶାରେ ପ୍ରବାହିତ। ନଦୀ ଜଳ ବଣ୍ଟନ ପାଇଁ ଛତିଶଗଡ଼ ଏବଂ ଓଡ଼ିଶା ମଧ୍ୟରେ କୌଣସି ଆନୁଷ୍ଠାନିକ ଚୁକ୍ତି ହୋଇ ନ ଥିବାରୁ ଏହାକୁ ନେଇ ଦୀର୍ଘ ବର୍ଷ ଧରି ଦୁଇ ପଡ଼ୋଶୀ ମୁହାଁମୁହିଁ ହୋଇଆସୁଛନ୍ତି। ଛତିଶଗଡ଼ ଉପରମୁଣ୍ଡରେ ବ୍ୟାରେଜ ଓ ସେତୁ ନିର୍ମାଣକରି ଅଣମୌସୁମୀ ଋତୁରେ ଜଳ ପ୍ରବାହକୁ ଅଟକାଉଥିବାରୁ ଏହି ଆନ୍ତଃ ଜଳ ବିବାଦ ଲାଗିରହିଛି। ୨୦୨୪ରେ ଓଡ଼ିଶାରେ ଭାଜପା ସରକାର କ୍ଷମତାକୁ ଆସିବା ପରେ ଛତିଶଗଡ଼ର ଭାଜପା ସରକାର ସହ ଆଲୋଚନା ଜରିଆରେ ସମାଧାନ ବାଟ ଫିଟିବା ନେଇ ଆଶା କରାଯାଉଥିଲା। ୨୦୨୫ ଅଗଷ୍ଟ ୨ରେ ଜଷ୍ଟିସ୍ ବେଲା ଏମ୍. ତ୍ରିବେଦୀଙ୍କ ଅଧ୍ୟକ୍ଷତାରେ ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲ ଆପୋସ ଆଲୋଚନା ଜରିଆରେ ସମାଧାନ ପାଇଁ ଉଭୟ ପକ୍ଷଙ୍କୁ ପରାମର୍ଶ ଦେବା ସହ ସେପ୍ଟେମ୍ବର ୬ରେ ପରବର୍ତ୍ତୀ ଶୁଣାଣି ଲାଗି ଧାର୍ଯ୍ୟ କରିଥିଲେ। ଏହି କ୍ରମରେ ଶନିବାର ନୂଆଦିଲ୍ଲୀରେ ଉଭୟ ରାଜ୍ୟ ସମାଧାନ ପାଇଁ ଅଗ୍ରସର ହୋଇଛନ୍ତି। ଓଡ଼ିଶା ଓ ଛତିଶଗଡ଼ ମୁଖ୍ୟ ଶାସନ ସଚିବ ପାରସ୍ପରିକ ସ୍ୱାର୍ଥକୁ ଦୃଷ୍ଟିରେ ରଖି ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ସହମତି ପ୍ରକାଶ ପାଇଛି। ତଦନୁସାରେ ସେପ୍ଟେମ୍ବରରେ ବୈଷୟିକ କମିଟି ବୈଠକ ବସିବ। ଭାବେ ସମାଧାନ କରିବାର ପଥକୁ ନିର୍ଣ୍ଣୟ କରିବେ।

ସୂଚନାଯୋଗ୍ୟ, ମହାନଦୀ ଜଳ ବିବାଦ ନେଇ ଦୀର୍ଘଦିନ ହେବ ଟ୍ରିବ୍ୟୁନାଲରେ ମାମଲା ଚାଲିଛି। ଗତ ୨ ତାରିଖରେ ଏନେଇ ଟ୍ରିବ୍ୟୁନାଲରେ ଶୁଣାଣି ସମୟରେ ଓଡ଼ିଶା ପକ୍ଷରୁ ଆଡ୍‌ଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ଏବଂ ଛତିଶଗଡ଼ ପକ୍ଷରୁ ବରିଷ୍ଠ ଆଇନଜୀବୀ ଏ.କେ. ଗାଙ୍ଗୁଲି ପୃଥକ୍ ପୃଥକ୍ ଭାବେ କହିଥିଲେ, ଏହି ପ୍ରସଙ୍ଗରେ ଆପୋସ ଆଲୋଚନା ବିଷୟ ବିଚାରାଧୀନ ରହିଛି। ଏହାପରେ ଏହି ମାମଲା ଶୁଣାଣି କରିବାକୁ ସେପ୍ଟେମ୍ବର ୬ କୁ ସମୟ ଘୁଞ୍ଚାଯାଇଥିଲା। ଆପୋସ ସମାଧାନ ଲାଗି ଖଣ୍ଡପୀଠ ସମୟ ଦେଇଥିବା ବେଳେ ଆସନ୍ତା ଶୁଣାଣି ବେଳେ ଉଭୟ ରାଜ୍ୟ କ'ଣ ପଦକ୍ଷେପ ନେଇଛନ୍ତି ତାହା ଜଣାଇବାକୁ କହିଥିଲେ। ଆସନ୍ତା ଶୁଣାଣି ସମୟରେ ଉଭୟ ରାଜ୍ୟର ସଚିବମାନେ ଉପସ୍ଥିତ ରହି ଆପୋସ ଆଲୋଚନା କେତେବାଟ ଯାଇଛି ସେନେଇ ତଥ୍ୟ ରଖିବେ ବୋଲି ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି।




## ଦିଲ୍ଲୀରେ ଓଡ଼ିଶା-ଛତିଶଗଡ଼ ମୁଖ୍ୟ ଶାସନ ସଚିବସ୍ତରୀୟ ବୈଠକ

ଭୁବନେଶ୍ୱର, ୩୦।୮ (ସୁନିତ୍ ମିଶ୍ର)

ମହାନଦୀ ଜଳବିବାଦ ନେଇ ଓଡ଼ିଶା ଏବଂ ଛତିଶଗଡ଼ ମଧ୍ୟରେ ଏକ ଉଚ୍ଚସ୍ତରୀୟ ବୈଠକ ଶନିବାର ନୂଆଦିଲ୍ଲୀଠାରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ଏବଂ ଛତିଶଗଡ଼ର ମୁଖ୍ୟ ଶାସନ ସଚିବଙ୍କ ସମେତ ଉଭୟ ରାଜ୍ୟର ଜଳ ସମ୍ପଦ ବିଭାଗର ବରିଷ୍ଠ ଅଧିକାରୀମାନେ ମହାନଦୀ ଜଳ ବିବାଦ ଉପରେ ଆଲୋଚନା କରିଛନ୍ତି। ବୈଠକରେ ହୋଇଥିବା ଆଲୋଚନା ମୁତାବକ, ଉଭୟ ରାଜ୍ୟର ବୈଷୟିକ କମିଟି ସେପ୍ଟେମ୍ବରର ପ୍ରତ୍ୟେକ ସପ୍ତାହରେ ଥରେ ଲେଖା ବସି ଯେଉଁ ଗୁରୁତର ସମସ୍ୟା ରହିଛି ତାକୁ ଚିହ୍ନଟକରି ତା'ର ସମାଧାନ କରିବେ। ଏହି କମିଟି ମହାନଦୀ ଜଳ ଆବଣ୍ଟନ ନେଇ ଆଲୋଚନା ସହ ଏକ ବ୍ୟବସ୍ଥିତ ଢାଞ୍ଚା ପ୍ରସ୍ତୁତ କରିବେ। ସଦ୍ୟ ଘଟଣାକ୍ରମ ସାମ୍ନାକୁ ଆସିବାପରେ ମହାନଦୀ ଉପରମୁଣ୍ଡରେ ଛତିଶଗଡ଼ ନିର୍ମାଣ କରିଥିବା ବ୍ରିଜ୍ ନିର୍ମାଣକୁ ନେଇ ଲାଗି ରହିଥିବା ଆନ୍ତଃ ରାଜ୍ୟ ବିବାଦର ସମାଧାନ ବାଟ ଫିଟିବା ଆଶା କରାଯାଉଛି।

ଉଭୟ ରାଜ୍ୟର ବୈଷୟିକ କମିଟିର ଆଲୋଚନାରୁ କ'ଣ ଫଳ ବାହାରିଲା ଏବଂ ସେନେଇ ଆଗକୁ ବଢ଼ିବାର କିପ୍ରକାର ରାସ୍ତା ଫିଟିଛି ସେ ସମ୍ପର୍କରେ ଓଡ଼ିଶା ଓ ଛତିଶଗଡ଼ର ମୁଖ୍ୟ ଶାସନ ସଚିବଙ୍କ ସହ ଜଳ ସମ୍ପଦ ବିଭାଗର ସଚିବମାନେ ଆସନ୍ତା ଅକ୍ଟୋବରରେ ଆଉ ଥରେ ଏକ ବୈଠକକରି ସେସବୁ ବିଷୟରେ ଚର୍ଚ୍ଚା କରିବେ। ମୁଖ୍ୟ ଶାସନ ସଚିବସ୍ତରୀୟ ବୈଠକ ବସିବା ପରେ ଆସନ୍ତା ଡିସେମ୍ବରରେ ଉଭୟ ରାଜ୍ୟର ମୁଖ୍ୟମନ୍ତ୍ରୀ ସୁବିଧା ଦେଖି ଆଲୋଚନା କରିପାରନ୍ତି। ଏହି ଅବସରରେ କାମଗୁଡ଼ିକର ତଦାରଖ କରି ମହାନଦୀ ଜଳ ବିବାଦକୁ ନେଇ ଉଭୟ ରାଜ୍ୟର ଲୋକମାନଙ୍କ ହିତରେ ଦୀର୍ଘକାଳୀନ ଓ ସମ୍ମତିମୂଳକ

# ନଭେମ୍ବର କିମ୍ବା ଡିସେମ୍ବରରେ ଓଡ଼ିଶା ଆସିବେ ରାହୁଲ

ଭୁବନେଶ୍ୱର, ୩୦।୮ (ସୁନିତ୍ ମିଶ୍ର)

କଂଗ୍ରେସ ନେତା ତଥା ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ନଭେମ୍ବର କିମ୍ବା ଡିସେମ୍ବରରେ ଓଡ଼ିଶା ଆସିପାରନ୍ତି। ଓଡ଼ିଶା ଗସ୍ତରେ ଆସି ରାହୁଲ ରୋଡ୍ ଶୋ, ପଦଯାତ୍ରା ଏବଂ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ। ଏହି ଅବସରରେ ସେ ରାଜ୍ୟରେ ବଢୁଥିବା ନାରୀ ନିର୍ଯାତନା ପ୍ରସଙ୍ଗ, ପ୍ରାକୃତିକ ସମ୍ପଦ ଭରା ଓଡ଼ିଶା ଗରିବ କାହିଁକି ଏବଂ ଭୋଟ ଚୋରି ପ୍ରସଙ୍ଗ ଉଠାଇବେ ବୋଲି ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଭକ୍ତ ଚରଣ ଦାସ କହିଛନ୍ତି। ହେଲେ ନିର୍ଦ୍ଦିଷ୍ଟ ଭାବେ ରାହୁଲଙ୍କ କାର୍ଯ୍ୟକ୍ରମ କେବେ ହେବ ସେନେଇ ସବିଶେଷ ସୂଚନା ଆସି ନ ଥିବା ଜଣାପଡିଛି। ତେବେ ୨୦୨୪ ସାଧାରଣ ନିର୍ବାଚନ ପରେ ଏହା ରାହୁଲଙ୍କ ଦ୍ୱିତୀୟ ଥର ଲାଗି ଓଡ଼ିଶା ଗସ୍ତ କାର୍ଯ୍ୟକ୍ରମ ହେବ। ସୂଚନାଯୋଗ୍ୟ, ରାହୁଲ ଗତ ଜୁଲାଇ ୧୧ରେ ଦିନିକିଆ ଓଡ଼ିଶା ଗସ୍ତରେ ଆସିଥିଲେ। ଏହି ଅବସରରେ ବରମୁଣ୍ଡା ପଡ଼ିଆଠାରେ ଏକ ବିରାଟ ସଭାର ଆୟୋଜନ କରାଯାଇଥିଲା। ରାହୁଲ ନିଜ ସମ୍ବୋଧନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ସ୍ଥାନୀୟ ସରକାରଙ୍କୁ ଟାର୍ଗେଟ କରିବା ସହ ଦଳ ଭିତରେ ସମସ୍ତଙ୍କୁ ଏକତ୍ରିତ ଭାବେ କାମ କରିବାକୁ ଆହ୍ୱାନ ଦେଇଥିଲେ। ଏହାସହ ଆଦାନୀଙ୍କ ଯୋଗୁ ରଥ ଗଡ଼ିବା କାର୍ଯ୍ୟକ୍ରମ ଗୋଟିଏ ଦିନ ବଢ଼ାଯାଇଥିଲା ବୋଲି ଅଭିଯୋଗ ମଧ୍ୟ କରିଥିଲେ। ତେବେ ରାହୁଲଙ୍କ ଆସନ୍ତା ଗସ୍ତ କର୍ମୀ ମହଲରେ ଆହୁରି ଉତ୍ସାହ ଭରିଦେବ ବୋଲି ବରିଷ୍ଠ ନେତାମାନେ କହିବା ଆରମ୍ଭ କରିଛନ୍ତି। ଏବେ ରାହୁଲ ବିହାରରେ ଭୋଟ ଅଧିକାର ଯାତ୍ରା କାର୍ଯ୍ୟକ୍ରମ ଜାରି ରଖିଛନ୍ତି। ଅନ୍ୟପଟେ ଗତ ନିର୍ବାଚନରେ ଭାଜପା ଭୋଟ ଚୋରି କରି ସରକାର ଗଢ଼ିବାରେ ସଫଳ ହୋଇଥିବା ରାହୁଲ ଅଭିଯୋଗ କରି ଆସୁଛନ୍ତି। ଯେହେତୁ ଓଡ଼ିଶାରେ ମଧ୍ୟ ଗତ ନିର୍ବାଚନରେ ଭୋଟ ଚୋରି ହୋଇଥିବା ଅଭିଯୋଗ ହୋଇଛି ତେଣୁ ରାହୁଲ ସେହି ପ୍ରସଙ୍ଗ ଉଠାଇ ରୋଡ୍ ଶୋ କରିପାରନ୍ତି ବୋଲି ଚର୍ଚ୍ଚା ହେଉଛି।

# ଏସ୍‌ଟି, ଏସ୍‌ସି ମାମଲାର ତଦନ୍ତ କରିପାରିବେ ଇନ୍ସପେକ୍ଟର, ଏସ୍ଆଇ

ଭୁବନେଶ୍ୱର, ୩୦।୮ (ସୁନିତ୍ ମିଶ୍ର)

ରାଜ୍ୟରେ ଇନ୍ସପେକ୍ଟର ଏବଂ ସବ୍ ଇନ୍ସପେକ୍ଟରଙ୍କ କ୍ଷମତାକୁ ବୃଦ୍ଧି କରାଯାଇଛି। ଏଣିକି ଇନ୍ସପେକ୍ଟର ଏବଂ ସବ୍ ଇନ୍ସପେକ୍ଟରମାନେ ତଫସିଲଭୁକ୍ତ ଜାତି (ଏସ୍‌ସି) ଓ ତଫସିଲଭୁକ୍ତ ଜନଜାତି (ଏସ୍‌ଟି) ନିର୍ଯାତନା ନିବାରଣ ଆଇନ ବଳରେ ରୁଜୁ ମାମଲାର ତଦନ୍ତ କରିପାରିବେ। ଏହା ସହ ଏଭଳି ଘଟଣାରେ ଅଭିଯୁକ୍ତଙ୍କୁ ଗିରଫ ଏବଂ ସ୍ୱତନ୍ତ୍ର ଅଦାଲତରେ ମାମଲା ଦାଖଲ ମଧ୍ୟ କରିପାରିବେ। ପୂର୍ବରୁ ଏପରି ମାମଲାରେ ତଦନ୍ତ କରିବା ଲାଗି ଡିଏସ୍‌ପି ପାହ୍ୟାର ଅଧିକାରୀଙ୍କୁ କ୍ଷମତା ଦିଆଯାଇଥିଲା। ହେଲେ ରାଜ୍ୟ ସରକାରଙ୍କ ଗୃହ ବିଭାଗ ଏଥିରେ ପରିବର୍ତ୍ତନ ଆଣିଛି। ଏନେଇ ଶନିବାର ଗୃହ ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତି ଜାରି କରାଯାଇଛି। ଅନୁସୂଚିତ ଜାତି ଏବଂ ଜନଜାତି( ନିର୍ଯାତନା ନିବାରଣ) ଆଇନ ୧୯୮୯ର ପରିବର୍ତ୍ତନକୁ ସୁଦୃଢ଼ କରିବା ପାଇଁ ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି। ଏଥିରେ ଆହୁରି ଉଲ୍ଲେଖ କରାଯାଇଛି, ପୋଲିସ ଇନ୍ସପେକ୍ଟର ଏବଂ ସବ୍ ଇନ୍ସପେକ୍ଟରମାନଙ୍କୁ ଏହି ଆଇନ ଅନୁଯାୟୀ ଗିରଫ, ତଦନ୍ତ ଏବଂ ମାମଲା ରୁଜୁ କରିବାର କ୍ଷମତା ଦିଆଯାଉଛି। ପୂର୍ବରୁ ଏହି କ୍ଷମତା କେବଳ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଅଫ୍ ପୋଲିସ(ଡିଏସ୍‌ପି) କିମ୍ବା ତଦୂର୍ଦ୍ଧ୍ୱ ପାହ୍ୟାର ଅଧିକାରୀଙ୍କ ପାଇଁ ରଖାଯାଇଥିଲା।

ଶୁଭ ଉଦ୍‌ଘାଟନ
ଆଜି, ଦିବା ୧୨ ଘଟିକା
HDFC ବ୍ୟାଙ୍କ ପାଖ,
ଶଙ୍କର ସିନେମା ରୋଡ୍
— ଶୁଭାରମ୍ଭ ଅଫର୍ —
FLAT ୪୦% ରିହାତି* ସୁନା ଗହଣାର ଗଢା ମଜୁରିରେ
UP TO ୨୦% ରିହାତି* ହୀରା ଉପରେ
*T&C Apply
ଓଡ଼ିଶାର ୧୦ତମ ଶୋରୁମ୍ | ୬୦୦୦ ବର୍ଗଫୁଟ୍ ବ୍ୟାପ୍ତ | ଅନୁଗୁଳର ସର୍ବବୃହତ ଗହଣା ଶୋରୁମ୍
90 YEARS TRUST IS TIMELESS | 100% BIS Hallmarked HUID Pure Gold Jewellery | 100% Exchange Of Old Gold | Fair Price Policy | Free Insurance On Diamonds | Tested And Certified Diamonds | Safe Gold Purchase Scheme | Lifetime Buyback Guarantee
ଅନୁଗୁଳ: ଏଚ୍‌ଡିଏଫ୍‌ସି ବ୍ୟାଙ୍କ ପାଖ, ଶଙ୍କର ସିନେମା ରୋଡ୍ ଭୁବନେଶ୍ୱର: ୬୨୧, ସହୀଦ ନଗର, ଜନପଥ। ୩୦୯, ଡିଷ୍ଟ୍ରିକ୍ଟ ସେଣ୍ଟର, ଚନ୍ଦ୍ରଶେଖରପୁର। ୫୫୧/୧୮୧୫, ସାମନ୍ତରାପୁର ୫୦୮୯, ସୌଭାଗ୍ୟ ନଗର ବ୍ରହ୍ମପୁର: ଭେଙ୍କଟ ରାଜୁ ଆର୍କେଡ, ସନୋ ବଜାର କଟକ: ୫୫୮/୮୩୪,କ୍ୟାଣ୍ଟନମେଣ୍ଟ ରୋଡ୍ ଝାରସୁଗୁଡ଼ା: ସରବହାଲ ରୋଡ, ମାରୱାଡ଼ିପଡ଼ା ପୁରୀ: ପୋଲିସ ଲାଇନ୍ ସାମ୍ନା, ଭିଆଇପି ରୋଡ୍ ରାଉରକେଲା: କେସର ଭବନ, ମେନ୍ ରୋଡ୍ ଯାଜପୁର ରୋଡ୍ (ଶୀଘ୍ର ଖୋଲିବ)
ଖିମ୍‌ଜୀ® ଜୁଏଲର୍ସ ସିନସ୍ ୧୯୩୬

## ସଂକ୍ଷେପରେ

### ଇଣ୍ଡୋନେସିଆ ଆଞ୍ଚଳିକ ସଂସଦ ଭବନରେ ନିଆଁ ଲଗାଇଲେ ବିକ୍ଷୋଭକାରୀ: ୩ ମୃତ

ଜାକର୍ତ୍ତା,୩୦।୮

ଇଣ୍ଡୋନେସିଆରେ ବିକ୍ଷୋଭକାରୀମାନେ ଏକ ଆଞ୍ଚଳିକ ପାର୍ଲାମେଣ୍ଟ ଭବନରେ ନିଆଁ ଲଗାଇଦେବାରୁ ୩ ଜଣଙ୍କ ମୃତ୍ୟୁ ଘଟିବା ସହ ୫ ଆହତ ହୋଇଛନ୍ତି। ଦେଶବ୍ୟାପୀ ବିକ୍ଷୋଭ ଜୋର୍‌ଦାର ହୋଇଥିବାବେଳେ ରାଷ୍ଟ୍ରପତି ପ୍ରାବୋୟୋ ସୁବିଆନ୍ତୋଙ୍କ ସରକାର ପ୍ରଥମ ବଡ଼ ପରୀକ୍ଷାର ସମ୍ମୁଖୀନ ହୋଇଛି। ଦକ୍ଷିଣ ସୁଲାୱେସି ପ୍ରଦେଶ ରାଜଧାନୀ ମାକାସାରଠାରେ ଥିବା ପାର୍ଲାମେଣ୍ଟ ବିଲ୍ଡିଂରେ ଶୁକ୍ରବାର ସନ୍ଧ୍ୟାରେ ବିକ୍ଷୋଭକାରୀ ନିଆଁ ଲଗାଇଥିଲେ। ଜଳୁଥିବା ବିଲ୍ଡିଂ ମଧ୍ୟରେ ରହିଯାଇ ୩ ଜଣଙ୍କ ମୃତ୍ୟୁ ଘଟିଥିବା ଏକ ଗଣମାଧ୍ୟମରେ ପ୍ରକାଶ ପାଇଛି। ଏମ୍‌ପିମାନଙ୍କ ବେତନକୁ ନେଇ ଚଳିତ ସପ୍ତାହରେ ରାଜଧାନୀ ଜାକର୍ତ୍ତାରେ ବିକ୍ଷୋଭ ଆରମ୍ଭ ହୋଇଥିବାବେଳେ ଶୁକ୍ରବାର ପୋଲିସ ଗାଡ଼ି ଧକ୍କାରେ ଜଣେ ଡ୍ରାଇଭରଙ୍କ ମୃତ୍ୟୁ ଘଟିବାରୁ ତାହା ହିଂସାତ୍ମକ ରୂପ ନେଇଥିଲା। ବିକ୍ଷୋଭକାରୀ ପୋଲିସ ଉପରକୁ ଟେକାମାଡ଼ କରିଥିଲେ। ଏଥିରେ ବହୁ ଗାଡ଼ି କ୍ଷତିଗ୍ରସ୍ତ ହୋଇଛି। ବଣ୍ଡୁଙ୍ଗ୍ ଏବଂ ଯୋଗ୍ୟକର୍ତ୍ତା ସହରରେ ମଧ୍ୟ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା।

### ୟୁକ୍ରେନ୍‌ର ପୂର୍ବତନ ସ୍ପିକରଙ୍କୁ ଗୁଳିକରି ହତ୍ୟା


ଆଣ୍ଡ୍ରି ପାରୁବୀ

ନୂଆଦିଲ୍ଲୀ,୩୦।୮

ୟୁକ୍ରେନ୍‌ର ଆଇନ ପ୍ରଣେତା ତଥା ପାର୍ଲାମେଣ୍ଟର ପୂର୍ବତନ ସ୍ପିକର ଆଣ୍ଡ୍ରି ପାରୁବୀଙ୍କୁ ଶନିବାର ଲ୍ଭିଭ୍ ସହରରେ ଗୁଳିକରି ହତ୍ୟା କରାଯାଇଛି। ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ତାଙ୍କ ମୃତ୍ୟୁ ଖବରକୁ ସ୍ପଷ୍ଟ କରିଛନ୍ତି। ୨୦୧୦ ଦଶକରେ ପାରୁବୀ ୟୁକ୍ରେନ୍ ପାର୍ଲାମେଣ୍ଟରେ ସ୍ପିକର ଭାବେ କାର୍ଯ୍ୟ କରିଥିଲେ। ହତ୍ୟାକାଣ୍ଡର ପୂର୍ଣ୍ଣ ତଦନ୍ତ କରାଯିବ ବୋଲି ଜେଲେନ୍‌ସ୍କି ପ୍ରତିଶ୍ରୁତି ଦେଇଛନ୍ତି। ହତ୍ୟାକାରୀଙ୍କୁ ଖୋଜି ବାହାର କରିବା ପାଇଁ ସବୁ ଆବଶ୍ୟକ ବଳ ଓ ବ୍ୟବସ୍ଥାକୁ ନିୟୋଜିତ କରାଯିବ ବୋଲି ସେ କହିଛନ୍ତି।

### ସ୍କୁଲ ଶୌଚାଳୟରେ ଶିଶୁ ଜନ୍ମକଲେ ୯ମ ଶ୍ରେଣୀ ଛାତ୍ରୀ

ବେଙ୍ଗାଲୁରୁ, ୩୦।୮

କର୍ଣ୍ଣାଟକର ୟାଦ୍‌ଗୀର ଜିଲା ଶାହପୁର ବ୍ଲକ୍‌ସ୍ଥିତ ଏକ ସରକାରୀ ଆବାସିକ ସ୍କୁଲରେ ଗୁରୁବାର ଜଣେ ୧୭ ବର୍ଷୀୟା ୯ମ ଶ୍ରେଣୀ ଛାତ୍ରୀ ଏକ ଶିଶୁପୁତ୍ର ଜନ୍ମ ଦେଇଛନ୍ତି। ଉଭୟ ଛାତ୍ରୀ ଏବଂ ନବଜାତକଙ୍କ ଅବସ୍ଥା ସ୍ଥିର ଥିବା ପୋଲିସ ସୂଚନା ଦେଇଛି। ଶାହପୁର ସରକାରୀ ହସ୍ପିଟାଲରେ ଉଭୟଙ୍କର ଚିକିତ୍ସା ଜାରି ରହିଛି। ଏହି ମାମଲାକୁ ନେଇ ରିପୋର୍ଟ ପ୍ରଦାନ କରିବାକୁ କର୍ଣ୍ଣାଟକ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ପକ୍ଷରୁ ସ୍ଥାନୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ୯ ମାସ ତଳେ ପୀଡ଼ିତାଙ୍କୁ ଜଣେ ଅଜଣା ବ୍ୟକ୍ତି ଯୌନ ନିର୍ଯାତନା ଦେଇଥିଲେ ଏବଂ ସେ ଗର୍ଭବତୀ ହୋଇଥିଲେ।

ଦିଲ୍ଲୀରେ ଆଜି



ଦିଲ୍ଲୀର ସଦର ବଜାରଠାରେ ଶନିବାର ନ୍ୟାଶନାଲ ଅକାଳୀ ଦଳ ପକ୍ଷରୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଟାରିଫ୍ ନୀତି ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି। (ଫଟୋ-ଚମନ ଗୌତମ)

# ଟ୍ରମ୍ପଙ୍କ ଟାରିଫ୍ ବେଆଇନ: ଆମେରିକା କୋର୍ଟ

ୱାଶିଂଟନ,୩୦।୮

ଆମେରିକାର ଏକ ଫେଡେରାଲ ଅପିଲ୍ସ କୋର୍ଟ ଶୁକ୍ରବାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ବାଣିଜ୍ୟ ନୀତିକୁ ଏକ ବଡ଼ ଆଇନଗତ ଝଟକା ଦେଇଛନ୍ତି, ଯାହା ସମସ୍ତଙ୍କୁ ଚକିତ କରିଛି। ବିଶ୍ୱର ପ୍ରାୟତଃ ପ୍ରତ୍ୟେକ ଦେଶ ଉପରେ ଟାରିଫ୍ ଲଗାଇବାର ଆଇନଗତ ଅଧିକାର ଟ୍ରମ୍ପଙ୍କର ନାହିଁ ବୋଲି ଅଦାଲତ କହିଛନ୍ତି। ଏହି ନିଷ୍ପତ୍ତି ଏପର୍ଯ୍ୟନ୍ତ ଚୂଡ଼ାନ୍ତ ହୋଇ ନ ଥିବାବେଳେ ଅକ୍ଟୋବର ୧୪ ପର୍ଯ୍ୟନ୍ତ କୋର୍ଟ ଟାରିଫ୍ ବଳବତ୍ତର ରଖିବାକୁ ଅନୁମତି ଦେଇଛନ୍ତି। ଏଥିସହିତ ସୁପ୍ରିମକୋର୍ଟରେ ଅପିଲ୍ କରିବା ପାଇଁ ଅଦାଲତ ଟ୍ରମ୍ପ୍ ପ୍ରଶାସନକୁ ସୁଯୋଗ ଦେଇଛନ୍ତି।

ଚାଇନା, ମେକ୍ସିକୋ ଏବଂ କାନାଡା ସମେତ ବିଭିନ୍ନ ଦେଶ ଉପରେ ଶୁଳ୍କ ଲଗାଇ ରାଷ୍ଟ୍ରପତି ତାଙ୍କ ଅନ୍ତର୍ଜାତୀୟ ଜରୁରୀ ଅର୍ଥନୈତିକ କ୍ଷମତା ଆଇନ(ଆଇଇଇପିଏ)ର ଦୁରୁପଯୋଗ କରିଥିବା ଫେଡେରାଲ ସର୍କିଟ୍ କୋର୍ଟ ଅଫ୍ ଅପିଲ୍ସ କହିଛନ୍ତି। ବିଭିନ୍ନ ଦେଶ ଉପରେ କଟକଣା ଲଗାଇବା ଓ ସମ୍ପତ୍ତି ଜବତ ପାଇଁ ବ୍ୟବହୃତ ହୋଇ ଆସୁଥିବା ଏହି ଆଇନ ଟାରିଫ୍ ଲଗାଇବା ପାଇଁ ରାଷ୍ଟ୍ରପତିଙ୍କୁ


ଡୋନାଲ୍ଡ ଟ୍ରମ୍ପ୍

କ୍ଷମତା ଦେଇନାହିଁ। ନିୟନ୍ତ୍ରଣ କରିବା କ୍ଷମତା ଏବଂ ଟିକସ ଲଗାଇବା କ୍ଷମତା ମଧ୍ୟରେ ଯଥେଷ୍ଟ ପାର୍ଥକ୍ୟ ରହିଥିବା କୋର୍ଟ ରାୟରେ ଉଲ୍ଲେଖ କରିଛନ୍ତି। ଟାରିଫ୍ ଲଗାଇବା କ୍ଷମତା କଂଗ୍ରେସ ପାଖରେ ରହିଛି, ରାଷ୍ଟ୍ରପତିଙ୍କ ପାଖରେ ନୁହେଁ ବୋଲି ଅଦାଲତ ସ୍ପଷ୍ଟ କରିଦେଇଛନ୍ତି।

କୋର୍ଟଙ୍କ ରାୟକୁ ଟ୍ରମ୍ପ୍ କଡ଼ା ସମାଲୋଚନା କରିଛନ୍ତି। ଏହା ଦେଶ ପାଇଁ ସମ୍ପୂର୍ଣ୍ଣ ବିପର୍ଯ୍ୟୟ ବୋଲି ସେ ତାଙ୍କ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଟ୍ରୁଥ୍ ସୋସିଆଲ୍‌ରେ ଲେଖିଛନ୍ତି। ସେ ଅତ୍ୟନ୍ତ ପକ୍ଷପାତପୂର୍ଣ୍ଣ ଅପିଲ୍ସ କୋର୍ଟକୁ ନିନ୍ଦା କରିବା ସହ ସବୁ ଟାରିଫ୍ କାର୍ଯ୍ୟକାରୀ ରହିଥିବା କହିଛନ୍ତି। ଅପିଲ୍ସ କୋର୍ଟ ବିରୋଧରେ ସେ ସର୍ବୋଚ୍ଚ ଅଦାଲତକୁ ଯିବେ ବୋଲି କହିଛନ୍ତି। ଆମେ ଆମେରିକାକୁ ଲାଭବାନ କରାଇବା, ପୁନର୍ବାର ଧନୀ, ଶକ୍ତିଶାଳୀ ଓ କ୍ଷମତାଶାଳୀ କରାଇବା ପାଇଁ ଏହାର ବ୍ୟବହାର କରିବୁ ବୋଲି ଟ୍ରମ୍ପ୍ ଲେଖିଛନ୍ତି।

ଯଦି ଟାରିଫ୍‌କୁ ସର୍ବୋଚ୍ଚ ଅଦାଲତ ଖାରଜ କରିଦିଅନ୍ତି, ତେବେ ଆମେରିକା ରାଜକୋଷକୁ ବହୁ ବିଲିୟନ ଡଲାର ହରାଇବାକୁ ପଡ଼ିବ ବୋଲି ପ୍ରଶାସନ ଆଶଙ୍କା କରୁଛି। ଜୁଲାଇ ସୁଦ୍ଧା ଟାରିଫ୍‌ରୁ ୧୫୯ ବିଲିୟନ ଡଲାର ରାଜସ୍ୱ ସଂଗୃହୀତ ହୋଇଛି, ଯାହାକି ଆଶାତୀତ। ଯଦି କୋର୍ଟ ଏହାକୁ ଖାରଜ କରିଦିଅନ୍ତି, ତେବେ ଉକ୍ତ ଅର୍ଥକୁ ଫେରାଇବାକୁ ପ୍ରଶାସନ ବାଧ୍ୟ ହେବ ବୋଲି ନ୍ୟାୟ ବିଭାଗ ସତର୍କ କରାଇଥିଲା। ଯଦି ଟାରିଫ୍‌କୁ ଖାରଜ କରିଦିଆଯାଏ, ତେବେ ଅନେକ ଲକ୍ଷଙ୍କୁ ନିଯୁକ୍ତି ହରାଇବାକୁ ପଡ଼ିବ, ଆମେରିକୀୟମାନେ ସେମାନଙ୍କ କଷ୍ଟ ଉପାର୍ଜିତ ସଞ୍ଚୟ ହରାଇବେ ଏବଂ ଏପରିକି ସାମାଜିକ ସୁରକ୍ଷା ଓ ସ୍ୱାସ୍ଥ୍ୟସେବା ପ୍ରତି ମଧ୍ୟ ବିପଦ ସୃଷ୍ଟି ହେବ ବୋଲି ସଲିସିଟର ଜେନେରାଲ ଡି, ଜନ୍ ସୌଏର ଏବଂ ଆସିଷ୍ଟାଣ୍ଟ ଆର୍ଟର୍ନି ଜେନେରାଲ ବ୍ରେଟ୍ଟ ଶୁମେଟ୍ ଅଦାଲତଙ୍କ ଏକ ପତ୍ର ଜରିଆରେ କହିଛନ୍ତି। ଟାରିଫ୍‌କୁ ଖାରଜ କରାଗଲେ ସର୍ବନାଶକାରୀ ସଙ୍କଟ ସୃଷ୍ଟି ହେବ ବୋଲି ସେମାନେ ସତର୍କ କରାଇଛନ୍ତି।

## ମୂଲ୍ୟବୃଦ୍ଧିକୁ ନେଇ ଲୋକେ ଅତିଷ୍ଠ

ଦରଦାମ୍ କମାଇବା ସହ ଆମେରିକାକୁ ପୁଣିଥରେ ସୁଲଭ କରାଇବାର ପ୍ରତିଶ୍ରୁତି ଦେଇ ଡୋନାଲ୍ଡ ଟ୍ରମ୍ପ୍ କ୍ଷମତାକୁ ଆସିଥିଲେ। ଏବେ ତାଙ୍କର ଟାରିଫ୍ ଏବଂ ଟିକସ ନୀତିର ପ୍ରଭାବ ଟେଜରାତି ସାମଗ୍ରୀଠାରୁ ଆରମ୍ଭ କରି ବିଦ୍ୟୁତ୍ ପର୍ଯ୍ୟନ୍ତ ସବୁକିଛିର ଦର ବଢ଼ାଇ ଦେଇଛି। ଏବାବଦରେ ଆମେରିକୀୟ ପରିବାରଗୁଡ଼ିକୁ ବହୁ ଶହ ଡଲାର ବ୍ୟୟ କରିବାକୁ ପଡୁଛି। ଏହିଧାରା ଆଗକୁ ଆହୁରି ଖରାପ ହେବ ଏବଂ ନିମ୍ନ ତଥା ମଧ୍ୟମ ଆୟକାରୀ ପରିବାରଗୁଡ଼ିକ ଉପରେ ସର୍ବାଧିକ ଆର୍ଥିକ ବୋଝ ପଡ଼ିବ ବୋଲି ବିଶେଷଜ୍ଞମାନେ ସତର୍କ କରାଇଛନ୍ତି।

୨୦୨୪ରେ ରାଷ୍ଟ୍ରପତି ନିର୍ବାଚନ ପାଇଁ ପ୍ରଚାର ବେଳେ ଟ୍ରମ୍ପ୍ ମୁଦ୍ରାସ୍ଫୀତିକୁ ନିୟନ୍ତ୍ରଣ କରିବା ସହ ଆମେରିକୀୟ ପରିବାରଗୁଡ଼ିକ ପାଇଁ ସାମଗ୍ରୀଗୁଡ଼ିକ ସୁଲଭ କରାଇବେ ବୋଲି ବାରମ୍ବାର ପ୍ରତିଶ୍ରୁତି ଦେଇଥିଲେ। ସେ ଜିତିବା ପରେ ପ୍ରଥମ ଦିନରୁ ଦରଦାମ୍ କମାଇବେ ବୋଲି ୨୦୨୪ ଅଗଷ୍ଟରେ ଏକ ରାଲିରେ ଘୋଷଣା କରିଥିଲେ। କିନ୍ତୁ ଏବେ ତାଙ୍କ ଟାରିଫ୍ ଓ ଟିକସ ନୀତି ଆମେରିକୀୟ ସାମଗ୍ରୀଗୁଡ଼ିକୁ ଏତେ ମହଙ୍ଗା କରିଦେଇଛି, ଯାହା ଲୋକଙ୍କ କିଣିବା ବାହାରେ। ଟେଜରାତି ସାମଗ୍ରୀ ଓ ବିଦ୍ୟୁତ୍ ଦର ଜାନୁଆରୀରୁ କ୍ରମାଗତ ଭାବେ ବଢ଼ିଚାଲିଛି। ଫଳରେ ଅନେକ ଲକ୍ଷ ଆମେରିକୀୟ ଅତ୍ୟଧିକ ଆର୍ଥିକ ଚାପର ସମ୍ମୁଖୀନ ହୋଇଛନ୍ତି। ଆମଦାନୀ ସାମଗ୍ରୀ ଉପରେ ଅତ୍ୟଧିକ ଟାରିଫ୍ ସେଗୁଡ଼ିକୁ ମହଙ୍ଗା କରିଦେଇଛି। ସେହିପରି ଜୁଲାଇରୁ 'ୱାନ୍ ବିଗ୍ ବିଉଟିଫୁଲ୍ ବିଲ୍ ଆଇନ' ବଜାର ଅସ୍ଥିରତାର ଅନ୍ୟତମ କାରଣ ହୋଇଛି।

### ଆତଙ୍କବାଦୀ ବାଗୁ ଖାନ୍‌ଙ୍କୁ ଏନ୍‌କାଉଣ୍ଟର

ଶ୍ରୀନଗର, ୩୦।୮(ପି.ଟି.)

ଜମ୍ମୁ-କଶ୍ମୀରରେ ଆତଙ୍କବାଦୀଙ୍କୁ ଅନୁପ୍ରବେଶ କରାଇବାରେ ପ୍ରମୁଖ ଭୂମିକା ଥିବା ବାଗୁ ଖାନ୍‌କୁ ଶନିବାର ସୁରକ୍ଷାବଳ ଏନ୍‌କାଉଣ୍ଟର କରିଛି। ସେ ଆତଙ୍କବାଦୀଙ୍କ ମଧ୍ୟରେ ସମନ୍ଦର ଚାଚା ଏବଂ ହ୍ୟୁମାନ୍ ଜିପିଏସ୍ ନାମରେ ପରିଚିତ ଥିଲେ। ଜମ୍ମୁ-କଶ୍ମୀରର ଗୁରେଜ୍ ସେକ୍ଟରର ନୌଶାରା ନାର୍ ଅଞ୍ଚଳରେ ସୁରକ୍ଷା କର୍ମୀ ଓ ଆତଙ୍କବାଦୀଙ୍କ ମଧ୍ୟରେ ହୋଇଥିବା ଗୁଳି ବିନିମୟରେ ବାଗୁଙ୍କର ମୃତ୍ୟୁ ହୋଇଛି। ତାଙ୍କ ସହ ଆଉଜଣେ ଆତଙ୍କବାଦୀ ମଧ୍ୟ ନିହତ ହୋଇଛନ୍ତି। ଭାରତରେ ଆତଙ୍କବାଦୀଙ୍କ ଅନୁପ୍ରବେଶ ପଛରେ ବାଗୁ ସବୁଠାରୁ ବଡ଼ ମାଷ୍ଟରମାଇଣ୍ଡ ଥିଲେ। ସେ ଆତଙ୍କବାଦୀଙ୍କ ୧୦୦ରୁ ଅଧିକ ଅନୁପ୍ରବେଶ ପ୍ରୟାସକୁ ସଫଳ କରାଇଥିଲେ। ଦୁର୍ଗମ ପାହାଡ଼ିଆ ଅଞ୍ଚଳ, ଜଙ୍ଗଲ ଏବଂ ବିଭିନ୍ନ ଗୁପ୍ତ ରାସ୍ତା ଉପରେ ତାଙ୍କର ଜ୍ଞାନ ଥିଲା। ଏହି କାରଣରୁ ବିଭିନ୍ନ ଆତଙ୍କବାଦୀ ସଙ୍ଗଠନ ମଧ୍ୟରେ ସେ ହ୍ୟୁମାନଜିପିଏସ୍ ନାମରେ ପରିଚିତ ଥିଲେ।

### ଇସ୍ରାଏଲ୍ ଆକ୍ରମଣରେ ହୁତି ପ୍ରଧାନମନ୍ତ୍ରୀଙ୍କ ମୃତ୍ୟୁ


ଅହମଦ ଅଲ୍-ରହାୱି

ସାନା,୩୦।୮

ୟେମେନ୍‌ରେ ଇସ୍ରାଏଲୀ ସେନାର ଏୟାରଷ୍ଟ୍ରାଇକ୍‌ରେ ସାନାର ହୁତି ନେତୃତ୍ୱାଧୀନ ସରକାରର ପ୍ରଧାନମନ୍ତ୍ରୀ ଅହମଦ ଅଲ୍-ରହାୱିଙ୍କ ମୃତ୍ୟୁ ଘଟିଛି। ପ୍ରଧାନମନ୍ତ୍ରୀ ଅଲ୍-ରହାୱିଙ୍କ ସମେତ ଅନ୍ୟ କେତେଜଣ ମନ୍ତ୍ରୀ ମଧ୍ୟ ନିହତ ହୋଇଛନ୍ତି। ସରକାରଙ୍କ ବର୍ଷକର କାର୍ଯ୍ୟ ସମୀକ୍ଷା କରିବା ପାଇଁ ଗୁରୁବାର ଏକ କର୍ମଶାଳାରେ ପ୍ରଧାନମନ୍ତ୍ରୀ ଓ ମନ୍ତ୍ରୀମାନେ ଯୋଗ ଦେଇଥିବାବେଳେ ଆକ୍ରମଣ ହୋଇଥିଲା। ଅଲ୍-ରହାୱି ୨୦୨୪ ଅଗଷ୍ଟରୁ ହୁତି ନିୟନ୍ତ୍ରିତ ସରକାରରେ ପ୍ରଧାନମନ୍ତ୍ରୀ ଥିଲେ। ସାନା ଅଞ୍ଚଳରେ ଥିବା ହୁତି ଆତଙ୍କବାଦୀ ଶାସନର ସାମରିକ ସ୍ଥଳକୁ ଟାର୍ଗେଟ କରାଯାଇ ଆକ୍ରମଣ କରାଯାଇଥିବା ଇସ୍ରାଏଲୀ ସେନା କରିଛି। ପାଲେଷ୍ଟାଇନ୍‌ଙ୍କର ସବୁଠୁ ବଡ଼ ସମର୍ଥକ ହୁତି ଗତ କିଛି ମାସ ମଧ୍ୟରେ ଇସ୍ରାଏଲ୍‌କୁ ଟାର୍ଗେଟ କରି ଅନେକ ମିଶାଇଲ୍ ଓ ଡ୍ରୋନ୍ ଆକ୍ରମଣ କରିଥିଲେ।

## ମଣିମହେଶ ଯାତ୍ରାରେ ୧୦ ମୃତ, ୮ ନିଖୋଜ

ଚଣ୍ଡିଗଡ଼,୩୦।୮

ହିମାଚଳପ୍ରଦେଶର ଭରମୌରରେ ଚାଲିଥିବା ମଣିମହେଶ ଯାତ୍ରାରେ ୧୦ ତୀର୍ଥଯାତ୍ରୀଙ୍କ ମୃତ୍ୟୁ ଘଟିବା ସହ ୮ ଜଣ ଆହତ ହୋଇଛନ୍ତି। ପ୍ରବଳ ବର୍ଷା ସାଙ୍ଗକୁ ଭୂସ୍ଖଳନ ଓ ହଠାତ୍ ବନ୍ୟା କାରଣରୁ ସୋମବାର ଏହି ଯାତ୍ରାକୁ ସ୍ଥଗିତ ରଖାଯାଇଛି। ଭରମୌର ଅଞ୍ଚଳରେ ଫସିରହିଥିବା ୬,୦୦୦ ଶ୍ରଦ୍ଧାଳୁଙ୍କୁ ନିରାପଦରେ ସହ ଉଦ୍ଧାର କରାଯାଇ ନୁରପୁର ଏବଂ ପଠାନକୋଟ୍‌କୁ ନିଆଯାଇଛି। ପୋଙ୍ଗ୍ ଡ୍ୟାମ୍‌ର ଜଳସ୍ତର ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଥିବାରୁ ଧର୍ମଶାଳା ଏବଂ ମାକ୍‌ଲିଓଡଗଞ୍ଜରେ ବନ୍ୟା ଆଶଙ୍କା ଦେଖାଦେଇଛି। ଭୂସ୍ଖଳନ ଯୋଗୁ କିରଟପୁର-ମନାଲି ଜାତୀୟ ରାଜପଥ ଅବରୋଧ ରହିଛି। ଉଦ୍ଧାର କାର୍ଯ୍ୟରେ ପୋଲିସ, ହୋମଗାର୍ଡ, ସ୍ୱେଚ୍ଛାସେବୀ, ଏନ୍‌ସିସି କ୍ୟାଡେଟ୍, ସ୍ଥାନୀୟ ବାସିନ୍ଦା ଓ ସିଭିଲ୍ ଅଫିସରମାନେ ସାମିଲ ହୋଇଛନ୍ତି। କାଲସୁଇନ୍‌ରେ ଫସିରହିଥିବା ତୀର୍ଥଯାତ୍ରୀମାନଙ୍କୁ ୩୯ଟି ବସ୍ ଓ ୨୫ ଟ୍ୟାକ୍ସି ସହାୟତାରେ ଚାମ୍ବା ଏବଂ ନୁରପୁରକୁ ନିଆଯାଇଛି। ଅନ୍ୟମାନଙ୍କୁ ସ୍ଥାନାନ୍ତର ପାଇଁ ଅଧିକ ୪୦ଟି ବସ୍ ବ୍ୟବସ୍ଥା ହୋଇଛି। ପ୍ରବଳ ବର୍ଷା ଓ ବନ୍ୟା ଯୋଗୁ ରାସ୍ତାଘାଟ ଧୋଇଯାଇ ବିଭିନ୍ନ ଅଞ୍ଚଳକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି। ହିମାଚଳପ୍ରଦେଶ ମୁଖ୍ୟମନ୍ତ୍ରୀ ସୁଖବିନ୍ଦର ସିଂ ସୁଖୁ ଆକାଶମାର୍ଗରୁ ବିପର୍ଯ୍ୟୟ କ୍ଷତିଗ୍ରସ୍ତ ଅଞ୍ଚଳର ସ୍ଥିତି ଅନୁଧ୍ୟାନ କରିଛନ୍ତି।

## ୭ ବର୍ଷ ପରେ ଚାଇନାରେ ମୋଦି

ଜିନ୍‌ପିଙ୍ଗଙ୍କ ସହ ଆଲୋଚନା ଉପରେ ସମସ୍ତଙ୍କ ନଜର

ଟିଆନ୍‌ଜିନ୍,୩୦।୮(ପି.ଟି.)

ଦୀର୍ଘ ୭ ବର୍ଷରୁ ଊର୍ଦ୍ଧ୍ୱ ସମୟର ବ୍ୟବଧାନ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ଚାଇନାରେ ପହଞ୍ଚିଛନ୍ତି। ୱାଶିଂଟନର ଟାରିଫ୍ ନୀତିକୁ ନେଇ ଭାରତ-ଆମେରିକା ସମ୍ପର୍କ ଖରାପ ହୋଇଥିବାବେଳେ ମୋଦିଙ୍କ ବେଜିଂ ଗସ୍ତ ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ। ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗଙ୍କ ସହ ରବିବାର ମୋଦିଙ୍କ ଆଲୋଚନା କାର୍ଯ୍ୟକ୍ରମ ଥିବାବେଳେ ଏହା ଉପରେ ସାରା ବିଶ୍ୱ ନଜର ରଖିଛି।

ସାଂଘାଇ ସହଯୋଗ ସଂଗଠନ (ଏସ୍‌ସିଓ)ର ବାର୍ଷିକ ସମ୍ମିଳନୀ ରବିବାର ଓ ସୋମବାର ଅନୁଷ୍ଠିତ ହେବାକୁ ଥିବାବେଳେ ମୋଦି ସେଥିରେ ଯୋଗଦେବା ପାଇଁ ଚାଇନାରେ ପହଞ୍ଚିଛନ୍ତି। ରବିବାର ଜିନ୍‌ପିଙ୍ଗଙ୍କ ସହ ତାଙ୍କର ଆଲୋଚନାରେ ଦୁଇଦେଶର ଅର୍ଥନୈତିକ ସମ୍ପର୍କ, ଭାରତ ଓ ଚାଇନା ସମ୍ପର୍କକୁ ଅଧିକ ସ୍ୱାଭାବିକ କରିବା ଦିଗରେ ବିଭିନ୍ନ ପଦକ୍ଷେପ ଉପରେ ବିଚାରବିମର୍ଶ ହୋଇପାରେ। ଏସ୍‌ସିଓ ସମିଟ୍ ଅବସରରେ ସେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଓ ଅନ୍ୟ ନେତାମାନଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିବା ଆଶା କରାଯାଉଛି। ଜାପାନ ଗସ୍ତ ଅବସରରେ ନୂଆଦିଲ୍ଲୀ ଓ ଟୋକିଓ ଗୁରୁତ୍ୱପୂର୍ଣ୍ଣ ବୈଷୟିକ ସେକ୍ଟରରେ ସହଯୋଗ ବଢ଼ାଇବା ପାଇଁ ସଂକଳ୍ପ ନେଇଛନ୍ତି। ଜାପାନ ପ୍ରଧାନମନ୍ତ୍ରୀ ଶିଗେରୁ ଇଶିବାଙ୍କ ସହ ମୋଦି ବୁଲେଟ୍ ଟ୍ରେନ୍‌ରେ ସେଣ୍ଡାଇ ଗସ୍ତ କରିଥିଲେ। ସେଠାରେ ଏକ ସେମିକଣ୍ଡକ୍ଟର ପ୍ଲାଣ୍ଟକୁ ସେ ବୁଲି ଦେଖିଥିଲେ।


ଚାଇନାର ଟିଆନଜିନ୍‌ରେ ଶନିବାର ପହଞ୍ଚିଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଏକ ହୋଟେଲରେ ପ୍ରବାସୀ ଭାରତୀୟ ସଦସ୍ୟମାନେ ସ୍ୱାଗତ କରୁଛନ୍ତି।

## ଫୁର୍‌ସତ୍

### ପ୍ରେମିକଙ୍କୁ ବିବାହ ପାଇଁ ଘର ଛାଡ଼ିଲେ, ଆଉ ଜଣଙ୍କୁ ବାହାହୋଇ ଫେରିଲେ

ଇନ୍ଦୋର

୨୦୦୭ରେ ରିଲିଜ୍ ହୋଇଥିବା ଅଭିନେତା ଶାହିଦ୍ କପୁର ଓ ଅଭିନେତ୍ରୀ କରୀନା କପୁରଙ୍କ 'ଜବ୍ ୱି ମେଟ୍' ଫିଲ୍ମର କାହାଣୀ ପରି ଏକ ଅନୁରୂପ ଘଟଣା ମଧ୍ୟପ୍ରଦେଶର ଇନ୍ଦୋରରେ ଘଟିଛି। ସ୍ଥାନୀୟ ଏମ୍‌ଆଇଜିନିବାସୀ ତଥା ବିବିଏ ଶେଷବର୍ଷ ଛାତ୍ରୀ ଶ୍ରଦ୍ଧା ତିୱାରୀ ନିଜ ପ୍ରେମିକ ସାର୍ଥକଙ୍କୁ ବିବାହ କରିବା ପାଇଁ ଗତ ସପ୍ତାହରେ ଘର ଛାଡ଼ି ପଳାଇଥିଲେ। ତେବେ ଶୁକ୍ରବାର ସେ ଅନ୍ୟ ଜଣଙ୍କର ସ୍ତ୍ରୀ ହୋଇ ତାଙ୍କ ଘରକୁ ଫେରିଛନ୍ତି।

ଗତ ଅଗଷ୍ଟ ୨୩ରେ ସାର୍ଥକଙ୍କୁ ବିବାହ କରିବା ପାଇଁ ଶ୍ୱେତା ଘର ଛାଡ଼ିଥିଲେ। ଶ୍ୱେତା ଇନ୍ଦୋର ରେଳଷ୍ଟେଶନରେ ପହଞ୍ଚିଥିଲେ। ତେବେ ପ୍ରତିଶ୍ରୁତି ମୁତାବକ ସାର୍ଥକ ସେଠାକୁ ଆସି ନ ଥିଲେ ଏବଂ ଶ୍ରଦ୍ଧାଙ୍କୁ ବିବାହ କରିବେ ନାହିଁ ବୋଲି ସେ ଫୋନ୍‌ରେ ଜଣାଇଦେଇଥିଲେ। ଏହା ଶ୍ରଦ୍ଧାଙ୍କ ପାଇଁ ହୃଦୟବିଦାରକ ଥିଲା। ହଠାତ୍ କିଛି ବୁଝି ନ ପାରି ସେ ଏକ ଟ୍ରେନ୍ ଧରି ରତ୍‌ଲାମ ପଳାଇଯାଇଥିଲେ। ସେତେବେଳେ ସେ ନିଜ ଭବିଷ୍ୟତକୁ ନେଇ ସନ୍ଦିହାନ ଥିଲେ। ରତ୍‌ଲାମ ରେଳଷ୍ଟେଶନଠାରେ ଇନ୍ଦୋରର ଏକ କଲେଜରେ କାର୍ଯ୍ୟରତ ଇଲେକ୍ଟ୍ରିସିଆନ୍ କରନ୍‌ଦୀପଙ୍କ ସହ ତାଙ୍କର ଭେଟ ହୋଇଥିଲା। ଶ୍ୱେତାଙ୍କୁ ଏକୁଟିଆ ବସିଥିବାର ଦେଖି କରନ୍‌ଦୀପ ତାଙ୍କ ସହ କଥା ହୋଇଥିଲେ। ଶ୍ୱେତା ନିଜ ବିଷୟରେ ସବୁକଥା କରନ୍‌ଦୀପଙ୍କୁ କହିଥିଲେ। କରନ୍‌ଦୀପ ତାଙ୍କୁ ଘରକୁ ଫେରିଯିବା ପାଇଁ ପରାମର୍ଶ ଦେଇଥିଲେ। ତେବେ ବିବାହ କରିବା ପାଇଁ ସେ ଘର ଛାଡ଼ିଛନ୍ତି। ତେଣୁ ବିନା ବିବାହରେ ସେ ଘରକୁ ଫେରିବେ ନାହିଁ ବୋଲି ଶ୍ରଦ୍ଧା କହିଥିଲେ। ପରିସ୍ଥିତିକୁ ଦେଖି କରନ୍‌ଦୀପ ଶ୍ରଦ୍ଧାଙ୍କୁ ପ୍ରପୋଜ୍ କରିଥିଲେ, ଯାହାକୁ ସେ ଗ୍ରହଣ କରିଥିଲେ। ସେଠାରୁ ଉଭୟେ ମାହେଶ୍ୱର ଯାଇଥିଲେ ଏବଂ ଏକ ମନ୍ଦିରରେ ପରସ୍ପରକୁ ବିବାହ କରିଥିଲେ। ଶୁକ୍ରବାର କରନ୍‌ଦୀପଙ୍କ ସହ ଶ୍ରଦ୍ଧା ନିଜ ଘରକୁ ଫେରିଥିଲେ। ଶ୍ରଦ୍ଧାଙ୍କୁ ସାର୍ଥକଙ୍କ ବଦଳରେ କରନ୍‌ଦୀପଙ୍କ ସହ ଦେଖି ତାଙ୍କ ପରିବାର ଲୋକେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ଘଟଣାକୁ ନେଇ ଇନ୍ଦୋର ପୋଲିସ ଶ୍ରଦ୍ଧାଙ୍କ ବୟାନ ରେକର୍ଡ କରିଛି। ଉଭୟଙ୍କୁ ପଚରାଉଚରା କରାଯାଉଛି ବୋଲି ଇନ୍ଦୋର ଅତିରିକ୍ତ ଡିସିପି ରାଜେଶ ଦଣ୍ଡୋତିଆ କହିଛନ୍ତି।


କରନ୍‌ଦୀପଙ୍କ ସହ ଶ୍ରଦ୍ଧା।

### ଚାଇନାର ପିଏଚ୍.ଡି. ଗାଁ

ବେଜିଂ

ଦକ୍ଷିଣ-ପୂର୍ବ ଚାଇନାର ଫୁଜିଆନ୍ ପ୍ରଦେଶ ଅନ୍ତର୍ଗତ ନାନନ୍ ସହର ଉପକଣ୍ଠରେ ଥିବା ପେଙ୍ଗ୍‌ଡାଓ ଗ୍ରାମ ସ୍ଥାନୀୟ ଅଞ୍ଚଳରେ ପିଏଚ୍.ଡି. ଗ୍ରାମ ଭାବେ ଖୁବ୍ ଲୋକପ୍ରିୟ। ବର୍ତ୍ତମାନ ସୁଦ୍ଧା ଏହି ଗ୍ରାମରୁ ମୋଟ ୩୩ ଜଣ ବିଭିନ୍ନ ଘରୋଇ ଏବଂ ଅନ୍ତର୍ଜାତୀୟ ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟରୁ ପିଏଚ୍.ଡି. ଡିଗ୍ରୀ ହାସଲ କରିଛନ୍ତି। ସେମାନଙ୍କ ମଧ୍ୟରୁ ଅଧିକାଂଶ ଚାଇନାର ସିଂଘୁଆ ବିଶ୍ୱବିଦ୍ୟାଳୟ, ହଂକଂ ବିଶ୍ୱବିଦ୍ୟାଳୟ, ବ୍ରିଟେନ୍‌ର କେମ୍ବ୍ରିଜ ବିଶ୍ୱବିଦ୍ୟାଳୟ ଏବଂ ଆମେରିକାର କର୍ନେଲ ବିଶ୍ୱବିଦ୍ୟାଳୟରୁ ପିଏଚ୍.ଡି. ଡିଗ୍ରୀ ହାସଲ କରିଛନ୍ତି। ଛାତ୍ରୀଛାତ୍ର ଏବଂ ଯୁବପିଢ଼ିଙ୍କୁ ପ୍ରେରଣା ଯୋଗାଇବା ପାଇଁ ଗ୍ରାମର ଏକ ପ୍ରମୁଖ କୋଠାରେ ଏହି ପିଏଚ୍.ଡି. ଡିଗ୍ରୀଧାରୀ ଏବଂ ସେମାନଙ୍କ ସ୍କୁଲର ନାମକୁ ଲେଖା ଯାଇଛି। ଏକ ଦୁର୍ଗମ ପାହାଡ଼ିଆ ଅଞ୍ଚଳରେ ଅବସ୍ଥିତ ଏହି ଗାଁରେ ସମ୍ପ୍ରତି ପ୍ରାୟ ୬ ହଜାର ଲୋକ ରହୁଛନ୍ତି। ଐତିହାସିକ ଭାବରେ ସୀମିତ ଚାଷଜମି ଯୋଗୁ ପୂର୍ବରୁ ଏହି ଗାଁର ଲୋକଙ୍କୁ ଦାରିଦ୍ର୍ୟ ସହ ସଂଘର୍ଷ କରିବାକୁ ପଡୁଥିଲା। ଏଥିରୁ ମୁକୁଳିବା ପାଇଁ ଗ୍ରାମବାସୀ ପିଢ଼ି ପରେ ପିଢ଼ି ଧରି ଶିକ୍ଷାକୁ ପ୍ରାଥମିକତା ଦେଇ ଆସୁଛନ୍ତି।



ସ୍ଥାନୀୟ ଗୁଓ ପରିବାର ଶିକ୍ଷା ପାଣ୍ଠିର ନିର୍ଦ୍ଦେଶକ ଗୁଓ ଡୋଙ୍ଗ୍ୟୁ କହିଛନ୍ତି, ପେଙ୍ଗ୍‌ଡାଓ ଗାଁରେ ଶିକ୍ଷାକୁ ଗୁରୁତ୍ୱ ଦେବାର ଏକ ଦୀର୍ଘକାଳୀନ ପରମ୍ପରା ରହି ଆସିଛି। ଅଭିଭାବକମାନେ ପ୍ରାରମ୍ଭରୁ ସେମାନଙ୍କ ପିଲାଙ୍କ ଶିକ୍ଷା ପ୍ରତି ଗୁରୁତ୍ୱ ଦେଇଥାନ୍ତି।

ଧରିତ୍ରୀ
DHARITRI
ଧରିତ୍ରୀ 51 Years
ଭୁବନେଶ୍ୱର, ରବିବାର, ଅଗଷ୍ଟ ୩୧/୨୦୨୫ | Bhubaneswar, Sunday, August 31/2025 | ପୃଷ୍ଠା-୧




**ଚିରଞ୍ଜୀବୀଙ୍କୁ ଭେଟିବାକୁ ଦୀର୍ଘ ଯାତ୍ରା**

ସାଉଥ୍ ସୁପରଷ୍ଟାର ଚିରଞ୍ଜୀବୀଙ୍କ ମହିଳା ପ୍ରଶଂସକ ରାଜେଶ୍ୱରୀ ୩୧୨ କି.ମି. ସାଇକେଲ ଚଳାଇ ତାଙ୍କୁ ଭେଟିଛନ୍ତି।

୦୨

୧୨

**ଜୋକୋଭିଚ୍ ୪ର୍ଥ ରାଉଣ୍ଡରେ**

ସର୍ବିୟ ଟେନିସ ଷ୍ଟାର ନୋଭାକ ଜୋକୋଭିଚ୍ ୟୁଏସ୍ ଓପନ ଗ୍ରାଣ୍ଡସ୍ଲାମ ଟେନିସ ପ୍ରତିଯୋଗିତାର ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି।



# ବାଦଲଫଟା ବର୍ଷା, ଭୂସ୍ଖଳନ: ୧୧ ମୃତ

ଶ୍ରୀନଗର, ୩୦।୮ (ପି.ଟି.)

ଜମ୍ମୁ-କଶ୍ମୀରରେ ଶନିବାର ବାଦଲ ଫଟା ବର୍ଷା ଏବଂ ଭୂସ୍ଖଳନ ଘଟି ୧୧ ଜଣଙ୍କର ମୃତ୍ୟୁ ଘଟିଛି। ରାମବନ୍ ଜିଲାରେ ବାଦଲ ଫଟା ବର୍ଷା ପ୍ରଭାବରେ ଆସିଥିବା ବନ୍ୟାରେ ୪ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଜଣେ ନିଖୋଜ ରହିଛନ୍ତି। ସେହିପରି ପଡ଼ୋଶୀ ରେଆସି ଜିଲାର ବଦର ଗ୍ରାମରେ ଭୂସ୍ଖଳନ ଘଟିବାରୁ ଗୋଟିଏ ପରିବାରର ୭ ଜଣଙ୍କର ମୃତ୍ୟୁ ହୋଇଛି।

ଶନିବାର ସକାଳେ ରାମବନ ଜିଲାର ରାଜଗଡ଼ ଅଞ୍ଚଳରେ ବାଦଲଫଟା ବର୍ଷା ହୋଇଥିଲା। ଏହାର ପ୍ରଭାବରେ ଉକ୍ତ ଅଞ୍ଚଳରେ ଭୂସ୍ଖଳନ ହେବା ସହ ଅଚାନକ ବନ୍ୟା ଆସିଥିଲା। ଫଳରେ ଉକ୍ତ ଅଞ୍ଚଳରେ ଅନେକ ଘର କ୍ଷତିଗ୍ରସ୍ତ ହୋଇଛି। ଘଟଣାସ୍ଥଳରେ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବଳ (ଏସ୍‌ଡିଆର୍‌ଏଫ୍) ଏବଂ ପୋଲିସ ପକ୍ଷରୁ ରେସ୍କ୍ୟୁ ଏବଂ ସର୍ଚ୍ଚ ଅପରେଶନ ଜାରି ରହିଛି। ଭଗ୍ନାବଶେଷ ତଳେ ଫସିରହିଥିବା ବ୍ୟକ୍ତିମାନଙ୍କୁ ଖୋଜିବା ପ୍ରକ୍ରିୟା ଚାଲିଛି। ସେହିପରି ଲଗାଣ ବର୍ଷା ପ୍ରଭାବରେ ରେଆସି ଜିଲାର ମାହୋରସ୍ଥିତ ବଦର ଗ୍ରାମରେ ଭୂସ୍ଖଳନ ଘଟିଛି। ଭୂସ୍ଖଳନ ପ୍ରଭାବରେ ଗ୍ରାମର ଗୋଟିଏ ଘର ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି। ଘର ମଧ୍ୟରେ ଥିବା ନାଜିର ଅହମଦ, ତାଙ୍କ ସ୍ତ୍ରୀ ୱାଜିରା ବେଗମ ଓ ତାଙ୍କର ୫ ପିଲାଙ୍କର ମୃତ୍ୟୁ ଘଟିଛି। ସେଠାରେ ମଧ୍ୟ ସର୍ଚ୍ଚ ଅପରେଶନ ଜାରି ରହିଥିବା ସ୍ଥାନୀୟ ଅଧିକାରୀ କହିଛନ୍ତି। ଉଭୟ ଘଟଣାକୁ ନେଇ ଜମ୍ମୁ-କଶ୍ମୀରର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ଶୋକ ପ୍ରକଟ କରିଛନ୍ତି। ବନ୍ୟା ଏବଂ ଭୂସ୍ଖଳନ ପାଇଁ ବିପଦପୂର୍ଣ୍ଣ ଥିବା ଅଞ୍ଚଳରୁ ସ୍ଥାନୀୟ ବାସିନ୍ଦାଙ୍କୁ ଠିକ୍ ସମୟରେ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିବା ପାଇଁ ସେ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ପ୍ରାକୃତିକ ବିପର୍ଯ୍ୟୟଗୁଡ଼ିକରେ ପ୍ରଭାବିତ ପରିବାରକୁ ରିଲିଫ୍ ସହାୟତା ପ୍ରଦାନ କରିବାକୁ ସେ ଜିଲା ପ୍ରଶାସନଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ଗତ ୨ ସପ୍ତାହ ମଧ୍ୟରେ ଜମ୍ମୁ-କଶ୍ମୀରରେ ଏକାଧିକ ବାଦଲଫଟା ବର୍ଷା ଓ ଭୂସ୍ଖଳନ ଘଟଣା ଦେଖିବାକୁ ମିଳିଛି। ☞ପୃଷ୍ଠା-୨



ଜମ୍ମୁ-କଶ୍ମୀର ରାମବନରେ ଫସି ରହିଥିବା ଲୋକଙ୍କୁ ଉଦ୍ଧାର କରାଯାଉଛି।

## କଶ୍ମୀରରେ ପ୍ରକୃତିର କୋପ

## ଆସୁଛି ଆଉ ୨ ଲଘୁଚାପ

ଭୁବନେଶ୍ୱର,୩୦।୮ (ଅନୁରାଧା ମହାରଣା)

ରାଜ୍ୟରେ ଏବେ ମୌସୁମୀ ବର୍ଷା ଜାରି ରହିଛି। ଶନିବାର ରାଜ୍ୟର ବିଭିନ୍ନ ସ୍ଥାନରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହୋଇଥିବାବେଳେ ଅଧିକାଂଶ ସ୍ଥାନରେ ଦୁହାକୁ ଦୁହା ବର୍ଷା ଏବଂ ଆଉ କିଛି ସ୍ଥାନରେ ଖରା ଓ ଗୁଳୁଗୁଳି ସହ ହାଲୁକା ବର୍ଷା ହୋଇଛି। ଆଗକୁ ବଙ୍ଗୋପସାଗରରେ ଆଉ ୨ଟି ଲଘୁଚାପ ସୃଷ୍ଟିହେବା ସମ୍ଭାବନା ଥିବାରୁ ପ୍ରବଳ ବର୍ଷା ସମ୍ଭାବନା ରହିଛି। ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନାନୁସାରେ, ଆସନ୍ତା ୩ ତାରିଖରେ ଉତ୍ତର ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟିହେବ। ଏହା ପ୍ରଭାବରେ ରବିବାରଠାରୁ ରାଜ୍ୟରେ ପୁଣି ବର୍ଷା ବଢ଼ିବ। ଏହି ଲଘୁଚାପ ଅଧିକ ଘନୀଭୂତ ହୋଇ ୫ ତାରିଖରେ ଅବପାତର ରୂପ ନେବାର ସମ୍ଭାବନା ରହିଛି। ଏହାର ପରବର୍ତ୍ତୀ ସ୍ଥିତି ନେଇ ସୂଚନା ଦିଆଯାଇ ନ ଥିଲେ ମଧ୍ୟ ପ୍ରବଳ ବର୍ଷା ନେଇ କେତେକ ଜିଲାକୁ ସତର୍କ ସୂଚନା ଜାରି କରାଯାଇଛି। ଏହାପରେ ଦ୍ୱିତୀୟ ସପ୍ତାହ ବେଳକୁ ପୁଣି ଆଉ ଏକ ଲଘୁଚାପ ମଧ୍ୟ ସୃଷ୍ଟିହେବା ସମ୍ଭାବନା ରହିଛି। ଫଳରେ ରାଜ୍ୟରେ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି।


**ଆଜିର ସମ୍ପାଦକୀୟ**
ବନ୍ଧୁତ୍ୱର ପତନ



RAMRAJ
mithu® TOWELS
Bamboo | Terry | Signature
Striped & Chequered Towels
FOR TRADE ENQUIRY
Distributor : RAMLAL RUPCHAND
NANDI SAHI, CUTTACK - 753 001.
CELL : 94370 94433


### ଓଡ଼ିଶା ସରକାର
### ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ
### ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ

**ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା**

No. T-: ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ସୋମବାର, ଇଂରାଜୀ **ତା01.09.2025ରିଖ** ଦିନ ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ **ଅଭିଯୋଗ ଶୁଣାଣି ବନ୍ଦ ରହିବ।** ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ
ସାଧାରଣ ପ୍ରଶାସନ ଓ
ସାଧାରଣ ଅଭିଯୋଗ ବିଭାଗ

OIPR-09001/11/0012/2526

DSPL-241



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

## ରାଜ୍ୟସ୍ତରୀୟ
# ସ୍ୱାୟତ୍ତ ଶାସନ ଦିବସ ସମାରୋହ

୩୧ ଅଗଷ୍ଟ ୨୦୨୫



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ମୁଖ୍ୟମନ୍ତ୍ରୀ **ଶ୍ରୀ ମୋହନ ଚରଣ ମାଝୀ**ଙ୍କ କରକମଳରେ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟକ୍ରମ ଓ ପ୍ରକଳ୍ପର ଶୁଭାରମ୍ଭ

- ଆମ ବସ୍ ପାଇଁ ହ୍ୱାଟସ୍ ଆପ୍ ଆଧାରିତ ଟିକେଟ୍ ବୁକିଂର ଶୁଭାରମ୍ଭ ଏବଂ ଡିଜିଟାଲ୍ ଟିକେଟ୍ କ୍ରେତାଙ୍କୁ ରିହାତି ପ୍ରଦାନ
- ଜାତୀୟ ଏକକ ଗମନାଗମନ କାର୍ଡର ଲୋକାର୍ପଣ
- ଡିଜିଟାଲ୍ ପାସ୍ ବ୍ୟବସ୍ଥାର ଅନ୍ୟ ସହରକୁ ସମ୍ପ୍ରସାରଣ
- ସମଗ୍ର ରାଜ୍ୟରେ କାର୍ଯ୍ୟକାରୀ ହେବ **'ସହଯୋଗ'** ଅଭିଯାନ
- ସମାବେଶୀ ସହର ଗଠନ ନିମନ୍ତେ ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ ସହ ବୁଝାମଣା
- ସହର ସାଥି କଲ୍ ସେଣ୍ଟର ଏବଂ ପୌରସଂସ୍ଥା କର୍ମଚାରୀଙ୍କ ପାଇଁ ସିୟୁଜି ନମ୍ବର ବଣ୍ଟନ

- ଜଳସାଥୀ, ସ୍ୱଚ୍ଛ ସାଥୀ, ପରିମଳ କର୍ମଚାରୀ ଓ ଶ୍ରେଷ୍ଠ ପୌର ସଂସ୍ଥାକୁ ପୁରସ୍କାର ପ୍ରଦାନ
- ସୁଲଭ ଆବାସ ବଣ୍ଟନ ଏବଂ ପିଏମ୍ ଆବାସରେ ଗୃହ ପ୍ରବେଶ
- **'ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା'**ର ଲୋଗୋ ଉନ୍ମୋଚନ
- ୪୩ ବହୁମୁଖୀ ଭବନର ଲୋକାର୍ପଣ
- **'ଅମୃତ'** ଏବଂ **'ସୁଜଳ'** ଅଧୀନରେ ଜଳ ଯୋଗାଣ ସମ୍ପର୍କିତ ସଚେତନତା ଅଭିଯାନର ଶୁଭାରମ୍ଭ
- ଭୁବନେଶ୍ୱର ମହାନଗର ନିଗମ - ହ୍ୱାଟସ୍ ଆପ୍ ବଟ୍ ସେବାର ଶୁଭାରମ୍ଭ

ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ଓଡ଼ିଶା ସରକାର

OIPR-13001/13/0017/2526

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ବିଏମ୍‌ସି ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ ପାଳନ, ସ୍ଥାନ: ବିଏମ୍‌ସି କାର୍ଯ୍ୟାଳୟ, ସମୟ: ସକାଳ ୮ଟା।
- ରାଜ୍ୟସ୍ତରୀୟ ଗୋଟିପୁଅ ନୃତ୍ୟ ସହୋତ୍ସବ ୨୦୨୫, ସ୍ଥାନ: ଉତ୍କଳ ରଙ୍ଗମଞ୍ଚ, ସମୟ: ପୂର୍ବାହ୍ନ ୧୧ ଟା।
- ପଦ୍ମଶ୍ରୀ ପରମାନନ୍ଦ ଆଚାର୍ଯ୍ୟଙ୍କ ସ୍ମୃତିଚାରଣ ଓ ଆଲୋଚନାଚକ୍ର, ସ୍ଥାନ: ରାଜ୍ୟ ସଂଗ୍ରହାଳୟ, ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ନକାରାତ୍ମକ ବିରୋଧରେ ଭାରତର ୧୧ତମ ପ୍ରତିଷ୍ଠା ଦିବସ, ସ୍ଥାନ: ହୋଟେଲ ସ୍ୱସ୍ତି ପ୍ରେମୀୟମ୍, ସମୟ: ଅପରାହ୍ନ ୪ଟା।

## କଟକ

- ସ୍ୱାୟତ୍ତ ଶାସନ ଦିବସ ଅବସରରେ କଟକ ମହାନଗର ନିଗମ ପକ୍ଷରୁ ଜାତୀୟ ପତାକା ଉତ୍ତୋଳନ, ସ୍ଥାନ: ନିଗମ କାର୍ଯ୍ୟାଳୟ ପରିସର, ଚୌଧୁରୀବଜାର, ସମୟ: ସକାଳ ୮ଟା।
- ଆର୍‌ଏସ୍‌ଏସ୍‌ଡିଆଇ ଓଡିଶା ଚାପ୍ଟରର ୧୩ତମ ବାର୍ଷିକ ସମ୍ମିଳନୀ ଉଦ୍‌ଘାଟନ, ସ୍ଥାନ: ଏସ୍‌ସିବି ସେଣ୍ଟ୍ରାଲ ଅଡିଟୋରିୟମ, ସମୟ: ପୂର୍ବାହ୍ନ ୧୧ଟା।
- କଟକ ମହାନଗର ନିଗମ ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ ଓ ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ: ଶହୀଦ ଭବନ, ସମୟ: ଅପରାହ୍ନ ୫ଟା।
- ଶ୍ରୀ ଜଗନ୍ନାଥ ସାହିତ୍ୟ ସମାଜ ପକ୍ଷରୁ ଚିଠି ପାଞ୍ଜିଳିର ଆଲୋଚନାଚକ୍ର, ସ୍ଥାନ: ଓଇୟା ସମ୍ମିଳନୀ କକ୍ଷ, ଖପୁରିଆ, ସମୟ: ସନ୍ଧ୍ୟା ୬ଟା।
- କଟକ ସତସଙ୍ଗ ବିହାର ଆନୁକୂଲ୍ୟରେ ଭାଦ୍ର ସତସଙ୍ଗ ପରିକ୍ରମା, ସ୍ଥାନ: ସତ୍‌ସଙ୍ଗ ବିହାର, ବକ୍ସିବଜାର, ସମୟ : ସନ୍ଧ୍ୟା ୬ଟା ୩୦।
- କଟକ ଦହିବରା-ଆଳୁଦମ୍‌ର ଜନକ ରଘୁନାଥ ସାସମଲଙ୍କ ଉଦ୍ଦେଶ୍ୟରେ ସ୍ମୃତିସଭା, ସ୍ଥାନ: ଟାଉନ ହଲ, ସମୟ: ସନ୍ଧ୍ୟା ୭ଟା।

## ପୁରୀ

- ନିମାପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ପବିତ୍ର ସ୍ୱାୟତ୍ତ ଶାସନ ଦିବସ ପାଳନ ସମାରୋହ ଓ ପୁରସ୍କାର ବିତରଣ ଉତ୍ସବ, ସ୍ଥାନ: ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ବାଲେଶ୍ୱର

- ସ୍ୱାୟତ୍ତ ଶାସନ ଦିବସ ଉପଲକ୍ଷେ ପତାକା ଉତ୍ତୋଳନ, ସ୍ଥାନ: ମ୍ୟୁନିସିପାଲିଟି କ୍ୟାମ୍ପସ, ବାଲେଶ୍ୱର, ସମୟ: ସକାଳ ୮ଟା ୩୦।
- ଓଡ଼ିଶା ପତ୍ରକାର ସଂଘର ବାର୍ଷିକ ସମ୍ମିଳନୀ, ସ୍ଥାନ: ଆତିଥ୍ୟ ଭବନ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ବିଦାୟୀକାଳୀନ ସମ୍ବର୍ଦ୍ଧନା ସଭା, ସ୍ଥାନ: ଦେଭୋଗ ଶ୍ରୀ ହରିଚରଣ ଉଚ୍ଚବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ସୁଶ୍ରୀ ଶିବାନୀ ସ୍ମୃତି ସମାରୋହ, ସ୍ଥାନ: ବରି ରୋଡ୍, ସିମୁଳିଆ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଦ୍ୱିଦିବସୀୟ ଜାତୀୟ ଆଲୋଚନାଚକ୍ରର ଉଦଯାପନୀ ପର୍ବ, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ, ନୂଆପାଢ଼ୀ, ବାଲେଶ୍ୱର, ସମୟ: ଅପରାହ୍ନ ୩ଟା।।
- ଏଫଏମୟୁ ରେ ଜାତୀୟ କ୍ରୀଡା ଦିବସ ଉଦଯାପନୀ ଉତ୍ସବ, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ, ନୂଆପାଢ଼ୀ, ବାଲେଶ୍ୱର, ସମୟ: ଅପରାହ୍ନ ୪ଟା।
- ସ୍ୱାୟତ୍ତ ଶାସନ ଦିବସ ଉଦଯାପନୀ ଉତ୍ସବ, ସ୍ଥାନ: ଗାନ୍ଧୀ ସ୍ମୃତିଭବନ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।
- ସାଂସ୍କୃତିକ କାର୍ଯ୍ୟକ୍ରମ, ସମୟ: ସନ୍ଧ୍ୟା ୭ଟା।

## ଭଦ୍ରକ

- ସାଇକେଲ ଶୋଭାଯାତ୍ରା ଉଦ୍‌ଘାଟନୀ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର, ଭଦ୍ରକ, ସମୟ: ସକାଳ ୮ଟା।
- ସ୍ୱାୟତ୍ତ ଶାସନ ଦିବସ ପାଳନ, ସ୍ଥାନ: ଏନ୍‌ଏସି କାର୍ଯ୍ୟାଳୟ, ଚାନ୍ଦବାଲି, ସମୟ: ସକାଳ ୮ଟା।
- ସ୍ୱାୟତ୍ତ ଶାସନ ଦିବସରେ ଜାତୀୟ ପତାକା ଉତ୍ତୋଳନ, ସ୍ଥାନ: ପୌରପାଳିକା କାର୍ଯ୍ୟାଳୟ, ଭଦ୍ରକ, ସମୟ: ସକାଳ ୮ଟା।
- ସ୍ୱାୟତ୍ତ ଶାସନ ଦିବସ ଅବସରରେ ସଭା, ସ୍ଥାନ: ପୌରପାଳିକା କାର୍ଯ୍ୟାଳୟ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ନୂତନ ଭତ୍ତା ବଣ୍ଟନ, ସ୍ଥାନ: ବିଜୁ ସ୍ମୃତି ଭବନ, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୦ଟା।
- ଧାମନଗର ବ୍ଲକରେ ବନ୍ୟା ଦୁର୍ଦ୍ଦଶାର ସ୍ଥାୟୀ ପ୍ରତିକାର ନେଇ ଖବରଦାତା ସମ୍ମିଳନୀ, ସ୍ଥାନ: ଧାମନଗର ପ୍ରେସ୍ କ୍ଲବ୍ ପରିସର, ସମୟ: ଅପରାହ୍ନ ୩ଟା।
- ଜାତୀୟ କ୍ରୀଡ଼ା ଦିବସ ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ଜିଲା ସଂସ୍କୃତି ଭବନ, ଭଦ୍ରକ, ସମୟ: ସନ୍ଧ୍ୟା ୬ଟା।
- ଜିଲା ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍ ଉଦ୍‌ଯାପନୀ, ସ୍ଥାନ: ଧାମନଗର ବହୁମୁଖୀ ଇନ୍‌ଡୋର ଷ୍ଟାଡିୟମ୍, ସମୟ: ସନ୍ଧ୍ୟା ୬ଟା।
- ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ସମାରୋହ, ସ୍ଥାନ: ନୀଳମଣି ଟାଉନ ହଲ୍, ବାସୁଦେବପୁର, ସମୟ: ସନ୍ଧ୍ୟା ୭ଟା।

## କେନ୍ଦୁଝର

- ଜାତୀୟ କ୍ରୀଡ଼ା ଦିବସ ପାଳନ ଅବସରରେ ସାଇକେଲ ଶୋଭାଯାତ୍ରା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, କେନ୍ଦୁଝର, ସମୟ: ସକାଳ ୮ଟା ।
- ସ୍ୱାୟତ୍ତ ଶାସନ ଦିବସ ପାଳନ, ସ୍ଥାନ: ଯୋଡ଼ା ପୌର ପାଳିକା କାର୍ଯ୍ୟାଳୟ, ସମୟ: ପ୍ରାତଃ ୪ ଟା ୩୦।

## ମୟୂରଭଞ୍ଜ

- ଅଗ୍ନିବୀର ବାୟୁ ନିଯୁକ୍ତି, ସ୍ଥାନ: ଛଉପଡ଼ିଆ, ବାରିପଦା, ସମୟ: ସକାଳ ୭ଟା।
- ସ୍ୱାୟତ୍ତ ଶାସନ ଦିବସରେ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସ୍ଥାନ: ବାରିପଦା ମ୍ୟୁନିସିପାଲିଟି ପରିସର, ସମୟ: ସକାଳ ୭ଟା।
- ଉତ୍କଳମଣି ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ଜାତୀୟ ପତାକା ଉତ୍ତୋଳନ, ସ୍ଥାନ: ବାରିପଦା ମ୍ୟୁନିସିପାଲିଟି କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ହ୍ୟାଣ୍ଡଲୁମ୍ ଫେବ୍ ପ୍ରଦର୍ଶନୀ ମେଳା, ସ୍ଥାନ: ଛଉ ପଡ଼ିଆ, ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।
- ସ୍ୱାୟତ୍ତ ଶାସନ ଦିବସ ପାଳନ, ସ୍ଥାନ: ଉଦଳା ସନ୍ଧାନୀ ଗୃହ ସଭାମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।
- ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ବାରିପଦା ମ୍ୟୁନିସିପାଲିଟି କାର୍ଯ୍ୟାଳୟ ପରିସର, ସମୟ: ସନ୍ଧ୍ୟା ୭ଟା।

## ବ୍ରହ୍ମପୁର

- ଏବିଭିପିର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ, ସ୍ଥାନ: ଅକ୍ସଫୋର୍ଡ ପବ୍ଲିକ ସ୍କୁଲ, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ବିଇଏମ୍‌ସି ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ ପାଳନ, ସ୍ଥାନ: ଖଲିକୋଟ ବିଶ୍ୱବିଦ୍ୟାଳୟ ଷ୍ଟାଡିୟମ, ସମୟ: ଅପରାହ୍ନ ୪ଟା।
- ସାଂସ୍କୃତିକ ସମାରୋହ, ସ୍ଥାନ: ଗଞ୍ଜାମ କଳା ପରିଷଦ, ସମୟ: ସନ୍ଧ୍ୟା ୬ ଟା।

## ଗଞ୍ଜାମ

- ଶ୍ରୀ ଅମେଶ୍ୱର ମହାଦେବ ମନ୍ଦିର କମିଟିର ସାଧାରଣ ପରିଷଦ ବୈଠକ, ସ୍ଥାନ: କୁକୁଡ଼ା ଖଣ୍ଡି ବ୍ଲକ୍, ଆମ୍ବଗଡ଼, ସମୟ: ସକାଳ ୯ଟା ୩୦।
- ଆସିକା ଏନ୍‌ଏସି ପକ୍ଷରୁ ସ୍ୱୟତ୍ତ ଶାସନ ଦିବସ ପାଳନ, ସ୍ଥାନ: ଏନ୍‌ଏସି ଅଫିସ୍ କାର୍ଯ୍ୟାଳୟ, ଅପରାହ୍ନ ୩ ଟା ।

## ଗଜପତି

- କ୍ରୀଡା ଦିବସ ଉପଲକ୍ଷେ ସାଇକେଲ ରାଲି, ସ୍ଥାନ: ଗଜପତି ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ପ୍ୟାଲେସ ପର୍ଯ୍ୟନ୍ତ, ସମୟ: ସକାଳ ୬ଟା ୩୦।

## ଢେଙ୍କାନାଳ

- ଜାତୀୟ କ୍ରୀଡ଼ା ଦିବସ ଉପଲକ୍ଷେ ସମୂହ ସାଇକେଲ ଶୋଭାଯାତ୍ରା, ସ୍ଥାନ: ଢେଙ୍କାନାଳ ବାଜିଚୌକ, ସମୟ: ସକାଳ ୮ଟା।
- ମୀନାବଜାର ଲକ୍ଷ୍ମୀପୂଜା ପ୍ରତିଷ୍ଠାନ ପକ୍ଷରୁ ମାଟି ଅନୁକୂଳ. ସ୍ଥାନ: ଢେଙ୍କାନାଳ ମୀନାବଜାର ପୂଜା ମଣ୍ଡପ, ସମୟ: ସକାଳ ୮ଟା।
- ରାଇଜିଂଷ୍ଟାର କ୍ଲବ ପକ୍ଷରୁ ପ୍ରସାଦ ସେବନ ସମାରୋହ. ସ୍ଥାନ: ଢେଙ୍କାନାଳ ଶିବ ମଣ୍ଡପ ସନ୍ନିକଟ ପୂଜା ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।
- ବିକାଶ ୟୁଥ୍ କ୍ଲବର ଷ୍ଟାର ନାଇଟ୍ ଉଦ୍‌ଯାପନ ସମାରୋହ, ସ୍ଥାନ: ଢେଙ୍କାନାଳ ଖମାରସାହି, ସମୟ: ସନ୍ଧ୍ୟା ୭ଟା।

## ଅନୁଗୋଳ

- ଫିଟନେସ୍ ସଚେତନତା ମିନି ମାରାଥନ, ସ୍ଥାନ: ଆଠମଲ୍ଲିକ ଇନ୍‌ଡୋର ଷ୍ଟାଡିୟମ, ସମୟ, ସକାଳ ୬ ଟା।
- ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ପାଳନ ଅବସରରେ ପତାକା ଉତ୍ତୋଳନ ଓ ପୋଷାକ ବଣ୍ଟନ, ସ୍ଥାନ: ଅନୁଗୋଳ ମ୍ୟୁନିସିପାଲିଟି ଅଫିସ ପରିସର, ସମୟ: ସକାଳ ୮ଟା ୩୦।
- ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଶୁଭ ଉଦ୍‌ଘାଟନ, ସ୍ଥାନ: ଅନୁଗୋଳ ସହରାଞ୍ଚଳ ପରିସର, ସମୟ: ପୂର୍ବାହ୍ନ ୧୧ ଟା ୩୦।
- ସ୍ୱାୟତ୍ତ ଶାସନ ଦିବସ ଉପଲକ୍ଷେ ସାଧାରଣ ସଭା, ସ୍ଥାନ : ଆଠମଲ୍ଲିକ କଲ୍ୟାଣ ମଣ୍ଡପ, ସମୟ : ଅପରାହ୍ନ ୩ଟା।
- ପଥପାର୍ଶ୍ୱ ଓ ସୌନ୍ଦର୍ଯ୍ୟକରଣ ଆଲୋକର ଶୁଭ ଉଦ୍‌ଘାଟନ, ସ୍ଥାନ: ଅନୁଗୋଳ ସହରର ବିଭିନ୍ନ ସ୍ଥାନ, ସମୟ: ସନ୍ଧ୍ୟା ୬ଟା।
- ସାଧାରଣସଭା, ପୁରସ୍କାର ବିତରଣ ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଅନୁଗୋଳ ସଭାଘର, ସମୟ: ସନ୍ଧ୍ୟା ୬ଟା ୩୦।

## ଜଗତ୍‌ସିଂହପୁର

- ପାରାଦୀପ ପୌରପରିଷଦ ପକ୍ଷରୁ ସ୍ୱାୟତ୍ତଶାସନ ଦିବସ ଉପଲକ୍ଷେ ଏକାଧିକ ନୂତନ ପ୍ରକଳ୍ପର ଲୋକାର୍ପଣ କାର୍ଯ୍ୟକ୍ରମ: ସ୍ଥାନ: ପୌର କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ପାରାଦୀପ, ସମୟ: ପୂର୍ବାହ୍ନ ୧୦ଟା।
- ସ୍ୱାୟତ୍ତଶାସନ ଦିବସ ଉପଲକ୍ଷେ ସାଧାରଣ ସଭା, ସ୍ଥାନ: ଜୟଦେବ ଭବନ, ବଡ଼ପଡ଼ିଆ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା

- କେନ୍ଦ୍ରାପଡ଼ା ସାଇକେଲ କ୍ଲବ୍ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପୁରୁଣା ବସ୍‌ଷ୍ଟାଣ୍ଡ, ସମୟ: ସକାଳ ୬ଟା।
- ଶ୍ରୀ ରାଧାଷ୍ଟମୀ ଉତ୍ସବ, ସ୍ଥାନ: ନାମାଚାର୍ଯ୍ୟ ଶ୍ରୀମଦ ବାୟାବାବାଙ୍କ ମଠ, ଫୋରଡ, କେନ୍ଦ୍ରାପଡା, ଗୋପାଳଜୀଉ ମନ୍ଦିର, ଗରାପୁର, କେନ୍ଦ୍ରାପଡା ସହର, ଗରାପୁର ସମୟ: ସକାଳ ୬ଟା।
- ତେରଗାଁ ସରପଞ୍ଚଙ୍କ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ତେରଗାଁ, ମହାକାଳପଡା, ସମୟ: ସକାଳ ୮ଟା
- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ନାଗପୁରା, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ସ୍ୱାୟତ୍ତ ଶାସନ ଦିବସ ପାଳନ, ସ୍ଥାନ: ଟାଉନ ହଲ୍, କେନ୍ଦ୍ରାପଡା, ସମୟ: ପୂର୍ବାହ୍ନ ୧୧ଟା।

## ଯାଜପୁର

- ଗଣେଶ ପୂଜା ଉପଲକ୍ଷେ କଟକ ଶୁଭମ୍ ସଙ୍ଗୀତ ପକ୍ଷରୁ ମେଲୋଡି, ସ୍ଥାନ- ଜାରକା ଗଣେଶପୂଜା ମଣ୍ଡପ ନିକଟ, ସମୟ: ସନ୍ଧ୍ୟା ୭ଟା।

## ନୟାଗଡ଼

- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ଦଶପଲ୍ଲା ଦୁର୍ଗାବଜାର କଲୋନୀ ବିବେକାନନ୍ଦ ଶିକ୍ଷା କେନ୍ଦ୍ର, ସମୟ: ସକାଳ ୮ଟା।
- ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ସମାରୋହ, ସ୍ଥାନ: ଖଣ୍ଡପଡ଼ା ଏନ୍‌ଏସି କାର୍ଯ୍ୟାଳୟ, ରଣପୁର ଏନ୍‌ଏସି କାର୍ଯ୍ୟାଳୟ ସମୟ: ପୂର୍ବାହ୍ନ ୧୦ଟା।
- ସଂସ୍କୃତ ସମ୍ଭାଷଣ ପ୍ରଶିକ୍ଷଣର ନବମ ଦିବସ, ସ୍ଥାନ: ନୟାଗଡ଼ ରାମକୃଷ୍ଣ ଆଦର୍ଶ ଶିକ୍ଷାକେନ୍ଦ୍ର, ସମୟ: ପୂର୍ବାହ୍ନ ୧୦ଟା୩୦।
- ନୂତନ କାର୍ଯ୍ୟାଳୟ ଉଦ୍‌ଘାଟନ, ସ୍ଥାନ:ନୟାଗଡ଼ ମ୍ୟୁନିସିପାଲିଟି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା୩୦।
- ନୟାଗଡ଼ ମ୍ୟୁନିସିପାଲିଟି ପକ୍ଷରୁ ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ସମାରୋହର ସାଧାରଣ ସଭା ଓ ପୁରସ୍କାର ବଣ୍ଟନ, ସ୍ଥାନ:ନୟାଗଡ଼ ପଠାଣି ସାମନ୍ତ ସଂସ୍କୃତି ଭବନ, ସମୟ:ପୂର୍ବାହ୍ନ ୧୧ଟା।
- ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ସମାରୋହ, ସ୍ଥାନ: ଦଶପଲ୍ଲା ଏନ୍‌ଏସି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ନୟାଗଡ଼ ବଣିକ ସଂଘ ପକ୍ଷରୁ ଗଜାନନଙ୍କ ବିସର୍ଜନ ପର୍ବ, ସ୍ଥାନ: ନୟାଗଡ଼ ବଜାର ଓଡ଼ଗାଁ ରୋଡରୁ ଆରମ୍ଭ, ସମୟ: ମଧ୍ୟାହ୍ନ ୧୨ଟା।
- ନାଟକ 'ବେଦିରେ ବସିଛି କଳା ବଦନ', ସ୍ଥାନ: ଇଟାମାଟି ପାର୍କ ଛକ ୧୭ ଫୁଟ ଗଣେଶ ମେଢ, ସମୟ: ସନ୍ଧ୍ୟା ୬ଟା।
- ତଅପୋଇ ମହୋତ୍ସବ, ସ୍ଥାନ: ଖଣ୍ଡପଡ଼ା ବ୍ଲକ କଣ୍ଟିଲୋ ପାଣ୍ଡୁସାହୁ ପାଟଣା ; ବେଣାଗାଡିଆ, ସମୟ: ସନ୍ଧ୍ୟା ୭ଟା।

## ରାୟଗଡ଼ା

- ସ୍ୱାୟତ୍ତ ଶାସନ ଦିବସ ପାଳନ, ସ୍ଥାନ: ଗୁଣପୁର ପୌର ପରିଷଦ କାର୍ଯ୍ୟାଳୟ, ସମୟ: ସକାଳ ୮ଟାରୁ ମଧ୍ୟାହ୍ନ ୧୨ଟା।
- ରଜତ ଜୟନ୍ତୀ ଅବସରରେ ମାଗଣା ସ୍ୱାସ୍ଥ୍ୟ ଓ ଚକ୍ଷୁ ଶିବିର, ସ୍ଥାନ: ସରସ୍ୱତୀ ଶିଶୁ ମନ୍ଦିର,ପଦ୍ମପୁର, ସମୟ: ସକାଳ ୯ଟା।
- ସ୍ୱାୟତ୍ତ ଶାସନ ଦିବସ, ସ୍ଥାନ: ବିଜୁ ପଟ୍ଟନାୟକ ଅଡ଼ିଟୋରିୟମ୍, ରାୟଗଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ସ୍ୱାୟତ୍ତ ଶାସନ ଦିବସ ପାଳନ, ସ୍ଥାନ: ଏନ୍‌ଏସି କଲ୍ୟାଣ ମଣ୍ଡପ, ଗୁଡ଼ାରୀ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଦୁର୍ଗା ପୂଜା ନିମନ୍ତେ ମୃତ୍ତିକା ଆବାହନ, ସ୍ଥାନ: ମା ଭଣ୍ଡାରଘରଣୀ ମନ୍ଦିର, ଗୁଡ଼ାରୀ, ସମୟ: ପୂର୍ବାହ୍ନ ୧୧ଟା।
- ବିଷମକଟକ ନାଗରିକ ମଞ୍ଚ ପକ୍ଷରୁ ବୈଠକ , ସ୍ଥାନ: କୃଷ୍ଣମନ୍ଦିର, ବିଷମକଟକ, ସମୟ: ଅପରାହ୍ନ ୫ଟା।

## ନବରଙ୍ଗପୁର

- ଜିଲା କ୍ରୀଡ଼ା ସଂଘ ପକ୍ଷରୁ ସାଇକେଲ ରାଲି, ସ୍ଥାନ: ଉମରକୋଟ, ସମୟ: ସକାଳ ୭ଟା।
- ସ୍ୱାୟତ ଶାସନ ଦିବସ ପାଳନ, ସ୍ଥାନ: ଉମରକୋଟ ପୌରପରିଷଦ, ସମୟ: ସକାଳ ୭ଟା।
- ପୌରସଂସ୍ଥା ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ ପାଳନ, ସ୍ଥାନ: ନବରଙ୍ଗପୁର, ସମୟ: ସକାଳ ୭ଟା୧୫ରୁ ଆରମ୍ଭ।
- ଭାରତୀ କଳା ନିକେତନ ପକ୍ଷରୁ ନାଟକ 'ସେମାନେ ଆସିବେ', ସ୍ଥାନ: ଉମରକୋଟ କୋଣ୍ଡାଗାଁ ରୋଡ୍‌ସ୍ଥିତ କଲ୍ୟାଣ ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।

## କୋରାପୁଟ

- ସ୍ୱାୟତ୍ତ ଶାସନ ଦିବସ ପାଳନ, ସ୍ଥାନ: ପୌର କାର୍ଯ୍ୟାଳୟ ପରିସର, ସୁନାବେଡ଼ା, ସମୟ: ପ୍ରାତଃ ୫ଟାରୁ ଆରମ୍ଭ।
- ସ୍ୱାୟତ୍ତ ଶାସନ ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଏନ୍‌ଏସି କାର୍ଯ୍ୟାଳୟ ପରିସର, କୋଟପାଡ଼, ସମୟ: ସକାଳ ୭ଟାରୁ ଆରମ୍ଭ।
- ସ୍ୱାୟତ୍ତ ଶାସନ ପାଳନ, ସ୍ଥାନ: ପୌର କାର୍ଯ୍ୟାଳୟ, ଜୟପୁର, ସମୟ: ସକାଳ ୮ଟା।
- ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ, ସ୍ଥାନ: କୋରାପୁଟ ମ୍ୟୁନିସିପାଲିଟି କାର୍ଯ୍ୟାଳୟ ପରିସର, ସମୟ: ସକାଳ ୯ଟା।
- ବାର୍ଷିକ ଚାରାରୋପଣ, ସ୍ଥାନ: ଏନ୍‌ସିସି ଅଫିସ ପାରାବେଡ଼ା, ଜୟପୁର, ସମୟ: ସକାଳ ୯ଟା ୩୦।
- ନୂତନ ପ୍ରକଳ୍ପର ଶୁଭାରମ୍ଭ, ସ୍ଥାନ: କୁନ୍ତରଖାଲ, ମକାପୁଟ, ସମୟ: ପୂର୍ବାହ୍ନ ୧୦ଟା।
- ମ୍ୟୁନିସିପାଲିଟି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ:ମ୍ୟୁନିସିପାଲିଟି ଅଡିଟରିୟମ, କୋରାପୁଟ, ସମୟ: ସନ୍ଧ୍ୟା ୬ଟା।

## ମାଲକାନଗିରି

- ମା'ମାଉଲି ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ,ସ୍ଥାନ:ପୋନାରଗୁଡା, ସମୟ:ପୂର୍ବାହ୍ନ ୯ ଟା।
- ସ୍ୱାୟତ୍ତଶାସନ ଦିବସ ପାଳନ, ସ୍ଥାନ: ବାଲିମେଳା ଏନ୍‌ଏସି କାର୍ଯ୍ୟାଳୟ, ସମୟ: ସକାଳ ୭ଟା ।
- ସ୍ୱାୟତ୍ତ ଶାସନ ଦିବସ ପାଳନ, ସ୍ଥାନ: ମାଲକାନଗିରି ଡିଆରଡିଏ ସମ୍ମିଳନୀ କକ୍ଷ, ପୂର୍ବାହ୍ନ ୧୧ଟା।

## ସମ୍ବଲପୁର

- ପତଞ୍ଜଳି ଯୋଗ ସମିତି ଆୟୋଜନରେ ଯୋଗ ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ସ୍ଥାନ : ସହଯୋଗ ନଗର ସ୍ଥିତ ରାଧାକୃଷ୍ଣ ମନ୍ଦିର ପରିସର, ସମୟ : ସକାଳ ୬ଟା।
- ଦୈନିକ ନିଃଶୁଳ୍କ ଯୋଗ କେନ୍ଦ୍ର ଆୟୋଜନରେ ଶିବିର, ସ୍ଥାନ : ହୀରାକୁଦ କଲୋନୀ ସ୍ଥିତ ଯୋଗ କେନ୍ଦ୍ର, ସମୟ : ଛକାଳ ୬ଟା।
- ଯୋଗ ପରିବାର ଆୟୋଜନରେ ଯୋଗ ଶିବର, ସ୍ଥାନ: ହାୱା ମଇଦାନ ସ୍ଥିତ ଗାନ୍ଧୀ ପାର୍କ, ସମୟ ସକାଳ ୬ଟା।
- ଜିଲା ପ୍ରଶାସନ ଆୟୋଜନରେ ସାଇକଲ ଶୋଭାଯାତ୍ରା, ସ୍ଥାନ : ନେଲସନ ମଣ୍ଡେଲା ଛକ, ସମୟ : ସକାଳ ୬ଟା ୩୦।
- ପଦ୍ମଶ୍ରୀ ବିନୋଦ ପଶାୟତ ଓ କବି ବିପିନ ଆଚାର୍ଯ୍ୟଙ୍କ ସ୍ମୃତିରେ ଚାରାରୋପଣ କାର୍ଯ୍ୟକ୍ରମ, ସ୍ଥାନ : ସମ୍ବଲପୁରୀ ଡେରା, ସମୟ : ସକାଳ ୭ଟା।
- କୁଳତା ସମାଜ ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ, ସ୍ଥାନ: ଦାନିପାଲି ସ୍ଥିତ ରଣେଶ୍ୱର ରାମଚଣ୍ଡୀ ପୀଠ, ସମୟ : ପୂର୍ବାହ୍ନ ୧୦ଟା।
- ସମ୍ବଲପୁର ଜିଲା କେମିଷ୍ଟ ଆଣ୍ଡ ଡଗିଷ୍ଟ ଆସୋସିଏସନର ବାର୍ଷିକ ବୈଠକ ଓ ନୂଆଁଖାଇ ଭେଟ୍‌ଘାଟ କାର୍ଯ୍ୟକ୍ରମ, ସ୍ଥାନ : ବୁଢ଼ାରଜା ସ୍ଥିତ ଗ୍ରାଣ୍ଡ ଶିବା ସମ୍ମିଳନୀ କକ୍ଷ, ସମୟ : ମଧ୍ୟାହ୍ନ ୧୨ଟା।
- ଗଣ୍ଡା ସମାଜ କଲ୍ୟାଣ ପରିଷଦର ପଞ୍ଜୀକୃତ ଦିବସ କାର୍ଯ୍ୟକ୍ରମ, ସ୍ଥାନ : ଜିଲା ସାମ୍ବାଦିକ ଭବନ, ସମୟ : ପୂର୍ବାହ୍ନ ୧୧ଟା।

## ବଲାଙ୍ଗୀର

- ଓପିଟିସିଏଲ ୧୩୨/୩୩ ଗ୍ରୀଡ଼ ଉଦ୍‌ଘାଟନ ଉତ୍ସବ, ସ୍ଥାନ: ରାମପୁର, ଆଗଲପୁର ବ୍ଲକ: ସମୟ ସକାଳ ୯ଟା।
- ନୂଆଁଖାଇ ଭେଟଘାଟ ଓ ୧୨୫ତମ ମନ କୀ ବାତ, ସ୍ଥାନ: ଗୁରୁଡ଼ିଖାଲ, ଲୋଇସିଂହା, ସମୟ: ପୂର୍ବାହ୍ନ ୧୦ଟା ।୦

## ରାଉରକେଲା

- ସେୟାର ପକ୍ଷରୁ ଜାତୀୟ କ୍ରୀଡ଼ା ସପ୍ତାହ ପାଳନ, ସ୍ଥାନ:ସେକ୍ଟର-୬ ବସ୍ତିଆ ଭବନ, ସମୟ: ପୂର୍ବାହ୍ନ ୧୦ଟା ।
- ଡିଏଫ୍‌ୱାଇଆଇ ପକ୍ଷରୁ ଯୁବ ସମାବେଶ,୨ୟ ଦିବସ, ସ୍ଥାନ: ଆଦର୍ଶ ପାଠାଗାର, ସମୟ: ପୂର୍ବାହ୍ନ ୧୦ଟା।
- ଗଣେଶ ପୂଜାର ରଙ୍ଗାରଙ୍ଗ କାର୍ଯ୍ୟକ୍ରମ, ସେକ୍ଟର-୨ ଓଆରଟିସି କଲୋନୀ, ସମୟ: ଅପରାହ୍ନ ୪ଟା।
- ସତ୍ୟନରାୟଣ ଟ୍ରଷ୍ଟ ପକ୍ଷରୁ ଗଜାନନ ଉତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ,ସ୍ଥାନ : ଜଗଦା, ସମୟ: ସନ୍ଧ୍ୟା ୬ଟା।
- ଆର୍‌ଏମସି ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ ପାଳିତ, ସ୍ଥାନ: ଆର୍‌ଏମ୍‌ସି କାର୍ଯ୍ୟାଳୟ, ଉଦିତନଗର, ସମୟ: ସକାଳ ୭ଟା ।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ହା ବେଦନା କୁଆ ନ ଜାଣେ,**
**ଠକ ଠକ କରି ଠେଙ୍ଗୁଣି ହାଣେ।**

ବଳଦଟି ଯେବେ ବୁଢ଼ା ବା ହଡ଼ା ହୋଇଯାଏ ସେତେବେଳେ ସେ ଆଉ କୌଣସି କାମକୁ ପାରି ନ ଥାଏ। ନିଜ ଭାଗ୍ୟକୁ ଆଦରି ଗୋଟିଏ ଜାଗାରେ ପଡ଼ିରହିଥାଏ। ବଳଦର ଅସହାୟତାକୁ ସୁଯୋଗ ମନେକରି କାଉ ବଳଦ ପିଠିରେ ବସି ଥଣ୍ଟରେ ଖୁମ୍ପି ଚାଲିଥାଏ। ବଳଦର ଦୁର୍ବଳ ଅବସ୍ଥା କାଉକୁ ଏପରି କରିବାକୁ ସାହସ ଯୋଗାଇ ଦେଇଥାଏ। ପରୋକ୍ଷରେ ବଳବୀର୍ଯ୍ୟ ହରାଇ ବସିଥିବା ମଣିଷର ଯନ୍ତ୍ରଣା ଅନ୍ୟକୁ ସେତେଟା ଉପଲବ୍ଧି ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ହଳଦୀ ମାଖମଖି,**
**ନରଣଗଡ଼ ପାରିହେଲେ କୁଟୁମ୍ବ ଦେଖାଦେଖି।**

ଆଗକାଳେ ରେଳ ଗାଡ଼ି ଚାଲୁ ନ ଥିବା ଯୋଗୁ ବାଲେଶ୍ୱରରୁ ଲୋକେ ଚାଲି ଚାଲି କଲିକତା ଯାଉଥିଲେ ଏବଂ ଯାତ୍ରା ସମୟରେ ନରଣଗଡ଼ଠାରେ ଡକାୟତଙ୍କ ହାବୁଡ଼େ ପଡ଼ି ସର୍ବସ୍ୱାନ୍ତ ହୋଇ ଘରକୁ ଫେରୁଥିଲେ। ପରୋକ୍ଷରେ ବିପଦପୂର୍ଣ୍ଣ ସ୍ଥାନରୁ ସକୁଶଳେ ଘରକୁ ଫେରିବା ନେଇ ଆଶା ରଖିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

**ପ୍ରଥମ ପୃଷ୍ଠାରୁ...**

## ବାଦଲଫଟା ...

ଗତ ୧୪ରେ କିସ୍ତୱାର ଜିଲାର ଦୂରବର୍ତ୍ତୀ ଚେସୋଟି ଗ୍ରାମରେ ବାଦଲଫଟା ବର୍ଷା ପ୍ରଭାବରେ ଭୂସ୍ଖଳନ ଓ ବନ୍ୟା ଆସି ୬୮ ଜଣଙ୍କର ମୃତ୍ୟୁ ହୋଇଥିଲା। ୩୨ ଜଣ ଲୋକ ଏବେ ମଧ୍ୟ ନିଖୋଜ ରହିଛନ୍ତି ଏବଂ ସେଠାରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ସେହିପରି ଗତ ୨୬ରେ ବାଦଲଫଟା ବର୍ଷା ପ୍ରଭାବରେ ବୈଷ୍ଣୋଦେବୀ ମନ୍ଦିରକୁ ଯାଉଥିବା ରାସ୍ତାରେ ଭୂସ୍ଖଳନ ଘଟି ୩୪ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୨୩ ଜଣ ଆହତ ହୋଇଥିଲେ। ସେଥିମଧ୍ୟରୁ ଅଧିକାଂଶ ତୀର୍ଥଯାତ୍ରୀ ଥିଲେ। ଏବେ ମଧ୍ୟ ଘଟଣାସ୍ଥଳରେ ରିଲିଫ୍ ଏବଂ ଉଦ୍ଧାର କାର୍ଯ୍ୟ ଜାରି ରହିଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** — ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଦୀର୍ଘ ସମୟ ଅବସ୍ଥାନ କରିବା କଷ୍ଟକର ହୋଇପାରେ। ଯାତ୍ରା, ବିବାଦ, ଗୃହାରମ୍ଭ କ୍ଷେତ୍ରରେ ସତର୍କତା ରକ୍ଷା ନ କଲେ ସମସ୍ୟାର ସମ୍ମୁଖୀନ ହେବେ। ପରିବାର ଓ କର୍ମକ୍ଷେତ୍ରର ସମସ୍ୟା ସମ୍ପର୍କରେ ଚିନ୍ତା କରି ମନକୁ ବିଷାକ୍ତ କରିପାରନ୍ତି। କୃତ୍ତିକା ନକ୍ଷତ୍ର ମଉଜିଆ କଥା କହି ବନ୍ଧୁମାନଙ୍କୁ ଆପ୍ୟାୟିତ କରିପାରନ୍ତି।

**ବୃଷ** — ପୂର୍ବରୁ ପରିଶୋଧ କରିବାକୁ ଥିବା ଋଣ, ଦୂରଯାତ୍ରା ଓ ବନ୍ଧୁଙ୍କ ସମ୍ପର୍କୀୟଙ୍କ ଦୁଶ୍ଚିନ୍ତାରେ ସମୟ ଅତିବାହିତ ହେବ। କର୍ମକ୍ଷେତ୍ରରେ ସ୍ନେହ, ସହାନୁଭୂତି ଯୋଗୁ ଦୁଃଖ ଭୁଲିଯିବେ। ମନରେ ଘାରି ହେଉଥିବା ଘଟଣା ସମାଧାନ ସକାଶେ ପରିବାରରୁ ସମର୍ଥନ ପାଇବେ ନାହିଁ। ମୃଗଶିରା ନକ୍ଷତ୍ର ସକାଶେ ରୋଗର ପ୍ରାଦୁର୍ଭାବ ବୃଦ୍ଧି ପାଇପାରେ।

**ମିଥୁନ** — ଆର୍ଥିକ ଉନ୍ନତି, ସମସ୍ୟା ସମାଧାନ ଓ ବନ୍ଧୁ ସମ୍ପର୍କ ସୃଷ୍ଟିରେ ସହାୟକ ହେବ। ପୁନର୍ବସୁ ନକ୍ଷତ୍ର ସମ୍ପର୍କୀୟଙ୍କ ସହଯୋଗ ନେଇ ବନ୍ଧୁଙ୍କୁ ସାହାଯ୍ୟ କରିବାରେ ସମର୍ଥ ହେବେ। ପରିବହନ ଓ ବ୍ୟବସାୟରେ ସମସ୍ୟା ଦେଖାଦେଇପାରେ। ଆନୁଷ୍ଠାନିକ କାମରେ ମାନସିକ ଦ୍ୱନ୍ଦ୍ୱ ହେତୁ କୌଣସି ନିଷ୍ପତ୍ତି ନେବାରେ ପଛେଇ ଯାଇପାରନ୍ତି।

**କର୍କଟ** — ପାରିବାରିକ ଜୀବନରେ ଉତ୍‌ଥାନ ପତନ ଲାଗି ରହିବ। ଶିଳ୍ପ, ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ ସମସ୍ୟା ସମାଧାନ ହେବାରେ ଅସୁବିଧା ହେବନାହିଁ। ପୁଷ୍ୟା ନକ୍ଷତ୍ର ସକାଶେ କଳା, ସାହିତ୍ୟ, କ୍ରୀଡ଼ା ଓ ସାମ୍ବାଦିକତା କ୍ଷେତ୍ରରୁ ସୁଫଳ ମିଳିବ। ଆଜି ଶତ୍ରୁମାନଙ୍କ କ୍ରୁରତାର ପ୍ରଭାବ ଆପଣଙ୍କର କିଛି କ୍ଷତି କରିପାରିବ ନାହିଁ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ବିଜୟୀ ହେବେ ଏବଂ ପଦସ୍ଥ ବ୍ୟକ୍ତିଙ୍କ ସୌହାର୍ଦ୍ଦ୍ୟ ଲାଭ କରିବେ। ଈର୍ଷାପରାୟଣ ବନ୍ଧୁଙ୍କ ଦ୍ୱାରା କର୍ମକ୍ଷେତ୍ରରେ ବାଧା ଉପୁଜିପାରେ। ପରକଥାରେ ମନ ଦେଇ ନିଜ କାମକୁ ଅବହେଳା କରି ଗାଳି ଶୁଣିପାରନ୍ତି। ମଘା ନକ୍ଷତ୍ର ପରିବାରର କୌଣସି ବ୍ୟତିକ୍ରମ କଥା ଚିନ୍ତାକରି ବ୍ୟସ୍ତ ହୋଇପାରନ୍ତି।

**କନ୍ୟା** — କର୍ମକ୍ଷେତ୍ରରେ ସହକର୍ମୀଙ୍କ ଖାମଖିଆଲ କାର୍ଯ୍ୟପଦ୍ଧତି ଫଳରେ କାମ ବିଶୃଙ୍ଖଳିତ ହୋଇପାରେ। ଆଜି ସକାଳୁ ବୁଲିବା ସାଙ୍ଗକୁ କିଛି ନୂତନ ଖବର ପାଇବାର ସୁଯୋଗ ଜୁଟିଯିବ। ଆଇନ ଅଦାଲତ, ପ୍ରଶାସନ ତଥା ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ। ଆଜି ହସ୍ତା ନକ୍ଷତ୍ର ଗୃହ, ଭୂମି, ଗାଡ଼ିମୋଟର ସମ୍ପର୍କୀୟ କାମକୁ ପ୍ରାଧାନ୍ୟ ଦେଇପାରନ୍ତି।

**ତୁଳା** — ଭଲ ସମ୍ପର୍କ ନଥିବା ବ୍ୟକ୍ତିଙ୍କ ନିକଟରୁ ଭୁଲ୍ ଖବର ପାଇ ବିବ୍ରତ ହୋଇପାରନ୍ତି। ଗୃହକୁ ମୂଲ୍ୟବାନ୍ ପଦାର୍ଥ ଆଣିପାରନ୍ତି। ଯେତେ ଭଲ କାମ କଲେ ମଧ୍ୟ ଟିକିଏ ଟିକିଏ କଥାରେ ଜିହ୍ୱା ପଡ଼ି ସମାଲୋଚିତ ହେବେ। ସ୍ୱାତୀ ନକ୍ଷତ୍ର ପାଇଁ ଆଜିର ଯାତ୍ରା, ବ୍ୟବସାୟ ଏବଂ ବିବାଦୀୟ ପରିସ୍ଥିତିରେ କୌଣସି ଅସୁବିଧା ରହିବ ନାହିଁ।

**ବିଛା** — ବନ୍ଧୁଙ୍କ ଜରିଆରେ ଆଶା କରିଥିବା ଅର୍ଥ ବିଳମ୍ବରେ ପାଇବେ। ପରୋକ୍ଷ ଶତ୍ରୁତାରୁ ଯୋଜନାଗୁଡ଼ିକ ଠିକ୍ ଭାବେ କାର୍ଯ୍ୟକାରୀ ହେବ ନାହିଁ। ପୂର୍ବ ନିର୍ଦ୍ଧାରିତ ଯୋଜନାନୁସାରେ ଅନୁରାଧାର ଘରେ ବନ୍ଧୁମିଳନ ଓ ଖୁସିର ଆସର ଜମିପାରେ। ବିଗତ ଦିନର ଘଟଣାକୁ କେନ୍ଦ୍ର କରି କର୍ମକ୍ଷେତ୍ରରେ ଅଘଟଣ ଆଶଙ୍କା କରି ବିବ୍ରତ ହୋଇପାରନ୍ତି।

**ଧନୁ** — ପୂର୍ବାଷାଢ଼ା ନକ୍ଷତ୍ରର ସତର୍କତାର ଅଭାବରୁ ଧନହାନିର ଆଶଙ୍କା ଦେଖାଦେବ। ଜମା ପଡୁନଥିବା ବ୍ୟକ୍ତିଙ୍କ ଦ୍ୱାରା ସମସ୍ୟା ଭିତରକୁ ଟାଣି ହୋଇଯିବେ। କେତେକ କ୍ଷେତ୍ରରେ ସୁଯୋଗ ପାଇଲେ ମଧ୍ୟ ସଦ୍‌ବ୍ୟବହାର କଷ୍ଟକର ହେବ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ନ ଦେଲେ ଅନୁତାପ କରିବାକୁ ସମୟ ପାଇବେ ନାହିଁ।

**ମକର** — ଶ୍ରବଣା ନକ୍ଷତ୍ର ସକାଶେ ଚେଷ୍ଟା କରୁଥିବା କାମ ଆଶାନୁରୂପ ହେବାରୁ ମନ ପ୍ରଫୁଲ୍ଲ ରହିବ। କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହେବେ। ଶିଳ୍ପ, ବାଣିଜ୍ୟ, କାରିଗରି, ପରିବହନରେ ପ୍ରତିବନ୍ଧକର ସାମ୍ନା କରିବେ। ଆର୍ଥିକ ସ୍ୱଚ୍ଛଳତା ଥିଲେ ମଧ୍ୟ ପାରିବାରିକ ଅସ୍ଥିରତାରୁ ଶାନ୍ତି ବ୍ୟାହତ ହେବ।

**କୁମ୍ଭ** — ପୂର୍ବ ପ୍ରତିଶ୍ରୁତି ଅନୁଯାୟୀ ନିର୍ଦ୍ଦିଷ୍ଟ ସ୍ଥାନରେ ଉପସ୍ଥିତ ନଥିବା ବନ୍ଧୁଙ୍କୁ ଅପେକ୍ଷା କରି ବିରକ୍ତ ହେବେ। ଶତଭିଷା ନକ୍ଷତ୍ର ସକାଶେ କର୍ମକ୍ଷେତ୍ରରେ କୌଣସି ଘଟଣା ବିବ୍ରତ କରିପାରେ। ଯାତ୍ରା, ପ୍ରଶାସନ, ଆଇନ, ସାହିତ୍ୟ କ୍ଷେତ୍ରରେ ସୁଫଳ ପାଇବେ। ପ୍ରତ୍ୟେକ କ୍ଷେତ୍ରରେ ସତର୍କତା ଅବଲମ୍ବନ ନ କଲେ ସମସ୍ୟା ଉପୁଜିବାର ସମ୍ଭାବନା ରହିଛି।

**ମୀନ** — କାର୍ଯ୍ୟ ସାଧନ ସକାଶେ ପ୍ରତ୍ୟେକ ଦିଗରୁ ସାହାଯ୍ୟର ସୁଅ ବହିବ। ଉତ୍ତରଭାଦ୍ର ନକ୍ଷତ୍ରର ପରିବାରରେ ଅତୀତ ଘଟଣାକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ସୃଷ୍ଟି ହେବ। ବ୍ୟବସାୟ ପ୍ରତିଷ୍ଠାନ, ନୂତନ ଯୋଜନା, ନିର୍ମାଣାଧୀନ କାର୍ଯ୍ୟ ସକାଶେ ଅନୁକୂଳ ବାତାବରଣ ସୃଷ୍ଟିହେବ। ସ୍ଥଗିତ କାର୍ଯ୍ୟ, ସଭାସମିତି ଓ ବନ୍ଧୁଙ୍କ ସହ ଆଲୋଚନା ଫଳପ୍ରଦ ହେବ।

ଆଜି ଅଗଷ୍ଟ ୩୧ ତାରିଖ, ରବିବାର, ସ୍ୱାୟତ୍ତ ଶାସନ ଦିବସ, ଭାଦ୍ରବ ଶୁକ୍ଳପକ୍ଷର ସର୍ବସମ୍ମତ ରାଧାଷ୍ଟମୀ, ଦୁର୍ଗାଶୟନ, ଶ୍ରୀସୁଦର୍ଶନ ଚକ୍ରରାଜଙ୍କ ଯମେଶ୍ୱରଙ୍କ ନିକଟକୁ ଯାତ୍ରା, ଅତିବଡ଼ୀ ଜଗନ୍ନାଥ ଦାସଙ୍କ ଜୟନ୍ତୀ, ଖୁଦୁରୁକୁଣୀ ଓଷା ଚତୁର୍ଥ ପାଳି, ରାଶିନକ୍ଷତ୍ର-ଅନୁରାଧା/ବିଛା, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫।୩୪ ଗତେ ଘ.୦୯।୪୨ ମଧ୍ୟେ, ଘ.୦୧।୧୯ ଗତେ ଘ.୦୧।୫୦ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୪।୨୬ ଗତେ ଘ.୦୫।୫୯ ମଧ୍ୟେ ରାହୁକାଳ।

# ଚିରଞ୍ଜୀବୀଙ୍କୁ ଭେଟିବାକୁ ଦୀର୍ଘ ଯାତ୍ରା

**ହାଇଦ୍ରାବାଦ**

ସାଉଥ୍ ସୁପରଷ୍ଟାର ଚିରଞ୍ଜୀବୀଙ୍କ ଜଣେ ମହିଳା ପ୍ରଶଂସକ ୩୧୨ କି.ମି. ସାଇକେଲ ଚଳାଇ ତାଙ୍କୁ ଭେଟିଛନ୍ତି। ଏହି ପ୍ରଶଂସକ ଜଣକ ଆନ୍ଧ୍ରପ୍ରଦେଶର ଅଦୋନୀ ନିବାସୀ ରାଜେଶ୍ୱରୀ ହୋଇଥିବା ବେଳେ ସେ ଅଦୋନୀରୁ ସାଇକେଲ ଚଳାଇ ହାଇଦ୍ରାବାଦସ୍ଥିତ ଚିରଞ୍ଜୀବୀଙ୍କ ଘରେ ଶୁକ୍ରବାର ପହଞ୍ଚିଥିଲେ। ଏହି ସମୟରେ ରାସ୍ତାରେ ତାଙ୍କୁ ଶାରୀରିକ କଷ୍ଟ ସହ ଅନେକ ପ୍ରକାର ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥିଲା। ଘଟଣା ସମ୍ପର୍କରେ ଜାଣି ଚିରଞ୍ଜୀବୀ ସମୟ ନଷ୍ଟ ନ କରି ରାଜେଶ୍ୱରୀଙ୍କୁ ଭେଟିଥିଲେ। ନିଜ ପସନ୍ଦର ମେଗା ଷ୍ଟାର୍‌ଙ୍କୁ ଭେଟି ରାଜେଶ୍ୱରୀ ଭାବ ପ୍ରବଣ ହୋଇ ପଡ଼ିଥିଲେ। ଏହି ଅବସରରେ ରାଜେଶ୍ୱରୀ ଚିରଞ୍ଜୀବୀଙ୍କୁ ରାଖୀ ପିନ୍ଧାଇଥିଲେ। ସେହିପରି ଚିରଞ୍ଜୀବୀ ନିଜ ମହିଳା ପ୍ରଶଂସକଙ୍କୁ ଏକ ପାରମ୍ପରିକ ଶାଢ଼ି ଉପହାରରେ ଦେଇଥିଲେ। ରାଜେଶ୍ୱରୀଙ୍କ ପିଲାଙ୍କ ପଢ଼ା ଖର୍ଚ୍ଚ ସେ ବହନ କରିବେ ବୋଲି ଏହି ଅବସରରେ ଚିରଞ୍ଜୀବୀ ନିଜ ମହିଳା ପ୍ରଶଂସକଙ୍କୁ ଜଣାଇଥିଲେ।






# ନୂଆକୋଟରେ ମାଈ ହାତୀର ମୃତ୍ୟୁ

ସାତମାଇଲ,୩୦।୮ (ସୁଶାନ୍ତ ପତି)

ଢେଙ୍କାନାଳ ଜିଲା ହିନ୍ଦୋଳ ବନାଞ୍ଚଳ ନୂଆକୋଟ ଜଙ୍ଗଲରେ ଶନିବାର ଏକ ମାଈ ହାତୀର ମୃତଦେହ ଠାବ କରାଯାଇଛି। ବାଉଁଶପୋଖରୀ ପଞ୍ଚାୟତ ନୂଆକୋଟ ଜଙ୍ଗଲ ଭିତରେ ହାତୀଟି ମରିପଡ଼ିଥିବା ସକାଳୁ ହାତୀ ସ୍କ୍ୱାଡ୍ କର୍ମଚାରୀମାନେ ଦେଖିବାକୁ ପାଇଥିଲେ। ପରେ ଖବରପାଇ ବନ ବିଭାଗ ଉଚ୍ଚପଦସ୍ଥ ଅଧିକାରୀମାନେ ପହଞ୍ଚି ତଦନ୍ତ କରିଥିଲେ ହେଁ କେଉଁ କାରଣରୁ ହାତୀଟିର ମୃତ୍ୟୁ ହୋଇଛି ତାହା ସ୍ପଷ୍ଟ ଭାବେ ଜାଣିପାରି ନାହାନ୍ତି। ହିନ୍ଦୋଳ ପ୍ରାଣୀଧନ ଚିକିତ୍ସାଧିକାରୀ ବ୍ୟବଚ୍ଛେଦ କରିବା ପରେ ମୃତ ହାତୀକୁ ସେଠାରେ ପୋତିଦିଆଯାଇଛି।



କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶନିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ତାଙ୍କ ସରକାରୀ ବାସଭବନରେ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ରାଜ୍ୟର ଶିକ୍ଷା ବ୍ୟବସ୍ଥା, ନୂତନ ଶିକ୍ଷା ନୀତି ଓ ଶିକ୍ଷା କ୍ଷେତ୍ରରେ ସଂସ୍କାର ଆଦି ସମେତ ଓଡ଼ିଶାରେ ଶିକ୍ଷା ଭିତ୍ତିଭୂମିର ଉନ୍ନତି ପାଇଁ ଆଗାମୀ ପଦକ୍ଷେପଗୁଡ଼ିକ ବିଷୟରେ ଆଲୋଚନା କରିଛନ୍ତି।

# ଏନ୍‌ଟିପିସି ଆଉ କୋଇଲାଖଣି ପରିଚାଳନା କରିବ ନାହିଁ

## ଏନ୍‌ଏମ୍‌ଏଲ୍‌କୁ ହସ୍ତାନ୍ତର ହେବ ୭,୭୩୫ କୋଟି ଟଙ୍କାର ଖଣି

ଭୁବନେଶ୍ୱର, ୩୦।୮ (ରବିନାରାୟଣ ଜେନା)

ନ୍ୟାଶନାଲ ଥର୍ମାଲ ପାୱାର କର୍ପୋରେଶନ (ଏନ୍‌ଟିପିସି) ହାତରେ ଥିବା ୭ଟି କୋଇଲା ଖଣିର ପରିଚାଳନା ଏହାର ସମ୍ପୂର୍ଣ୍ଣ ମାଲିକାନାରେ ଗଠିତ ହୋଇଥିବା ନୂତନ ସହାୟକ କମ୍ପାନୀ ଏନ୍‌ଟିପିସି ମାଇନିଂ ଲିମିଟେଡ୍ (ଏନ୍‌ଏମ୍‌ଏଲ୍)କୁ ଦେବ। କମ୍ପାନୀର ହସ୍ତାନ୍ତର ପ୍ରସ୍ତାବକୁ ଏନ୍‌ଟିପିସି ବୋର୍ଡ ଗତ ଗୁରୁବାର ଅନୁମୋଦନ କରିଛି। ଫଳରେ ହସ୍ତାନ୍ତର ପ୍ରକ୍ରିୟା ଏବେ ଜୋରଦାର ଆରମ୍ଭ ହୋଇଛି। ଏହି ହସ୍ତାନ୍ତର ପ୍ରକ୍ରିୟାରେ ପ୍ରାୟ ୭,୭୩୫ କୋଟି ଟଙ୍କାର ଖଣି ଏନ୍‌ଏମ୍‌ଏଲ୍‌କୁ ହସ୍ତାନ୍ତର ହେବ ବୋଲି ଜଣାପଡ଼ିଛି।

ଏନ୍‌ଟିପିସିରୁ ଉପଲବ୍ଧ ତଥ୍ୟ ଅନୁସାରେ ଏହି କେନ୍ଦ୍ର ସରକାରୀ ସଂସ୍ଥା ଓଡ଼ିଶାର ଦୁଲଙ୍ଗା କୋଇଲାଖଣି, ଝାଡ଼ଖଣ୍ଡର ପକ୍ରି-ବରବାଡି ସହିତ ସମୁଦାୟ ୫ଟି ଏବଂ ଛତିଶଗଡ଼ର ତଲାଇପାଲିକୁ ମିଶାଇ ଏପରି ଭାବେ ୭ଟି କୋଇଲାଖଣିକୁ ପରିଚାଳନା କରୁଛି। ଏନ୍‌ଟିପିସିର ପ୍ରାୟ ୮୫ଟି କୋଇଲା-ଭିତ୍ତିକ ତାପଜ ବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ର ମଧ୍ୟରୁ ୨୨ରୁ ଅଧିକ କେନ୍ଦ୍ରକୁ ନିଜସ୍ୱ କୋଇଲା ଖଣିରୁ କୋଇଲା ମିଳୁଛି। ଏଥିପାଇଁ ଏହିସବୁ ବିଦ୍ୟୁତ୍‌କେନ୍ଦ୍ରଗୁଡ଼ିକ ଏନ୍‌ଟିପିସିର ଅନ୍ୟ ତାପଜ କେନ୍ଦ୍ରଗୁଡ଼ିକଠାରୁ ୟୁନିଟ ପିଛା ପ୍ରାୟ ୧ ଟଙ୍କା କମ୍ ମୂଲ୍ୟରେ ବିଦ୍ୟୁତ୍ ବିକ୍ରି କରୁଛନ୍ତି। ସେଥିପାଇଁ ସୁନ୍ଦରଗଡ଼ର ଏନ୍‌ଟିପିସି-ଦର୍ଲିପାଲି ବିଦ୍ୟୁତ୍‌କେନ୍ଦ୍ରରୁ ଓଡ଼ିଶାକୁ ୮୦୦ ମେଗାୱାଟ ଶସ୍ତା ବିଦ୍ୟୁତ୍ ମିଳୁଛି। ପ୍ରକାଶଥାଉ କି, ଏନ୍‌ଟିପିସିର ନିଜସ୍ୱ ୭ଟି କୋଇଲା ଖଣିର ବାର୍ଷିକ ଉତ୍ପାଦନ କ୍ଷମତା ୭୧ ନିୟୁତ ଟନ୍ ଥିବାବେଳେ ୫ଟି କୋଇଲାଖଣିରୁ ବାର୍ଷିକ ୪୫ ନିୟୁତ ଟନ୍ କୋଇଲା ଉତ୍ପାଦନ କରୁଛି।

ଏହି ପରିପ୍ରେକ୍ଷୀରେ ଓଡ଼ିଶା ପାୱାର ଜେନେରେଶନ କର୍ପୋରେଶନ (ଓପିଜିସି) ବୋର୍ଡ ଏହାର ୫୧% ସହାୟକ କମ୍ପାନୀ ଓଡ଼ିଶା କୋଲ୍ ଏଣ୍ଡ ପାୱାର ଲି. (ଓସିପିଏଲ )କୁ ଏହାସହିତ ମିଶ୍ରଣ କରିବା ପ୍ରସ୍ତାବକୁ ଗ୍ରହଣ କରିଛି। ଯେହେତୁ ଓସିପିଏଲ୍‌ରେ ରାଜ୍ୟ ସରକାରଙ୍କ ୪୯% ଅଂଶଧନ ଅଛି ତେଣୁ ଓପିଜିସି ବୋର୍ଡ ରାଜ୍ୟ ସରକାରଙ୍କୁ ଅପେକ୍ଷା କରିଛି। ସରକାରଙ୍କ ଜଣେ ଅଧିକାରୀଙ୍କ ସୂଚନା ମୁତାବକ, ବର୍ତ୍ତମାନ ପରିସ୍ଥିତିରେ ଓସିପିଏଲ୍‌କୁ ଓପିଜିସିରେ ମିଶ୍ରଣ ପ୍ରସ୍ତାବ ରାଜ୍ୟ ସ୍ୱାର୍ଥ ପରିପନ୍ଥୀ ଅଟେ। କାରଣ ଓସିପିଏଲ୍‌କୁ ଏବେ ଓଡ଼ିଶାରେ ପ୍ରଥମଥର ପାଇଁ ବ୍ୟବସାୟିକ କୋଇଲାଖଣି ସୁନ୍ଦରଗଡ଼ର ଟାଙ୍ଗର ମିଳିଛି। ଏହି କୋଇଲାଖଣିର ଉତ୍ପାଦନ କ୍ଷମତା ବାର୍ଷିକ ୧୬ ନିୟୁତ ଟନ୍। ଯେହେତୁ ଓସିପିଏଲ୍ ଏହାର ମନୋହରପୁର କୋଇଲାଖଣିରୁ ସୁରୁଖୁରୁରେ ଗତ ୬ବର୍ଷ ହେଲା କୋଇଲା ଉତ୍ପାଦନ କରି ଓପିଜିସିର ଆବଶ୍ୟକତା ପୂରଣ କରୁଛି ଓ ଏଥିରେ ସିଦ୍ଧହସ୍ତ ହୋଇଛି, ତେଣୁ ମିଶ୍ରଣ ପ୍ରସ୍ତାବ ରାଜ୍ୟ ପାଇଁ କ୍ଷତିକାରକ ହେବ। ଓସିପିଏଲ୍ ବ୍ୟବସାୟିକ କୋଇଲାଖଣି ପରିଚାଳନା କଲେ ରାଜ୍ୟର ଅର୍ଥନୈତିକ ପ୍ରଗତି ତ୍ୱରାନ୍ୱିତ ହେବ। ଓସିପିଏଲ୍‌ରୁ ପ୍ରାପ୍ତ ସୂଚନା ଅନୁସାରେ ୨୦୨୩-୨୪ରେ ଓସିପିଏଲ୍ ୧୨ ନିୟୁତ ଟନ୍ କୋଇଲା ଉତ୍ପାଦନ କରିଥିବାବେଳେ ଚଳିତବର୍ଷ ପାଇଁ ୧୬ ନିୟୁତ ଟନ୍ ଉତ୍ପାଦନ ଲକ୍ଷ୍ୟ ଧାର୍ଯ୍ୟ କରିଛି।

ସେହିପରି ଓସିପିଏଲ୍-ଓପିଜିସି ମିଶ୍ରଣ ପଛରେ ଥିବା ବଡ଼ ଯୁକ୍ତିଟି ହେଉଛି ଜିଏସ୍‌ଟି କ୍ଷତିପୂରଣ ସେସ୍ ଟନ୍ ପିଛା ୪୦୦ ଟଙ୍କା ଆଉ ଭରଣା କରିବାକୁ ପଡ଼ିବ ନାହିଁ, ଫଳରେ ଓପିଜିସି ବିଦ୍ୟୁତ୍ ମୂଲ୍ୟ ହ୍ରାସ ଘଟିବ ଓ ସେଥିପାଇଁ ଓଡ଼ିଶାର ୧କୋଟି ବିଦ୍ୟୁତ୍ ଉପଭୋକ୍ତା ଉପକୃତ ହେବେ। ବାସ୍ତବ କଥା ହେଉଛି, ଏପର୍ଯ୍ୟନ୍ତ ଯେଉଁ ସେସ୍ ଭରଣା ହୋଇଛି ତାହାକୁ ଆଉ କେନ୍ଦ୍ର ସରକାର ଫେରସ୍ତ କରିବା ଆଶା ରଖିବା ଠିକ ନୁହେଁ। ଜିଏସ୍‌ଟି କ୍ଷତିପୂରଣ ସେସ୍ ଆଦାୟ ଅବଧି ଆସନ୍ତା ମାର୍ଚ୍ଚ ୨୦୨୬ରେ ସମାପ୍ତ ହୋଇଯିବ। ଅର୍ଥାତ୍ କୋଇଲା-ଭିତ୍ତିକ ତାପଜ ବିଦ୍ୟୁତକେନ୍ଦ୍ରଗୁଡ଼ିକ ପାଇଁ ଆବଣ୍ଟନ ହୋଇଥିବା କୋଇଲାଖଣି ଏପ୍ରିଲ ୨୦୨୬ରୁ ଜିଏସ୍‌ଟି କ୍ଷତିପୂରଣ ସେସ୍ ବାବଦକୁ ଟନ୍ ପିଛା ୪୦୦ ଟଙ୍କା ଆଉ ଦେବେନାହିଁ। ଟନ୍ ପିଛା ଜିଏସ୍‌ଟି କ୍ଷତିପୂରଣ ସେସ୍ ୪୦୦ ଟଙ୍କା ୨୦୧୭ ମସିହାରୁ ପ୍ରଣୀତ ହୋଇ କେନ୍ଦ୍ର ସରକାର ଆଦାୟ କରି ଆସୁଛନ୍ତି; ଯାହାର ପୂର୍ଣ୍ଣଚ୍ଛେଦ ଆସନ୍ତା ମାର୍ଚ୍ଚ ୨୦୨୬ରେ ପଡ଼ିବ।

ଏନେଇ ଶକ୍ତି ସମୀକ୍ଷକ ଆନନ୍ଦ ମହାପାତ୍ର କହିଛନ୍ତି, ଓଡ଼ିଶା ସରକାରଙ୍କ ମଡେଲ ଏନ୍‌ଟିପିସି ଆପଣାଇଛି। ତେଣୁ ଏନ୍‌ଟିପିସି ବୋର୍ଡ ଓସିପିଏଲ୍ ଭଳି ଏନ୍‌ଏମ୍‌ଏଲ୍ କମ୍ପାନୀ ଗଠନ କରି କୋଇଲାଖଣି ହସ୍ତାନ୍ତର ପ୍ରସ୍ତାବକୁ ମଞ୍ଜୁର କରିଛନ୍ତି।

# ୫ରୁ ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର ମହୋତ୍ସବ

ଭୁବନେଶ୍ୱର, ୩୦।୮ (ସୌମ୍ୟରଞ୍ଜନ ରାଉତ)



ମହୋତ୍ସବ ସମ୍ପର୍କରେ ସୃଜନୀର ନିର୍ଦ୍ଦେଶକ ଗୁରୁ ରତିକାନ୍ତ ମହାପାତ୍ର ଓ ପ୍ରୋଗ୍ରାମ ଏକ୍‌ଜିକ୍ୟୁଟିଭ୍ ଦେବପ୍ରସାଦ ମିଶ୍ର ଏ ସମ୍ପର୍କରେ ସୂଚନା ଦେଉଛନ୍ତି।

**୬ଜଣ ପାଇବେ 'ଗୁରୁ କେଳୁଚରଣ ମହାପାତ୍ର ସମ୍ମାନ'**

ସୃଜନ ଗୁରୁ କେଳୁଚରଣ ଓଡ଼ିଶୀ ନୃତ୍ୟବାସ ପକ୍ଷରୁ ସେପ୍ଟେମ୍ବର ୫ରୁ ୯ ତାରିଖ ପର୍ଯ୍ୟନ୍ତ ରବୀନ୍ଦ୍ର ମଣ୍ଡପରେ ୩୧ତମ ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର ମହୋତ୍ସବ ଅନୁଷ୍ଠିତ ହେବ। ଏଥିସହ ଶାସ୍ତ୍ରୀୟ ନୃତ୍ୟ, ସଙ୍ଗୀତ ଓ ଥିଏଟର ପ୍ରଦର୍ଶନୀ କରାଯିବ। ଚଳିତବର୍ଷ ବିଭିନ୍ନ କ୍ଷେତ୍ରରେ ୬ଜଣ 'ଗୁରୁ କେଳୁଚରଣ ମହାପାତ୍ର ସମ୍ମାନ' ପାଇବେ। ଓଡ଼ିଶୀ ନୃତ୍ୟଗୁରୁ ପଦ୍ମଶ୍ରୀ ମାଧବୀ ମୁଦଗଲ୍ ଏବଂ ଓଡ଼ିଶୀ ଗାୟକ ଆଲେଖ ଚନ୍ଦ୍ର ସାମଲଙ୍କୁ 'ସାଲିମାର୍ସ ଗୁରୁ କେଳୁଚରଣ ମହାପାତ୍ର ଆୱାର୍ଡ' ପ୍ରଦାନ କରାଯିବ। ୧ ଲକ୍ଷ ଟଙ୍କାର ପୁରସ୍କାର ରାଶି ସହ ପ୍ରମାଣପତ୍ର ଦିଆଯିବ। ସେହିପରି ୪୦ ବର୍ଷରୁ କମ୍ ବର୍ଗରେ ଓଡ଼ିଶୀ ନୃତ୍ୟଶିଳ୍ପୀ ଶତାବ୍ଦୀ ମଲ୍ଲିକ୍ ଓ ଓଡ଼ିଶୀ ସଙ୍ଗୀତ ପାଇଁ ମୁରଲୀଧର ସ୍ୱାଇଁଙ୍କୁ 'ସାଲିମାର୍ ଗୁରୁ କେଳୁଚରଣ ମହାପାତ୍ର ଯୁବ ପୁରସ୍କାର'ରେ ସମ୍ମାନିତ କରାଯିବ। ୧୫ହଜାର ଟଙ୍କାର ପୁରସ୍କାର ରାଶି ସହ ପ୍ରମାଣପତ୍ର ପ୍ରଦାନ କରାଯିବ। ରଘୁନାଥ ଦାସ ଓ ଅର୍ଣ୍ଣବ ବନ୍ଦୋପାଧ୍ୟାୟଙ୍କୁ 'ସାଲିମାର୍ ଗୁରୁ କେଳୁଚରଣ ମହାପାତ୍ର କଳା ସମ୍ମାନ' ପ୍ରଦାନ କରାଯିବ ଓ ୫୦ ହଜାର ଟଙ୍କାର ପୁରସ୍କାର ରାଶି ସହ ମାନପତ୍ର ଦିଆଯିବ।

ନୃତ୍ୟଶିଳ୍ପୀ ସୁଜାତା ମହାପାତ୍ର ଓ ପ୍ରୀତିଶା ମହାପାତ୍ର ଓଡ଼ିଶୀନୃତ୍ୟ ପରିବେଷଣରୁ ମହୋତ୍ସବ ଉଦ୍‌ଘାଟନୀ ସନ୍ଧ୍ୟାର ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହେବ। ବିମ୍ବାବତୀ ଦେବୀ ଓ ତାଙ୍କ ଗ୍ରୁପ୍ ନର୍ତ୍ତନାଳୟ ଦ୍ୱାରା ମଣିପୁରୀ ଗ୍ରୁପ୍ ନୃତ୍ୟ ଏବଂ ହିନ୍ଦୁସ୍ତାନୀ ଓ କର୍ଣ୍ଣାଟିକ୍ ସଙ୍ଗୀତରେ ପ୍ରତିଷ୍ଠିତ ଶିଳ୍ପୀମାନେ ମଧ୍ୟ ପରିବେଷଣ କରିବେ। ଖୟାଲ, ଠୁମରି, ଦାଦ୍ରା, ଭଜନ, କନ୍ନଡ଼ ଡାସ ସାହିତ୍ୟ, ବଚନ ସାହିତ୍ୟ ଏବଂ କନ୍ନଡ଼ ଭାବଗୀତି, ଭାରତନାଟ୍ୟମ୍, ଦଶମହାବିଦ୍ୟା, ରାମ ଭଜନ, ଥିଏଟର୍ ଏବଂ ଗୁରୁ ରତିକାନ୍ତ ମହାପାତ୍ରଙ୍କ ସୃଜନ ଅନୁଷ୍ଠାନ ପକ୍ଷରୁ ଦୁର୍ଯ୍ୟୋଧନକୁ ନେଇ ପ୍ରିମିୟର ଅନୁଷ୍ଠିତ ହେବ। 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ' ମହୋତ୍ସବର ମିଡିଆ ପାର୍ଟନର ରହିଛି ବୋଲି ଶନିବାର ଖବରଦାତା ସମ୍ମିଳନୀରେ ସୃଜନୀର ନିର୍ଦ୍ଦେଶକ ଗୁରୁ ରତିକାନ୍ତ ମହାପାତ୍ର ଓ ପ୍ରୋଗ୍ରାମ ଏକ୍‌ଜିକ୍ୟୁଟିଭ୍ ଦେବପ୍ରସାଦ ମିଶ୍ର ସୂଚନା ଦେବା ସହ ପୋଷ୍ଟର ଉନ୍ମୋଚନ କରିଛନ୍ତି।

# ଇଟାମାଟିରେ କାଉ ମଡ଼କ

## ୫ ଦିନରେ ମଲେଣି ୮୫ରୁ ଊର୍ଦ୍ଧ୍ୱ କାଉ

ନୟାଗଡ଼,୩୦।୮ (ଲୋକନାଥ ମିଶ୍ର)

ନୟାଗଡ଼ ବ୍ଲକ ଇଟାମାଟରେ କାଉ ମଡ଼କ ଦେଖିବାକୁ ମିଳିଛି। ଆପେ ଆପେ କାଉ ମରି ତଳେ ଖସୁଛନ୍ତି। ଇଟାମାଟିର ପ୍ରଧାନସାହି, ତନ୍ତିସାହି, ପାଇକସାହି, ଦେଉଳସାହି, ଇଟାମାଟି ବଜାର, ପଞ୍ଚାୟତ ପଡିଆ, ପଞ୍ଚାୟତ ସାହି, ମେଡିକାଲ ପଡିଆରେ ୫ଦିନରେ ୮୫ରୁ ଊର୍ଦ୍ଧ୍ୱ କାଉ ମରିଲେଣି। କାଉ ମଡକକୁ ଦେଖି ଅନେକ ଏହାକୁ ବାର୍ଡ ଫ୍ଲୁର ଲକ୍ଷଣ ବୋଲି କହୁଛନ୍ତି। ହେଲେ ପ୍ରାଣୀ ବିଭାଗ ପକ୍ଷରୁ ଏଯାବତ୍ କୌଣସି ପଦକ୍ଷେପ ନିଆଯାଇନାହିଁ। ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ବସନ୍ତ କୁମାର ବେହେରା କୁହନ୍ତି, ଆମେ ଜାଣି ନ ଥିଲୁ। ଏ ଦିଗରେ ତଦନ୍ତ କରି ତ୍ୱରିତ ପଦକ୍ଷେପ ନେବୁ।



# 'ଏସ୍‌ସି, ଏସ୍‌ଟିଙ୍କ କଲ୍ୟାଣ ଦେଶ ପ୍ରଗତିର ମାପକାଠି'



ସମ୍ମିଳନୀର ଉଦ୍‌ଯାପନୀ ଅଧିବେଶନକୁ ଉଦ୍‌ଘାଟନ କରିବା ଅବସରରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି, ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କ ସହ ଅନ୍ୟମାନେ।

**ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ କମିଟି ଅଧକ୍ଷଙ୍କ ଜାତୀୟ ସମ୍ମିଳନୀ ଉଦ୍‌ଯାପିତ**

## ଅବହେଳିତ ବର୍ଗଙ୍କ ପାଇଁ କାମ କରିବାକୁ ଆହ୍ୱାନ ଦେଲେ ଓମ୍ ବିର୍ଲା

ଭୁବନେଶ୍ୱର,୩୦।୮ (ବନ୍ଦନା ସେଠୀ)

ଦେଶର ପ୍ରକୃତ ସମୃଦ୍ଧି ସଂଖ୍ୟା କିମ୍ବା ଭିତ୍ତିଭୂମିରେ ମପାଯାଏ ନାହିଁ। ଏହା ସବୁଠାରୁ ଅବହେଳିତ ସମ୍ପ୍ରଦାୟକୁ ପ୍ରଦାନ କରାଯାଉଥିବା ମର୍ଯ୍ୟାଦା ଏବଂ ସୁଯୋଗ ଦ୍ୱାରା ମପାଯାଏ ବୋଲି ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି କହିଛନ୍ତି। ଲୋକସେବା ଭବନରେ ଚାଲିଥିବା ଅନୁସୂଚିତ ଜାତି (ଏସ୍‌ସି) ଓ ଅନୁସୂଚିତ ଜନଜାତି (ଏସ୍‌ଟି) କଲ୍ୟାଣ କମିଟି ଅଧକ୍ଷଙ୍କ ଜାତୀୟ ସମ୍ମିଳନୀର ଶନିବାର ଉଦ୍‌ଯାପନ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ଏହା କହିଛନ୍ତି। ସେ କହିଲେ, ଅନୁସୂଚିତ ଜାତି ଏବଂ ଜନଜାତି କେବଳ ଭାରତର ସାମାଜିକ ସଂରଚନାର ଅବିଚ୍ଛେଦ୍ୟ ଅଙ୍ଗ ନୁହନ୍ତି, ବରଂ ଦେଶର ଇତିହାସ, ସଂସ୍କୃତି ଏବଂ ଐତିହ୍ୟର ରକ୍ଷକ। ସେମାନଙ୍କ କଲ୍ୟାଣ କେବଳ ନୀତିର ପ୍ରଶ୍ନ ନୁହେଁ ଏହା ସମାନତା, ମର୍ଯ୍ୟାଦା ଏବଂ ଭାଇଚାରା ସ୍ତମ୍ଭ ଉପରେ ପ୍ରତିଷ୍ଠିତ ଗଣତନ୍ତ୍ର ଭାବରେ ଆମର ପ୍ରଗତିର ମାପକାଠି। ସାମ୍ବିଧାନିକ ସୁରକ୍ଷାକୁ ଅର୍ଥପୂର୍ଣ୍ଣ କାର୍ଯ୍ୟରେ ପରିଣତ କରିବାରେ ସଂସଦୀୟ ଏବଂ ରାଜ୍ୟ ବିଧାନସଭା କମିଟିଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ରାଜ୍ୟପାଳ କହିଛନ୍ତି।

ଲୋକ ସଭା ବାଚସ୍ପତି ଓମ୍ ବିର୍ଲା ଯୋଗଦେଇ ସମସ୍ତେ ନୂତନ ଉତ୍ସାହ ଓ ଶକ୍ତି ସହିତ ସମାଜ ମଙ୍ଗଳ ପାଇଁ ପ୍ରତିବଦ୍ଧ ହେବା ସହିତ ଅବହେଳିତ ବର୍ଗଙ୍କ ଲାଗି କାମ କରିବାକୁ ଆହ୍ୱାନ ଜଣାଇଥିଲେ। ସମ୍ବିଧାନ ପ୍ରଣେତା ବାବାସାହେବ ଡ. ଆମ୍ବେଦକରଙ୍କ ଦର୍ଶନକୁ ଆଧାରକରି ଦେଶ ପାଇଁ ରୋଡ୍‌ମ୍ୟାପ ପ୍ରସ୍ତୁତ କରିବାରେ ଏହି ସମ୍ମିଳନୀ ପ୍ରେରଣା ଯୋଗାଇବ ବୋଲି ସେ ମତ ରଖିଛନ୍ତି। ରାଜ୍ୟ ସଭା ଉପାଧ୍ୟକ୍ଷ ହରି ବଂଶ ନାରାୟଣ ସିଂହ କହିଲେ, କେବଳ କାଗଜରେ ନୀତି ନ ପରଖି ବାସ୍ତବ କ୍ଷେତ୍ରରେ ଯୋଜନା ତୃଣମୂଳସ୍ତରରେ ଠିକ୍ ଭାବରେ କାର୍ଯ୍ୟକାରୀ ହେଲେ ସମାଜ ଓ ଦେଶର ମଙ୍ଗଳ ହେବ। ଏତଦ୍‌ବ୍ୟତୀତ ଲୋକଙ୍କ ପାଖକୁ ସରଳ ଭାବେ ସେବା ପହଞ୍ଚାଇବା ପାଇଁ ପ୍ରଯୁକ୍ତି ବିଦ୍ୟା ଏବଂ ସୁଶାସନର ପ୍ରଭାବ ଉପରେ ଗୁରୁତ୍ୱାରୋପ କରିଛନ୍ତି। ସଂସଦର ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ କମିଟି ଅଧକ୍ଷ ଡ. ଫଗନ ସିଂହ କୁଲସ୍ତେ ଏହି ସମ୍ମିଳନୀ ଭବିଷ୍ୟତ ପାଇଁ ମାର୍ଗଦର୍ଶିକା ଭାବେ ଉପଯୋଗ ହେବ ବୋଲି ମତ ରଖିଛନ୍ତି। ଓଡ଼ିଶା ବିଧାନସଭା ବାଚସ୍ପତି ସୁରମା ପାଢ଼ୀ ଏପରି ଜାତୀୟସ୍ତରୀୟ ସମ୍ମିଳନୀର ଆୟୋଜନ କରିବା ପାଇଁ ସୁଯୋଗ ଦେଇଥିବାରୁ ଲୋକ ସଭା ବାଚସ୍ପତିଙ୍କୁ କୃତଜ୍ଞତା ଜଣାଇଛନ୍ତି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଅମୃତ କାଳରେ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତିଙ୍କ ବିକାଶ ଜରୁରୀ ବୋଲି କହିଛନ୍ତି। ସଂସଦୀୟ ବ୍ୟାପାର ମନ୍ତ୍ରୀ ଡା. ମୁକେଶ ମହାଲିଙ୍ଗ ଓଡ଼ିଶାର ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀଙ୍କ ପ୍ରତିବଦ୍ଧତା ସମ୍ପର୍କରେ ଅବତାରଣା କରି ଅନୁସୂଚିତ ଜାତି ଓ ଜନଜାତି ପାଇଁ ଉପଲବ୍ଧ ବଜେଟର ଶତପ୍ରତିଶତ ବିନିଯୋଗ ପାଇଁ ବଦ୍ଧପରିକର ହେବା ପାଇଁ କହିଛନ୍ତି। ଅନୁସୂଚିତ ଜାତି ଓ ଜନଜାତିଙ୍କ କଲ୍ୟାଣ, ବିକାଶ ଏବଂ ସଶକ୍ତୀକରଣରେ ସଂସଦୀୟ ଏବଂ ବିଧାନସଭା କମିଟିର ଭୂମିକା ଶୀର୍ଷକ ବିଷୟବସ୍ତୁ ଉପରେ ଏହି ଜାତୀୟ ସମ୍ମିଳନୀ କେନ୍ଦ୍ରିତ ଥିଲା।

DSPL-243





**ସ୍ୱାୟତ୍ତ ଶାସନ ଦିବସ ଅବସରରେ**
**ନିମ୍ନ ଲିଖିତ ପ୍ରକଳ୍ପଗୁଡିକର**
**ଶୁଭ ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ**
**୩୧ ଅଗଷ୍ଟ ୨୦୨୫**

**ପ୍ରକଳ୍ପ ଉଦ୍‌ଘାଟନ**

**୧୫୦ ଟନ୍ ସାମଗ୍ରୀ ପୁନରୁଦ୍ଧାର ସୁବିଧା (ଏମ୍.ଆର୍.ଏଫ୍),** ପଳାଶୁଣୀ
**୧୦ ଟନ୍ ପ୍ଲାଜ୍‌ମା ପାଇରୋଲିସିସ୍ ଫ୍ୟାସିଲିଟି,** ଗାଡ଼କଣ
**ହ୍ୱାଟ୍ସଆପ୍ ବଟ୍,** ବିଏମ୍‌ସି

- **ୱାର୍ଡ କାର୍ଯ୍ୟାଳୟ ଗୃହ** - ୱାର୍ଡ ନଂ ୧, ୱାର୍ଡ ନଂ ୬, ୱାର୍ଡ ନଂ ୧୨, ୱାର୍ଡ ନଂ ୧୮, ୱାର୍ଡ ନଂ ୨୫, ୱାର୍ଡ ନଂ ୨୭, ୱାର୍ଡ ନଂ ୩୦, ୱାର୍ଡ ନଂ ୪୧, ୱାର୍ଡ ନଂ ୪୯, ୱାର୍ଡ ନଂ ୫୦, ୱାର୍ଡ ନଂ ୫୧, ୱାର୍ଡ ନଂ ୫୪, ଏବଂ ୱାର୍ଡ ନଂ ୬୩
- **ଗ୍ୟାସ୍ ମଶାଣି** (ୱାର୍ଡ ନଂ - ୪୯ )
- **ପାର୍କ** , ଜଗମୋହନ ନଗର ଲେନ୍-୧ (ୱାର୍ଡ ନଂ - ୬୩ )
- **ମିଶନ ଶକ୍ତି ଗୃହ,** ତପୋବନ ବସ୍ତି (ଜାଗମରା, ୱାର୍ଡ ନଂ- ୬୩)
- **ମିନି ପାର୍କ,** ପ୍ଲଟ ନଂ-୫୨୮, କେ-୯ ବି, ପାତ୍ରପଡ଼ା (ୱାର୍ଡ ନଂ-୬୫)
- **ମିନି ପାର୍କ,** ଉଦୟଗିରି ବିହାର, ପାତ୍ରପଡ଼ା (ସିଦ୍ଧ ମହାବୀର ମନ୍ଦିର, ୱାର୍ଡ ନଂ- ୬୫)
- **କମ୍ୟୁନିଟି ସେଣ୍ଟର,** ଭିମଟାଙ୍ଗୀ, (ୱାର୍ଡ ନଂ- ୬୧)
- **୩ଟି ଦୁଇଟିକିଆ ପାଇଖାନା,** (ୱାର୍ଡ ନଂ- ୫୭)
- **ପରିଚୟ ଗୃହ ନିର୍ମାଣ,** ସାମନ୍ତରାପୁର (ୱାର୍ଡ ନଂ- ୫୯)
- **ପାର୍କ,** ଏନ୍.ଏ.ସି. କଲୋନୀ (ଆହାର କେନ୍ଦ୍ର ନିକଟ, ୱାର୍ଡ ନଂ- ୪୧)
- **ଆରସିସି ଡ୍ରେନ ସହ କଭର ସ୍ଲାବ,** ଜାତୀୟ ରାଜପଥ - ୧୬ ପ୍ରାଚୀ ବିହାରରୁ ପାଣ୍ଡରା ଅଠରନଳା ପର୍ଯ୍ୟନ୍ତ (ୱାର୍ଡ ନଂ- ୧୮ )

**ଭିତ୍ତିପ୍ରସ୍ତର ସ୍ଥାପନ**

**ଶ୍ମଶାନ ନିର୍ମାଣ,** ପଳାଶୁଣୀ, ୱାର୍ଡ ନଂ- ୫
**ୱାର୍ଡ ଅଫିସ,** ୱାର୍ଡ ନଂ- ୩

**ଶ୍ରୀ ଚଞ୍ଚଳ ରାଣା** ଭା.ପ୍ର.ସେ, ଆୟୁକ୍ତ, ବିଏମ୍‌ସି
**ଶ୍ରୀମତୀ ମଞ୍ଜୁଲତା କହଁର**, ଡେପୁଟି ମେୟର, ବିଏମ୍‌ସି
**ଶ୍ରୀମତୀ ସୁଲୋଚନା ଦାସ**, ମେୟର, ବିଏମ୍‌ସି

**ସମସ୍ତ ଷ୍ଟାଣ୍ଡିଂ କମିଟି ଅଧକ୍ଷ/ଅଧକ୍ଷା ଏବଂ କର୍ପୋରେଟର ବୃନ୍ଦ**

ଭୁବନେଶ୍ୱର ମହାନଗର ନିଗମ

OIPR-13002/13/0244/2526

ୟୁରୋପ ଓ ଆମେରିକାର ବିଜ୍ଞାନ, ଅର୍ଥନୈତିକ ଅଗ୍ରଗତି, ସଭ୍ୟତା ଓ ମାନବବାଦର ପଛଆଡେ ଯେ ପଶୁତ୍ୱର ପ୍ରଭାବ ଧୀରେ ଧୀରେ ଫେରିଆସୁଛି – ଏହାର ପ୍ରଚୁର ଲକ୍ଷଣ ଆମେ ଦେଖିପାରିବା । ଏବଂ ଏହି ଯୁଗର ପ୍ରଭାବ ଆମ ଉପରେ ମଧ୍ୟ ପଡୁଛି– ଏହା ଆମେ ଆହୁରି ଅଧିକ ପରିମାଣରେ ମଧ୍ୟ ଦେଖିପାରିବା । –ଶ୍ରୀଅରବିନ୍ଦ



# ବନ୍ଧୁତ୍ୱର ପତନ



ଆକାର ପଟେଲ

ଗୋଟିଏ ସମସ୍ୟା ସମାଧାନ କରିବାକୁ ହେଲେ ଆମକୁ ପ୍ରଥମେ ସମସ୍ୟାଟି ରହିଛି ବୋଲି ସ୍ୱୀକାର କରିବାକୁ ହେବ । ଯଦି ସମସ୍ୟାକୁ ସ୍ୱୀକାର କରିବା ନାହିଁ ତେବେ ତାହାକୁ ସମାଧାନ କରିହେବ ନାହିଁ । ଏହାକୁ ମଧ୍ୟ ଠିକ୍ କରିପାରିବା ନାହିଁ । ପ୍ରଥମ ପଦକ୍ଷେପ ହେଉଛି ସମସ୍ୟା ରହିଛି ବୋଲି ଗ୍ରହଣ କରିବା ପରେ ହିଁ ତାହାର ସମାଧାନ ଲାଗି ଆଗକୁ ବଢ଼ିବାକୁ ହେବ । ଆଜି ଆମେ ଯେଉଁ ସମସ୍ୟା ସମ୍ପର୍କରେ ଆଲୋଚନା କରିବାକୁ ଯାଉଛୁ ତାହା ହେଉଛି ଏକ ପ୍ରକାର ବ୍ୟକ୍ତିଗତ କୂଟନୀତି, ଯାହା ଆମେ ୨୦୧୪ ପରଠାରୁ ଦେଖିବାକୁ ପାଇଛୁ । ଏହା ବିଶେଷକରି ପାରସ୍ପରିକ ଆଲୋଚନା ଏବଂ ସହାନୁଭୂତି ପ୍ରଦର୍ଶନ, ଅତିଥିଙ୍କ ସମ୍ମାନାର୍ଥେ ଭବ୍ୟ କାର୍ଯ୍ୟକ୍ରମ ଭଳି ବିଷୟଗୁଡ଼ିକରେ କେନ୍ଦ୍ରିତ ରହେ ଏବଂ ଏହିସବୁ କାର୍ଯ୍ୟ ଦ୍ୱାରା ସୃଷ୍ଟି ହେଉଥିବା 'ବନ୍ଧୁତ୍ୱ' ସମସ୍ୟା ସମାଧାନରେ ସାହାଯ୍ୟ କରିବ ବୋଲି ଧାରଣା ରହିଛି । ଆମେ ଏହି ବିଷୟ ଆଲୋଚନା କରିବାର କାରଣ ହେଉଛି ଭାରତ ସରକାର ଏବେ ନିଜ ପାଇଁ ବିଶ୍ୱରେ ଏକ ସ୍ଥାନ ପାଇବାକୁ ସଂଗ୍ରାମ କରିଛି । ଦେଶଗୁଡ଼ିକ ନିଜକୁ ମିତ୍ର ବୋଲି ଭାବୁଥିଲେ ମଧ୍ୟ ଯଦି ସହଯୋଗୀ ନୁହନ୍ତି, ତେବେ ସେମାନଙ୍କୁ ବିନା କାରଣରେ ଦଣ୍ଡିତ କରାଯାଇଛି । ଏହା ଯୋଗୁ ଗତ କିଛିଦିନ ହେଲା ଦେଖିବାକୁ ମିଳିଛି ଯେ, ଦେଶଗୁଡ଼ିକ ଶତ୍ରୁ ନ ହେଲେ ବି ପ୍ରତିଦ୍ୱନ୍ଦ୍ୱୀ ପାଲଟି ଯାଇଛନ୍ତି । ଏହା ହିଁ ହେଉଛି ସମସ୍ୟା । ଏହି ସରକାରଙ୍କ ପାଇଁ ଏହାର ସମାଧାନ ସହଜ ନୁହେଁ, କାରଣ ଜଣେ ବ୍ୟକ୍ତିଙ୍କ କ୍ଷମତା ଉପରେ ଏହାର ସଫଳତା ନିର୍ଭର କରେ । ହେଲେ ବୁଝିବାକୁ ହେବ ଯେ, ଯାହା ବିଶ୍ୱାସ କରାଯାଉଥିଲା ଏହି ଅସାଧାରଣ କ୍ଷମତା ସେଭଳି କାମ କରିନାହିଁ । କିନ୍ତୁ ଏହା ଉପରେ ଅଯାଚିତ ଭାବେ ମତଦେବା ଜଣେ ସ୍ତମ୍ଭକାରଙ୍କ କାମ ଏବଂ ସଙ୍କଟ ସମୟରେ ବିଶେଷକରି ଆମେ ମିଳିତ ଭାବେ କଠିନ ପରିଶ୍ରମ କରିବା ଦରକାର । ସମସ୍ୟାର ମୂଳରେ ରହିଛି ଗୋଟିଏ ସରଳ କଥା, ଯାହା ଏବେ ସ୍ପଷ୍ଟ ହୋଇଛି । ଆମ ପ୍ରଧାନମନ୍ତ୍ରୀ ବ୍ୟକ୍ତିଗତ କୂଟନୀତିରେ ଏତେ ଭଲ ନୁହନ୍ତି । ବ୍ୟକ୍ତିଗତ କୂଟନୀତି କାମ କରିଛି କି ନାହିଁ ତାହା ଏଠାରେ ବଡ଼ କଥା ନୁହେଁ । କିନ୍ତୁ ପରିସ୍ଥିତିକୁ ନେଇ ଏହା ଉପଯୋଗୀ ହୋଇପାରେ । ରିଚାର୍ଡ ନିକ୍ସନ ଏବଂ ହେନେରୀ କିସିଙ୍ଗର ଆମେରିକା ସମର୍ଥନରେ ଚାଇନାକୁ ଆଣିବାକୁ ବ୍ୟବହାର କରିଥିଲେ ଏବଂ ମାଓଙ୍କୁ ସୋଭିଏତ୍ ସହ ମେଣ୍ଟ କରିବାରୁ ବିରତ କରିଥିଲେ । ପାକିସ୍ତାନ ପ୍ରଧାନମନ୍ତ୍ରୀ ଜୁଲ୍‌ଫିକର ଅଲି ଭୁଟ୍ଟୋ ବିଦେଶର ଉଚ୍ଚପଦସ୍ଥ ବ୍ୟକ୍ତିଙ୍କୁ ଯେତେବେଳେ ଆତିଥେୟତା ପ୍ରଦାନ କରନ୍ତି, ସେତେବେଳେ ସେ ବ୍ୟକ୍ତିଗତ ଭାବେ ସେମାନଙ୍କୁ ପାଛୋଟି ଆଣିବା ସକାଶେ ବିମାନବନ୍ଦରରେ ଉପସ୍ଥିତ ହୋଇଥାନ୍ତି । ତାଙ୍କର ଏଭଳି କାର୍ଯ୍ୟକୁ ମନେପକାଇ ପାକିସ୍ତାନର ପୂର୍ବତନ କୂଟନୀତିଜ୍ଞ ଇକ୍‌ବାଲ ଅଖୁନ୍ଦ ଓ ଲେଖକ ରଫି ରାଜା ଲେଖିଛନ୍ତି ଯେ, ଏଥିରୁ ବେଳେ ବେଳେ ସକାରାତ୍ମକ ପରିଣାମ ମିଳିଛି । ତେବେ ଆମେ ଏଠି ତାହା କରୁନାହୁଁ । ଗଲୱାନ ଘାଟିରେ ଯେତେବେଳେ ସଂଘର୍ଷ ଘଟିଲା, ସେତେବେଳେ ପ୍ରଧାନମନ୍ତ୍ରୀ ଉତ୍ସାହିତ କରି ଆସିଥିବା ଏକ ପାରସ୍ପରିକ ବନ୍ଧୁତ୍ୱ ତଥା ବିଶ୍ୱାସର ପତନ ଘଟିଲା । ସେପ୍ଟେମ୍ବର ୨୦୧୪ରେ, ସେ ଚାଇନା ସହ ଦ୍ୱିପାକ୍ଷିକ ସମ୍ପର୍କକୁ ଦର୍ଶାଇବା ଲାଗି କରିଥିଲେ– ଏହି ସମ୍ପର୍କ 'ଇଞ୍ଚ'(ଆଇଏନ୍‌ସିଏଚ୍– ଇଣ୍ଡିଆ ଓ ଚାଇନା ସୂଚିତ କରେ)ରୁ 'ମାଇଲ୍ସ' ମିଲେନିୟମ ଅଫ୍ ଏକ୍ସେପସନାଲ ସିନର୍ଜି) ଆଡ଼କୁ ଆଗଉଛି । ୨୦୧୪ରେ ଯେଉଁ ରିପୋର୍ଟ ଏହାକୁ ସାମ୍ନାକୁ ଆଣିଥିଲା ତାହାର ଶେଷ ପାରାରେ ଉଲ୍ଲେଖ ରହିଥିଲା, ''ଲେହର ସ୍ଥାନୀୟ ଅଧିକାରୀମାନେ ଦାବି କରିଛନ୍ତି ଯେ, ଚାଇନାର ଲୋକେ ସରକାରୀ ଗାଡ଼ିରେ ଲଦାଖର ଡେମଚୋକର ଏକ ଅଞ୍ଚଳରେ ପ୍ରବେଶ କରିଥିଲେ ଏବଂ ସେଠାରେ ଏକ ଜଳସେଚନ ପ୍ରକଳ୍ପରେ କାମ କରୁଥିବା ଲୋକଙ୍କୁ ବାଧା ଦେଉଥିଲେ । ବିବାଦୀୟ ସୀମାକୁ ନେଇ ମୋଦି ଏବଂ ଶି'ଙ୍କ ମଧ୍ୟରେ ଆଲୋଚନା ହେବା ଦରକାର ।''

୨୦୨୦ରେ ଗଲୱାନରେ ସଂଘର୍ଷ ଘଟିବା ପୂର୍ବରୁ ମୋଦି ୧୮ ଥର ଶି'ଙ୍କୁ ଭେଟିଥିଲେ । କିନ୍ତୁ ସୀମା ବିବାଦ ସମ୍ପର୍କରେ ଆଲୋଚନା କରି ନ ଥିଲେ । ଏହା ଆମ ବିଫଳତା ଥିଲା । ଶେଷରେ ତାଙ୍କ ପଦକ୍ଷେପଗୁଡ଼ିକର ପ୍ରତିକ୍ରୀୟା ମଧ୍ୟ ବ୍ୟକ୍ତିଗତ ଥିଲା । ଗଲୱାନ ସଂଘର୍ଷ ପରେ ଏଯାବତ୍ ଶି'ଙ୍କୁ ସାକ୍ଷାତ କରିବା ପାଇଁ ମୋଦି ଚାହିଁ ନାହାନ୍ତି । ଏବେ ଟ୍ରମ୍ପ କାହିଁକି ଭାରତକୁ ନିର୍ଯାତନା ଦେଇଛନ୍ତି ସେ ବିଷୟରେ ଆମ କୂଟନୀତିଜ୍ଞମାନେ ନିଶ୍ଚିତ ନୁହନ୍ତି । ଅତୀତରେ ଏକ ଉଦାହରଣ ଦେଖିବା । ଟ୍ରମ୍ପଙ୍କ ପ୍ରଥମ ପାଳିରେ ଇରାନଠାରୁ ତେଲ କିଣିବା ବନ୍ଦ କରିବା ପାଇଁ ସେ ଭାରତ ଉପରେ ଚାପ ପକାଇଥିଲେ । ଆମେ ଅଭିଯୋଗ କରିଥିଲୁ, ଆମ ରିଫାଇନେରିଗୁଡ଼ିକ ଇରାନ ଅଶୋଧିତ ତେଲ ପାଇଁ ଠିକ୍ । ତେବେ ଇରାନ ଉପରେ ଟ୍ରମ୍ପ ପ୍ରଶାସନର ଅପରେଶନକୁ ନେଇ ଜାତିସଂଘର କୌଣସି କଟକଣା ନ ଥିଲେ ମଧ୍ୟ ପରେ ଆମେ ଟ୍ରମ୍ପଙ୍କ କଥା ମାନିନେଲୁ ।

ଟାରିଫ୍‌କୁ ନେଇ ଟ୍ରମ୍ପ କାହିଁକି ଆମ ପ୍ରତି କଠୋର ମନୋଭାବ ପ୍ରଦର୍ଶନ କରିଛନ୍ତି ତାହା ସହଜରେ ବୁଝି ହେଉଛି । ଦେଖିବାକୁ ଗଲେ ଭାରତ–ପାକିସ୍ତାନ ଯୁଦ୍ଧ ସମାପ୍ତ କରିବାରେ ତାଙ୍କ ଭୂମିକାକୁ ଭାରତ ଗ୍ରହଣ କରି ନ ଥିବାରୁ ସେ ଏଭଳି ପଦକ୍ଷେପ ନେଇନାହାନ୍ତି । ଉତ୍ପୀଡ଼କ ସବୁବେଳେ ସମସ୍ତଙ୍କ ସହ ଲଢ଼େଇ କରିବାକୁ ଚାହେଁନାହିଁ । ସେ ସାଧାରଣରେ ନିଜକୁ ଏକ ସ୍ୱତନ୍ତ୍ର ଭାବେ ଉପସ୍ଥାପିତ କରେ ଏବଂ ଅନ୍ୟମାନେ ବିନା ଯୁଦ୍ଧରେ ତା' ଆଜ୍ଞା ପାଳନ କରନ୍ତୁ ବୋଲି ଚାହେଁ । ଏବେ ବିଶ୍ୱ ସାମ୍ନାରେ ତାହା ହିଁ ଘଟିଛି । ହ୍ୟୁଷ୍ଟନ ଓ ଅହମଦାବାଦରେ ଟ୍ରମ୍ପଙ୍କ ପାଇଁ ବିଶାଳ ରାଲି ଆମକୁ ଏହି ଉତ୍ପୀଡ଼ନରୁ ରକ୍ଷା କରିପାରିଲା ନାହିଁ । କାରଣ ଟ୍ରମ୍ପ ଜଣେ ସ୍ୱାର୍ଥପର ଉତ୍ପୀଡ଼କ । ସେ ଆରମ୍ଭରୁ ଶେଷଯାଏ ତାଙ୍କ ସ୍ୱାର୍ଥ ଦେଖନ୍ତି । ତାହା ହିଁ ତାଙ୍କ ଚରିତ୍ର । ଏହା ଆମର ତ୍ରୁଟି ଯେ, ଟ୍ରମ୍ପଙ୍କ ସହ ଆମର ତଥାକଥିତ ନିବିଡ଼ତା ଥିବା ସତ୍ତ୍ୱେ ଶି'ଙ୍କ କ୍ଷେତ୍ରରେ ଯାହା ଘଟିଥିଲା ତାହାକୁ ଆମେ ବୁଝିପାରିଲୁ ନାହିଁ । ସେତେବେଳେ ଆମେ ଯାହାଥିଲୁ ଏବେ ସେହି ସ୍ତରରେ ରହିଛୁ ବୋଲି ଯଦି ଆମେ ବୁଝିଥାଆନ୍ତୁ ତେବେ ଆମେ ଏହାକୁ ସୁଧାରି ନେଇଥାଆନ୍ତୁ । କିନ୍ତୁ ରେକର୍ଡକୁ ଦେଖିଲେ, ଆମେ ୨୦୧୪ରୁ ଆପଣାଇଥିବା ଧାରାକୁ ଜାରି ରଖିଛୁ ଓ ଆଗକୁ ଏହାକୁ ଆପଣାଇବାର ଅଧିକ ସମ୍ଭାବନା ରହିଛି ।

Email:aakar.patel@gmail.com

# କୁଢ଼ିଆ କରେକି କ୍ଷେତର ଜୟଗାନ



ଡ. ସାରଦା ପ୍ରସାଦ କର

ବାସି ଆଣରେ ସୋରିଷ ତେଲ, ପିଆଜ, ଭୃରୁଶୁଙ୍ଗ ପତ୍ର ପକା ଚକୁଳି ତୁଳନାରେ ପିଜା–ବର୍ଗର ବେଶି ସ୍ୱାସ୍ଥ୍ୟକର ବୋଲି କେହି ଛାତିରେ ହାତ ରଖି କହିପାରିବେନି । ତଥାପି ଭିଡ଼ ଲାଗିଛି । ସେବା କ୍ଷେତ୍ରକୁ ବିଦେଶୀ କମ୍ପାନୀ ଦୌଡ଼ି ଆସୁଛନ୍ତି । ଜମାଟୋ, ସ୍ୱିଗୀ, ଇଟ୍ କ୍ଲବ, କେଏଫ୍‌ସି କମ୍ପାନୀଙ୍କ ଦୋକାନ ଆଡ଼କୁ ତୀର ଚିହ୍ନ ମାରି ଚିହ୍ନେଇ ଦେବାଦିନରୁ କାହା ଘରକୁ ରୁଟି ପିଠା ଖଣ୍ଡେ ମାଗିବାକୁ କୁଆ ଯାଉନି । ବିଦେଶୀ ବିତରକ ଡିଏଚ୍‌ଏଲ୍, ଫେଡ୍ ଏକ୍ସ, ୟୁପିଏସ୍ ପରି ଖାଦ୍ୟ ବଣ୍ଟାଳି ଘରକୁ ଆସୁଛନ୍ତି । ବିଦେଶୀ ଅତିଥିଙ୍କୁ ଘରେ ବସେଇ ମନମୋହନ ସିଂହଙ୍କ ବଜାରୀକରଣ ପ୍ରଭାବ କହି ଆମ ହାଣ୍ଡିଶାଳ ତାତି କମେଇ ସାରିଲେଣି ।

ଧୂପକାଠି, ସାବୁନ, ଜିଲେଟ ଖିଅର ବ୍ଲେଡ, ପାଣ୍ଟିନ, ହେଡ୍ ଆଣ୍ଡ ସୋଲଡର ଶାମ୍ପୁ, ଭିକ୍ସ, ଓରାଲ–ବି ଦାନ୍ତ ମଞ୍ଜନ ତଥା ବ୍ରଶ ଆଦି ଆମେରିକାର ପ୍ରୋକ୍ଟର ଆଣ୍ଡ ଗେମଲ ନାମରେ ଭାରତୀୟ ସାମଗ୍ରୀକୁ ତା' ନିଜ ମାଟିରେ ଚିତପଟାଙ୍ଗ କରିଛି । ଗହମ, ବାର୍ଲି, କ୍ଷୀର ପ୍ରସ୍ତୁତ ୧୮୭୩ରୁ ବ୍ରିଟିଶର ହର୍ଲିକ୍ସକୁ ଆମେ ସ୍ୱାସ୍ଥ୍ୟ ଅନୁକୂଳ ଖାଦ୍ୟ ହିସାବରେ ତାଲିକାଭୁକ୍ତ କରିଛୁ । ଖଦି ଉତ୍ପାଦନରେ ଆମେ ଆଗୁଆ । ଉକ୍ତ ଶିଳ୍ପରେ ସାମିଲ କାରିଗର ଆୟରେ ପଛୁଆ । ଖଦି ବୋର୍ଡ ଜରିଆରେ ବର୍ଷସାରା ରିହାତି ଦେଖେଇ ବିକ୍ରି ବଢ଼େଇବାକୁ ଚାହୁଁଥିବା ସରକାର ଏବେ ଆମ୍ବାସାଡର ନିଯୁକ୍ତ କରି ବେପାର ଆଶାୟୀ । ଉତ୍ପାଦକ କି ବିକ୍ରେତା ଜିଏସ୍‌ଟି ମୁକ୍ତ । ହେଲେ ହଜାରେ ଟଙ୍କାର ବସ୍ତ୍ରଟେ କିଣିଲେ ଗରାଖ ଉପରେ ରାଜ୍ୟ ଜିଏସ୍‌ଟି ୬ ପ୍ରତିଶତ ଆଉ କେନ୍ଦ୍ର ଜିଏସ୍‌ଟି ୬ ପ୍ରତିଶତ । ସରକାର କହିବେ ମୁଁ ପରା ରିହାତି ଦଉଛି, ପାର୍ବଣ ଋତୁରେ ଦଶ ପ୍ରତିଶତ ଅଧିକ । ଦକ୍ଷିଣକୋରିଆ, ଜାପାନ, ଫ୍ରାନ୍ସ, ୟୁରୋପରୁ ଆମଦାନୀ ଉଲ୍ ଖଦି, ସିଲ୍କ ଖଦି, ମୁସଲିନ ଖଦି ଆମ ଦେଶର ବଡ଼ବଡ଼ିଆଙ୍କ ଦେହ ମଣ୍ଡନ କରୁଥିବା ବେଳେ ସାଧାରଣଙ୍କୁ ସପ୍ତାହକୁ ଦୁଇଦିନ ପ୍ରାନ୍ତୀୟ ପ୍ରସ୍ତୁତ ଖଦି ପିନ୍ଧିବା ନିବେଦନ କରିବା କେତେ ଯଥାର୍ଥ ? 'ମହତେ ଯାହା ଆଚରିବେ ଜଗତ ସେ ପଥେ ଗମିବେ' ନ୍ୟାୟରେ ଗୁଣୀଜନ ପରା ଆମକୁ ଲକ୍ଷେହୀରା ରୂପଜୀବୀ ପଛରେ ଗମିବା ଶିଖେଇଲେ । କେଏଫ୍‌ସି, କିଟ୍‌କାଟ୍, ନେସକେଫ, ମ୍ୟାଗି, ଡାନନ, ମଣ୍ଡେଲ୍‌ସ ଆଦି ଲକ୍ଷେହୀରାଙ୍କ କୋଠରି ପ୍ରବେଶ କଳାପରେ ଯାହା ନଉଛ ନିଅ ଆମକ ସୁଖ ଦିଅ ।

ଉତ୍ସାହିତ ହୋଇ ଗଣତନ୍ତ୍ର ଦିବସରେ ସରକାର କହିଦେଲେ ଯେ ଦେଶର ଚାଷୀ ପାଇଁ ସାର ମହଜୁଦ ଅଛି । ସତକଥା ହେଲା ବିହନ ଆଉ ସାରର ଘୋର ଅଭାବ । କାନାଡ଼ା(ପଟାସ), ମରକ୍କୋ(ଫସ୍‌ଫେଟ), ରୁଷିଆ(ନାଇଟ୍ରୋଜେନ, ପଟାସ), କ୍ୱାତାର (ୟୁରିଆ), ୟୁଏଇ (ନାଇଟ୍ରୋଜେନ) ସାର ଦେଲେ ଦେଶ ଶସ୍ୟଶ୍ୟାମଳା ହବ । ଆମେ ଦେଶରେ ଉତ୍ପାଦନ ନ କରି ଗୋଦାମ ଖୋଲି ବିଦେଶାଗତକୁ ଅନେଇଛୁ । ଉତ୍ପାଦନକ୍ଷମ ତାଳଚେର ଫସ୍‌ଫେଟ କାରଖାନାକୁ ନ ଚଳାଇ ଚାଷୀଙ୍କୁ କହୁଛୁ ସାର ଅଭାବ ନାହିଁ । ଆମ ବିଷ ପ୍ରଭାବୀ ନ ହେବାରୁ କୀଟନାଶକ ଆସିବ ଭିଏତ୍‌ନାମ, ୟୁଏଇ, ଆମେରିକାରୁ । ଅଷ୍ଟ୍ରେଲିଆ, ଚିଲି, ଆମେରିକା, ଥାଇଲାଣ୍ଡ, ଦକ୍ଷିଣକୋରିଆ, ଚାଇନା, ଜାପାନ, ଜର୍ମାନୀରୁ ହାଇବ୍ରିଡ ବିହନ ଆଣୁଛୁ, ପୁଣି ଆମେରିକା, ଚାଇନା, ଜାପାନ, ଇଟାଲୀରୁ ଟ୍ରାକ୍ଟର ଯନ୍ତ୍ରାଂଶ ଆଣୁଛୁ । ମିଛିମିଛିକା ଅନ୍ନଦାତା କିନ୍ତୁ ବଡ଼ ଲାଭ ଖାଉଥିବା ଚାଷୀ(କାର୍ଗିଲ ଇଙ୍କ୍, ଲୁଇସ ଡ୍ରିଫସ ଭଳି ବହୁରାଷ୍ଟ୍ରୀୟ କମ୍ପାନୀ), ତା' ଥଇଥାନ ଆକାଉଣ୍ଟକୁ ଶହ ଶହ କୋଟି ଟଙ୍କା ଆଉ ମାଗଣା ଜମି ଦିଆଯାଉଛି । ତେବେ ସେ ଚରୁଥିବା ଯାଏ 'ଜୟ ସରକାର' ବୋଲି କହୁଥିବ ।

ଓଡ଼ିଶାରୁ ବେଲ, ପଣସ ଆଉ ତାଳସଜ ଦୁବାଇ ମାର୍କେଟରେ ଡେଉଁଛି । ଭୁବନେଶ୍ୱର ମାର୍କେଟରେ ତାଳସଜ ଖୋସା ଗୋଟାକ ଦଶଟଙ୍କା । ଆମ ଦେଶୀ ବାଡ଼ି ଫଳକୁ ବିଦେଶକୁ ବାଟ କଢ଼େଇ ସରକାର ଭଲ ଦୁଇ ପଇସା ପାଇଲେ । ରପ୍ତାନି କଳାବାଲା ପାଣ୍ଠି ପାଇ ସେଟ୍ ହେଲା, ହେଲେ ଯାହା ବାଡ଼ିର ତାଳସଜ ସେ ସେଟ୍ ହୋଇପାରିଲା କି ? ବିଶ୍ୱର ବୃହତ୍ତମ ମଣ୍ଡି ଭାରତ ହବାରେ ମଧ୍ୟମ ମାନର ଖାଇ ହେଲାଭଳି ଚାଉଳ କିଲୋ ପ୍ରତି ଷାଠିଏ ଟଙ୍କା, ଡାଲି କିଲୋ ପ୍ରତି ଦେଢ଼ ଶହ । କଫି ବୋର୍ଡ ଅଫ୍ ଇଣ୍ଡିଆଙ୍କ କହିବାନୁସାରେ ବର୍ଷ ୨୦୨୨ରୁ ଶହେ ଅଠରଟି ଦେଶକୁ କଫି ରପ୍ତାନି ଅନୁମତି ପ୍ରାପ୍ତ ହୋଇଛି । ଭଲ ଖବର ହେଲା ଓଡ଼ିଶାର କୋରାପୁଟ ଜିଲାରେ ଏବେ ଉଚ୍ଚ ମାନର କଫି ଉତ୍ପାଦନ ହୋଇ ମଧ୍ୟପ୍ରାଚ୍ୟ ଓ ୟୁରୋପୀୟ ବଜାରରେ ବିଦେଶୀଙ୍କ ରସନା ତୃପ୍ତି କରାଉଛି ।



ଦେଶୀ ଲୋକଙ୍କ ପାଟି ଗନ୍ଧିଆ । ଉତ୍ପାଦନ ବଢ଼ିଲେ ଯେ ଲୋକେ ଟିକେ ଶସ୍ତାରେ ପାଟି ସୁଆଦ କରିବେ ଏ କଥା ଆମ ଦେଶରେ ମିଛ । ସରକାରଙ୍କଠାରୁ ୫୦୦ ଏକର ଜାଗା ଲିଜ ନେଇ କଫି ଚାଷ କରିବାକୁ ଯିଏ ଆଗ୍ରହ ଦେଖେଇବ ସେ ସେହିଭଳି ନନ୍ଦସୂତ କହ୍ନେଇଟିଏ ହୋଇ ଜନ୍ମ ହୋଇଥିବ ।

କଶ୍ମୀର, ହିମାଚଳ ସେଓ ବିଦେଶ ମାଟିରେ ଆଡ୍ଡା ଜମେଇଲା ବେଳେ କଷି, ପାଣିଚିଆ, ବରଫ ବାଡିଆ ଆମ ବଜାରରେ ଲହଡି ଖାଉଛନ୍ତି । ଉତ୍ପାଦନ ବଳିବା ଆଖିକୁ ଦିଶୁଛି । ଆଉ ଦର ମଧ୍ୟ ସେହି ଅନୁପାତରେ ବଢ଼ିଛି । ଅର୍ଥନୀତିର ପରିଭାଷାରେ, ମୁଦ୍ରାସ୍ଫୀତି ଜାଗାରେ ଅପସ୍ଫୀତି ଅଧିକ କ୍ରିୟାଶୀଳ । କିଛି ଲୋକଙ୍କ କିଣାକିଣି ମନୋରଞ୍ଜନରେ ଆଉ ଥୋକେ ଦେଖିକି ଖୁସି । କୋରାପୁଟର କଫି, ନୟାଗଡ଼ର ମାଣ୍ଡିଆ ଆଉ କନ୍ଧମାଳ ହଳଦୀ ଚାଷରୁ ମାତ୍ର ଜଣେ ଭାଗ୍ୟବାନ ଚାଷୀ ଅନେକଙ୍କ ପାଇଁ ଉଦାହରଣ, ବାକି ସରକାରଙ୍କ ଉତ୍ସାହ ଦୁଇଗୁଣ । ଆଜି ଆମେରିକା ଆମ ଦ୍ରବ୍ୟକୁ ଟ୍ୟାକ୍ସ ଆଳରେ ନା କହିବାରେ ସରକାର ନୂଆ ଜାଗା ଖୋଜିଲେଣି । କମ୍ ମିଳୁପଛେ ବାହାରେ ଦେଲେ ବୈଦେଶିକ ମୁଦ୍ରା ବଢ଼ିବ, ଦେଶରେ ସାମାନ୍ୟ ଶସ୍ତାରେ ଦେଲେ ଲୋକଙ୍କ ପାଟିରେ ଲାଗିଯିବ । ଅର୍ଥନୀତିର ବିକଳ ଚିତ୍ର ଏଭଳି ଯେ ଅସମାନତା ରହିଲେ ଯାଇ ସରକାରଙ୍କ କବାଟ ବାଡ଼େଇ କିଛି ଲୋକ ହାତ ପାତିବେ ଆଉ ସରକାର ଦାତା ହେବେ । ଗୋଦରେଜ ଆଗ୍ରୋଭେଟ ପାମ ତେଲ, ପଶୁ ଖାଦ୍ୟ ଓ ଖାଦ୍ୟ ସୁରକ୍ଷା ନାମରେ ହଜାର ହଜାର ହେକ୍ଟର ବିଲ ମାଗଣା କବଜା କରି ଶୂନ୍ୟ ଟ୍ୟାକ୍ସର ସୁବିଧାରେ ଅୟସ କରୁଛି । ପୁଞ୍ଜିପତି କୃଷକ ହେଲେ ସେ କ'ଣ 'ଜୟ କିଷାନ' ତୁଣ୍ଡରେ ଧରିବ ?

ଲୁଚାଛପା ଅର୍ଥନୀତିର ଖେଳ ଭିତରେ ଆମେ ଟ୍ରିଲିଅନ ଅର୍ଥ ବ୍ୟବସ୍ଥାରେ ବିଶ୍ୱ ବୀର କହି ଆପଣା ଲୋକ ବିରୋଧରେ ଲଢ଼ି ଲହୁ ଲୁହାଣ । ତୁମ ବାଡ଼ିର ଆମ୍ବ ଆଉ ମୋ ବାଡ଼ିର ଆମ୍ବଡା ବିନିମୟରୁ ଖାଲି ସାମାଜିକ ସଦ୍ଭାବନା ବଢ଼େନି ପେଟବି ପୂରେ । ଅନ୍ୟଥା ମାନ୍ଦାବସ୍ଥାରୁ 'ଟ୍ରେଡ୍ ଡେଫିସିଟି' ବା ଅଭାବୀ ବାଣିଜ୍ୟର ଅସମାନତା ବଢ଼େ । ସେହି ଅଭାବୀ ବାଣିଜ୍ୟକୁ ଆଳକରି ଆମେରିକାର ଟାରିଫ ଛାଟ କୋଏମ୍ବାଟୁର, ତିରୁପୁରର କପଡା ସାହୁକାରଙ୍କ ପିଚା ଲାଲ କରିଲାଣି । ଦେଶୀ ଲୋକଙ୍କ ପାଇଁ ସିନ୍ଥେଟିକ ଆଉ ହାତବୁଣା କପଡ଼ା ଉପରେ ଅଠର ପ୍ରତିଶତ ଜିଏସ୍‌ଟି ଲଗେଇ ବିଦେଶକୁ ସୁଲଭ ଯୋଗାଣ, ଆଜି ଗୋଟେ ମାନ୍ଦାବସ୍ଥାରୁ ଆମେ କ'ଣ ଶିଖିଲେ ? ବୈଦେଶିକ ମୁଦ୍ରା ଅର୍ଜନ ପାଇଁ ମଧ୍ୟ ଦେଶୀ ଅର୍ଥ ବ୍ୟବସ୍ଥାରେ ସ୍ଥିରତା ଆଣିବା ଜରୁରୀ, ଉତ୍ପାଦନ ମନସ୍କ ହେବା ମୌଳିକ ଦାୟିତ୍ୱ । ବିଲ ମୁଣ୍ଡକୁ ଯାଇ ମାଟି ଚୋଟେ ହାଣି ନ ଥିବା ଲୋକ ଯଦି ମାଗଣା ପାଇ କୁଢ଼ିଆ ହେଲା ତେବେ ସେ କାହିଁକି 'ସରକାର କୀ ଜୟ' ନ କହି କ୍ଷେତର ଜୟଗାନ କରିବ !

ଡାକବଙ୍ଗଳା ଛକ, ଭୁବନେଶ୍ୱର
ମୋ: ୮୨୪୯୮୨୭୧୪୮

# ସୁଯୋଗ ଓ ସର୍ବନିମ୍ନତାର ସଙ୍ଗମ



ଡ. ସନ୍ତୋଷ କୁମାର ବିଶ୍ୱାଳ

ସୁଜଳ– ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍ ମିଶନ (ନଗର ଜଳ ଯୋଗାଣ) ଓଡ଼ିଶାରେ ପୁରୀ ପରି ସହରଗୁଡ଼ିକୁ ଲକ୍ଷ୍ୟ କରି ଶତ ପ୍ରତିଶତ ଟ୍ୟାପ୍ ଜଳ ଯୋଗାଣକୁ ନିଶ୍ଚିତ କରିବାକୁ ପ୍ରୟାସରତ । ପୁରୀ ଦେଶର ପ୍ରଥମ ସହର, ଯେଉଁଠାରେ ଏହାକୁ ସାଧିତ କରାଯାଇଛି, ଯାହା ଲୋକଙ୍କ ସ୍ୱାସ୍ଥ୍ୟର ସୁଧାର ଏବଂ ପ୍ଲାଷ୍ଟିକ ବ୍ୟବହାର କମାଇବାରେ ସାହାଯ୍ୟ କରୁଛି । ଓଡ଼ିଶା ମିଲେଟ ମିଶନ ଉତ୍ତମ ପୋଷଣ, ଜଳବାୟୁ ସହିଷ୍ଣୁ କୃଷି ପ୍ରଣାଳୀ ଓ ଆଦିବାସୀ ଚାଷୀଙ୍କ ଆୟ ବୃଦ୍ଧିରେ ସାହାଯ୍ୟ କରୁଛି । ବିପଦ ପ୍ରସ୍ତୁତିରେ ଓଡ଼ିଶା ପୂର୍ବ ସତର୍କତାମୂଳକ ସ୍ଥାନାନ୍ତରଣ ଏବଂ ସମୁଦାୟ ନେତୃତ୍ୱଭିତ୍ତିକ ଉଦ୍ଧାରଣ ପ୍ରଣାଳୀ ମାଧ୍ୟମରେ ହଜାର ହଜାର ପ୍ରାଣ ରକ୍ଷା କରି ୟୁ.ଏନ୍. ଦ୍ୱାରା ଅଭିନନ୍ଦିତ ବିଶ୍ୱସ୍ତରୀୟ ବିପଦ ପ୍ରବନ୍ଧନର ଆଦର୍ଶ ହୋଇଛି ।

ଓଡ଼ିଶା ଭଳି ଅନ୍ୟ ରାଜ୍ୟରେ ମଧ୍ୟ ଏହିପରି କିଛି ଉଦାହରଣ ମିଳେ । ତାମିଲନାଡୁର ଔରୋଭିଲ୍ରେ ସ୍ଥାପିତ ଇକୋ ଫେମ ସଂସ୍ଥା ଜୈବିକ ବସ୍ତ୍ର, ମାସିକ ନାପ୍‌କିନ ଉତ୍ପାଦନ କରୁଛି, ଯାହା ପରିବେଶ ସହଯୋଗୀ, ଶସ୍ତା ଓ ଦୀର୍ଘକାଳୀନ । ଆନ୍ଧ୍ରପ୍ରଦେଶର ଆଦିବାସୀ ଚାଷୀମାନଙ୍କ ଉଦ୍ୟମରୁ ଆରମ୍ଭ ହୋଇଥିବା ଏକ ଜୈବିକ କଫି ବ୍ରାଣ୍ଡ 'ଆରକୁ କଫି', ଯେଉଁଥିରେ ସେମାନେ ଜୈବିକ କଫି ଚାଷ କରି ମଧ୍ୟସ୍ଥଙ୍କର ଶୋଷଣରୁ ମୁକ୍ତି ପାଇଛନ୍ତି । ରାଜସ୍ଥାନର ତିଲୋନିଆ ଅଞ୍ଚଳର ବେୟାରଫୁଟ କଲେଜ, ଗ୍ରାମୀଣ ମହିଳା ଏବଂ ଅନେକ ଅର୍ଦ୍ଧଶିକ୍ଷିତଙ୍କୁ ମଧ୍ୟ ସୌର ଇଞ୍ଜିନିୟର, ସ୍ୱାସ୍ଥ୍ୟକର୍ମୀ ବା ଶିଳ୍ପୀ ଭାବରେ ପ୍ରଶିକ୍ଷଣ ଦେଉଛି । ଏହି ଉଦ୍ୟମଗୁଡ଼ିକ ବିପଦ ସମୟରେ ସର୍ବନିମ୍ନ ଚେତନା ଅନୁସରଣ କରି ସ୍ୱଳ୍ପ ସାଧନରେ ତ୍ୱରିତ, କ୍ଷମତାଶୀଳ ଓ ଖର୍ଚ୍ଚକ୍ଷମ ଉତ୍ପାଦନ ମାଧ୍ୟମରେ ଅପୂର୍ବ ପ୍ରତିଯୋଗିତାତ୍ମକ ସୁଯୋଗ ସୃଷ୍ଟି କରିଛି ।

ଜଣେ ସର୍ବନିମ୍ନବାଦୀ ହେବାର ଅନ୍ୱେଷଣ ଏବେ ଏକ କଳ୍ପନା ନୁହେଁ । ଆଜିର ଓଡ଼ିଶା ଓ ଭାରତରେ ଯେଉଁଠାରେ ଲୋକ ମାନସିକତା ଉପଭୋକ୍ତାବାଦ, ଡିଜିଟାଲ ପରିପୂର୍ଣ୍ଣତା ଓ ନିରନ୍ତର ଅନୁସନ୍ଧାନ ଦ୍ୱାରା ପରିଚାଳିତ, ସେଠି ସର୍ବନିମ୍ନବାଦ ଏକ ବ୍ୟାବହାରିକ ବିକଳ୍ପ । ସର୍ବନିମ୍ନବାଦତାକୁ ଅଭାବ, କଠୋରତା କିମ୍ବା ପ୍ରତ୍ୟାଖ୍ୟାନ ଭାବରେ ଭୁଲ୍ ଭାବେ ବ୍ୟାଖ୍ୟା କରାଯାଇଛି । ତଥାପି ଆମେ ଭାରତୀୟ ପରିପ୍ରେକ୍ଷିତରେ ଏହା କେବଳ ପଶ୍ଚିମ ଦେଶରୁ ଆସିଥିବା ଜୀବନଶୈଳୀ ନୁହେଁ, ଏହା ଧନୀମାନଙ୍କ ଏକ ବିଶେଷାଧିକାର ନୁହେଁ । ଏହା ବିପଦ ମାଧ୍ୟମରେ ଉଦ୍ଭବିତ, ଧୈର୍ଯ୍ୟ ମାଧ୍ୟମରେ ବିକଶିତ ଏବଂ ଲାଭ ଭାବେ ପରିଣତ ଏକ ସାମୂହିକ ପରମ୍ପରା ।

ଓଡ଼ିଶାରେ ସର୍ବନିମ୍ନତାକୁ କେବେ ବି ଶୂନ୍ୟତା ବିଷୟରେ ନଥିଲା, ଏହା ସଦା ଜୀବନର ଏକ ପ୍ରଣାଳୀ ରହିଛି । ପିଢ଼ି ପିଢ଼ି ଧରି ଭାରତୀୟ ପରିବାରଗୁଡ଼ିକ ନିଜ ସାଧନ ସମ୍ପତ୍ତିରେ ସୀମିତ ରହି ବଞ୍ଚିଛନ୍ତି । ଅଭାବରେ ଲୋକମାନେ ସାଧନକୁ ସମ୍ପ୍ରସାରିତ କରିବାକୁ ଏବଂ ସୃଜନଶୀଳ ଉପାୟ ମାଧ୍ୟମରେ ପ୍ରତିଷ୍ଠା କରିଥିଲେ । ପ୍ରତିକୂଳତା, ସୁବିଧା ଓ ସର୍ବନିମ୍ନତାର (ମିନିମାଲିଜିମ) ସଂଧିସ୍ଥଳକୁ ଖୋଜିବା ନୂଆ ଦୃଷ୍ଟିକୋଣ ଦେଇଥାଏ । ବିପଦ କେବଳ ଏକ ପରିସ୍ଥିତି ନୁହେଁ, ଏହା ଏକ ଶିକ୍ଷକ । ବିପଦ ଜୀବନକୁ ଆବଶ୍ୟକତାମୂଳକ ମୂଳଭିତ୍ତିରେ ବଂଚିବାକୁ ଶିଖାଏ । ପ୍ରତିକୂଳ ପରିସ୍ଥିତିରେ ଘଟୁଥିବା ସର୍ବନିମ୍ନବାଦର ଉଦ୍ଭବ କେବଳ ବଞ୍ଚିତ ହେବା ବିଷୟରେ ନୁହେଁ, ବରଂ ଏହା ସ୍ୱଚ୍ଛତା ଆଣିଥାଏ । ଯେତେବେଳେ ଲୋକମାନେ ନିଜକୁ ପ୍ରାଥମିକତାରେ ସୀମିତ କରନ୍ତି, ସେମାନେ କେବଳ ବଞ୍ଚୁନାହିଁ ବରଂ ସମୃଦ୍ଧ ହେଉଛନ୍ତି, ତାହା ହେଉଛି ନୂତନ ଗ୍ରହଣ ।



ଉପନିଷଦରେ ପ୍ରାଚୀନ ଗ୍ରନ୍ଥରୁ ଆରମ୍ଭ କରି ଗାନ୍ଧୀବାଦୀ ଚିନ୍ତାଧାରା ପର୍ଯ୍ୟନ୍ତ ଓଡ଼ିଶା ସମେତ ଭାରତର ଦାର୍ଶନିକ ପରମ୍ପରା ସହିତ ମଧ୍ୟ ସର୍ବନିମ୍ନବାଦର ଦୃଢ଼ ସମ୍ପର୍କ ରହିଛି । ବାସ୍ତବରେ ସହରୀୟ ମଧ୍ୟବର୍ଗୀୟ ଭାରତୀୟମାନେ ବର୍ତ୍ତମାନ ଏକ ଭିନ୍ନ ଦୃଷ୍ଟିକୋଣରୁ ସର୍ବନିମ୍ନବାଦର ଲାଭକୁ ସ୍ୱୀକାର କରୁଛନ୍ତି । ଏଠାରେ ପ୍ରତିକୂଳ ପରିସ୍ଥିତି ଆର୍ଥିକ ସଙ୍କଟ ନୁହେଁ ବରଂ ସମୟର ଅଭାବ କିମ୍ବା ଚାପ କିମ୍ବା ଡିଜିଟାଲ ଓଭରଲୋଡ । ସହରୀୟ ପ୍ରସଙ୍ଗରେ ସର୍ବନିମ୍ନବାଦ ଅର୍ଥ ଅଧିକ ପୋଶାକୁ ମୁକ୍ତି, ସ୍କ୍ରିନ ସମୟ କମାଇବା ଏବଂ ଉପରେ ମାନସିକ ସୁସ୍ଥତାକୁ ଉନ୍ନତ କରିବା ।

ଏହା ବର୍ତ୍ତମାନ ପ୍ରତିକୂଳ ପରିସ୍ଥିତି ପାଇଁ ଏକ ଅନୁକୂଳତା । ତଥାପି ଏହା ଏକ ଭିନ୍ନ ପ୍ରକାରର । ଅଧିକନ୍ତୁ, ଅତି ଉପଭୋକ୍ତା ଯୁଗରେ ଏକ ସର୍ବନିମ୍ନବାଦୀ ହେବାର ଲାଭ ହେଉଛି ଉନ୍ନତ ଯାନ, ସୁସ୍ଥ ସମ୍ପର୍କ ଏବଂ ପୁନଃ ସଂଯୋଜିତ ସଂସ୍ଥା । ଓଡ଼ିଶାର ଦାର୍ଶନିକ ପରମ୍ପରା ସହିତ ମଧ୍ୟ ସର୍ବନିମ୍ନବାଦର ଦୃଢ଼ ସମ୍ପର୍କ ରହିଛି । ଉପନିଷଦରେ ପ୍ରାଚୀନ ସନ୍ଦର୍ଭ ଠାରୁ ଆରମ୍ଭ କରି ଗାନ୍ଧୀଙ୍କ ଦ୍ୱାରା ଧାରଣ କରାଯାଇଥିବା ଆଦର୍ଶ ପର୍ଯ୍ୟନ୍ତ ସରଳତା, ସଂଯମ ଏବଂ ଅଧ୍ୟୟନରତ ଉପଭୋଗର ମୂଳ ନୀତିଗୁଡ଼ିକ ପ୍ରମୁଖତା ବାଣ୍ଟିଥିଲା । ଅବଶ୍ୟ ଭାରତର ସହରାଞ୍ଚଳ ମଧ୍ୟମବର୍ଗ ବର୍ତ୍ତମାନ ଏକ ବିକଳ୍ପ ଦୃଷ୍ଟିକୋଣରୁ ସର୍ବନିମ୍ନବାଦର ଲାଭକୁ ସ୍ୱୀକାର କରୁଛନ୍ତି । ଏଠାରେ ପ୍ରତିକୂଳ ପରିସ୍ଥିତି ଆର୍ଥିକ ଅସୁବିଧା ନୁହେଁ ବରଂ ସମୟର ଅଭାବ କିମ୍ବା ଚାପ କିମ୍ବା ଡିଜିଟାଲ ଓଭରଲୋଡ୍‌ସ୍ । ଭାରତୀୟ ମହାନଗର ଏବଂ ସର୍ବନିମ୍ନତାର ଏବେ ପୋଷାକ ସଫା କରିବା, ସ୍କ୍ରିନ ସମୟ କମ କରିବା ଏବଂ ଭୌତିକ ପ୍ରଦର୍ଶନୀ ଅପେକ୍ଷା ମାନସିକ ସୁସ୍ଥତାକୁ ପ୍ରାଥମିକତା ଦେବା ।

ପରିବେଶ ସଙ୍କଟ ମଧ୍ୟ ଏକ ଉଦାହରଣ ପ୍ରଦାନ କରେ ଯେ, କିପରି ଏକ ମିତବ୍ୟୟିତା ଭିତ୍ତିକ ସର୍ବନିମ୍ନବାଦ ଭାରତକୁ ଏକ ସମ୍ପତ୍ତି ଭାବରେ ଅବସ୍ଥାପିତ କରେ । ଏହା ଆମକୁ ସେମାନଙ୍କର ଉପଭୋଗ ଅଭ୍ୟାସ ଉପରେ ପୁନଃ ବିଚାର କରିବାକୁ ପ୍ରେରିତ କରେ । ପରିଶେଷରେ ସର୍ବନିମ୍ନବାଦ, ପ୍ରତିକୂଳତା ଏବଂ ଏକ ସୁବିଧା ଓଡ଼ିଶାର ବର୍ଣ୍ଣନା ଚାରିପାଖରେ ଏକତ୍ର ହୁଏ । ଓଡ଼ିଶା ପାଇଁ ପରିସ୍ଥିତି ହେଉଛି ଏକ ଐତିହାସିକ ବାସ୍ତବତା, ତାହା ଉପନିବେଶବାଦର ଉତ୍ତୋଳନ, କ୍ରମାଗତ ଦାରିଦ୍ର୍ୟ କିମ୍ବା ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହେବା ମାଧ୍ୟମରେ ହେଉ । ସର୍ବନିମ୍ନବାଦ ହେଉଛି ସାଂସ୍କୃତିକ, ସମ୍ପ୍ରଦାୟ ଏବଂ ପାରିବାରିକ ସ୍ତରରେ ସର୍ବନିମ୍ନତାର ହେଉଛି ଅନୁକୂଳନର ଏକ ପ୍ରକାର ।

ଓଡ଼ିଶା ପାଇଁ ଏବଂ ସମଗ୍ର ଭାରତ ଲାଗି ଏବେ ପ୍ରଶ୍ନ ହେଉଛି ଯେ ଜଳବାୟୁ ପରିବର୍ତ୍ତନ, ଡିଜିଟାଲ ବିଭ୍ରାନ୍ତି ଏବଂ ଅସମାନତା ଭଳି ସମସାମୟିକ ପ୍ରତିକୂଳ ପରିସ୍ଥିତିରେ ଏହା ଏହି ମିନି ମାଲିଜିମର ଐତିହ୍ୟକୁ ଉପଯୋଗ କରିପାରିବ କି ? ଯଦି ସର୍ବନିମ୍ନବାଦକୁ ଗରିବଙ୍କ ଦାରିଦ୍ର୍ୟ ଆବଶ୍ୟକତା କିମ୍ବା ଏକ ଧନୀ ସୁବିଧାରେ ପରିଣତ କରାଯାଏ, ତେବେ ଏହା ନଷ୍ଟ ହୋଇଯିବ । ଯଦି ଏହାକୁ ଏକ ସାମୂହିକ ନୀତିରେ ରୂପାନ୍ତରିତ କରାଯାଇପାରିବ, ତେବେ ଏହା ଭାରତର ଅଭିବୃଦ୍ଧିକୁ ସମାନତା ସହିତ ପ୍ରଯୁକ୍ତିବିଦ୍ୟା, ମାନବତା ଏବଂ ବ୍ୟବହାରକୁ ସ୍ଥାୟିତ୍ୱ ସହିତ ଉପଭୋଗ କରିବାର ଭାରତର କ୍ଷମତାକୁ ମୁକ୍ତ କରିବା ପାଇଁ ଏହା ଏକ ପ୍ରକୃତ ଲାଭ ହୋଇପାରେ ।

ସହଯୋଗୀ ପ୍ରାଧ୍ୟାପକ,
ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ
ମୋ: ୮୩୩୧୮୧୪୫୮୨

## ଏଇ ଭାରତରେ

ମ୍ୟାନଗ୍ରୋଭ(ହେନ୍ତାଳବଣ)ର ସୁରକ୍ଷାରେ ଉପକୂଳର ରକ୍ଷା ହେବା ସହ ଜୈବ ବିବଧତାର ସଂରକ୍ଷଣ ହୋଇଥାଏ । ଏହି ସିଦ୍ଧାନ୍ତକୁ ଭଲ ଭାବେ ବୁଝିଛନ୍ତି କେରଳ କନ୍ନୁର ଜିଲାର ୫୮ ବର୍ଷୀୟ କଣ୍ଡଲ ରଞ୍ଜନ । ସେ ମାଛ ଧରି ପରିବାର ପ୍ରତିପୋଷଣ କରନ୍ତି । ଏହାରି ଭିତରୁ ସମୟ ବାହାର କରି ସେ ଗଛ ଲଗାଇ ଜୈବ ବିବିଧତାର ସୁରକ୍ଷା କରୁଛନ୍ତି । କଣ୍ଡଲ ହେଉଛି ମାଲାୟାଲମ ଶବ୍ଦ । ଏହାର ଅର୍ଥ ହେଉଛି ମ୍ୟାନ୍‌ଗ୍ରୋଭ । ତାଙ୍କ ନାମର ଯଥାର୍ଥତା ଦର୍ଶାଇଛନ୍ତି । ପାଝାୟାଣ୍ଡି ନଦୀ ତଟରେ ମ୍ୟାନଗ୍ରୋଭର ସୁରକ୍ଷାରେ ଲାଗିବା ସହ ମ୍ୟାନ୍‌ଗ୍ରୋଭ ଗଛ ଲଗାଉଛନ୍ତି । କେବଳ ଏତିକି ନୁହେଁ, ସେ ତାଙ୍କ ଘରେ ଏକ ନର୍ସରି କରିଛନ୍ତି, ଯେଉଁଠି ବିଭିନ୍ନ କିସମର ୨୫ ହଜାର ଚାରାଗଛ ଅଛି । ଏବେ ସୁଦ୍ଧା ସେ ଦେଢ଼ ଲକ୍ଷ ଗଛ ଲଗାଇ ସାରିଲେଣି । ଧାନଚାଷ କରିବା ପାଇଁ ସ୍ଥାନୀୟ ଲୋକମାନେ ମ୍ୟାନଗ୍ରୋଭକୁ ବେଶି ନଷ୍ଟ କରୁଥିବାରୁ ତାହାକୁ ବନ୍ଦ କରିବା ପାଇଁ ସେ ଗଛ ଲଗାଇବା ଆରମ୍ଭ କରିଥିଲେ । ଏବେ ସେ ଏହି କାର୍ଯ୍ୟରେ ଅନେକଙ୍କୁ ନିଯୁକ୍ତ କରିବା ସହ ଚାରା ଗଛ ମଧ୍ୟ ବଣ୍ଟନ କରୁଛନ୍ତି ।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

୩୧ ଅଗଷ୍ଟ ୧୯୭୬

- ଦେଶର ଇତିହାସରେ ପ୍ରଥମକରି କେନ୍ଦ୍ର ସରକାର ୧୭ ନିୟୁତ ଟନ୍‌ର ବଳକା ଖାଦ୍ୟଶସ୍ୟ ମହଜୁଦ କରି ରଖିପାରିଛନ୍ତି ।
- ଆନ୍ତର୍ଜାତିକ ଉନ୍ନୟନ ସଂସ୍ଥା ସାହାଯ୍ୟରେ ରାଜ୍ୟରେ ଗ୍ରୀଡ୍ ସବ୍‌ଷ୍ଟେସନମାନ ସ୍ଥାପନ କରି ଶକ୍ତି ସଞ୍ଚାଳନ ଲାଇନ ପ୍ରତିଷ୍ଠା କରିବାକୁ ୪୦ କୋଟି ଟଙ୍କା ବ୍ୟୟରେ ରାଜ୍ୟ ବିଦ୍ୟୁତ୍ ବୋର୍ଡ ପକ୍ଷରୁ ଏକ ନୂତନ ଯୋଜନା କାର୍ଯ୍ୟକାରୀ ।
- ରାଜ୍ୟର ହାଇସ୍କୁଲଗୁଡ଼ିକରେ ୧୪୦ଟି ପାଠ୍ୟପୁସ୍ତକ ବ୍ୟାଙ୍କ ଖୋଲିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୧ ଲକ୍ଷ ୬୮ ହଜାର ଟଙ୍କା ମଞ୍ଜୁର ।

## ସୁ–ଡୋ–କୁ

sudoku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 9 | | | | 5 |
| | 2 | | | | 4 | | 8 | 3 |
| | | 6 | | | | | | 7 |
| | | | | 5 | | | | 6 |
| | | 3 | | | | | | |
| | 4 | 7 | | | 3 | 8 | | 1 |
| 6 | | | 7 | | | 9 | | |
| 2 | 3 | | 6 | 8 | | 7 | | |
| 7 | | 8 | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ ।

| | | | | | | | | |
|---|---|---|---|---|---|---|---|---|
| 6 | 3 | 7 | 2 | 8 | 4 | 1 | 9 | 5 |
| 9 | 4 | 8 | 3 | 1 | 5 | 2 | 6 | 7 |
| 1 | 5 | 2 | 6 | 9 | 7 | 4 | 8 | 3 |
| 7 | 8 | 5 | 9 | 4 | 6 | 3 | 2 | 1 |
| 4 | 1 | 9 | 8 | 3 | 2 | 7 | 5 | 6 |
| 3 | 2 | 6 | 5 | 7 | 1 | 9 | 4 | 8 |
| 8 | 6 | 3 | 7 | 2 | 9 | 5 | 1 | 4 |
| 5 | 9 | 4 | 1 | 6 | 3 | 8 | 7 | 2 |
| 2 | 7 | 1 | 4 | 5 | 8 | 6 | 3 | 9 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ସ୍ୱତନ୍ତ୍ର ପରିଚୟ ଦେବାର ସମୟ

ମହାଶୟ,
ଭାରତର ୧୪୦ କୋଟି ଜନତାଙ୍କ ଭରଣପୋଷଣରେ ଆମେରିକା ଉପରେ କେହି ନିର୍ଭରଶୀଳ ନୁହନ୍ତି । ଭାରତର ପ୍ରଗତିପଥରେ ଆମେରିକାର ଶୁଳ୍କ ପ୍ରତିବନ୍ଧକ ନୁହେଁ ବୋଲି ଦେଖାଇବାକୁ ହେବ । ଆମ୍ଭମାନଙ୍କୁ ବିଶେଷତଃ କୃଷି ଓ ଖଣିଜ ସମ୍ପଦକୁ ବିନିଯୋଗ କରି ଶିଳ୍ପ ପ୍ରତିଷ୍ଠାନକୁ ଯଥାସମ୍ଭବ ସମୃଦ୍ଧ କରାଇବା ନିମନ୍ତେ ଆନ୍ତରିକତା ସହ ପ୍ରୟାସ କରାଯାଉ । ସାମରିକ ଦୃଷ୍ଟିକୋଣରୁ ପ୍ରତିରକ୍ଷା ବିଭାଗ ଉନ୍ନତମାନର ଆଧୁନିକ ଅସ୍ତ୍ରଶସ୍ତ୍ର ନିର୍ମାଣ କରାଇବା ଦିଗରେ ଚେଷ୍ଟା କଲେ ବିଦେଶୀ ଶତ୍ରୁମାନେ ଭାରତ ଉପରେ କଦାପି ଲୋଲୁପଦୃଷ୍ଟି ପକାଇବାକୁ ସାହସ କରିପାରିବେ ନାହିଁ । ସଂକ୍ଷେପରେ କହିବାକୁ ହେଲେ, ଆମେରିକା ଲଗାଇଥିବା ଅତ୍ୟଧିକ ଟାରିଫ ବା ଶୁଳ୍କ ପ୍ରକୃତପକ୍ଷରେ ଭାରତକୁ ଆତ୍ମନିର୍ଭରଶୀଳ କରାଇବାକୁ ବାଟ ଦେଖାଇଛି ବୋଲି ଅସ୍ୱୀକାର କରିହେବ ନାହିଁ ।

– ଅଶୋକ କୁମାର ଆଢ୍ୟ, ମରୀଚିକୋଟ ଗଳି, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ସେ ଫୁଲ ଫୁଟଇ କେଉଁ ଦେଶେ ହେ
ଆକୁଳ ଭୁବନ ତା'ର ବେଶେ ଯେ
ସେ କେଉଁ ପ୍ରେୟସୀ ମୋତେ ଲୋଡ଼ଇ
ମିଳନ–ବାସନାରାଶି ବଢ଼ଇ
ଭୁବନେ ଭୁବନେ ହସ ଛାଡ଼ଇ
ଭୁବନେ ଭୁବନେ ଗୀତ ଲେଖେ ହେ !
–(ଫଗୁଣ ଜ୍ୟୋତ୍ସ୍ନା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସାପକାମୁଡ଼ାରେ ମହିଳାଙ୍କ ମୃତ୍ୟୁ

ବଇଣ୍ଡା,(ପରିକ୍ଷିତ ସାହୁ): ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ସିନ୍ଦୁରଖୋଲ ଗ୍ରାମରେ ସାପ କାମୁଡ଼ାରେ ଜୁଲି ପ୍ରଧାନଙ୍କ ଶନିବାର ମୃତ୍ୟୁ ହୋଇଛି। ସେ ଶୋଇଥିବା ବେଳେ ଏକ ସାପ ତାଙ୍କ ଗୋଡ଼କୁ କାମୁଡ଼ି ଦେଇଥିଲା। ପରିବାର ଲୋକେ ତାଙ୍କୁ ପ୍ରଥମେ ଆଠମଲ୍ଲିକ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ତାଙ୍କୁ ଅଧିକ ଚିକିତ୍ସା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା।

# ୨୫ଦଫା ଦାବିରେ କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନର ବିକ୍ଷୋଭ

ଅନୁଗୋଳ, ୩୦।୮ (ମାନସ ବିଶ୍ୱାଳ)




କେନ୍ଦ୍ର ସରକାରଙ୍କ ଦ୍ୱାରା ଅଣାଯାଇଥିବା ଶ୍ରମିକ ବିରୋଧୀ ଆଇନକୁ ବିରୋଧ କରି ୨୫ ଦଫା ଦାବିରେ କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ଏଆଇୟୁଟିୟୁସି ଅନୁଗୋଳ ଜିଲା କମିଟି ପକ୍ଷରୁ ଶନିବାର ଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଆଇୟୁଟିୟୁସି ଜିଲା ସମ୍ପାଦକ ବ୍ରଜବନ୍ଧୁ ସାହୁଙ୍କ ନେତୃତ୍ୱରେ ଶତାଧିକ ଶ୍ରମିକ, କର୍ମଚାରୀ, ସ୍ଥାନୀୟ ଗୋପବନ୍ଧୁ ପାର୍କ ଠାରୁ ଏକ ଶୋଭାଯାତ୍ରାରେ ବାହାରି ଅନୁଗୋଳ ବଜାର, ପୁରୁଣା ବସଷ୍ଟାଣ୍ଡ ପରିକ୍ରମା କରି ଜିଲାପାଳଙ୍କ ଅଫିସ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

ଏଆଇୟୁଟିୟୁସି ରାଜ୍ୟ ସମ୍ପାଦକ ଜୟସେନ ମେହେର ବିକ୍ଷୋଭ ସଭାରେ ଯୋଗଦେଇ ଶ୍ରମିକ ବିରୋଧୀ ୪ଟି ଶ୍ରମକୋଡ ବାତିଲ କରିବା, ଦୈନିକ କାର୍ଯ୍ୟ ନିର୍ଘଣ୍ଟ ୮ରୁ ୧୨ ଘଣ୍ଟାକୁ ବୃଦ୍ଧି ପ୍ରସ୍ତାବ ବାତିଲ, ପ୍ରଚଳିତ ସମସ୍ତ ଶ୍ରମ ଆଇନକୁ କଡ଼ାକଡ଼ି ଭାବେ ଲାଗୁ କରିବା, କାମ କରିବାର ଅଧିକାରକୁ ସାମ୍ବିଧାନିକ ମୌଳିକ ଅଧିକାର ଭାବେ ସ୍ୱୀକୃତି ଦେବା, ସମସ୍ତ ବେକାର ଯୁବତୀଯୁବକଙ୍କୁ ସ୍ଥାୟୀ ଭିତ୍ତିରେ ନିଯୁକ୍ତି ପ୍ରଦାନ କରିବା, ନାଲ୍କୋ, ଏନ୍‌ଟିପିସି, ଏମ୍‌ସିଏଲ୍ ଭଳି ରାଷ୍ଟ୍ରୀୟ ଉଦ୍ୟୋଗର ଘରୋଇକରଣ ବନ୍ଦ କରିବା ଆଦି ଦାବି ଉପସ୍ଥାପନ କରିଥିଲେ। ଜିଲା ସଭାପତି ପ୍ରହ୍ଲାଦ ଚନ୍ଦ୍ର ସାହୁ ଯୋଗଦେଇ ଦେଶରେ ଏକଚାଟିଆ ପୁଞ୍ଜିପତିଙ୍କ ସ୍ୱାର୍ଥରେ କେନ୍ଦ୍ର ସରକାର ୨୯ଟି ଶ୍ରମ ଆଇନ୍ ପରିବର୍ତ୍ତନ କରି ୪ଟି ଶ୍ରମକୋଡ୍ ପ୍ରଚଳନ କରୁଛନ୍ତି, ଯାହା ଅଗଣତାନ୍ତ୍ରିକ ବୋଲି କହିଥିଲେ। ଏଥିସହିତ ସମସ୍ତ ସ୍ଥାୟୀ କାମରେ ନିଯୁକ୍ତ ଠିକା ଶ୍ରମିକଙ୍କୁ ସ୍ଥାୟୀ କରିବା, ମଧ୍ୟାହ୍ନ ଭୋଜନ ପାଚିକା, ଆଶା, ଅଙ୍ଗନୱାଡି କର୍ମୀଙ୍କୁ ସରକାରୀ କର୍ମଚାରୀର ମାନ୍ୟତା ଦେଇ ନିୟମିତ ଦରମା ପ୍ରଦାନ, ପିଏଫ୍, ଇଏସ୍‌ଆଇ ଓ ବନୋସ ପ୍ରଦାନ କ୍ଷେତ୍ରରେ ସିଲିଂ ଉଚ୍ଛେଦ, ସର୍ବନିମ୍ନ ମାସିକ ମଜୁରି ୨୮ହଜାର ଟଙ୍କା ପ୍ରଦାନ ପାଇଁ ଦାବି କରିଥିଲେ। ଜିଲା ସମ୍ପାଦକ ମଣ୍ଡଳୀ ସଦସ୍ୟ ତୀର୍ଥବାସୀ ଭୋଇ ଉପସ୍ଥିତ ଥିଲେ। ଟୁନା ନାଏକ, ଦୁଃଖବନ୍ଧୁ ମଲ୍ଲିକ, ସିଲୁ ଧଳ, ଉମା ଦେହୁରୀ, ନୟନା ସାହୁ ପ୍ରମୁଖ ଏକ ପ୍ରତିନିଧି ମଣ୍ଡଳୀ ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ପ୍ରତାପ ପ୍ରୀତିମୟଙ୍କୁ ସାକ୍ଷାତ କରି ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୨୫ ଦଫା ଦାବି ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରିଥିଲେ।

# ଜଗନ୍ନାଥ ଏରିଆ ପକ୍ଷରୁ ମେଗା ସ୍ୱାସ୍ଥ୍ୟ ଶିବିର

ତାଳଚେର,୩୦।୮ (ମନୋଜ ନନ୍ଦ)



ଶିବିରରେ ଡାକ୍ତରମାନେ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରୁଛନ୍ତି।

ଅନୁଗୋଳ ଜିଲା ତାଳଚେର ବ୍ଲକ ପଦ୍ମାବତୀପୁର ପଞ୍ଚାୟତର କନ୍ଧବେରିଣୀ ଗ୍ରାମ କନ୍ଧବେରିଣୀ କ୍ଲବ ଠାରେ ଏକ ମେଗା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏମ୍‌ସିଏଲ୍‌ର ଜଗନ୍ନାଥ ଏରିଆ ସିଏସ୍‌ଆର୍ ଆନୁକୂଲ୍ୟରେ ଏହି ଶିବିର ଆୟୋଜିତ ହୋଇଥିଲା। ଜଗନ୍ନାଥ ଏରିଆ ମେଡିକାଲ ଅଫିସର ତଥା ଜଗନ୍ନାଥ କୋଲିୟାରୀ ଡିସ୍ପେନସାରି ଡାକ୍ତର ଶଶୀଧର ପ୍ରସାଦଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶିବିରରେ ବଲଣ୍ଡା ଡିସ୍ପେନସାରିର ଶିଶୁ ବିଶେଷଜ୍ଞ ରାକେଶ କୁମାର ଏବଂ ଅନନ୍ତ ଡିସ୍ପେନସାରିର ଡାକ୍ତର କ୍ରିଷ୍ଣା କୁମାରୀ ପ୍ରମୁଖ ଯୋଗଦେଇ ରୋଗୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହିତ ଔଷଧ ବିତରଣ କରିଥିଲେ। ଏହି ଶିବିରରେ ଫାର୍ମାସିଷ୍ଟ ବିଶ୍ୱମ୍ବର ସାହୁ, ସୁଜିତ ଦାସ ଓ ଅଭିଷେକ ଶତପଥୀ, ରାଜେଶ ନନ୍ଦୀ, ସନ୍ତୋଷିନୀ ସାହୁ, ସ୍ମରଣିକା ବେହେରା, ଗୌତମ ନାଏକ, ସୁଶାନ୍ତ କୁମାର ପାଣି ଓ ଏମ୍‌ସିଏଲ୍ ଆମ୍ବୁଲାନ୍ସ ଡିଭିଜନର ଡିଭିଜନ କମାଣ୍ଡର ଦୀନବନ୍ଧୁ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। ଶିବିରରେ ୧୩୭ ଜଣଙ୍କ ଚିକିତ୍ସା କରାଯାଇଥିଲା। ପଦ୍ମାବତୀପୁର ସରପଞ୍ଚ ମହର୍ଗା ବେହେରା, ପୂର୍ବତନ ସରପଞ୍ଚ ଖୁଲଣା ପରିଡ଼ା, ସଭାପତି ପଦ୍ମଚରଣ ସାହୁ, ଅଶୋକ କୁମାର ସାହୁ, ଶ୍ରୀମୁଖ ସାହୁ, କୁନା ସାହୁ, ଦୁଷ୍ମନ୍ତ ସାହୁ, ବଳଭଦ୍ର ସାହୁ, ମଲ୍ଲିଆ ସାହୁ, ଚେଣ୍ଡାଳ ସାହୁ, ଚରଣ ସାହୁ, ଅକ୍ଷୟ ସାହୁ, ମନୋଜ ବେହେରା, ଗୟା ସାହୁ, ସୁବଳ ନାୟକ, ସାହେବ ସାହୁ, ବାବୁ ସାହୁ ଓ ନାଏବ ସରପଞ୍ଚ ଖୁଲଣା ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ଲୋକଙ୍କ ସମସ୍ୟା ବୁଝିଲେ ଆଠମଲ୍ଲିକ ବିଧାୟକ



ଅଞ୍ଚଳବାସୀଙ୍କ ସମସ୍ୟା ବୁଝୁଛନ୍ତି ବିଧାୟକ।

ବଇଣ୍ଡା,୩୦।୮(ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ବ୍ଲକ ହଣ୍ଡପା ଓ କଣ୍ଟେଇକୋଲିଆ ପଞ୍ଚାୟତର ଇଚ୍ଛାପୁର, କଣ୍ଟେଇକୋଲିଆ, ବାଲିଆମ୍ବ, ହିଞ୍ଜିରିଡା, ମଧପୁର, ମକାମୁଣ୍ଡା, ଗୋଲାସର ଆଦି ବିଭିନ୍ନ ଗ୍ରାମକୁ ଶନିବାର ଆଠମଲ୍ଲିକ ବିଧାୟକ ନଳିନୀକାନ୍ତ ପ୍ରଧାନ ଗସ୍ତ କରି ଗ୍ରାମବାସୀଙ୍କ ବିଭିନ୍ନ ସମସ୍ୟା ବୁଝିଛନ୍ତି। ନିର୍ବାଚନ ପୂର୍ବରୁ ଦେଇଥିବା ପ୍ରତିଶ୍ରୁତି କିପରି ପାଳନ ହେବ ସେ ନେଇ ବିଧାୟକ ଆଲୋଚନା କରିଥିଲେ। ଗ୍ରାମ ଗୁଡିକର ସମସ୍ତ ସମସ୍ୟା ରାଜ୍ୟ ସରକାରଙ୍କ ନିକଟରେ ଉପସ୍ଥାପନ କରିବେ ବୋଲି ବିଧାୟକ କହିଥିଲେ। ସେହିପରି ରାଜ୍ୟ ସରକାରଙ୍କ ଯୋଜନାଗୁଡିକ ଠିକ୍ ଭାବରେ କିପରି କାର୍ଯ୍ୟକ୍ଷମ ହେବ ସେ ନେଇ ସମସ୍ତ ଗ୍ରାମବାସୀ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷା ସୈରେନ୍ଦ୍ରୀ ପଧାନ, ଜାମୁନାଳୀ ସରପଞ୍ଚ ରିତା ବେହେରା, କୁମୁନ୍ଦ ଚନ୍ଦ୍ର ପ୍ରଧାନ, ବ୍ଲକ ଯୁବ ବିଜେଡି ସଭାପତି ଅରୁଣ କୁମାର ସାହୁ, ରଞ୍ଜନ ସାହୁ, ବିନୋଦ ପ୍ରଧାନ, ଲକ୍ଷ୍ମୀଧର ପ୍ରଧାନ, ସୁରେଶ ଚନ୍ଦ୍ର ପ୍ରଧାନ, ସୁଦାମ କୁମାର ସାହୁ, ଲୋକନାଥ ଦେହୁରୀଙ୍କ ସମେତ ବହୁ ବିଜେଡି ନେତା ଯୋଗ ଦେଇଥିଲେ।

# ନାଲ୍‌କୋ କଲୋନି ପରିସରରେ ଭସାଣି ଉତ୍ସବ

ବଁଅରପାଳ,୩୦।୮ (ସୁବାସ ସାହୁ)





ଅନୁଗୋଳ ଜିଲା ବଁଅରପାଳ ବ୍ଲକ ନାଲ୍‌କୋ କଲୋନି ପରିସରରେ ଗଣେଶଙ୍କ ଭସାଣି ଉତ୍ସବ ଶନିବାର ଧୁମଧାମରେ ପାଳିତ ହୋଇଯାଇଛି। ଏହି ଭସାଣିରେ ୧୩ ପୂଜା କମିଟି ସାମିଲ ହୋଇଥିଲେ। ଭସାଣି ଶୋଭାଯାତ୍ରାରେ ଟିଆର୍‌ଆର୍ କ୍ଲବ, ୟଙ୍ଗ ଟାଇଗର କ୍ଲବ, ଧୁମ୍ କ୍ଲବ, ବ୍ରାଣ୍ଡ୍ ୯୯କ୍ଲବ, ଗଣପତି ବଏଜ୍ ଫେଷ୍ଟିଭାଲ, ବ୍ରାଣ୍ଡ-୯୯, ଗଣପତି କ୍ଲବ, ସରକାର କ୍ଲବ, ଟିଆର୍‌ଏସ୍ ପୂଜା କମିଟି, ଆଇକନିକ ଡେଭିଏଲ୍ ବଏଜ୍ ଗଣେଶ ପୂଜା କମିଟି, ଟିମ୍ ବ୍ଲାକ ଆପଲ ଗଣେଶ ପୂଜା କମିଟି, ଟିଏଲ୍‌ବି ଗଣେଶ ପୂଜା କମିଟି ଆଦି ସାମିଲ ହୋଇଥିଲେ। ଜେଓଟି ହଷ୍ଟେଲଠାରୁ ଜଗନ୍ନାଥ ମନ୍ଦିର ଯାଏ ଲମ୍ବା ଧାଡି ସାଙ୍ଗକୁ ନୃତ୍ୟ, ସଙ୍ଗୀତ, ଡିଜେ ସାଉଣ୍ଡ, ଶିଙ୍ଗା ବାଜା ଆଦିର କୋଳାହଳରେ କମ୍ପି ଉଠିଥିଲା ନାଲ୍‌କୋ କଲୋନି। ବିରାଟ ଶୋଭାଯାତ୍ରାରେ ସୁସଜ୍ଜିତ ମେଢଗୁଡିକ କଲୋନି ପରିକ୍ରମା କରି ଗିରାଙ୍ଗ ଛକଦେଇ ଜଳାଶୟରେ ବିସର୍ଜନ କରାଯାଇଥିଲା। ଭସାଣି ପର୍ବକୁ ଶୃଙ୍ଖଳିତ କରିବା ପାଇଁ ନାଲ୍‌କୋ ପୋଲିସ ଓ ସ୍ଥାନୀୟ ଠିକା ସୁରକ୍ଷାକର୍ମୀ ନିୟୋଜିତ ଥିଲେ।

# ଖାଦ୍ୟ ପ୍ରକ୍ରିୟାକରଣ ସମ୍ପର୍କିତ ଚୁକ୍ତିନାମା

ତାଳଚେର,୩୦।୮ (ମନୋଜ ନନ୍ଦ)

ତାଳଚେର ସ୍ୱୟଂଶାସିତ ମହାବିଦ୍ୟାଳୟ ଏବଂ ସ୍ୱେଚ୍ଛାସେବୀ ସଙ୍ଗଠନ ସୋସିଆଲ ଡେଭଲପମେଣ୍ଟ ଫାଉଣ୍ଡେଶନ ତରଫରୁ ସ୍ଥାନୀୟ ମହାବିଦ୍ୟାଳୟ ତାଲିମ ଗୃହଠାରେ ଛାତ୍ରୀଛାତ୍ରମାନଙ୍କ ଦକ୍ଷତା ବୃଦ୍ଧି ନିମନ୍ତେ ମାଣ୍ଡିଆରୁ ପ୍ରସ୍ତୁତ ଖାଦ୍ୟ ପ୍ରକ୍ରିୟାକରଣ ଉପରେ ତାଲିମ ପାଇଁ ସ୍ଥିର କରାଯାଇଛି। ମାଣ୍ଡିଆ ସହିତ ଅନ୍ୟାନ୍ୟ ଖାଦ୍ୟ ପ୍ରକ୍ରିୟାକରଣ ମଧ୍ୟ ଶିଖାଯିବାର ପ୍ରସ୍ତାବ ରହିଛି। ଅଧ୍ୟାପକ ସରୋଜ ରଥ ମାଣ୍ଡିଆର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେରେ ଏକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା। ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧ୍ୟକ୍ଷ ତଥା ମେଜର ସୁବ୍ରତ ଦାସ ଏବଂ ସାମାଜିକ ଅନୁଷ୍ଠାନ ସୋସିଆଲ ଡେଭଲପମେଣ୍ଟ ଫାଉଣ୍ଡେଶନର ନିର୍ଦ୍ଦେଶକ ବୁଦ୍ଧଦେବ ଦାସ ଏହି ଚୁକ୍ତିନାମା ସ୍ୱାକ୍ଷର କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସମସ୍ତ ଅଧ୍ୟାପିକା, ଅଧ୍ୟାପକ, ଛାତ୍ରୀଛାତ୍ରଙ୍କ ସହିତ ଅନୁଷ୍ଠାନର ପ୍ରୋଗ୍ରାମ ଅଫିସର ମମତାରାଣୀ ବିଶିମାଝୀ, କାର୍ଯ୍ୟକ୍ରମ ସଂଯୋଜକ ସନ୍ଦୀପ୍ତା ବୀରବର୍ମା, ମହାଦେବ ଦାସ ପ୍ରମୁଖ ଯୋଗଦାନ କରିଥିଲେ।

# ଘରୁ ନାଗ ସାପ ଉଦ୍ଧାର

ବଇଣ୍ଡା,୩୦।୮(ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ବ୍ଲକ ସୋଲଣ୍ଡା ଗ୍ରାମର ଅଞ୍ଜନ ପ୍ରଧାନଙ୍କ ଘରୁ ଶନିବାର ଏକ ନାଗ ସାପ ଉଦ୍ଧାର କରାଯାଇଛି। ଘର ଭିତରକୁ ସାପ ପଶୁଥିବା ଦେଖି ଅଞ୍ଜନଙ୍କ ପରିବାର ଲୋକେ ବାହାରକୁ ପଳାଇ ଆସିଥିଲେ। ପରେ ସାପ ଉଦ୍ଧାରକାରୀ ମାଧପୁର ଅଞ୍ଚଳର ସିଦ୍ଧେଶ୍ୱର ରଥଙ୍କୁ ଖବର ଦିଆଯାଇଥିଲା। ଖବରପାଇ ସିଦ୍ଧେଶ୍ୱର ଅଞ୍ଜନଙ୍କ ଘରେ ପହଞ୍ଚି ସୁରକ୍ଷିତ ଅବସ୍ଥାରେ ସାପଟିକୁ ଉଦ୍ଧାର କରି ନିକଟସ୍ଥ ଜଙ୍ଗଲରେ ଛାଡ଼ି ଦେଇଥିଲେ।


## ପୌରପରିଷଦ କାର୍ଯ୍ୟାଳୟ, ଗୁଣପୁର
### ସ୍ୱାୟତ୍ତ ଶାସନ ଦିବସ
୩୧ ଅଗଷ୍ଟ ୨୦୨୫

ମହାଶୟା/ମହାଶୟ,

ଆସନ୍ତା ତା.୩୧.୦୮.୨୦୨୫ରିଖ ରବିବାର ଦିନ ଗୁଣପୁର ପୌରପରିଷଦ ତରଫରୁ "ସ୍ୱାୟତ୍ତ ଶାସନ ଦିବସ - ୨୦୨୫" ପାଳନ ହେବାକୁ ଯାଉଅଛି। ଏହି ଅବସରରେ ପୌରପରିଷଦ ଆପଣଙ୍କୁ ଶୁଭେଚ୍ଛା ଜଣାଉଛି। ପରିଷଦକୁ ସ୍ୱଚ୍ଛ, ସୁନ୍ଦର, ବିକାଶଶୀଳ ଓ ସୁବ୍ୟବସ୍ଥିତ କରିବା ଲାଗି ସହଯୋଗ କରନ୍ତୁ। ପୌରପରିଷଦ ଗୁଣପୁର ସର୍ବଦା ଆପଣଙ୍କ ସେବାରେ।

**ବାର୍ତ୍ତା**

୧. "ମା'ଙ୍କ ପାଇଁ ଗଛଟିଏ" - ଆସନ୍ତୁ ଗଛ ଲଗାଇବା, ଗୁଣପୁର ସହରକୁ ସୁସ୍ଥ, ସବୁଜ ଓ ସୁନ୍ଦର ରଖିବା।
୨. ଗୃହର ଅଳିଆ ଆବର୍ଜନା ଏଣେତେଣେ ନ ପକାଇ ପରିଷଦର ଆବର୍ଜନା ସଂଗ୍ରହ ଗାଡିରେ ଦିଅନ୍ତୁ।
୩. ଗୃହପାଳିତ ପଶୁ ଯଥା : ଗାଈଗୋରୁ, ଘୁଷୁରି, କୁକୁରଗୁଡ଼ିକୁ ସହର ମଧ୍ୟରାସ୍ତାକୁ ଛାଡନ୍ତୁ ନାହିଁ।
୪. ବାହାରେ ମଳତ୍ୟାଗ ନକରି ନିଜେ ଘରେ ନିର୍ମାଣ କରିଥିବା ପାଇଖାନା କିମ୍ବା ଗୋଷ୍ଠୀ ଶୌଚାଳୟ ବ୍ୟବହାର କରନ୍ତୁ।
୫. ଘରର ଲାଟ୍ରିନ ଟାଙ୍କି ସଫା କରିବା ପାଇଁ ପରିଷଦର ସେସ୍‌ପୁଲ୍ ଗାଡିକୁ ବ୍ୟବହାର କରନ୍ତୁ।

।। ଶ୍ରଦ୍ଧାର ସହ ।।
ଆପଣଙ୍କ ଗୁଣମୁଗ୍ଧ

ଶ୍ରୀମତୀ ମମତା ଗୌଡ଼, ଅଧ୍ୟକ୍ଷା, ପୌରପରିଷଦ, ଗୁଣପୁର
ଶ୍ରୀଯୁକ୍ତ ଶିବ ପ୍ରସାଦ ଗୌଡ, ଉପାଧ୍ୟକ୍ଷ, ପୌରପରିଷଦ, ଗୁଣପୁର
ଶ୍ରୀଯୁକ୍ତ ସନ୍ତୋଷ କୁମାର ନାୟକ, କାର୍ଯ୍ୟନିର୍ବାହୀ ଅଧିକାରୀ, ପୌରପରିଷଦ, ଗୁଣପୁର

ପୌରପରିଷଦର ସମସ୍ତ ପାରିଷଦବୃନ୍ଦ


# ଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



ସଭାରେ ମଞ୍ଚାସୀନ ଅତିଥିମାନେ।

ବଇଣ୍ଡା,୩୦।୮(ପରିକ୍ଷିତ ସାହୁ)

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ପ୍ରାଥମିକ ବିଦ୍ୟାଳୟ ପରିସରରେ ଶୁକ୍ରବାର ଅବସରକାଳୀନ ସମ୍ବର୍ଦ୍ଧନା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅବସର ନେଇଥିବା ଶିକ୍ଷକ ବିଜୟ କୁମାର ହୋତାଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ପ୍ରାଥମିକ ଶିକ୍ଷକ ସଂଘ ସଭାପତି ପ୍ରମୋଦ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥି ଭାବେ ବିଆର୍‌ସିସି କୈବଲ୍ୟ କଅଁର ଯୋଗଦେଇ ଅବସର ନେଇଥିବା ଶିକ୍ଷକଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ୍ ରଞ୍ଜନ ଗଡନାୟକ, ସୁଜିତ କୁମାର ବେହେରା, ଭାରତୀ ପ୍ରିୟଦର୍ଶିନୀ ସିଂ, କଳ୍ପନା ସାଏ, ଦୁର୍ଲଭ କୁମାର ସାହୁ, ପଦ୍ମନାଭ ରାଉତ ପ୍ରମୁଖ ଯୋଗ ଦେଇଥିଲେ। ସୁଦର୍ଶନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ବିଦ୍ୟୁତ୍ ଆଘାତରେ ଯୁବକ ମୃତ

ପବିତ୍ରନଗର,୩୦।୮(ନିରୋଜ ପ୍ରଧାନ)

ଅନୁଗୋଳ ଜିଲା ସମଲ ଥାନା ବୁରୁକୁନା ପଞ୍ଚାୟତ ଡେରାଗୋଳା ଗ୍ରାମରେ ଶୁକ୍ରବାର ରାତିରେ ବିଦ୍ୟୁତ୍ ଆଘାତରେ ମାଧବ ବେହେରା(୨୮)ଙ୍କ ମୃତ୍ୟୁ ହୋଇଛି। ଏ ନେଇ ସମଲ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ମୃତକଙ୍କ ବାପା ରୁଦ୍ର ବେହେରାଙ୍କ ଅଭିଯୋଗ ଅନୁସାରେ, ମାଧବ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଚେତା ହରାଇଥିଲେ। ତୁରନ୍ତ ତାଙ୍କୁ ନିକଟସ୍ଥ ଖମାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।


## ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ : ୨୦୨୫ ଅବସରରେ
ବାରିପଦାବାସୀଙ୍କୁ ପୌରପାଳିକାର
### ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା
ଆସନ୍ତୁ ସମସ୍ତେ ମିଶି ବାରିପଦା ସହରକୁ ସ୍ୱଚ୍ଛ ଓ ସୁନ୍ଦର ଭାବେ ଗଢି ତୋଳିବା ପାଇଁ ସଂକଳ୍ପବଦ୍ଧ ହେବା

ସୀମା ଦାସ, ଉପନଗରପାଳ, ବାରିପଦା ପୌରପାଳିକା ଓ ସମସ୍ତ କାଉନ୍‌ସିଲର ବୃନ୍ଦ
ସପନ କୁମାର ସାହୁ, ଓ.ପ୍ର.ସେ - ଏ (ଜେ.ବି), ନିର୍ବାହୀ ଅଧିକାରୀ, ବାରିପଦା ପୌରପାଳିକା
କୃଷ୍ଣାନନ୍ଦ ମହାନ୍ତି, ନଗରପାଳ, ବାରିପଦା ପୌରପାଳିକା



## ବ୍ରହ୍ମପୁର ମହାନଗର ନିଗମ
### ସବୁଜ ସୁନ୍ଦର ବ୍ରହ୍ମପୁର ସହର ପାଇଁ ସର୍ବସାଧାରଣଙ୍କୁ ଅନୁରୋଧ

**କରନ୍ତୁ:**

(୧) ଆପଣଙ୍କ ଘର/ ଅନୁଷ୍ଠାନର ଓଦା ବର୍ଜ୍ୟବସ୍ତୁ ଯଥା ପରିବାଚୋପା, ବାସିଖାଦ୍ୟ ଇତ୍ୟାଦି ଶାଗୁଆ ରଙ୍ଗର ଡଷ୍ଟବିନ୍‌ରେ ଏବଂ ଶୁଖିଲା ବର୍ଜ୍ୟବସ୍ତୁ ଯଥା କାଗଜ/ପ୍ଲାଷ୍ଟିକ୍ ଇତ୍ୟାଦିକୁ ନୀଳରଙ୍ଗର ଡଷ୍ଟବିନ୍‌ରେ ଅଲଗା ଅଲଗା କରି ରଖନ୍ତୁ ଏବଂ ଦୈନିକ ମହାନଗର ନିଗମ ଦ୍ୱାରା ନିୟୋଜିତ ଆବର୍ଜନା ସଂଗ୍ରହକାରୀ ଯାନରେ ପକାନ୍ତୁ।
(୨) ବର୍ଜ୍ୟବସ୍ତୁ ସଂଗ୍ରହ ପାଇଁ ଉପଭୋକ୍ତା ଦେୟ ସ୍ୱଚ୍ଛସାଥୀଙ୍କୁ ପ୍ରଦାନ କରନ୍ତୁ।
(୩) ବର୍ଜ୍ୟବସ୍ତୁ ଉତ୍ପାଦନକୁ କମ୍ କରନ୍ତୁ।
(୪) ସେପ୍‌ଟିକ୍ ଟ୍ୟାଙ୍କ ସହିତ ଶୌଚାଳୟକୁ ସଂଯୋଗ କରନ୍ତୁ ଏବଂ ଏହାକୁ ପ୍ରତି ତିନିବର୍ଷରେ ଥରେ ସଫାକରନ୍ତୁ।
(୫) ଅତି କମ୍‌ରେ ନିଜର ୫ମିଟର ପରିସର ପର୍ଯ୍ୟନ୍ତ ପରିଷ୍କାର ପରିଚ୍ଛନ୍ନତା ବଜାୟ ରଖନ୍ତୁ।

**କରନ୍ତୁ ନାହିଁ:**

(୧) ଗୋଟିଏ ଡଷ୍ଟବିନ୍‌ରେ ଓଦା ଏବଂ ଶୁଖିଲା ଅଳିଆ ମିଶ୍ରଣ କରନ୍ତୁ ନାହିଁ।
(୨) ଘରୋଇ ପଚାଶଢ଼ା ବର୍ଜ୍ୟବସ୍ତୁ ଏବଂ ଘରୋଇ ବର୍ଜ୍ୟବସ୍ତୁ ସହ ଅଦରକାରୀ ପଦାର୍ଥ ଯଥା କାଗଜ, ପ୍ଲାଷ୍ଟିକ୍ ଇତ୍ୟାଦି ମିଶ୍ରଣ କରନ୍ତୁ ନାହିଁ।
(୩) ବାଲ୍‌କୋନୀ/ଝରକାରୁ ସର୍ବସାଧାରଣ ରାସ୍ତା କିମ୍ବା ଡ୍ରେନ୍‌କୁ ଅଳିଆ ପକାନ୍ତୁ ନାହିଁ।
(୪) ଶୌଚାଳୟକୁ ନର୍ଦ୍ଦମା ସହ ସଂଯୋଗ କରନ୍ତୁ ନାହିଁ।
(୫) ନିଜର ୫ ମିଟର ପରିସର ପର୍ଯ୍ୟନ୍ତ ଅପରିଷ୍କାର କରନ୍ତୁ ନାହିଁ।
(୬) ପଲିଥିନ୍ ବ୍ୟାଗ୍, କପ୍, ପ୍ଲାଷ୍ଟିକ୍ ଚାମଚ, ଥର୍ମୋକଲ ଇତ୍ୟାଦି ବ୍ୟବହାର କରନ୍ତୁ ନାହିଁ।
(୭) ଟାୟାର, ଫୁଲକୁଣ୍ଡ, ଅନ୍ୟାନ୍ୟ ପାତ୍ର ଇତ୍ୟାଦିରେ ଦିନ ଦିନ ବ୍ୟାପୀ ପାଣି ଜମାହେବାକୁ ଦିଅନ୍ତୁ ନାହିଁ।

ଶ୍ରୀ ପ୍ରଥମେଶ ଅରବିନ୍ଦ ରାଜେଶିର୍କେ, କମିଶନର, ବ୍ରହ୍ମପୁର ମହାନଗର ନିଗମ
ଶ୍ରୀମତୀ ସଂଘମିତ୍ରା ଦଳେଇ, ମେୟର, ବ୍ରହ୍ମପୁର ମହାନଗର ନିଗମ
ଶ୍ରୀ ଇ.ବିବେକ୍ ରେଡ୍ଡୀ, ଡେପୁଟି ମେୟର, ବ୍ରହ୍ମପୁର ମହାନଗର ନିଗମ
ଓ ସମସ୍ତ କର୍ପୋରେଟର ବୃନ୍ଦ, ବ୍ରହ୍ମପୁର ମହାନଗର ନିଗମ



## ବଲାଙ୍ଗିର ପୌରସଂସ୍ଥା, ବଲାଙ୍ଗିର

ପଶ୍ଚିମ ଓଡ଼ିଶାର ପ୍ରସିଦ୍ଧ ଗଣପର୍ବ "ନୂଆଁଖାଇ-୨୦୨୫" ଓ ନିଖିଳ ଭାରତ ସ୍ୱାୟତ୍ତ ଦିବସ ୨୦୨୫ ଉପଲକ୍ଷେ ବଲାଙ୍ଗିର ପୌରପରିଷଦ ର ସମସ୍ତ ଜନସାଧାରଣ ଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଅଛୁଁ। ଏହି ଅବସରରେ ପୌର ପରିଷଦ ସମସ୍ତଙ୍କର ସୁଖ, ସମୃଦ୍ଧି ଓ ଶାନ୍ତି କମନା କରୁଛି। ଏ ମାଟିର ଅଧିଷ୍ଠାତ୍ରୀ ଇଷ୍ଟଦେବୀ ମାଁ ସମଲେଶ୍ୱରୀ ଏବଂ ମାଁ ପାଟଣେଶ୍ୱରୀ ସମସ୍ତଙ୍କର ମଙ୍ଗଳ କରନ୍ତୁ, ଏହାହିଁ ଆମର ପ୍ରାର୍ଥନା।

ଶ୍ରୀମତୀ ଲିକା ସାହୁ, ପୌରାଧ୍ୟକ୍ଷା, ପୌରସଂସ୍ଥା, ବଲାଙ୍ଗିର
ଗାୟତ୍ରୀ ଭୋଇ, ଉପ-ପୌରାଧ୍ୟକ୍ଷା, ପୌରସଂସ୍ଥା, ବଲାଙ୍ଗିର

- ବାର୍ତ୍ତା -

ପୌର ପରିଷଦ, ବଲାଙ୍ଗିର ରେ ବସବାସ କରୁଥିବା ସମସ୍ତ ଜନ ସାଧାରଣଙ୍କୁ ମୌଳିକ ସେବା ଯୋଗାଇ ଦେବାପାଇଁ ଆମ୍ଭେମାନେ ବଦ୍ଧପରିକର।

Executive Officer
Balangir Municipality


# ନାଲ୍‌କୋ ଠିକାଦାର ସଂଘ ସମନ୍ୱୟ କମିଟି ବୈଠକ



ସନ୍ଥିଛକ,୩୦।୮(ସନ୍ତୋଷ ପରିଡ଼ା)

ଅନୁଗୋଳ ଜିଲା ବଁଅରପାଳ ବ୍ଲକସ୍ଥିତ ଏକ ହୋଟେଲ ପରିସରରେ ଶୁକ୍ରବାର ନାଲ୍‌କୋ ସ୍ମେଲ୍ଟର ଠିକାଦାର ସଂଘ ଓ ସିପିପି ଠିକାଦାର ସଂଘ ମୁଖ୍ୟ କର୍ମକର୍ତ୍ତାଙ୍କ ଦ୍ୱାରା ଏକ ସମନ୍ୱୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ନାଲ୍‌କୋ ସ୍ମେଲ୍ଟର ଓ ପାୱାର କମ୍ପ୍ଲେକ୍ସର ସମସ୍ତ ଠିକାଦାରଙ୍କ ବିଭିନ୍ନ ସମସ୍ୟା ତଥା ଟେଣ୍ଡର ପ୍ରକ୍ରିୟା, ବିଲିଂ ପ୍ରକ୍ରିୟା ଏବଂ ବିଭିନ୍ନ ଆର୍ଥିକ ସମସ୍ୟା ସହ କିଛି ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ପାଇଁ ଆଲୋଚନା କରାଯାଇଥିଲା। ଗତ ଜୁନ୍ ୧୨ରେ ନାଲ୍‌କୋକୁ ସିଏମ୍‌ଡି ବିଜେନ୍ଦ୍ର ପ୍ରତାପ ସିଂହଙ୍କ ସହ ଆସିଥିବା ସମସ୍ତ ଡାଇରେକ୍ଟରଙ୍କ ଉପସ୍ଥିତରେ ନାଲ୍‌କୋ ସ୍ମେଲ୍ଟର୍ ଓ ପାୱାର କମ୍ପ୍ଲେକ୍ସର ଠିକାଦାର ସଂଘ ତରଫରୁ ଏହି ସମସ୍ୟା ସମ୍ପର୍କରେ ଅବଗତ କରାଯାଇଥିଲା। ସବୁ ସମସ୍ୟାର ତୁରନ୍ତ ସମାଧାନ ପାଇଁ ଉଚ୍ଚ କର୍ତ୍ତୃପକ୍ଷଙ୍କ ତରଫରୁ ପ୍ରତିଶ୍ରୁତି ପ୍ରଦାନ କରାଯାଇଥିଲା। କିନ୍ତୁ ୩ମାସ ବିତି ଯାଇଥିଲେ ମଧ୍ୟ କୌଣସି ସମସ୍ୟାର ଏ ପର୍ଯ୍ୟନ୍ତ ସମାଧାନ ହୋଇପାରିନାହିଁ। ସ୍ଥାୟୀ ସମାଧାନ ନ ହେଲେ ଠିକାଦାର ସମ୍ମନ୍ୱୟ କମିଟି ଆଗାମୀ ଦିନରେ ତୀବ୍ର ଆନ୍ଦୋଳନ କରିବ ବୋଲି ବୈଠକରେ ସ୍ଥିର କରାଯାଇଥିଲା। ବୈଠକରେ ଠିକାଦାର ସଂଘ ସଭାପତି ବିପ୍ଳବ ଜେନା, ପ୍ରଫୁଲ୍ଲ ବିଷୋୟୀ, ଉପଦେଷ୍ଟା ସତ୍ୟବାନ ବରାହ, ବୁଲେସ ଜେନା, କୁନା ଗଡ଼ନାୟକ, ସୁବୋଧ ଦାସ, ମାନସ ସିଂ, ରାମଚନ୍ଦ୍ର ମାଝୀ, ପି.କେ. ସାମଲ, ଭରତ ମାଝୀ, ବିଭୂତି ବେଉରା, ଗୋବିନ୍ଦ ବରାହ, ରଶ୍ମିରଞ୍ଜନ ବରାହ, ସଞ୍ଜୀବ ଗଡ଼ନାୟକ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।

# 'ସେବା ଓ ସମର୍ପଣ ହିଁ ରାଷ୍ଟ୍ର ଗଠନର ମୂଳମନ୍ତ୍ର'



ଭାରତ କୋ ଜାନୋ ଓ ରାଷ୍ଟ୍ରୀୟ ସମୂହ ଗାନ ପ୍ରତିଯୋଗିତା ଅବସରରେ ଅତିଥିମାନେ।

ଢେଙ୍କାନାଳ,୩୦।୮ (ରତନ ନାୟାର)

ଢେଙ୍କାନାଳ ସହର ଗୋପବନ୍ଧୁ ଟାଉନ୍ ହଲ୍ ଠାରେ ଭାରତ ବିକାଶ ପରିଷଦ ଶହୀଦ ବାଜି ରାଉତ୍ ଶାଖା ପକ୍ଷରୁ ଭାରତ କୋ ଜାନୋ ଓ ରାଷ୍ଟ୍ରୀୟ ସମୂହ ଗାନ ପ୍ରତିଯୋଗିତା-୨୦୨୫ ଶନିବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ କ୍ଷେତ୍ରୀୟ ମହାସଚିବ ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ ଉଦ୍‌ଘାଟନ କରିଥିବା ବେଳେ ପୂର୍ବତନ ପ୍ରତିଷ୍ଠାତା ସଭାପତି ବାବୁଚାନ୍ଦ ମହାଳିକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶାଖା ସମ୍ପାଦକ ଉଷାରାଣୀ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ପର୍ଯ୍ୟବେକ୍ଷକ ରାମଚନ୍ଦ୍ର ଦଳେଇ, ପୂର୍ବପ୍ରାନ୍ତ ସଙ୍ଗଠନ ସଚିବ ଡ.ହରେକୃଷ୍ଣ କର ଓ ଡ.ସମୀର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସମ୍ପର୍କ, ସହଯୋଗ, ସଂସ୍କାର, ସେବା ଓ ସମର୍ପଣ ହିଁ ରାଷ୍ଟ୍ର ଗଠନର ମୂଳମନ୍ତ୍ର ବୋଲି ମୁଖ୍ୟ ଅତିଥି ପ୍ରକାଶ କରିଥିଲେ। ଏହି ଉପଲକ୍ଷେ କୁଇଜ୍ ପ୍ରତିଯୋଗିତାରେ ୧୧ଟି ବିଦ୍ୟାଳୟରୁ ବରିଷ୍ଠ ଓ କନିଷ୍ଠ ବିଭାଗର ଛାତ୍ରୀଛାତ୍ର ଭାଗ ନେଇଥିଲେ। କୁଇଜ୍ ମାଷ୍ଟର ରାଜୀବ କୁମାର ମାହୁନ୍ତ ପରିଚାଳନା କରିଥିଲେ। ୧୦ ବିଦ୍ୟାଳୟର ୧୪୦ ଜଣ ଛାତ୍ରୀଛାତ୍ରଙ୍କୁ ନେଇ ହିନ୍ଦୀ, ସଂସ୍କୃତ ଓ ଓଡ଼ିଆ ଭାଷାରେ ରାଷ୍ଟ୍ରୀୟ ସମୂହ ଗାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପରିଷଦର ସବିତା ଧୀର ସଞ୍ଚାଳନ କରିଥିଲେ। ବିଚାରକ ଭାବେ ଯାମିନୀ ରଞ୍ଜନ ଦାଶ, ଜିତେନ୍ଦ୍ର କୁମାର କର, ଅଙ୍କିତା ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ସଭାପତି ସବ୍ୟସାଚୀ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସ୍ୱର୍ଣ୍ଣ ହେଲଥ୍ କେୟାରର ପ୍ରତିଷ୍ଠାତା ପ୍ରୀୟବ୍ରତ ଧୀର, ମୁଖ୍ୟବକ୍ତା ଭାବେ ଆର୍‌ଏସ୍‌ଏସ୍‌ର ବରିଷ୍ଠ କର୍ମକର୍ତ୍ତା ଶରତ କୁମାର ପାଣିଗ୍ରାହୀ ଯୋଗଦାନ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ପ୍ରଶଂସାପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ବ୍ୟାଡମିଣ୍ଟନ କ୍ଷେତ୍ରରେ ବିଭାସିନ୍ଧୁ ବାରିକ, ଡାକ୍ତରୀ ସେବା କ୍ଷେତ୍ରରେ ଡା. ଧ୍ରୁବ ଚରଣ ଜେନା, ସମାଜସେବା କ୍ଷେତ୍ରରେ ଐରା ଅନୁଷ୍ଠାନର ଡ.ସୁରେଶ ଚନ୍ଦ୍ର ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରଯାଇଥିଲା। ଶେଷରେ ସାଂସ୍କୃତିକ ବିଚିତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗତିବିଧି ଆବାହକ ନବଦୀପ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଶାଖା ମିଡିଆ ପ୍ରଭାରୀ ଡ. ଦେବୀ ପ୍ରସାଦ ମିଶ୍ର ଓ ପ୍ରଜ୍ଞା ବଳ, ସମ୍ପର୍କ ସଚିବ ଡ. କବିତା ମହାନ୍ତି, ସଙ୍ଗଠନ ସଚିବ ଅନିଲ ରାଉତ, ଅର୍ଥ ସଚିବ ସୂର୍ଯ୍ୟକାନ୍ତ ନାୟକ, ମୋନାଲିସା ମାହୁନ୍ତ, ସମୀର ପରିଡା, ମାନସ ମହାପାତ୍ର, ପ୍ରଯତ୍ନ ସାହୁ, ରତିକାନ୍ତ ବେହେରା, ସମାଜସେବୀ ଦୀପକ ପ୍ରସାଦ ପଟ୍ଟନାୟକ, ଡ. କୁଞ୍ଜ ବିହାରୀ ସାହୁ, କିଶୋର ଚନ୍ଦ୍ର ମିଶ୍ର, ଅଧ୍ୟାପିକା ରଶ୍ମି ଦାଶ, ଅଳ୍ପନା ଦାସ, ସୁନୀତା ମହାରଣା, ପ୍ରଶାନ୍ତ ଧଳ, ଆନନ୍ଦ ଚନ୍ଦ୍ର ଲେଙ୍କା, ମଞ୍ଜିଲ୍ ପ୍ରିୟଙ୍କର, ଅଭିମନ୍ୟୁ ବେହେରା, ବିକାଶ ଦାସ, ସମୀତ ସାହୁ, ସୁମିତ୍ରା ମହାରଣା, ଶେଷଦେବ ମିଶ୍ର, ପ୍ରଶାନ୍ତ ସାହୁ, ରାହୁଲ କୁମାର କରଣ, ଯାନୁଶ୍ରୀ ନାୟକ ପ୍ରମୁଖ ସହଯୋଗ କରିଥିଲେ।

# ଢେଙ୍କା ଶବର ବେଶରେ ପୂଜା ପାଇଲେ ମହାପ୍ରଭୁ ଗଜାନନ





କାରିଗର ସାହିରେ ଢେଙ୍କା ଶବର ବେଶରେ ମହାପ୍ରଭୁ ଗଜାନନ। କାଞ୍ଚନ ବଜାର ପୂଜା ମଣ୍ଡପରେ ସବୁଜିମା ପରିବେଶରେ ବିଘ୍ନ ବିନାଶକ।

ଢେଙ୍କାନାଳ,୩୦।୮ (ରତନ ନାୟାର)

ଢେଙ୍କାନାଳ ସହରରେ ଚଳିତବର୍ଷ ଗଣେଶ ପୂଜା ଉତ୍ସବରେ ଐତିହ୍ୟ, ସଂସ୍କୃତି, ପରମ୍ପରା ଓ ସାମାଜିକ କଥାବସ୍ତୁକୁ ନେଇ ଅଧିକାଂଶ ପୂଜା ମଣ୍ଡପରେ ସାଜସଜା ଆକର୍ଷଣୀୟ ହୋଇଛି। ଚଳିତବର୍ଷ କାରିଗରସାହି ପୂଜା ମଣ୍ଡପରେ ଶବରରାଜା ଢେଙ୍କା ଶବର ବେଶରେ ମହାପ୍ରଭୁ ଗଜାନନଙ୍କୁ ପୂଜା କରାଯାଉଛି। ମଣ୍ଡପକୁ ସବୁଜିମା ଜଙ୍ଗଲ ପରିବେଶରେ ସାଜସଜା କରାଯାଇଥିବାରୁ ଏହା ଶବର ପଲ୍ଲୀର ଭ୍ରମ ସୃଷ୍ଟି କରୁଛି। ପୂଜା ମଣ୍ଡପରେ ବିଘ୍ନ ବିନାଶକଙ୍କ ଢେଙ୍କା ଶବର ବେଶ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗୁଛି। ସେହିପରି କାଞ୍ଚନ ବଜାର ପୂଜା ମଣ୍ଡପରେ ସବୁଜିମା ପରିବେଶର ବାର୍ତ୍ତା ଦେଇ ମହାପ୍ରଭୁ ଶ୍ରୀଗଣେଶ ବୃକ୍ଷଲତା ମଧ୍ୟରେ ବନ୍ୟପ୍ରାଣୀଙ୍କ ସହ ବିଜେ କରିଥିବା ଦୃଶ୍ୟ ପ୍ରଦର୍ଶିତ ହୋଇଛି। ଏହାକୁ ସନ୍ଧ୍ୟାରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଦର୍ଶନ କରୁଛନ୍ତି। ଚଳିତବର୍ଷ ଢେଙ୍କାନାଳ ସହରରେ ୩୮ଟି ମଣ୍ଡପରେ ଗଣେଶ ପୂଜା ଉତ୍ସବ ପାଳିତ ହେଉଥିବା ବେଳେ ଆସନ୍ତା ୩ ତାରିଖରେ ଭସାଣି ଉତ୍ସବ ଅନୁଷ୍ଠିତ ହେବ।

# ସ୍ୱାଭାବିକ ହେଲା ଲକ୍ଷ୍ମୀ ବସ୍ ଚଳାଚଳ

ପରଜଙ୍ଗ, ୩୦।୮ (ନିଗମାନନ୍ଦ ଦଳବେହେରା)

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ କାର୍ଯ୍ୟାଳୟରୁ ପ୍ରତିଦିନ ଯାଉଥିବା ୫ଟି ସରକାରୀ ଲକ୍ଷ୍ମୀବସ୍ ପୁନର୍ବାର ବିଭିନ୍ନ ରୁଟରେ ଆରମ୍ଭ ହୋଇଯାଇଛି। ସୂଚନା ଅନୁଯାୟୀ, ପରଜଙ୍ଗ ବ୍ଲକ କାର୍ଯ୍ୟାଳୟରୁ ବିଭିନ୍ନ ରୁଟରେ ଯାଉଥିବା ୫ଟି ଲକ୍ଷ୍ମୀ ବସ୍ ଗତ ମଙ୍ଗଳବାରଠାରୁ ବନ୍ଦ ଥିଲା। ବସ୍‌ର କଣ୍ଡକ୍ଟର, ଡ୍ରାଇଭର, ସୁପର ବିଭିନ୍ନ ସମସ୍ୟାର ସମାଧାନ ଦାବିରେ ଗାଡ଼ିଗୁଡ଼ିକୁ ସମ୍ପୂର୍ଣ୍ଣ ବନ୍ଦରେ ରଖିଥିଲେ। ସୁପର ଭାଇଜରଙ୍କୁ ବଦଳ ମୁଖ୍ୟ ଦାବି ଥିଲା। ଜିଲା ସୁପରଭାଇଜର ଅବିନାଶ ବେହେରାଙ୍କ ଜରିଆରେ ଏକ ଦାବିପତ୍ର ବୁଧବାର ଠାରୁ ପ୍ରଦାନ କରାଯାଇଥିଲା। କିନ୍ତୁ ବିଭାଗୀୟ ଅଧିକାରୀ ବ୍ଲକ ସୁପରଭାଇଜରଙ୍କ ବଦଳି ପରିବର୍ତ୍ତେ ୪ ଜଣ କଣ୍ଡକ୍ଟରଙ୍କୁ ଅନ୍ୟ ବ୍ଲକକୁ ବଦଳି ନିର୍ଦ୍ଦେଶ ଦେଇଥିଲେ। ଗୁରୁବାର ଭୁବନେଶ୍ୱରରୁ ଉଚ୍ଚ ଜିଏମ୍ପାର ୨ ଜଣ ମାନବ ସମ୍ବଳ ଅଧିକାରୀ ଆସି ଏ ବିଷୟରେ କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ। ଶନିବାର ପୁନର୍ବାର ଫୋନ ଯୋଗେ ଆଲୋଚନା କରି ଉଭୟ ସୁପରଭାଇଜର ଓ କଣ୍ଡକ୍ଟର କେହି କାହାକୁ ଦୁର୍ବ୍ୟବହାର କରିବେ ନାହିଁ, ଯେଉଁ ୪ ଜଣ କଣ୍ଡକ୍ଟରଙ୍କ ବଦଳି ହୋଇଥିଲା, ସେମାନଙ୍କୁ ପୁନର୍ବାର ପରଜଙ୍ଗରେ ଡ୍ୟୁଟି କରିବାକୁ ପ୍ରତିଶ୍ରୁତି ଦେବା ପରେ ସମାଧାନ ହୋଇଥିଲା।

# ଶିଶୁମନ୍ଦିର ପକ୍ଷରୁ ଡାକ୍ତରୀ ଛାତ୍ରଙ୍କୁ ସମ୍ବର୍ଦ୍ଧନା



ଢେଙ୍କାନାଳ,୩୦।୮ (ରତନ ନାୟାର)

ଢେଙ୍କାନାଳ ଜିଲା ଗଁନ୍ଦିଆ ବ୍ଲକ କରମୂଳସ୍ଥିତ ଆମ୍ବପଡ଼ା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଡାକ୍ତରୀ ଛାତ୍ର ଲୋକନାଥ ସାହୁଙ୍କୁ ଶନିବାର ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଲୋକନାଥ ନିଟ୍ ପରୀକ୍ଷାରେ କୃତିତ୍ୱ ଅର୍ଜନ କରି ସୁନ୍ଦରଗଡ଼ଠାରେ ସରକାରୀ ମେଡିକାଲ କଲେଜରେ ନାମ ଲେଖାଇଛନ୍ତି। ସେ ଆମ୍ବପଡ଼ା ଶିଶୁ ମନ୍ଦିରର ଛାତ୍ର ହୋଇଥିବାରୁ ଅଞ୍ଚଳ ପାଇଁ ଗର୍ବ ଓ ଗୌରବ ବୋଲି ସମ୍ବର୍ଦ୍ଧନା ସଭାରେ ମତପ୍ରକାଶ ପାଇଥିଲା। ଶିଶୁ ମନ୍ଦିରର ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ପଣ୍ଡା, ସଭାପତି ଜୟରାମ ସାହୁ, ସହ ସମ୍ପାଦକ ମନୋରଞ୍ଜନ ବେହେରା, ପ୍ରଧାନ ଆଚାର୍ଯ୍ୟ ରୀନା ସ୍ୱାଇଁଙ୍କ ସମେତ ଗୁରୁମା ସସ୍ମିତା ପାଣିଗ୍ରାହୀ, ନିବେଦିତା ଶତପଥୀ, ମୌସୁମୀ ପତି, ବନସ୍ମିତା ପ୍ରଧାନ, ରୀନା ସାହୁ, ପ୍ରିୟଦର୍ଶିନୀ ପାଢ଼ୀ, ଅନୁପମା ଚିନାରା, ବନିତା ମହାନ୍ତି, ରୀନା ସାହୁ, ଜୟନ୍ତୀ ଶତପଥୀ ଓ ଗୁରୁଜୀ ପ୍ରକାଶ ପଣ୍ଡା, ଟୁକୁନା ପୃଷ୍ଟି, ବୋଧିମନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଡାକ୍ତରୀ ଛାତ୍ର ଲୋକନାଥ ସାହୁଙ୍କ ବାପା ରମେଶ ସାହୁ ଏହି ସଭାରେ ଉପସ୍ଥିତ ରହି ପୁଅର ଦୀର୍ଘ ଜୀବନ କାମନା କରିବା ସହିତ ଭଲ ଡାକ୍ତର ହୋଇ ଲୋକମାନଙ୍କ ସେବା କରି କରମୂଳ ସମେତ ଜିଲାର ନାମ ରଖିବାକୁ ପରାମର୍ଶ ଦେଇଥିଲେ। ଲୋକନାଥ ସର୍ବ ଭାରତୀୟ ନିଟ୍ ପରୀକ୍ଷାରେ ୨୨୬୭୩ ର୍‍ୟାଙ୍କ ଓ ୮୧୩ ଓଡ଼ିଶା ର୍‍ୟାଙ୍କ ରଖି ଡାକ୍ତରୀ ପଢ଼ିବାର ସୁଯୋଗ ପାଇଛନ୍ତି। ଭବିଷ୍ୟତରେ ସେ ନ୍ୟୁରୋ ସର୍ଜନ ହେବା ପାଇଁ ଲକ୍ଷ୍ୟ ରଖିଛନ୍ତି ବୋଲି ଲୋକନାଥ କହିଛନ୍ତି।

# ନୂତନ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଅତିଥିମାନେ।

ଢେଙ୍କାନାଳ,୩୦।୮ (ରତନ ନାୟାର)

ଢେଙ୍କାନାଳ ସଦର ବ୍ଲକ ତାଳବରକୋଟ ଗ୍ରାମଠାରେ ଥିବା ଢେଙ୍କାନାଳ ଏକାଡେମୀ ଅଫ୍ ମେଡିକାଲ ସାଇନ୍ସ-୨୦୨୫ ବର୍ଷ ପାଇଁ ନୂତନ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ନିର୍ଦ୍ଦେଶକ ଡ. ତରାଇ ଅତିଥି ପରିଚୟ ସହ ସ୍ୱାଗତ ଅଭିଭାଷଣ ରଖିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଶିକ୍ଷାବିତ୍ ଡ. ପଲ୍ଲବ ଦାସ, ମୁଖ୍ୟବକ୍ତା ଭାବରେ ଶିକ୍ଷାବିତ୍ ଡ. ଗିରିଶ ରଞ୍ଜନ ସାହୁ, ସମ୍ମାନିତ ଅତିଥି ଭାବେ ଶିକ୍ଷା ଅଧିକାରୀ ବ୍ରହ୍ମାନନ୍ଦ ରାଉତ, ଅନୁଷ୍ଠାନର ନିର୍ଦ୍ଦେଶକ ଡ. ରଜନୀକାନ୍ତ ତରାଇ ଓ ଅଧ୍ୟକ୍ଷା କାଲ୍ୟାଣୀ ମିଶ୍ର ଯୋଗ ଦେଇଥିଲେ। ଭଲ ପାଠପଢ଼ି ନିଜ କର୍ମମୟ ଜୀବନ ସ୍ୱାସ୍ଥ୍ୟ ସେବାରେ ଲଗାଇବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଅଧ୍ୟକ୍ଷା କଲ୍ୟାଣୀ ମିଶ୍ର ଧନ୍ୟବାଦ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ସମସ୍ତ ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଗଣେଶ ପୂଜା ପାଇଁ ଚଳଚଞ୍ଚଳ ଡମୋଲ





ପରଜଙ୍ଗ,୩୦।୮ (ନିଗମାନନ୍ଦ ଦଳବେହେରା)

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ଡମୋଳ ଗ୍ରାମରେ ଚଳିତ ବର୍ଷ ଗଜାନନଙ୍କ ପୂଜାପାଇଁ ସମ୍ପୂର୍ଣ୍ଣ ଚଳଚଞ୍ଚଳ ହୋଇଉଠିଛି। ୯ ଟି ମଣ୍ଡପରେ ବିଭିନ୍ନ ରୂପରେ ପୂଜା ପାଉଛନ୍ତି ଗଣେଶ। ପୂଜା ଅନୁଷ୍ଠାନ ଗୁଡିକରେ ଉତ୍ସାହ ଦେଖିବାକୁ ମିଳିଛି। ସମସ୍ତ ପୂଜା ମଣ୍ଡପ ତରଫରୁ ବିଦ୍ୟୁତ୍ ଗେଟ, ଭଳିକିଭଳି ଲାଇଟ୍, ସାଉଣ୍ଡ ଲାଗିଥିବାବେଳେ ବିଭିନ୍ନ କମିଟି ତରଫରୁ ପ୍ରସାଦ ସେବନ ବ୍ୟବସ୍ଥା ମଧ୍ୟ ହେଉଛି। ଆଖପାଖ ଅଞ୍ଚଳରୁ ବହୁ ହଜାର ଶ୍ରଦ୍ଧାଳୁ ପ୍ରତିଦିନ ମେଢ଼ ବୁଲି ଦେଖୁଛନ୍ତି। ସାଇ ଗଣେଶ ପୂଜା କମିଟି, ବିନାୟକ ଗଣେଶ ପୂଜା କମିଟି, କିଙ୍ଗ ବ୍ରଦର୍ କ୍ଲବ, ଲକ୍ଷ୍ମୀ ବଜାର ପୂଜା କମିଟି, ରେଡ୍‌ଜୋନ କ୍ଲବ, ଆକ୍ରମଣ କ୍ଲବ, ଗଣପତି ଯୁଥ୍ କ୍ଲବ, ବଜରଙ୍ଗି କ୍ଲବ, ବ୍ରଦର୍ ଯୁଥ କ୍ଲବରେ ପ୍ରତି ସନ୍ଧ୍ୟାରେ ଭିଡ ଦେଖିବାକୁ ମିଳିଛି। ସମସ୍ତ ମେଢ଼ ଏକତ୍ରିତ ହୋଇ ଶୋଭାଯାତ୍ରାରେ ସାମିଲ ହେବାର ଅଛି। ମିଳିତ ଭଷାଣୀ ଥିବାରୁ କମିଟିଗୁଡିକ ପ୍ରତିଯୋଗିତାମୂଳକ ଭାବେ ସାଜସଜା କରିଛନ୍ତି। ଆସନ୍ତା ୪ରେ ମିଳିତ ଭସାଣି ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି।

# ବ୍ରଦର୍ସ ଆଣ୍ଡ ବ୍ରଦର୍ସ କ୍ଲବ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ



ଓଡ଼ାପଡ଼ା,୩୦।୮ (ରଞ୍ଜିତ୍ ନାୟକ)

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ହିନ୍ଦୋଳ ରୋଡ ସ୍ଥିତ ବ୍ରଦର୍ସ ଆଣ୍ଡ ବ୍ରଦର୍ସ କ୍ଲବ ପକ୍ଷରୁ ଅନୁଷ୍ଠିତ ଗଣେଶ ପୂଜା ଉତ୍ସବ ଅବସରରେ ଗୁରୁବାର ଅନୁଷ୍ଠିତ ଦ୍ୱିତୀୟ ସନ୍ଧ୍ୟାରେ ମୁଖ୍ୟ ଅତିଥି ରୂପେ ପୂର୍ବତନ ବିଧାୟକ ସୁଧୀର କୁମାର ସାମଲ, ସମ୍ମାନିତ ଅତିଥି ଭାବେ ଓଡ଼ାପଡ଼ା ବ୍ଲକ ଅଧ୍ୟକ୍ଷା ସସ୍ମିତା ମହାନ୍ତି, ଉପାଧ୍ୟକ୍ଷ ଅମିତାଭ ସ୍ୱାଇଁ, ଜଗବନ୍ଧୁ ଦଳେଇ ପ୍ରମୁଖ ଯୋଗଦେଇଥିଲେ। ଶୁକ୍ରବାର ତୃତୀୟ ସନ୍ଧ୍ୟାରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଓଡ଼ାପଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦିଲୀପ କୁମାର ଷଡଙ୍ଗୀ, ମୋଟଙ୍ଗା ଡିଏସ୍‌ପି ପଙ୍କଜ କୁମାର ମାଝୀ, ହିନ୍ଦୋଳ ରୋଡ ବଜାର କମିଟି ସଭାପତି ବିଶ୍ୱଜିତ୍ ଦେହୁରୀ, ଓଡ଼ାପଡ଼ା ସାମ୍ବାଦିକ ସଂଘ ସଭାପତି ରବିନାରାୟଣ ବେହେରା, ହିନ୍ଦୋଳ ରୋଡ ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ, ଭାଜପା ନେତା ଶିବଶକ୍ତି ମହାନ୍ତି, ସହଦେବ ପୃଷ୍ଟି, ସନ୍ତୋଷ ନାଏକ, ସଞ୍ଜୟ କୁମାର ଘୋଷ, ପୂର୍ବତନ ସରପଞ୍ଚ ଜଗବନ୍ଧୁ ଦଳେଇ, ସୁଶାନ୍ତ ବେହେରା ପ୍ରମୁଖ ଯୋଗଦେଇଥିଲେ। ମହାବୀର ସ୍ୱେଚ୍ଛାସେବୀ ସଙ୍ଗଠନର ସଭାପତି ସୌମ୍ୟରଞ୍ଜନ ଦାସଙ୍କୁ ସମାଜ ସେବା ପାଇଁ ଅତିଥିମାନେ ମାନପତ୍ର ଓ ଉପଢ଼ୌକନ ଦେଇ ସମ୍ମାନିତ କରିଥିଲେ। ଜଗବନ୍ଧୁ ଦଳେଇ ଧନ୍ୟବାଦ ଅର୍ପଣ କରିଥିଲେ।

# ପିଙ୍ଗୁଆରେ ଗଣେଶ ପୂଜା ଭସାଣି ଉତ୍ସବ

ଗଁନ୍ଦିଆ,୩୦।୮ (ବିଶ୍ୱ ମୋହନ ସାହୁ)



ଢେଙ୍କାନାଳ ଜିଲା ଗଁନ୍ଦିଆ ବ୍ଲକ ପିଙ୍ଗୁଆଠାରେ ଗଣେଶ ପୂଜାର ଭସାଣି ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ପିଙ୍ଗୁଆଠାରେ ୧୨ଗୋଟି ମଣ୍ଡପରେ ପ୍ରଭୁ ବିଘ୍ନ ବିନାଶକ ଶ୍ରୀଗଣେଶ ପୂଜା ପାଇଥିଲେ। ସିଂଘମ କ୍ଲବର ୧୨ବର୍ଷ ପୂର୍ତ୍ତି ଅବସରରେ ଭସାଣି ଉତ୍ସବରେ ଛତିଶଗଡ଼ରୁ ଆସିଥିବା ଅଘୋରୀ ନୃତ୍ୟ ଓ ଷ୍ଟାଇଲସ୍ ଷ୍ଟାର ପକ୍ଷରୁ ଆଦିବାସୀ ନୃତ୍ୟ ଦର୍ଶକଙ୍କୁ ବିମୋହିତ କରିଥିଲା। ଏଥିସହିତ ଅନ୍ୟ କ୍ଲବମାନଙ୍କ ଦ୍ୱାରା ଚିତ୍ରକଳା ପ୍ରଦର୍ଶନ ସହ ଦୁଇଗୋଟି ପାଣ୍ଡା କଣ୍ଢେଇ ଶୋଭାଯାତ୍ରାରେ ମନୋରଞ୍ଜନ କରାଇଥିଲେ। ଭସାଣି ଶୋଭାଯାତ୍ରାକୁ ଦେଖିବା ପାଇଁ ଆଖପାଖ ଅଞ୍ଚଳର ବହୁ ଲୋକଙ୍କ ସମାଗମ ହୋଇଥିଲା।

**ମନମୋହିଲା ଅଘୋରୀ ଓ ଆଦିବାସୀ ନୃତ୍ୟ**

# ହିନ୍ଦୋଳ ପାରିକୁଳରେ ଜିଲାସ୍ତରୀୟ ଭଲିବଲ୍ ପ୍ରତିଯୋଗିତା



ହିନ୍ଦୋଳ ପାରିକୁଳରେ ଜିଲାସ୍ତରୀୟ ଭଲିବଲ୍ ପ୍ରତିଯୋଗିତା ଉଦ୍‌ଘାଟିତ।

ଢେଙ୍କାନାଳ,୩୦।୮ (ରତନ ନାୟାର)

ତାମିଲ୍‌ନାଡୁ କୋଏମ୍ବାଟୁର୍‌ର ସଦ୍‌ଗୁରୁଙ୍କ ଦ୍ୱାରା ସଂସ୍ଥାପିତ ଈଶା ଫାଉଣ୍ଡେଶନ୍ ପକ୍ଷରୁ ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ୍ ପାଇକ ପୁରୁଣାକୋଟସ୍ଥିତ ପାରିକୁଳ ହାଇସ୍କୁଲ୍ ପଡ଼ିଆରେ ଜିଲାସ୍ତରୀୟ ୨ଦିନିଆ ଭଲିବଲ୍ ପ୍ରତିଯୋଗିତା ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ୨୨ଟି ଦଳ ଭାଗ ନେଇଛନ୍ତି। ପ୍ରତିଯୋଗିତାକୁ ପୂର୍ବତନ ମନ୍ତ୍ରୀ ତଥା କ୍ରୀଡ଼ା ସଙ୍ଗଠକ ନବୀନ ଚନ୍ଦ୍ର ନାରାୟଣ ଦାସ ଓ ବରିଷ୍ଠ ଶିକ୍ଷାବିତ୍ ପ୍ରଦ୍ୟୁମ୍ନ ରଥ ମିଳିତ ଭାବେ ଏହାକୁ ଉଦ୍‌ଘାଟନ କରିଥିଲେ। ଈଶା ଫାଉଣ୍ଡେଶନ' ଗ୍ରାମୋତ୍ସବ ମାଧ୍ୟମରେ ଗ୍ରାମୀଣ କ୍ରୀଡ଼ା ପ୍ରତିଭାକୁ ବିକଶିତ କରିବାର ପ୍ରୟାସ ସ୍ୱାଗତଯୋଗ୍ୟ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ସରପଞ୍ଚ ପ୍ରତାପ ପ୍ରଧାନ, ଈଶା ଫାଉଣ୍ଡେଶନ ସଦସ୍ୟା କୀର୍ତ୍ତିପ୍ରଦା ଜେନା ଓ ସୌମ୍ୟବ୍ରତ ସାହୁ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ରାଜ୍ୟ କ୍ରୀଡ଼ା ବିଭାଗର ଅବସରପ୍ରାପ୍ତ ଯୁଗ୍ମ ନିର୍ଦ୍ଦେଶକ ଗିରିଜା ମହାନ୍ତି ଓ ଯୁବ ଶିଳ୍ପଦ୍ୟୋଗୀ ସୌମେନ୍ଦୁ ପଟ୍ଟନାୟକଙ୍କ ମିଳିତ ତତ୍ତ୍ୱାବଧାନରେ ଈଶା ଫାଉଣ୍ଡେଶନ୍‌ର ଓଡ଼ିଶା ମୁଖ୍ୟଙ୍କ ସହଯୋଗରେ ଏହି ଭଲିବଲ୍ ପ୍ରତିଯୋଗିତା ଆୟୋଜିତ ହେଉଛି। ରଜନୀକାନ୍ତ ମିଶ୍ର ସଭା ସଂଯୋଜନା କରିଥିଲେ। କଟକ, ପୁରୀ, ବଲାଙ୍ଗୀର, ଢେଙ୍କାନାଳ ଓ ଖୋର୍ଦ୍ଧା ଜିଲାର ପ୍ରଥମ ଚାରୋଟି ଲେଖାଏ ଦଳ ରାଜ୍ୟସ୍ତରୀୟ ଟୁର୍ଣ୍ଣାମେଣ୍ଟରେ ଭାଗନେବେ, ଯାହାକି ସେପ୍ଟେମ୍ବର ୭ ତାରିଖରେ କିଟ୍ ବିଶ୍ୱ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ହେବ। 'ଈଶା ଫାଉଣ୍ଡେଶନ୍' କାର୍ଯ୍ୟ କରୁଥିବା ୬ଟି ରାଜ୍ୟ ଓଡ଼ିଶା, ତାମିଲ୍‌ନାଡୁ, ତେଲେଙ୍ଗାନା, ଆନ୍ଧ୍ର, କେରଳ ଓ କର୍ଣ୍ଣାଟକରୁ ଶ୍ରେଷ୍ଠ ବିବେଚିତ ୨ଟି ଲେଖାଏ ଦଳ କୋଏମ୍ବାଟୁର୍ ଠାରେ ସର୍ବଭାରତୀୟ ଗ୍ରାମୀଣ ଭଲିବଲ୍ ଟୁର୍ଣ୍ଣାମେଣ୍ଟରେ ଭାଗନେବେ। ପାରିକୁଳ ହାଇସ୍କୁଲ୍‌ର ପ୍ରଧାନ ଶିକ୍ଷକ ପବିତ୍ର ମୋହନ ପ୍ରଧାନ ଧନ୍ୟବାଦ ଦେଇଥିଲେ।

# ଢେଙ୍କାନାଳର ଭାଇଚାରା ପରମ୍ପରା ରାଜ୍ୟରେ ଅନନ୍ୟ

**ବିକାଶ ଯୁଥ୍ କ୍ଲବର ଷ୍ଟାର ନାଇଟ୍ ଉଦ୍‌ଘାଟିତ**

ଢେଙ୍କାନାଳ,୩୦।୮ (ରତନ ନାୟାର)



ଅନ୍ତର୍ଜାତୀୟସ୍ତରର ଭିନ୍ନକ୍ଷମ ବ୍ୟାଡମିଣ୍ଟନ ଖେଳାଳି ବିଭାସିନ୍ଧୁ ବାରିକଙ୍କୁ ମୁଖ୍ୟ ଅତିଥି ସମ୍ବର୍ଦ୍ଧିତ କରୁଛନ୍ତି।

ଢେଙ୍କାନାଳ ସହର ଖମାରସାହି ବିକାଶ ଯୁଥ୍ କ୍ଲବ ପକ୍ଷରୁ ଗଣେଶ ପୂଜା ଅବସରରେ ଦୁଇ ଦିନିଆ ଷ୍ଟାର ନାଇଟ୍ କାର୍ଯ୍ୟକ୍ରମ ଶନିବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଶିଷ୍ଟ ଯୁବ ସମାଜସେବୀ ଡା. ଅବିନାଶ ସାମଲ କହିଲେ, ଢେଙ୍କାନାଳର ଭାଇଚାରା ପରମ୍ପରା ସମଗ୍ର ରାଜ୍ୟରେ ଅନନ୍ୟ। କୌଣସି ପ୍ରକାର ଆର୍ଥିକ ପ୍ରୋତ୍ସାହନ ନ ଥିବା ବେଳେ ଢେଙ୍କାନାଳରେ ସାଂସ୍କୃତିକ କାର୍ଯ୍ୟକ୍ରମ ଗୁଡିକର ପ୍ରମୁଖ ନାୟକ ସାଜିଛନ୍ତି ସହରର ଯୁବପିଢି। ସେଥିପାଇଁ ଏଠାରେ ଗଣେଶ ପୂଜା, ଲକ୍ଷ୍ମୀପୂଜା ଏବଂ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଢେଙ୍କାନାଳକୁ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଛି। ସମ୍ମାନିତ ଅତିଥି ଭାବେ ମିଳିତ ଗଣେଶ ପୂଜା କ୍ରିୟାନୁଷ୍ଠାନ କମିଟି ସଭାପତି ସୁଧାଂଶୁ କୁମାର ଦଳେଇ ଯୋଗଦେଇ ୩୦ଟି ଗଣେଶ ପୂଜା ଅନୁଷ୍ଠାନରୁ ବର୍ତ୍ତମାନ ୪୦ଟି ପୂଜା ମଣ୍ଡପରେ ମହାସମାରୋହରେ ବିଘ୍ନ ବିନାଶକଙ୍କ ପୂଜା ଅନୁଷ୍ଠିତ ହେଉଛି। ବିକାଶ ଯୁଥ୍ କ୍ଲବ ସାମାଜିକ କାର୍ଯ୍ୟକ୍ରମରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି ବୋଲି କହିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜିଲା ସାମ୍ବାଦିକ ସଂଘ ସାଧାରଣ ସମ୍ପାଦକ ସତ୍ୟ ସ୍ୱରୂପ ଦାସ, ସାମାଜିକ କାର୍ଯ୍ୟକ୍ରମର ନେତୃତ୍ୱ ନେଉଥିବା ବିକାଶ ଯୁଥ୍ କ୍ଲବ ପ୍ରତି ଆଗାମୀ ଦିନରେ ସମସ୍ତ ସହଯୋଗ ରହିବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ଅନ୍ନପୂର୍ଣ୍ଣା ଚାରିଟେବୁଲ ଟେମ୍ପୁଲ ଟ୍ରଷ୍ଟର ସଭାପତି ସୁକାନ୍ତ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ଟ୍ରଷ୍ଟର ସମ୍ପାଦକ ସୁଶାନ୍ତ କୁମାର ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ଅନ୍ତର୍ଜାତୀୟ ସ୍ତରରେ କୃତିତ୍ୱ ଅର୍ଜନ କରିଥିବା ଭିନ୍ନକ୍ଷମ ବ୍ୟାଡ୍‌ମିଣ୍ଟନ ଖେଳାଳି ବିଭାସିନ୍ଧୁ ବାରିକ ଓ ଆଶିଷ କୁମାର ଶତପଥୀଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିକ କରାଯାଇଥିଲା। ବିକାଶ ଯୁଥ୍ କ୍ଲବ ସଭାପତି ସର୍ବେଶ୍ୱର ପତ୍ରିଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକାରୀ ସଭାପତି ପ୍ରଭାତ କୁମାର ସାହୁ, ସମ୍ପାଦକ ସର୍ବେଶ୍ୱର ପ୍ରଦାନ, ଉପଦେଷ୍ଟା ପ୍ରଶାନ୍ତ ବେହେରା, ଭଗବାନ ବେହେରା, ଚକ୍ରଧର ରାଉତ ପ୍ରମୁଖ ମଞ୍ଚାସୀନ ଥିଲେ। ଅନ୍ନପୂର୍ଣ୍ଣା ଚାରିଟେବୁଲ ଟେମ୍ପୁଲ ଟ୍ରଷ୍ଟ ଉପସଭାପତି ଆଇନଜୀବୀ ବସନ୍ତ କୁମାର ରଥ ଧନ୍ୟବାଦ ପ୍ରଦାନ କରିଥିଲେ। ସୁଶାନ୍ତ କୁମାର ପାଣି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହାପରେ ଓଡ଼ିଶାର ପ୍ରତିଷ୍ଠିତ କଣ୍ଠଶିଳ୍ପୀମାନଙ୍କ ଦ୍ୱାରା ସଙ୍ଗୀତର ଆସର ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରବିବାର ଏହି ଷ୍ଟାର ନାଇଟ ଉଦ୍‌ଯାପିତ ହେବ।

# ତହସିଲ ଅଫିସ ସମ୍ମୁଖରେ ବୃଦ୍ଧଙ୍କ ଅନଶନ

ଅନୁଗୋଳ, ୩୦।୮ (ମାନସ ବିଶ୍ୱାଳ)



ଅନୁଗୋଳ ତହସିଲ ଅଫିସ ମୁଖ୍ୟ ଫାଟକ ସମ୍ମୁଖରେ ଅଙ୍ଗାରବନ୍ଧ ପଞ୍ଚାୟତ ବାରସିଂହା ଗ୍ରାମର ସୁରେଶ ସାହୁ ଶନିବାର ଅନଶନରେ ବସିଛନ୍ତି। ସେ ଅଭିଯୋଗ କରିଛନ୍ତି, ତାଙ୍କ ବାପା ଚନ୍ଦ୍ରମଣି ସାହୁ ୧୯୮୨ -୮୩ ମସିହାରେ ପଞ୍ଚାୟତରୁ ୧.୫ ଏକର ସରକାରୀ ଜମି ଲିଜ୍ ସୂତ୍ରରେ ନେଇ ମାଛଚାଷ କରି ଆସୁଥିଲେ। ୨୦୦୦ ମସିହାରେ ଉକ୍ତ ଜମିକୁ ପଞ୍ଚାୟତ ଫେରସ୍ତ ନେବାକୁ ଚେଷ୍ଟା କରିବାରୁ ମାମଲା କୋର୍ଟରେ ବିଚାରାଧୀନ ରହିଛି। ଦୀର୍ଘ ୨୫ ବର୍ଷ ପରେ ତାଙ୍କ ପୁତ୍ର ଉକ୍ତ ସରକାରୀ ଜମିକୁ ପଟ୍ଟା କରିବା ପାଇଁ ତହସିଲଦାର ଓ ଉପଜିଲାପାଳଙ୍କ ନିକଟରେ ଆବେଦନ କରିଥିଲେ ହେଁ ପ୍ରଶାସନ ତାହାକୁ ନାକଚ କରିଦେଇଥିଲା। ପ୍ରତିବାଦରେ ସେ ଏହି ଅନଶନ କରିଛନ୍ତି। ଏ ସମ୍ପର୍କରେ ଅନୁଗୋଳ ତହସିଲଦାର ଥାନାକୁ ଜଣାଇବା ପରେ ୫ ଜଣ ପୋଲିସ କର୍ମଚାରୀ ପହଞ୍ଚି ସୁରେଶଙ୍କୁ ବୁଝାଇଥିଲେ ମଧ୍ୟ ସେ ଅନଶନରୁ ଉଠି ନ ଥିଲେ। ଅନୁଗୋଳ ତହସିଲଦାର ଆଲୋକ ଦେହୁରୀ କହିଛନ୍ତି, ୫ ବର୍ଷ ପାଇଁ ଜମି ସୁରେଶ ସାହୁଙ୍କ ବାପା ଚନ୍ଦ୍ରମଣି ସାହୁଙ୍କୁ ଦିଆଯାଇଥିଲା। ଦୀର୍ଘଦିନ ଧରି ଜବରଦଖଲରେ ରଖିବା ପରେ ପଟ୍ଟା ପାଇଁ ଆବେଦନ କରିଛନ୍ତି, ଯାହା ସମ୍ଭବ ନୁହେଁ। ବେଆଇନ ଅନଶନ ସମ୍ପର୍କରେ ଅନୁଗୋଳ ଥାନାକୁ ଲିଖିତ ଭାବେ ଜଣାଇ ଦିଆଯାଇଛି।

# ୨ ମହିଳା ଗିରଫ, ୫ ଫେରାର

## ମହିଳାଙ୍କ ବେକରେ ଚପଲମାଳ ପକାଇବା ଘଟଣା

ବଲ୍ଲଡା, ୩୦।୮ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ବ୍ଲକ ହଣ୍ଡପା ଥାନା ଅଞ୍ଚଳର ଜଣେ ମହିଳା ଗ୍ରାମ ପାଣ୍ଡିରୁ ନେଇଥିବା ଋଣ ସୁଝି ନ ପାରିବାରୁ ନିର୍ଯାତନାର ଶିକାର ହୋଇଥିଲେ। ଗାଁର କେତେଜଣ ମହିଳା ବୈଠକ କରି ସମ୍ପୃକ୍ତ ମହିଳାଙ୍କ ବେକରେ ଚପଲ ମାଳ ପକାଇ ବୁଲାଇଥିବା ଥାନାରେ ଅଭିଯୋଗ ହୋଇଥିଲା। ଉକ୍ତ ଅଭିଯୋଗ ଆଧାରରେ ପୋଲିସ ନମ୍ବର ୩୧୦/୨୫ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଶନିବାର ପୋଲିସ ୨ ଅଭିଯୁକ୍ତା ମହିଳାଙ୍କୁ ଗିରଫ କରିଛି। ଆଉ ୫ ଅଭିଯୁକ୍ତା ମହିଳା ଫେରାର ହୋଇଯାଇଛନ୍ତି। ସେମାନଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ଆଇଆଇସି ନମିତା ନାୟକ ସୂଚନା ଦେଇଛନ୍ତି।

# ଓପିଏସ୍ ମହାବିଦ୍ୟାଳୟରେ ଜାତୀୟ କ୍ରୀଡ଼ା ଦିବସ




ଓଡ଼ାପଡ଼ା, ୩୦।୮ (ରଞ୍ଜିତ୍ ନାୟକ)

ଢେଙ୍କାନାଳ ଜିଲା ହିନ୍ଦୋଳ ରୋଡ୍ସ୍ଥିତ ଓଡ଼ାପଡ଼ା ପଞ୍ଚାୟତ ସମିତି ମହାବିଦ୍ୟାଳୟରେ ଜାତୀୟ କ୍ରୀଡ଼ା ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଶମ୍ଭୁପ୍ରସାଦ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ପ୍ରାଧ୍ୟାପକ ଗୁରୁଚରଣ ରାଉତରାୟ, ଅଧ୍ୟାପକ ନୀଳକଣ୍ଠ ଦାସ, ରବି ନାରାୟଣ ସାହୁ, ପ୍ରଣବ କୁମାର ହୋତା, କ୍ୟାପଟେନ ଅକ୍ଷୟ କୁମାର ସାହୁ, ଡ.ଦୀନନାଥ ଦାସ ଓ ମଙ୍ଗରାଜ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ସଭାପତି ଡ. ପ୍ରଧାନ ଯୁବଶକ୍ତିର ବିକାଶରେ କ୍ରୀଡ଼ାର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ପ୍ରାଧ୍ୟାପକ ଗୁରୁଚରଣ ରାଉତରାୟ ଜାତୀୟ କ୍ରୀଡ଼ା ଦିବସ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ କହିଥିଲେ। ଜାତୀୟ କ୍ରୀଡ଼ା ଦିବସ ପାଳନ ଉପଲକ୍ଷେ ମହାବିଦ୍ୟାଳୟରେ ଏକ ସାଧାରଣ ଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉକ୍ତ ମାଧ୍ୟମିକସ୍ତରରେ ପାର୍ଥ ସାରଥୀ ରାଉଳ ପ୍ରଥମ, ସ୍ୱାତୀଶା ସାହୁ ଦ୍ୱିତୀୟ, ଏଲୋରା ପ୍ରିୟଦର୍ଶନୀ ସାହୁ ତୃତୀୟ ଏବଂ ମହାବିଦ୍ୟାଳୟ ସ୍ତରରେ ସତ୍ୟଫା ବେହେରା ପ୍ରଥମ, ଦୀପଙ୍କର ବେହେରା ଦ୍ୱିତୀୟ, ଧରିତ୍ରୀ ନାୟକ ତୃତୀୟ ସ୍ଥାନ ଅଧିକାର କରିଥିଲେ।

# ୨୩ ଲକ୍ଷ ଟଙ୍କା, ୧୧ ଗ୍ରାମ ୯୧୦ ମିଲିଗ୍ରାମ୍ ସୁନା ମିଳିଲା

## ମା' ତାରିଣୀଙ୍କ ହୁଣ୍ଡି ଗଣତି

ଘଟଗାଁ, ୩୦।୮ (ରାଜେନ୍ଦ୍ର କୁମାର ପଟ୍ଟନାୟକ)

କେନ୍ଦୁଝର ଜିଲା ଘଟଗାଁ ମା' ତାରିଣୀଙ୍କ ହୁଣ୍ଡି ଶନିବାର ଗଣତି ହୋଇଛି। ଭିତର ଓ ବାହାର ବେଢ଼ାର ମୋଟ ୧୩ ଗୋଟି ହୁଣ୍ଡିରୁ ୨୨ ଲକ୍ଷ ୯୮ ହଜାର ୭୧୭ ଟଙ୍କା, ୧୧ ଗ୍ରାମ ୯୧୦ମିଲିଗ୍ରାମ ସୁନା ଓ ୬୩୮ଗ୍ରାମ ୬୦୦ ମିଲିଗ୍ରାମ ରୁପା ମିଳିଥିବା ମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ସୂଚନା ଅନୁଯାୟୀ, ସମ୍ବଲପୁର ଦେବୋତ୍ତର ବିଭାଗ ଡିଭିଜନାଲ ଇନ୍ସପେକ୍ଟର ଦକ୍ଷିଣ କୁମାର ମାରାଣ୍ଡି, ଦେବୋତ୍ତର ନିରୀକ୍ଷକ ତ୍ରିଲୋଚନ ନାୟକ, ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ସଂଜୀବ କୁମାର ମହାପାତ୍ର, ପୋଲିସ କର୍ମଚାରୀ ଆରତୀ ସାହୁ ପ୍ରମୁଖ ଉପସ୍ଥିତ ରହି ମନ୍ଦିର ବେଢ଼ା ଭିତର ଓ ବାହାର ମୋଟ ୧୩ ଗୋଟି ହୁଣ୍ଡି ଖୋଲାଯାଇ ଗଣତି କରାଯାଇଥିଲା। ମନ୍ଦିର ବରିଷ୍ଠ କର୍ମଚାରୀ ଅବନୀ ଜେନା, ହରେକୃଷ୍ଣ ପଲେଇ, ମହେଶ୍ୱର ସାହୁ, ରଞ୍ଜନ ସାହୁ, ଅରୁଣ କୁମାର ନାୟକ, ଶ୍ରୀକାନ୍ତ ଦେହୁରୀ, ନବୀନ ମହାନ୍ତ, କାଳନ୍ଦୀ ମହାନ୍ତ, ତୁଷାରକାନ୍ତ ରାଉତ, ଲକ୍ଷ୍ମୀଧର ମହାନ୍ତ, ଦେବବ୍ରତ ବଳ, ପରମେଶ୍ୱର ବଳ, ସନାତନ ନାୟକ, ତରଣୀସେନ ରାଉତ, ତୁଷାରକାନ୍ତ ରାଉତ, ହରିହର ମହାନ୍ତ, ନାରାୟଣ ମୁଖି, ଗଗନ ବେହେରା, ପିତାମ୍ବର ଗିରି, ଚକ୍ରଧର ନାୟକ, ସଞ୍ଜିଆ ମୁଖି ସମେତ ଗଣତିରେ ଭାଗ ନେଇଥିଲେ। ଏଥିସହ ଷ୍ଟେଟ୍ ବ୍ୟାଙ୍କ ଶାଖା କର୍ମଚାରୀ ତ୍ରିଶାଳା ଝାଁସଡା, ରେଣୁଧର ପାତ୍ର ପ୍ରମୁଖ ଉପସ୍ଥିତ ରହି ଗଣତି କରିଥିଲେ।

# ନୂତନ ପରିଚାଳନା କମିଟି ଗଠିତ



ପରଜଙ୍ଗ, ୩୦।୮ (ନିଗମାନନ୍ଦ ଚକ୍ରବେହେରା)

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ କଙ୍କିଲି ରାଧାକୃଷ୍ଣ ଜୀଉ ଉଚ୍ଚ ବିଦ୍ୟାପୀଠର ନୂତନ ପରିଚାଳନା କମିଟି ଶନିବାର ଗଠନ ହୋଇଯାଇଛି। କମିଟିରେ ମୋଟ ୧୧ ସଦସ୍ୟ ଚୟନ ହୋଇଛନ୍ତି। ସେଥିମଧ୍ୟରୁ ୫ ସଦସ୍ୟ ସରକାରଙ୍କ ନିୟମ ଅନୁଯାୟୀ ରହିବାକୁ ଚୟନ ହୋଇଛନ୍ତି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କୁମୁଦିନୀ ସାହୁ ସଦସ୍ୟ ଭାବେ ନୂତନ କମିଟିରେ ରହିଥିବାବେଳେ ଶିକ୍ଷକଙ୍କ ପ୍ରତିନିଧି ଭାବେ ଗଦାଧର ପ୍ରଧାନ, ବିଧାୟକଙ୍କ ପ୍ରତିନିଧି ଭାବେ ଅନ୍ତର୍ଯାମୀ ସାହୁ, ସ୍ଥାନୀୟ ସରପଞ୍ଚ ପ୍ରମିଳା ସାହୁ, ସମିତି ସଭ୍ୟ ମମତା ପାଣି ସରକାରଙ୍କ ପକ୍ଷରୁ କମିଟିରେ ସ୍ଥାନ ପାଇଛନ୍ତି। ସେହିଭଳି ଅଭିଭାବକ ଓ ପଞ୍ଚାୟତବାସୀଙ୍କ ପକ୍ଷରୁ ଅଭିଭାବକ ପଞ୍ଚୁଆବର୍ଗ ପୁରୁଷ ଭାବେ ସର୍ବ ସମ୍ମତିକ୍ରମେ ମନୋଜ କୁମାର ସାହୁ ଚୟନ ହୋଇଥିବାବେଳେ, ଏସ୍‌ସି ଓ ଏସ୍‌ଟି ବର୍ଗରୁ ବିଜୟ ପିଙ୍ଗୁଆଙ୍କୁ ସମର୍ଥନ କରାଯାଇଥିଲା। ବାପିନ୍ଦ୍ର ସାହୁଙ୍କୁ ସର୍ବସମ୍ମତିକ୍ରମେ ଶିକ୍ଷାବିତ୍ ଭାବେ ଚୟନ କରାଯାଇଥିଲା। ପବିତ୍ର ସାହୁଙ୍କୁ ୨ୟ ଶିକ୍ଷାବିତ୍ ଭାବେ ଚୟନ କରାଯାଇଥିଲା। ପରିଶେଷରେ ଅନୁବାଦୀ ଭାବେ ସର୍ବ ସମ୍ମତିକ୍ରମେ ହଜ କିଶୋର ବିଶ୍ୱାଳ ଚୟନ ହୋଇଥିଲେ। ନୂତନ କମିଟି ସଦସ୍ୟଙ୍କ ସହ ପ୍ରସ୍ତାବକ ସମର୍ଥକଙ୍କ ସମେତ ଉପସ୍ଥିତ ଅଭିଭାବକ ଓ ଗ୍ରାମବାସୀ ସାମିଲ ଥିଲେ।

# ଡାକ୍ତରଖାନା, ମଣ୍ଡଳ କାରାଗାର ବୁଲି ଦେଖିଲେ

## ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷାଙ୍କ କେନ୍ଦୁଝର ଗସ୍ତ

କେନ୍ଦୁଝର, ୩୦।୮ (ନରେଶ ଚନ୍ଦ୍ର ପଟ୍ଟନାୟକ)

ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା ଶୋଭନା ମହାନ୍ତି ଶନିବାର କେନ୍ଦୁଝର ଗସ୍ତ କରିଛନ୍ତି। ମଣ୍ଡୁଆ ଓ ବଡ଼ିଆପାଦରେ ଥିବା ସଖୀ ଶକ୍ତି ସଦନ ଗସ୍ତକରି ଅନ୍ତେବାସିନୀଙ୍କ ସହ ଭାବ ବିନିମୟ କରିଛନ୍ତି। ସେଠାରେ ସେମାନଙ୍କ ସୁବିଧା ଅସୁବିଧା ପଚାରି ବୁଝିଛନ୍ତି। ଜିଲା ମୁଖ୍ୟ ଚିକିତ୍ସାଳୟରେ ସ୍ତ୍ରୀ ଓ ପ୍ରସୂତି ବିଭାଗ ପରିଦର୍ଶନ କରି ଉପଲବ୍ଧ ସ୍ୱାସ୍ଥ୍ୟ ସେବାର ସମୀକ୍ଷା କରିଥିଲେ। ଜିଲା ମଣ୍ଡଳ କାରାଗାର ଗସ୍ତ କରି ମହିଳା କଏଦୀଙ୍କ ସୁବିଧା ଅସୁବିଧା ପଚାରି ବୁଝିଥିଲେ ଓ ସେମାନେ କିପରି ମୁଖ୍ୟ ସ୍ରୋତରେ ସାମିଲ ହୋଇପାରିବେ ସେନେଇ ଆଲୋକପାତ କରିଥିଲେ। ସଦର ଥାନାରେ ଥିବା ମହିଳା ଓ ଶିଶୁ ଡେସ୍କ ପରିଦର୍ଶନରେ ଯାଇ ମହିଳା ଓ ଶିଶୁଙ୍କ ଲାଗି ଉଦ୍ଦିଷ୍ଟ ଆଇନଗତ ପ୍ରକ୍ରିୟାର ତଦାରଖ କରିଥିଲେ। ଶ୍ରୀମତୀ ମହାନ୍ତିଙ୍କ ଏହି ଗସ୍ତ ଅବସରରେ ସମାଜ ମଙ୍ଗଳ ଅଧିକାରୀ ଭାରତୀ ସାହୁ, ଜିଲା କାର୍ଯ୍ୟକ୍ରମ ଅଧିକାରୀ ବାସନ୍ତୀ ମହାନ୍ତ ଏବଂ ସୁରକ୍ଷା ଅଧିକାରୀ ଚନ୍ଦ୍ରକାନ୍ତି ଜେନା ସାମିଲ ହୋଇଥିଲେ।

# ସରକାରୀ ମହିଳା ମହାବିଦ୍ୟାଳୟରେ ସ୍ୱାଗତ ଉତ୍ସବ

କେନ୍ଦୁଝର, ୩୦।୮ (ଦୀପକ ମିଶ୍ର/ ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ସରକାରୀ ମହିଳା ମହାବିଦ୍ୟାଳୟର ଓଡ଼ିଆ ବିଭାଗ ପକ୍ଷରୁ ଶନିବାର ପ୍ରଥମ ବର୍ଷ ଛାତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ୱାଗତ ଉତ୍ସବ ସହ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ମୁଖ୍ୟ ଡ. ରଶ୍ମିରାଣୀ ପଣ୍ଡାଙ୍କ ତତ୍ତ୍ୱାବଧାନରେ ବିଧିବଦ୍ଧ ଭାବେ ପିଲାଙ୍କୁ ସ୍ୱାଗତ କରିଥିଲେ। ମୁଖ୍ୟ ଅତିଥିଭାବେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଲଳିତ ରଞ୍ଜନ ସାହୁ ଯୋଗଦେଇ ପିଲାଙ୍କୁ ସ୍ୱାଗତ କରି କଠିନ ଅଧ୍ୟବସାୟ ଦ୍ୱାରା ଜଣେ ସଫଳ ମଣିଷ ହୋଇପାରିବ। ଏଥିସହ ପାଠଚକ୍ର ପିଲାଙ୍କ ପାଇଁ ଉପାଦେୟ ହେବ ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ସଂସ୍କୃତ ମହାବିଦ୍ୟାଳୟ, ବାରିପଦା ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ମୁଖ୍ୟ ଡ. ଧର୍ମବୀର ମୋହନ ସିଂହ ଯୋଗଦେଇ ଉତ୍ତର ଆଧୁନିକ କବିତାରେ ମାନବବାଦ ସମ୍ପର୍କରେ ଆଲୋଚନା ପ୍ରସଙ୍ଗରେ ୧୯୮୦ ପରବର୍ତ୍ତୀ କବିତା ଠାରୁ ଆରମ୍ଭ କରି ବର୍ତ୍ତମାନ ପର୍ଯ୍ୟନ୍ତ କବିତାକୁ ଆଲୋଚନା କରିଥିଲେ। ବରିଷ୍ଠ ପ୍ରଫେସର୍ ସୁଧାକର ଦାଶ କବିତାରେ କବିତାରେ ସ୍ୱାଗତ କରିଥିଲେ। ବନୀୟ ବିଭାଗର ମୁଖ୍ୟ ତଥା ଅର୍ଥ ଅଧିକାରୀ ଡ. ଅଜିତ୍ କୁମାର ବରାଳ ବିଦ୍ୟାଳୟର ବିଭିନ୍ନ ମେଧାବୃତ୍ତି ସମ୍ପର୍କରେ କହିଥିଲେ। ଅନ୍ୟତମ ବିଭାଗର ଅଧ୍ୟାପକ ଡ. ସୂର୍ଯ୍ୟକାନ୍ତ ନାୟକ, ଅନ୍ୟତମ ଅଧ୍ୟାପିକା ଡ. ରଶ୍ମିତା ସାହୁ, ବିଭାଗର ଅନ୍ୟତମ ଅଧ୍ୟାପିକା ବର୍ଷାରାଣୀ ବେହେରା, ପ୍ରଫେସର ବାଞ୍ଛାନିଧି ମହାପାତ୍ର, ଅଧ୍ୟାପିକା ମୌସୁମୀ ଦାସ, ଅନ୍ୟତମ ପରିବେଶ ବିଜ୍ଞାନ ଅଧ୍ୟାପିକା ପ୍ରିୟମ୍ବଦା ସାହୁ ଯୋଗଦେଇ ନିଜ ଭବିଷ୍ୟତ ନିଜ ହାତରେ। ଶେଷରୁ ନିଜ ଦାୟିତ୍ୱ ଓ କର୍ତ୍ତବ୍ୟକୁ ସୁଚାରୁ ରୂପେ ପାଳନ କରିବା ପାଇଁ ପରାମର୍ଶ ଦେଇଥିଲେ। ନୂତନ ଭାବରେ ପ୍ରଥମ ବର୍ଷର ଛାତ୍ରୀ ରିତୁଲତା ନାଥଙ୍କୁ ପାଠଚକ୍ର ସମ୍ପାଦିକା ଭାବରେ ବିଭାଗ ତରଫରୁ ଚୟନ କରାଯାଇଥିଲା। ଉତ୍ସବରେ ପ୍ରଥମ ବର୍ଷ, ଦ୍ୱିତୀୟ ବର୍ଷ ଓ ତୃତୀୟ ବର୍ଷର ଛାତ୍ରୀ ଉପସ୍ଥିତ ଥିଲେ। ଶେଷରେ ଦ୍ୱିତୀୟ ବର୍ଷର ଛାତ୍ରୀ ଜସ୍ମିତା କୁଅଁର ଧନ୍ୟବାଦ ଅର୍ପଣ କରିଥିଲେ।

# ବନୀକରଣକ୍ଷେତ୍ର ପରିଦର୍ଶନକଲେ ପିସିସିଏଫ୍

ପାଟଣା, ୩୦।୮ (ବୀର କିଶୋର ଦାଶ)



କେନ୍ଦୁଝର ଜିଲା ପାଟଣା ରେଞ୍ଜ ଖାଉଟିଆଣ୍ଡିରୀ ସେକ୍ସନ ଜଡ଼ିପଦା ସଂରକ୍ଷିତ ଜଙ୍ଗଲ, ସାହାଡ଼ପଡ଼ା ସେକ୍ସନ ନୟା ଜଗନ୍ନାଥପୁର ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲ ଏବଂ ପାଟଣା ସେକ୍ସନ ପୋଇପାଣି ସଂରକ୍ଷିତ ଜଙ୍ଗଲରେ ପାଟଣା ବନ ବିଭାଗ ତରଫରୁ ହୋଇଥିବା ଚାରାରୋପଣ କ୍ଷେତ୍ରକୁ ଶୁକ୍ରବାର ବିଳମ୍ବିତ ରାତିରେ ପିସିସିଏଫ୍(ପ୍ରଧାନ ବନ ସଂରକ୍ଷକ)ସୁରେଶ ପନ୍ତ ପରିଦର୍ଶନ କରିଛନ୍ତି। ତାଙ୍କ ସହ ଆରସିସିଏଫ୍ (ଆଞ୍ଚଳିକ ବନ ସଂରକ୍ଷକ)ରାଉରକେଲା ପିରାମ ସାମୀ, କେନ୍ଦୁଝର ଡିଏଫ୍ଓ ଏଡ୍ପି ଧନ୍ରାଜ, ଏସିଏଫ୍ କେନ୍ଦୁଝର ଅଶୋକ କୁମାର ଦାସ, ପ୍ରବେସନ ଆଇଏଫ୍ଏସ୍ ପ୍ରିତି କୁମାର ଇନ୍ଦୁଲକର ପ୍ରମୁଖ ଚାରାରୋପଣ କ୍ଷେତ୍ର ପରିଦର୍ଶନ କରିଥିଲେ। ପାଟଣା ରେଞ୍ଜର ବନ ବିହାରୀ ସର୍ଦ୍ଦାର, ପାଟଣା ବନପାଳ ନିରଞ୍ଜନ ସେଠୀ, ସାହାଡ଼ପଡ଼ା ବନପାଳ ଶ୍ରୀମନ୍ତ କୁମାର ବେହେରା ଓ ଖଡ଼ିଆ ଗାଙ୍ଗିରି ବନପାଳ ପୂର୍ଣ୍ଣଚନ୍ଦ୍ର ମହାନ୍ତ ପ୍ରମୁଖ ସାମିଲ ହୋଇଥିଲେ। କାମ୍ପା ଫଣ୍ଡରୁ ହୋଇଥିବା ଜଡ଼ିପଦାରେ ୩୦ ହଜାର, ନୟା ଜଗନ୍ନାଥପୁର ୧୦ ହଜାର ଓ ପୋଇପାଣିରେ ୨୭ହଜାର ୫ଶହ ନୂତନ ବନୀକରଣରେ ଶାଳ, କରଞ୍ଜ, କଇଥ, ମହୁଲ, ପଣସ, ଆମ୍ବ ଆଦି ଚାରରୋପଣ କ୍ଷେତ୍ର ବୁଲି ଦେଖିଥିଲେ।

# ଦୋଷୀଙ୍କୁ ୫ ବର୍ଷ କାରାଦଣ୍ଡ

## ଟାଙ୍ଗି ମାରି ହତ୍ୟା ଉଦ୍ୟମ ମାମଲା

କେନ୍ଦୁଝର, ୩୦।୮ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଚିଫ୍ ଜୁଡିସିଆଲ ମାଜିଷ୍ଟ୍ରେଟ୍ଙ୍କ କୋର୍ଟରେ ଶନିବାର ଏକ ହତ୍ୟା ଉଦ୍ୟମ ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ଶୁଭାଂଶୁ ଶେଖର ବିଶ୍ୱାଳ ମାମଲାର ବିଚାର କରି ଅଭିଯୁକ୍ତ କୁଆଁର ମାଝୀ(୪୦)ଙ୍କୁ ଦୋଷୀ ସାବ୍ୟସ୍ତ କରି ୫ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୩ ହଜାର ଟଙ୍କା ଜରିମାନା ଓ ଅନାଦେୟ ଅଧିକ ଏକ ମାସ ଜେଲଦଣ୍ଡ ଆଦେଶ ଶୁଣାଇଛନ୍ତି। ମାମଲା ବିବରଣୀ ଅନୁଯାୟୀ, ୧୫ ଜୁଲାଇ ୨୦୨୦ରେ ହରିଚନ୍ଦନପୁର ଥାନା ଅନ୍ତର୍ଗତ ହରଡ଼ାଗୋଠ ମାଝୀ ସାହିର ଭାଗବତ ମାଝୀ ବିଲରେ ପାଣି ମଡ଼ାଉଥିବାବେଳେ ଗ୍ରାମର କୁଆଁର ମାଝୀଙ୍କ ସହ ବଚସା ହୋଇଥିଲା। କୁଆଁର ଉତ୍ତେଜିତ ହୋଇ ଭାଗବତଙ୍କୁ ଟାଙ୍ଗି ମାରିଥିଲେ। ଛାତିରେ ଟାଙ୍ଗି ବାଜି ଭାଗବତ ଗୁରୁତର ହୋଇଥିଲେ। ତାଙ୍କୁ ପ୍ରଥମେ ହରିଚନ୍ଦନପୁର ପରେ କେନ୍ଦୁଝର ଏବଂ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଏ ନେଇ ଭାଗବତଙ୍କ ଅଜା ରଘୁନାଥ ମାଝୀ ହରିଚନ୍ଦନପୁର ଥାନାରେ ଘଟଣାର ୨ ଦିନ ପରେ ଏତଲା ଦେଇଥିଲେ। ପୋଲିସ ଧନୁଡ଼ୀର ଜବତ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଘଟଣାରେ ୧୩ଜଣ ସାକ୍ଷୀଙ୍କ ବୟାନ ଏବଂ ତଦନ୍ତ ରିପୋର୍ଟକୁ ଭିତ୍ତି କରି ଜଜ୍ ଉପରୋକ୍ତ ଦଣ୍ଡାଦେଶ ଶୁଣାଇଥିବା ମାମଲା ପରିଚାଳନା କରୁଥିବା ଅତିରିକ୍ତ ପିପି ଅଶୋକ କୁମାର ଦାସ ସୂଚନା ଦେଇଛନ୍ତି।

# ସାରର ସୁଷମ ବଣ୍ଟନ ଉପରେ ଆଲୋଚନା



ଜିଲା ମୁଖ୍ୟ କୃଷି ଅଧିକାରୀଙ୍କ ସହ ଭାଜପା କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ଓ ପ୍ରତିନିଧି ଦଳ ଆଲୋଚନା କରୁଛନ୍ତି।

କେନ୍ଦୁଝର, ୩୦।୮ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲାରେ ଖରିଫ ଧାନ ଚାଷରେ ଚାଷୀଙ୍କୁ ସାରର ସୁଷମ ବଣ୍ଟନ ପାଇଁ ଶୁକ୍ରବାର ଏକ ଆଲୋଚନା ବୈଠକ ଅନୁଷ୍ଠିତ ହୋଇଯାଇଛି। ଭାଜପା କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜିଲା ମୁଖ୍ୟ କୃଷି ଅଧିକାରୀ ସତ୍ୟବାନ ସୋରେନଙ୍କ ସହିତ ବ୍ୟାପକ ଆଲୋଚନା କରିଛନ୍ତି। ଚଳିତ ବର୍ଷ ଖରିଫ ଧାନ ଚାଷ ପାଇଁ ୧୪ ହଜାର ମେଟ୍ରିକ ଟନ୍ ୟୁରିଆ ସାରର ଆବଶ୍ୟକ ଥିବା ବେଳେ ବର୍ତ୍ତମାନ ସୁଦ୍ଧା ୯ ହଜାର ୬୭୫ ମେଟ୍ରିକ ଟନ ସାର ଆସିଛି। ଡିପି ସାର ୧୦ ହଜାର ମେଟ୍ରିକ ଟନ୍ ଆବଶ୍ୟକ ଥିବା ବେଳେ ୧୦ ହଜାର ୬୯ ମେଟ୍ରିକ ଟନ ସାର ଆସିଛି। ଏନ୍‌ପିକେ ଏସ ସାର ୨ ହଜାର ୯୪୦ ମେଟ୍ରିକ ଟନ୍ ଆବଶ୍ୟକ ଥିବା ବେଳେ ୩ ହଜାର ୬୬୭ ମେଟ୍ରିକ ଟନ ସାର ଆସିଛି। ପଟାସ ସାର ୨ ହଜାର ମେଟ୍ରିକ ଟନ ଆବଶ୍ୟକ ଥିବା ବେଳେ ୯୩୧ ମେଟ୍ରିକ ଟନ ଆସିଛି। ଆଗକୁ ଯୁଦ୍ଧକାଳୀନ ଭିତ୍ତିରେ ସାରର ଆମଦାନୀ କରାଯାଇ ଚାଷୀଙ୍କ ଆବଶ୍ୟକତାକୁ ପୂରଣ କରିବା ପାଇଁ ଜିଲା ମୁଖ୍ୟ କୃଷି ଅଧିକାରୀଙ୍କୁ ଆଲୋଚନା ସମୟରେ ପରାମର୍ଶ ଦେଇଥିଲେ। ଚଳିତ ବର୍ଷ ଆଗୁଆ ଲଗାତାର ବର୍ଷା କାରଣରୁ ଚାଷ କାମ ବହୁ ଆଗରୁ ଆରମ୍ଭ ହୋଇଯାଇଛି। ଫଳରେ ସାରା ଯୋଗାଣରେ କିଛି ସ୍ଥାନରେ ସାମାନ୍ୟ ଅସୁବିଧା ହୋଇଥିବା ଅଭିଯୋଗ ଆସିଛି। ସମସ୍ୟା ଯଥାଶୀଘ୍ର ସମାଧାନ କରାଯିବାକୁ ରାଜ୍ୟ ସଭାପତି ସାହୁ ଆଲୋଚନା ସମୟରେ କହିଛନ୍ତି। ସାର ମହଜୁତକୃତ ଅଭାବୀ ବିକ୍ରି ପାଇଁ ଓ କଳା ବଜାରି କରୁଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ଆଲୋଚନା ସମୟରେ କୃଷକ ମୋର୍ଚ୍ଚା ପୂର୍ବତନ ରାଜ୍ୟ ଉପସଭାପତି ରାଧାକାନ୍ତ ମହାନ୍ତ, ରାଜ୍ୟ ସଂଯୋଜକ ସୁଧାକର ସାହୁ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶିରିଶ କୁମାର ସାହୁ, ଭାଜପା ଲୋକସଭା ମିଡିଆ ପ୍ରମୁଖ ବ୍ରଜକିଶୋର ରାୟ, ଗଦାଧର ମହାନ୍ତ, କୈଳାଶ ଚନ୍ଦ୍ର ନାୟକ, ହିମାଂଶୁ ଶେଖର ପୁହାଣ ପ୍ରମୁଖ ଉପସ୍ଥିତ ଥିଲେ।

# ବଜ୍ରପାତରେ ମହିଳାଙ୍କ ମୃତ୍ୟୁ

ଘଟଗାଁ, ୩୦।୮ (ରାଜେନ୍ଦ୍ର କୁମାର ପଟ୍ଟନାୟକ):

କେନ୍ଦୁଝର ଜିଲା ଘଟଗାଁ ବ୍ଲକ୍ ଅନ୍ତର୍ଗତ ରାଜପାଟ ବିଜରପଡ଼ା ସାହିରେ ଶନିବାର ବଜ୍ରପାତରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତା ହେଲେ ସାହିର ବାସନ୍ତୀ ମହାନ୍ତ(୩୯)। ସେ ବିଲରେ କାମ କରୁଥିବା ସମୟରେ ବଜ୍ରପାତର ଶିକାର ହୋଇଥିଲେ। ସେଠାରେ କାମ କରୁଥିବା ଲୋକେ ତାଙ୍କୁ ଘଟଗାଁ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ପଠାଇ ତଦନ୍ତ କରୁଛି।

# ଶିକ୍ଷକ ସମନ୍ୱୟ ସମିତି ଆନୁକୂଲ୍ୟରେ ରକ୍ତଦାନ ଶିବିର

ବାରିପଦା, ୩୦।୮ (ନୀଳାଦ୍ରି ବିହାରୀ ଦଣ୍ଡପାଟ):

ବାରିପଦା ରୋଟାରୀ କ୍ଲବ୍ ସମ୍ମିଳନୀ କକ୍ଷରେ ମୟୂରଭଞ୍ଜ ଜିଲା ଶିକ୍ଷକ ସମନ୍ୱୟ ସମିତି ଆନୁକୂଲ୍ୟରେ ତଥା ରୋଟାରୀ କ୍ଲବର ସହଯୋଗରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଶନିବାର ପୂର୍ବାହ୍ନ ୧୧ଟାରେ ଅନୁଷ୍ଠିତ ହୋଇଯାଇଛି। ଅତିଥିଭାବେ ବାରିପଦା ପୌରାଧ୍ୟକ୍ଷ କୃଷ୍ଣାନନ୍ଦ ମହାନ୍ତି ଓ ବାରିପଦା ଉପ ଜିଲାପାଳ ଡ. ଜୟଶ୍ରିତ୍ ପରିଡ଼ା ଶିବିରକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂଘର ଆବାହକ ବିମଳ କୁମାର ଆଚାର୍ଯ୍ୟ, ଅଧ୍ୟକ୍ଷ ପୂର୍ଣ୍ଣାନନ୍ଦ ଆଚାର୍ଯ୍ୟ, ରାଜ୍ୟ ସଂଯୋଜକ ଯାମିନୀକାନ୍ତ ପଣ୍ଡା, ଜିଲା ସଂଯୋଜକ ହରେକୃଷ୍ଣ ବାରିକ, ଉପଦେଷ୍ଟା ସୋମନାଥ ସିଂହ, ଗଣମାଧ୍ୟମ ସଂଯୋଜକ ଗଦାଧର ନାୟକ, ଶିକ୍ଷକ ସଚ୍ଚିଦାନନ୍ଦ ମହାନ୍ତି, ସାମାଜିକକର୍ମୀ ଅମର କୁମାର ସେଠୀ ଓ ଡ. ନିରୋଜ କୁମାର ପୋଥାଳ, ରୋଟାରୀ କ୍ଲବ୍‌ର ସଭାପତି ଭବାନୀ ଶଙ୍କର ସାହୁ, ସମ୍ପାଦକ ଚିନ୍ମୟ କୁମାର ଘୋଷ, ସଦସ୍ୟ ସୁଜିତ ପୁରୀ ଓ ମୋହନ ବର୍ଣ୍ଣୱାଲ ପ୍ରମୁଖ ଉପସ୍ଥିତ ଥିଲେ। ପରବର୍ତ୍ତୀ ସମୟରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀ. ବିଶ୍ୱେଶ୍ୱର ଟୁଡୁ, ଜିଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଶିବିରରେ ୪ ଜଣ ଶିକ୍ଷୟିତ୍ରୀ, ବାରିପଦା ବିଆରସିସି ତପସ୍ୱିନୀ ଦାଶଙ୍କ ସମେତ ମୋଟ ୩୫ ଜଣ ରକ୍ତଦାନ କରିଥିଲେ। ଶିକ୍ଷକ ନେତା ହରେକୃଷ୍ଣ ବାରିକ, ଗଦାଧର ନାୟକ, ସିଦ୍ଧେଶ୍ୱର ମିଶ୍ର, ପ୍ରଦୀପ କୁମାର ନାଥ, ସୌମ୍ୟ ଦାଶ, ଅଜୟ ମହାପାତ୍ର, ସୁବୋଧ ଦାସ, ସୁଶୀଲ କୁମାର ପଣ୍ଡା, ଧନପତି ମିଶ୍ର, ଶିବ ନାରାୟଣ ମହାନ୍ତ ରକ୍ତଦାନ କରିବା ସହ ଶିବିର ଆୟୋଜନରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଶିକ୍ଷକ ଭବେଶ ପାଣିଗ୍ରାହୀ, ବୀରେନ୍ଦ୍ର ମଡ଼େଇ, ସୁବୀର ପଣ୍ଡିତ, ରାଜେନ୍ଦ୍ର ମହାନ୍ତ, ଗୌର ଗୋପାଳ ଲେଙ୍କା, ସପନ ବେହେରା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଡ. ଅସୀମ କୁମାର ଚକ୍ରବର୍ତ୍ତୀ ଶିବିର ପରିଚାଳନା କରିଥିଲେ। ରକ୍ତ ଭଣ୍ଡାର ଅଧିକାରୀ ଡା. ସୌମ୍ୟରଞ୍ଜନ ନାୟକଙ୍କ ନେତୃତ୍ୱରେ ରକ୍ତ ସଂଗୃହୀତ ହୋଇଥିଲା।


## ଅନୁଗୋଳ ପୌରପାଳିକା, ଅନୁଗୋଳ

ପବିତ୍ର ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ୨୦୨୫ ଉପଲକ୍ଷେ ଅନୁଗୋଳ ପୌରପାଳିକା ତରଫରୁ ସହରବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ।


ଶ୍ରୀଯୁକ୍ତ ସତ୍ୟ ପ୍ରକାଶ ତ୍ରିପାଠୀ
ନିର୍ବାହୀ ଅଧିକାରୀ
ଅନୁଗୋଳ ପୌରପାଳିକା


ଶ୍ରୀମତୀ ଅନୁପମା ସାହୁ
ଉପାଧ୍ୟକ୍ଷା ଏବଂ ପରିଷଦ ବର୍ଗ,
ଅନୁଗୋଳ ପୌରପାଳିକା


ଶ୍ରୀ ଅକ୍ଷୟ କୁମାର ସାମନ୍ତ
ଅଧ୍ୟକ୍ଷ
ଅନୁଗୋଳ ପୌରପାଳିକା

## ପୌରପାଳିକା କାର୍ଯ୍ୟାଳୟ, ଢେଙ୍କାନାଳ

ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ୨୦୨୫ ପାଳନ ଅବସରରେ ଢେଙ୍କାନାଳ ପୌରପାଳିକା ତରଫରୁ ସହରବାସୀଙ୍କୁ ନିବେଦନ
ତା.୩୧.୦୮.୨୦୨୫ରିଖ (ରବିବାର)

ଆସନ୍ତୁ ଆମେ ସମସ୍ତେ ମିଶି ସହରକୁ ସ୍ୱଚ୍ଛ, ସୁନ୍ଦର ଓ ସବୁଜ ରଖିବା ପାଇଁ ସହଯୋଗ କରିବା।

"ଆସନ୍ତୁ ଢେଙ୍କାନାଳ ସହରକୁ ପରିଷ୍କାର ପରିଚ୍ଛନ୍ନ କରିବା ସହିତ ସ୍ୱଚ୍ଛ, ସୁସ୍ଥ ଓ ସବୁଜ ସହରରେ ପରିଣତ କରିବା।"

ଆପଣଙ୍କ ସେବାରେ ଢେଙ୍କାନାଳ ପୌରପାଳିକା

ଶ୍ରୀଯୁକ୍ତ ଅଶ୍ୱିନୀ କୁମାର ରାଉ, ଓ.ପ୍ର.ସେ.
ନିର୍ବାହୀ ଅଧିକାରୀ
ଢେଙ୍କାନାଳ ପୌରପାଳିକା

ଶ୍ରୀଯୁକ୍ତ ପ୍ରକାଶ ଚନ୍ଦ୍ର ଗୁହିଆ
ଉପାଧ୍ୟକ୍ଷ
ଢେଙ୍କାନାଳ ପୌରପାଳିକା

ଶ୍ରୀମତୀ ଜୟନ୍ତୀ ପାତ୍ର
ଅଧ୍ୟକ୍ଷା
ଢେଙ୍କାନାଳ ପୌରପାଳିକା

# ଅଭିଯୁକ୍ତଙ୍କୁ ୩୦ ବର୍ଷ ସଶ୍ରମ କାରାଦଣ୍ଡ

## ଶିଶୁକନ୍ୟା ବଳାତ୍କାର ମାମଲା

### ଅଭିଯୁକ୍ତଙ୍କୁ ଫାଶୀଦଣ୍ଡ ଦେବା କଥା: ପୀଡ଼ିତାଙ୍କ ମା'

ସମ୍ବଲପୁର,୩୦।୮ (ପ୍ରମୋଦ ବହିଦାର)

ସମ୍ବଲପୁର ଜିଲ୍ଲା ମହୁଲପାଲି ଥାନା ଅଞ୍ଚଳରେ ୨୦୨୪ରେ ସଂଘଟିତ ଏକ ଶିଶୁକନ୍ୟା ବଳାତ୍କାର ମାମଲାରେ ସମ୍ବଲପୁର ଅତିରିକ୍ତ ଜିଲାଜଜ୍ ତଥା ପୋକ୍ସୋ ଅଦାଲତ ସ୍ୱତନ୍ତ୍ର ବିଚାରପତି ଅଭିଲାଷ ସେନାପତି ଶନିବାର ଅଭିଯୁକ୍ତଙ୍କୁ ୩୦ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ୫୫ଜଣ ସାକ୍ଷୀ ଓ ଅନ୍ୟାନ୍ୟ ତଥ୍ୟ ପ୍ରମାଣ ଆଧାରରେ ଅଭିଯୁକ୍ତ ଡୁମ୍ବକ୍ ଖଡ଼ିଆପଡ଼ାର ଅନିଲ ସାମଦ(୨୪)ଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଛି। ଆଇପିସି ଦଫା ୩୭୬(ଏବି)ରେ ଅଭିଯୁକ୍ତଙ୍କୁ ୩୦ବର୍ଷ ସଶ୍ରମ କାରାଦଣ୍ଡ ସହ ୫୦ହଜାର ଟଙ୍କା ଜରିମାନା, ଦଫା ୫୦୬ରେ ୫ବର୍ଷ ସଶ୍ରମ କାରାଦଣ୍ଡ ସହ ୧୦ହଜାର ଟଙ୍କା ଜରିମାନା ଏବଂ ପୋକ୍ସୋ ଆକ୍ଟର ଦଫା ୬ରେ ୧ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରାଯାଇଛି। ଏହାସହ ପୀଡ଼ିତ ଶିଶୁକନ୍ୟାଙ୍କୁ କ୍ଷତିପୂରଣ ବାବଦରେ ୧୩.୫୦ ଲକ୍ଷ ଟଙ୍କା ପ୍ରଦାନ କରିବାକୁ ଜିଲା ଆଇନ୍‌ସେବା ପ୍ରାଧିକରଣ ସଚିବଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସୁନ୍ଦରଗଡ଼ ଜିଲା ଦର୍ଲିପାଲି ଅଞ୍ଚଳର ୬ ବର୍ଷୀୟା ନାବାଳିକା ତାଙ୍କ ମା'ଙ୍କ ସହ ମାମୁଁଙ୍କ ବିବାହ ଉତ୍ସବରେ ଯୋଗଦେବାକୁ ୨୦୨୪ ଏପ୍ରିଲ୍ ୨୭ରେ ମହୁଲପାଲି ଆସିଥିଲେ। ରାତିରେ ବିବାହ ଉତ୍ସବରେ ନାଚୁଥିବା ବେଳେ ଅଭିଯୁକ୍ତ ଅନିଲ ସମଦ୍‌ଙ୍କ ନଜର ଆଢୁଆଳରେ ଶିଶୁକନ୍ୟାଙ୍କୁ ସେଠାରୁ ନେଇଯାଇ ବଳାତ୍କାର କରିଥିଲେ। ଝିଅକୁ ନ ପାଇ ତାଙ୍କ ମା' ଓ ପରିବାର ବିଭିନ୍ନ ସ୍ଥାନ ଖୋଜାଖୋଜି କରିଥିଲେ। ରାତି ସାଢ଼େ ୯ଟାରେ ଅଭିଯୁକ୍ତ ଝିଅକୁ କ୍ଷତାକ୍ତ ଅବସ୍ଥାରେ ଆଣି ତାଙ୍କ ମାମୁଘର ପାଖରେ ଛାଡି ଚାଲିଯାଇଥିଲେ। ଘରକୁ ଆସି ଝିଅ ତା'ସହ ଘଟିଥିବା ସବୁକଥା କହିଥିଲା। ପରିବାର ଲୋକେ ତାକୁ କୁଚିଣ୍ଡା ଉପଖଣ୍ଡ ଚିକିତ୍ସାଳୟ ଓ ପରେ ଭିମ୍‌ସାରରେ ଭର୍ତ୍ତି କରିଥିଲେ। ଏପ୍ରିଲ୍ ୨୮ରେ ମହୁଲପାଲି ଥାନାରେ ଦଫା ୩୭୬(ଏବି), ୫୦୬ ଓ ୬ ପୋକ୍ସୋ ଆଇନରେ ଏକ ମାମଲା (ନଂ.୮୦/୨୪)ରୁଜୁକରି ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଅଦାଲତରେ ସରକାରଙ୍କ ପକ୍ଷରୁ ଏହି ମାମଲାକୁ ସରକାରୀ ଓକିଲ ସନ୍ତୋଷ କୁମାର ପଣ୍ଡା ପରିଚାଳନା କରିଥିଲେ। ଅପରପକ୍ଷରେ ପୀଡ଼ିତ ଶିଶୁକନ୍ୟାଙ୍କ ମା' କହିଛନ୍ତି ଏପର୍ଯ୍ୟନ୍ତ ଝିଅ ସମ୍ପୂର୍ଣ୍ଣ ସୁସ୍ଥ ହୋଇନାହିଁ। ଏହି ଘଟଣାରେ ଅଭିଯୁକ୍ତଙ୍କୁ ଫାଶୀଦଣ୍ଡ ଦେବା ଉଚିତ ବୋଲି ସେ କହିଛନ୍ତି।

# ଗୁଜରାଟରୁ ଆଉ ଜଣେ ଅଭିଯୁକ୍ତ ଗିରଫ

## ଡ୍ରେସ୍ ଯୋଗାଇବା ଆଳରେ ବ୍ୟବସାୟୀଙ୍କୁ ଠକେଇ ଘଟଣା

ଭୁବନେଶ୍ୱର,୩୦।୮ (ସତ୍ୟଜିତ ରାଉତ)

ଡ୍ରେସ୍ ଯୋଗାଇବା ଆଳରେ ଜଣେ ମହିଳା ବ୍ୟବସାୟୀଙ୍କୁ ୧୪.୫୫ ଲକ୍ଷ ଟଙ୍କା ଠକେଇ ଅଭିଯୋଗରେ ଭୁବନେଶ୍ୱର ସାଇବର କ୍ରାଇମ୍ ଓ ଅର୍ଥନୈତିକ ଅପରାଧ ଥାନା ପୋଲିସ ଆଉ ଜଣେ ସାଇବର ଠକଙ୍କୁ ଗୁଜରାଟରୁ ଗିରଫ କରିଛି। ଅଭିଯୁକ୍ତ ହେଲେ ଗୁଜରାଟ ଜୁନାଗଡ଼ ଜିଲାର ମିଲନ ଚୌହାନ(୨୬)। ତାଙ୍କୁ ଓଡ଼ିଶା ଅଣାଯାଇ ଶନିବାର କୋର୍ଟ ଚାଲାଣ କରାଯିବାପରେ ଜେଲ ହାଜତକୁ ପଠାଇ ଦିଆଯାଇଛି। ଏହାପୂର୍ବରୁ ୩ଜଣ ଅଭିଯୁକ୍ତଙ୍କୁ ଗୁଜରାଟରୁ ଗିରଫ କରାଯାଇଥିବାବେଳେ ସେମାନେ ଜୁଲାଇ ୨୯ରେ ଜେଲ ଯାଇଥିଲେ।



ମିଲନ ଚୌହାନ

ସୂଚନାଯୋଗ୍ୟ, ଅଭିଯୋଗକାରିଣୀ ଭୁବନେଶ୍ୱରର ଜାଗମାରାରେ ଏକ ଗାର୍ମେଣ୍ଟସ ଶପ୍ କରିଛନ୍ତି। ସେ କିଛି ଡ୍ରେସ୍ କିଣିବାକୁ ଜଷ୍ଟଡାଏଲ୍ ସାଇଟ୍‌ରେ ଖୋଜାଖୋଜି କରିଥିଲେ। ସେଠାରୁ ସାଇବର ଠକମାନେ ତାଙ୍କ ନମ୍ବର ନେଇ ଯୋଗାଯୋଗ କରିଥିଲେ। ଗୁଜରାଟରେ ତାଙ୍କର ନାମୀଦାମୀ ଗାର୍ମେଣ୍ଟସ ଶପ୍ ରହିଥିବା କହି ଫସାଇଥିଲେ। ଏଥିସହ ଡ୍ରେସ୍ ଡିଜାଇନ୍ ଓ ଫେକ୍ ଆଇକାର୍ଡ ଆଦି ପଠାଇ ବିଶ୍ୱାସ ଜନ୍ମାଇଥିଲେ। ଅତି କମ୍ ଦାମରେ ଆକର୍ଷଣୀୟ ଡ୍ରେସ୍ ଯୋଗାଇଦେବେ ବୋଲି ଠକମାନେ ପ୍ରତିଶ୍ରୁତି ଦେଇ ଟଙ୍କା ପଠାଇବାକୁ କହିଥିଲେ। ମହିଳା ଜଣକ ୧୪ଲକ୍ଷ ୫୫ହଜାର ୪୫୦ଟଙ୍କା ପଠାଇ ଠକେଇର ଶିକାର ହୋଇଥିଲେ। ଏନେଇ ଏପ୍ରିଲ ୨୮ରେ ଏଫଆଇଆର ସାଇବର ପୋଲିସ ମାମଲା ରୁଜୁ କରି ତଦନ୍ତ କରିଥିଲା। ତେବେ ତଦନ୍ତ ବେଳେ ୨.୫୨ଲକ୍ଷ ଟଙ୍କା ମିଲନ୍‌ଙ୍କ ଆକାଉଣ୍ଟରେ ଜମା ହୋଇଥିବା ପୋଲିସ ଜାଣିବାକୁ ପାଇଛି।

# ଗୁପ୍ତିଘାଟରେ ବନ୍ଧୁକ ଧରି ଆତଙ୍କ: ଯୁବକ ଗିରଫ

## ସ୍ଥାନୀୟ ଲୋକେ କାବୁକରି ପୋଲିସ ଜିମା ଦେଲେ

ରାଜନଗର, ୩୦।୮ (ଭାସ୍କର ରାଉତରାଏ)

କେନ୍ଦ୍ରାପଡ଼ା ଜିଲା ରାଜନଗର ଥାନା ଅନ୍ତର୍ଗତ ଗୁପ୍ତି ଘାଟରେ ଜଣେ ଯୁବକ ବନ୍ଧୁକ ଧରି ଆତଙ୍କ ସୃଷ୍ଟି କରିଛନ୍ତି। ଯୁବକ ଜଣକ ନିଶାଗ୍ରସ୍ତ ଅବସ୍ଥାରେ ଥିଲା ଏବଂ ବଙ୍ଗଳା ଭାଷାରେ କଥା ହେଉଥିଲେ। ସ୍ଥାନୀୟ ଲୋକେ ତାଙ୍କୁ କାବୁକରି ପୋଲିସ ଜିମା ଦେଇଛନ୍ତି। ନିଶା ଛାଡ଼ିବା ପରେ ତାଙ୍କ ପରିଚୟ ମିଳିପାରିଛି। ସେ ହେଲେ ପଶ୍ଚିମବଙ୍ଗ ଚବିଶପ୍ରଗଣାସ୍ଥିତ ଷଣ୍ଢଖାଲ ଥାନା ଅନ୍ତର୍ଗତ ଦାଉଦପୁର ଗାଁର ମୃତ୍ୟୁଞ୍ଜୟ ମଣ୍ଡଳ (୩୦)। ମଧ୍ୟାହ୍ନ ପ୍ରାୟ



ଆତଙ୍କ ସୃଷ୍ଟି କରିଥିବା ମୃତ୍ୟୁଞ୍ଜୟ ମଣ୍ଡଳ ଲୋକେ କାବୁ କରିଛନ୍ତି।

୧୨ଟା ବେଳେ ସେ ରାଜନଗର ଥାନା ଅନ୍ତର୍ଗତ ଗୁପ୍ତିଘାଟ ନିକଟରେ ପହଞ୍ଚିଥିଲେ। ସେଠାରେ ସେ ବନ୍ଧୁକ ଦେଖାଇ ଲୋକଙ୍କୁ ଭୟଭୀତ କରିବାକୁ ଉଦ୍ୟମ କରିଥିଲେ। ଏନେଇ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଥିଲା। ବହୁ କଷ୍ଟରେ ସ୍ଥାନୀୟ ଲୋକେ ତାଙ୍କୁ ଧରି ପୋଲିସରେ ଖବର ଦେଇଥିଲେ। ପୋଲିସ ତାଙ୍କୁ ଥାନାକୁ ଆଣି ପଚରାଉଚରା କରିଥିଲା। ଉତ୍ତର ବଗପାଟିଆର ବାସୁଦେବ ମଣ୍ଡଳ ଚାଷ କାମ ପାଇଁ ପଶ୍ଚିବଙ୍ଗରୁ ମୃତ୍ୟୁଞ୍ଜୟଙ୍କ ସହ ୮ ଜଣଙ୍କୁ ଡକାଇଥିଲେ। ଏନେଇ ମୃତ୍ୟୁଞ୍ଜୟ ଗୁପ୍ତି ଆସୁଥିବାବେଳେ ବାଟରେ ବନ୍ଧୁକ ପାଇଥିଲେ ବୋଲି ପୋଲିସ ଆଗରେ ପ୍ରକାଶ କରିଛନ୍ତି।

# ରାସ୍ତାକଡ଼ରେ ଯୁବତୀଙ୍କୁ ଗଣବଳାତ୍କାର

ଉଦଳା, ୩୦।୮ (ସନ୍ତୋଷ କୁମାର ବାଛିନି)

ମୟୂରଭଞ୍ଜ ଜିଲା ଉଦଳା ଅଞ୍ଚଳରେ ଶୁକ୍ରବାର ରାତିରେ ଏକ ଲଜ୍ଜାଜନକ ଘଟଣା ଘଟିଛି। ଚାକିରି କରାଇଦେବା ବାହାନାରେ ଜଣେ ଯୁବତୀଙ୍କୁ ଡାକି ନେଇ ରାସ୍ତାକଡରେ ଗଣବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ଏନେଇ ଶନିବାର ଉଦଳା ଥାନାରେ ଅଭିଯୋଗ ହେବା ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ବାଙ୍ଗିରିପୋଷି ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ କମ୍ପାନୀରେ ଚାକିରି କରାଇଦେବାକୁ କହି ଘରୁ ଏକ ଓମିନି ଗାଡ଼ିରେ ୨ ଜଣ ଡାକି ଆଣିଥିଲେ। ପରେ ରାସ୍ତାରୁ ଆଉ ୩ଜଣ ଉକ୍ତ ଗାଡ଼ିରେ ଚଢିଥିଲେ। ବାଙ୍ଗିରିପୋଷିରୁ ୮୦ କି.ମି. ଦୂର ଉଦଳା ଆଣି ରାସ୍ତାକଡରେ ଗାଡି ଛିଡା କରି ୬ଜଣ ଯୁବକ ଗଣବଳାତ୍କାର କରିଥିଲେ। ଯୁବତୀଜଣକ ଚିତ୍କାର କରିବାରୁ ଯୁବକମାନେ ତାଙ୍କୁ ଗାଡି ବାହାରକୁ ଠେଲି ଦେଇ ଫେରାର ହୋଇଯାଇଥିଲେ। ସ୍ଥାନୀୟ ଲୋକେ ଯୁବତୀଙ୍କୁ ଉଦ୍ଧାର କରି ତାଙ୍କ ଘରେ ଛାଡିଥିଲେ। ଯୁବତୀଜଣକ ଏ ସମ୍ପର୍କରେ ଘରେ ଜଣାଇବା ପରେ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି।

# ସଫେଇ କର୍ମଚାରୀଙ୍କ ପ୍ରତି ଅବହେଳା ଅଭିଯୋଗ

## ରିପୋର୍ଟ ତଲବ କଲେ ଓଏଚ୍‌ଆର୍‌ସି

ଭୁବନେଶ୍ୱର,୩୦।୮ (ସତ୍ୟଜିତ ରାଉତ)

ଅତି ଅସ୍ୱାସ୍ଥ୍ୟକର ଡ୍ରେନ୍‌ରେ ପଶି ସଫା କରୁଥିବା ସଫେଇ କର୍ମଚାରୀଙ୍କ ଆଇନଗତ ଅଧିକାର ସମେତ ରାଜ୍ୟ ସରକାର ଲାଗୁ କରିଥିବା ଗରିମା ସ୍କିମ୍ କାର୍ଯ୍ୟକାରିତା ସମ୍ପର୍କରେ ଆସନ୍ତା ଅକ୍ଟୋବର ୧ ସୁଦ୍ଧା ରିପୋର୍ଟ ଦାଖଲ ପାଇଁ ରାଜ୍ୟ ମାନବ ଅଧିକାର କମିଶନ(ଓଏଚ୍‌ଆର୍‌ସି) ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟ ଶ୍ରମ ବିଭାଗ, ନଗର ଉନ୍ନୟନ ବିଭଗ, ଅନୁସୂଚିତ ଜାତି ଜନଜାତି କଲ୍ୟାଣ ବିଭାଗ, ସାମାଜିକ ସୁରକ୍ଷା ବିଭାଗ ଆଦିର ମୁଖ୍ୟଙ୍କୁ ଓଏଚ୍‌ଆର୍‌ସି ଅଧ୍ୟକ୍ଷ ବିଚାରପତି ଶତ୍ରୁଘନ ପୂଜାହାରୀ ଓ ସଦସ୍ୟ ଅସୀମ ଅମିତାଭ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ରିପୋର୍ଟ ତଲବ କରିଛନ୍ତି।


ମାନବକ ଅଧିକାର କର୍ମୀ ବିଶ୍ୱପ୍ରିୟ କାନୁନ୍‌ଗୋ, ନରେନ୍ଦ୍ର ମହାନ୍ତି ଓ ଆଇନ୍‌ଜୀବୀ ବିଜୟ କୁମାର ପଣ୍ଡାଙ୍କ ପକ୍ଷରୁ ହୋଇଥିବା ପିଟିଶନ ଉପରେ ଗତ ୨୧ତାରିଖରେ ଶୁଣାଣି ହୋଇଥିଲା। ଏକ ଦୈନିକ ଇଂଲିଶ ଖବରକାଗଜରେ ସଫେଇ କର୍ମଚାରୀମାନେ କିଭଳି ଅମାନବୀୟ ଓ ଅସ୍ୱାସ୍ଥ୍ୟକର ପରିବେଶରେ ଘଣ୍ଟାଘଣ୍ଟା ଧରି କାମ କରୁଛନ୍ତି ଓ ଏ ସଂକ୍ରାନ୍ତରେ ସୁପ୍ରିମ୍‌କୋର୍ଟ ଯେଉଁ ଗାଇଡ୍‌ଲାଇନ ଦେଇଛନ୍ତି ତାହା ପାଳନ କରାଯାଉନାହିଁ ଓ ଏପରିକି ଗରିମା ସ୍କିମ୍‌ର ଖୋଲା ଉଲ୍ଲଂଘନ ସମ୍ପର୍କରେ ଆବେଦନକାରୀ ଅଭିଯୋଗ କରିଥିଲେ। ବିଶେଷକରି ସ୍ୱରେଜ ଲାଇନ୍, ଡ୍ରେନ୍ ସଫା କରିବାକୁ ମେଶିନ ବଦଳରେ ଦଳିତ ସମ୍ପ୍ରଦାୟର ଲୋକଙ୍କୁ ମୁଖ୍ୟତଃ ନିୟୋଜିତ କରାଯାଉଛି। ସର୍ବନିମ୍ନ ମଜୁରୀ ଓ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟ ନାହିଁ। ଏପରି କି କର୍ମଚାରୀଙ୍କୁ ଗ୍ଲୋଭ ଓ ବୁଟ୍ ଆଦି ଭଳି ସର୍ବନିମ୍ନ ସୁରକ୍ଷା ସରଞ୍ଜାମ ଦିଆଯାଉନାହିଁ ବୋଲି ଅଭିଯୋଗ ହୋଇଥିଲା। ସବୁ ସଫେଇ କର୍ମଚାରୀଙ୍କୁ ଚିହ୍ନଟ, ଏସମ୍ପର୍କରେ ଥିବା ଆଇନ ଓ ସ୍କିମ୍ କାର୍ଯ୍ୟକାରିତା ସମ୍ପର୍କରେ ଏକ ସ୍ୱାଧୀନ କମିଟି ଦ୍ୱାରା ଅନୁଧ୍ୟାନ, ଆବଶ୍ୟକ ପଦକ୍ଷେପ ନେବାପାଇଁ କମିଶନଙ୍କ ହସ୍ତକ୍ଷେପ ପାଇଁ ଆବେଦନରେ ଦର୍ଶାଯାଇଥିଲା।

# ଅପରେଶନ ଗଜ: ୮ଜଣଙ୍କୁ ଗିରଫ କଲା ପଦ୍ମପୁର ପୋଲିସ

## ବିପୁଳ ପରିମାଣର ନିଶାଦ୍ରବ୍ୟ ସହ କାର୍, ବାଇକ୍ ଜବତ

ପଦ୍ମପୁର,୩୦।୮ (ପ୍ରଦୀପ୍ତ ଦାଶ)

ଅପରେଶନ ଗଜରେ ବରଗଡ଼ ଜିଲା ପଦ୍ମପୁର ପୋଲିସ ଶନିବାର ବେଆଇନ ନିଶା କାରବାର କରିବା ଅଭିଯୋଗରେ ୮ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ପଦ୍ମପୁରର ସରଫରାଜ ଖାଁ, ମନୋରଞ୍ଜନ ପୋଦ୍ଦ, ଏମ୍‌ଡି ଆସିଫ, ତନ୍ମୟ ନାଗ, ପିଣ୍ଟୁ ପଟେଲ, ହଲଦୀପାଲିର ପ୍ରଶାନ୍ତ ଦାଶ, ସୋହେଲାର ଦୁଷ୍ମନ୍ତ ନାଏକ, ବରଗଡ଼ର ରଘୁ ସାହୁ। ଅଭିଯୁକ୍ତମାନଙ୍କଠାରୁ ବିପୁଳ ପରିମାଣର ନିଶାଦ୍ରବ୍ୟ ସହ କାର, ବାଇକ୍ ଜବତ କରାଯାଇଥିବା ନେଇ ଥାନା ପରିସରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସ୍ଥାନୀୟ ଉପଖଣ୍ଡ ପୋଲିସ ଅଧିକାରୀ ପାଣ୍ଡବ ଶବର ସୂଚନା ଦେଇଛନ୍ତି।



ଜବତ ସାମଗ୍ରୀ।

ପ୍ରକାଶ ଯେ, ପଦ୍ମପୁର ପୋଲିସର ଏକ ଟିମ୍ କୌଣସି ସୂତ୍ରରୁ ସୂଚନା ପାଇ ଗାଇସିଲେଟ ପଦ୍ମପୁର ରାସ୍ତାର ସପିଆଠାରେ ଏକ କାର (ଓଡି ୦୫ ଟି ୫୪ ୦୦)କୁ ଅଟକାଇ ଯାଞ୍ଚ କରିଥିଲା। ଗାଡିରୁ ୫୦୦୦ ନିଶା ଇଞ୍ଜେକ୍ସନ, ୭୨୦ବୋତଲ କଫ ସିରପ୍, ୧୨୦୦୦ ଟାବଲେଟ, ନଗଦ ୩୮ହଜାର ୩୭୦ଟଙ୍କା, ୭ଟି ମୋବାଇଲ ଫୋନ, ଗୋଟିଏ ହିରୋ ବାଇକ୍ (ଓଡି ୧୭ ଜେ ୫୬ ୫୮), ଗୋଟିଏ ଟିଭିଏସ୍ ଆପାଚି (ଓଡି ୧୭ ଏଏ ୭୧ ୬୫) ଜବତ ହୋଇଥିବା ପୋଲିସ ଅଧିକାରୀ ସୂଚନା ଦେଇଛନ୍ତି। ଏ ସମ୍ପର୍କରେ ପଦ୍ମପୁର ଥାନା ପୋଲିସ ଏକ (ନଂ. ୨୩୧/୨୫) ମାମଲା ରୁଜୁ କରିଛି। ଏହି ଚଢ଼ାଉରେ ଏସ୍‌ଆଇ ପ୍ରମିଳା ମରେଇ, ଏଏସ୍‌ଆଇ ଏସ୍.କେ. ସାହୁ, ହାବିଲଦାର ପ୍ରକାଶ ଆଚାର୍ଯ୍ୟ ପ୍ରମୁଖ ସାମିଲ ଥିଲେ।

# ବ୍ୟବସାୟୀଙ୍କୁ ଭୁଜାଲିରେ ହାଣି ଲୁଟ୍

ସାତମାଇଲ,୩୦।୮ (ସୁଶାନ୍ତ ପତି)

ଢେଙ୍କାନାଳ ଜିଲା ହିନ୍ଦୋଳ ଉପଖଣ୍ଡ ମହାଲୁଣ୍ଡା ପଞ୍ଚାୟତ ମହାଲୁଣ୍ଡା ଗ୍ରାମର ବ୍ୟବସାୟୀ ଗିରିଶ ସାହୁ(୫୫) ସ୍ଥାନୀୟ କୁମୁରିଶିଙ୍ଗା ସାପ୍ତାହିକ ହାଟ ସାରି ଶନିବାର ଦ୍ୱିପ୍ରହରେ ଘରକୁ ଫେରୁଥିବାବେଳେ ଲୁଟ୍‌ର ଶୀକାର ହୋଇଛନ୍ତି। ସୂଚନା ଅନୁଯାୟୀ, ଗିରିଶ ହାଟରୁ ଫେରୁଥିବାବେଳେ ହାଟ ନିକଟରେ ୩ ବାଇକ୍ ଲୁଟେରା ଗିରିଶଙ୍କୁ ଭୁଜାଲିରେ ହାଣି ଦେବାରୁ ସେ ତଳେ ଖସି ପଡ଼ିଥିଲେ। ଏହି ସମୟର ଦୁର୍ବୃତ୍ତମାନେ ଗିରିଶଙ୍କ ବ୍ୟାଗ୍ ଛଡ଼ାଇ ଫେରାର୍ ହୋଇଯାଇଥିଲେ। ସ୍ଥାନୀୟ ଲୋକ ଗିରିଶଙ୍କୁ ଉଦ୍ଧାର କରି ନିକଟସ୍ଥ ଖଜୁରିଆକଟା ଡାକ୍ତରଖାନାକୁ ଚିକିତ୍ସା ପାଇଁ ନେଇଥିଲେ। ଚିକିତ୍ସା ପରେ ଗିରିଶ ବାଲିମି ଥାନାରେ ଅଭିଯୋଗ କରିଥିଲେ। ବାଲିମି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଧିକ ତଦନ୍ତ ଜାରି ରଖିଛି। ଆଗରୁ ସେହି ସ୍ଥାନରେ ବଲିମି ପୋଲିସ ତରଫରୁ କର୍ମଚାରୀ ନିୟୋଜିତ ଥିବାବେଳେ ଏହାର ବିଶେଷ ପ୍ରଭାବ ପଡୁ ନ ଥିବା ଦେଖିବାକୁ ମିଳିଛି। ଦ୍ୱିପ୍ରହରେ ପୋଲିସକୁ ଚ୍ୟାଲେଞ୍ଜ ଦେଇ ଏଭଳି ଲୁଟ୍ ହେଉଥିବାରୁ ସ୍ଥାନୀୟ ଅଞ୍ଚଳବାସୀ ଯିବାଆସିବା କରିବାକୁ ଭୟ କଲେଣି। ତୁରନ୍ତ ଏହି ଅଞ୍ଚଳରେ ଅଧିକ ପୋଲିସ ନିୟୋଜିତ କରିବାକୁ ସାଧାରଣରେ ଦାବି ହେଉଛି।

# ଅଭିଯୁକ୍ତଙ୍କ ମୃତ୍ୟୁ ମାମଲାରେ ପୂର୍ବତନ ଏସ୍‌ଆଇ ଗିରଫ

ଜୟପୁର,୩୦।୮ (ପବନ ପାଣିଗ୍ରାହୀ)

୨୦୧୭ରେ ବିଭିନ୍ନ ଆପରାଧୀକ ମାମଲାରେ ଜଡ଼ିତ ଥିବା ଅଭିଯୁକ୍ତ ଆକାଶ ମହୁରିଆଙ୍କ ମୃତ୍ୟୁ ମାମଲାରେ ପୂର୍ବତନ ଏସ୍‌ଆଇ ଶିବ ଶଙ୍କର ସାହୁଙ୍କୁ କ୍ରାଇମବ୍ରାଞ୍ଚ ଶୁକ୍ରବାର ଗିରଫ କରି କୋର୍ଟ ଚାଲାଣ କରିଛି। ଶିବ କଳାହାଣ୍ଡି ଜିଲାର ଏକ ଗଣେଶ ପୂଜା ବଜାରରେ ବୁଲୁଥିବା ବେଳେ କ୍ରାଇମବ୍ରାଞ୍ଚ ପୋଲିସ ତାଙ୍କୁ ଗିରଫ କରିଥିଲା। ଶୁକ୍ରବାର ସକାଳୁ ତାଙ୍କୁ ଜୟପୁର ଆଣିବା ପରେ ସନ୍ଧ୍ୟାରେ ମାଜିଷ୍ଟ୍ରେଟଙ୍କ ନିକଟରେ ହାଜର କରି ସ୍ୱତନ୍ତ୍ର କାରାଗାରକୁ ପଠାଇ ଦିଆଯାଇଛି।

ସୂଚନା ଅନୁଯାୟୀ, ବିଭିନ୍ନ ଆପରାଧିକ ମାମଲାରେ ଜଡ଼ିତ ଥିବା ଆକାଶଙ୍କୁ ପୋଲିସ ଗୋଡ଼ାଉଥିବା ବେଳେ ଗାଡ଼ିରୁ ପଡି ତାଙ୍କର ମୃତ୍ୟୁ ହୋଇଥିବା ନେଇ ଜୟପୁର ଟାଉନ ଥାନାରେ ମାମଲା ରୁଜୁ ହୋଇଥିଲା। ଏହା ପରେ ତାଙ୍କ ଭଉଣୀ ମାନବ ଅଧିକାର କମିଶନଙ୍କ ନିକଟରେ ଅଭିଯୋଗ କରିଥିଲେ। କ୍ରାଇମବ୍ରାଞ୍ଚ ପୋଲିସ ପୂର୍ବତନ ଟାଉନ ଥାନା ଅଧିକାରୀ ତପନ ରଥ, ଏସ୍‌ଆଇ ଶିବ ଶଙ୍କର ସାହୁ, ଏସ୍‌ଆଇ ରାଜେଶ ବଳିଆର ସିଂ ଓ ଏସ୍‌ଡିପିଓ ରାଜେନ୍ଦ୍ର ସେନାପତିଙ୍କ ନାଁରେ ମାମଲା ରୁଜୁ କରିଥିଲା। ଏହି ଘଟଣାରେ ଶିବ ତଦନ୍ତକାରୀ ଅଧିକାରୀ ଥିବାରୁ ତାଙ୍କ ନାଁରେ ଚାର୍ଜସିଟ୍ ଦାଖଲ ହୋଇଥିଲା। ସେହି ଦିନଠାରୁ ଶିବଙ୍କୁ ଚାକିରିରୁ ନିଲମ୍ବନ କରାଯାଇଥିଲା।

**କଟକ ମହାନଗର ନିଗମ**

ସ୍ୱାୟତ୍ତ ଶାସନ ପାଳନ ଅବସରରେ

କଟକ ମହାନଗର ନିଗମ ତରଫରୁ ହାର୍ଦ୍ଦିକ ଅଭିନନ୍ଦନ

No. DSPL - 230

**କାର୍ଯ୍ୟସୂଚୀ**

ତା୩୦।୦୮।୨୦୨୫ରିଖ

ପ୍ରାତଃ ୦୯.୦୦ ଘଟିକା: ରକ୍ତଦାନ ଶିବିର, ଟାଉନହଲ, କଟକ

ତା୩୧।୦୮।୨୦୨୫ରିଖ

ପୂର୍ବାହ୍ନ ୧୦.୩୦ଘଟିକା: ନିଗମ ଅଞ୍ଚଳରେ ନୂତନ ପ୍ରକଳ୍ପ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ ଓ ସମ୍ପୂର୍ଣ୍ଣ ହୋଇଥିବା ପ୍ରକଳ୍ପଗୁଡ଼ିକର ଶୁଭ ଉଦ୍‌ଘାଟନ।

ସନ୍ଧ୍ୟା ୦୫.୦୦ଘଟିକା: ସହିଦ ଭବନ, କଟକଠାରେ ସାଧାରଣ ସଭା

ମୁଖ୍ୟ ଅତିଥି: **ଶ୍ରୀଯୁକ୍ତ କୃଷ୍ଣଚନ୍ଦ୍ର ମହାପାତ୍ର**
ମାନ୍ୟବର ମନ୍ତ୍ରୀ, ଗୃହ ନିର୍ମାଣ ଓ ନଗର ଉନ୍ନୟନ, ସାଧାରଣ ଉଦ୍ୟୋଗ ବିଭାଗ, ଓଡ଼ିଶା

ମୁଖ୍ୟବକ୍ତା: **ଶ୍ରୀଯୁକ୍ତ ଭର୍ତ୍ତୃହରି ମହତାବ**
ମାନ୍ୟବର ସାଂସଦ (ଲୋକସଭା), କଟକ

ସ୍ୱତନ୍ତ୍ର ଅତିଥି: **ଶ୍ରୀଯୁକ୍ତ ଦେବାଶିଷ ସାମନ୍ତରାୟ**
ମାନ୍ୟବର ସାଂସଦ (ରାଜ୍ୟସଭା) ତଥା ସଭାପତି କଟକ ମହାନଗର ନିଗମ କର୍ମଚାରୀ ସଂଘ

ସମ୍ମାନିତ ଅତିଥି ବୃନ୍ଦ:
ଶ୍ରୀଯୁକ୍ତ ସୌଭିକ ବିଶ୍ୱାଳ, ମାନ୍ୟବର ବିଧାୟକ, ଚୌଦ୍ୱାର-କଟକ
ଇଂ. ସୋଫିଆ ଫିରଦୋସ, ମାନ୍ୟବର ବିଧାୟିକା, ବାରବାଟୀ-କଟକ
ଇଂ. ପ୍ରକାଶ ଚନ୍ଦ୍ର ସେଠୀ, ମାନ୍ୟବର ବିଧାୟକ, କଟକ ସଦର
ଶ୍ରୀଯୁକ୍ତ ପ୍ରଭାତ ତ୍ରିପାଠୀ, ପୂର୍ବତନ ବିଧାୟକ ତଥା ସଭାପତି କଟକ ମହାନଗର ନିଗମ ମେହେନ୍ତର ସଂଘ
ଶ୍ରୀଯୁକ୍ତ ଦତାତ୍ରୟ ଭାଉସାହେବ ସିନ୍ଦେ, (ଭା.ପ୍ର.ସେ.), ଜିଲ୍ଲାପାଳ, କଟକ
ଶ୍ରୀଯୁକ୍ତ ଖିଲାରି ଋଷିକେଶ ଦ୍ୟାନଦେଓ, (ଭା.ପୁ.ସେ.), ଡିସିପି, କମିଶନରେଟ ପୋଲିସ, କଟକ

୧. ନିଗମ ଅଞ୍ଚଳରେ କୃତିତ୍ୱ ଅର୍ଜନ କରିଥିବା ବିଶିଷ୍ଟ ବ୍ୟକ୍ତି ବିଶେଷମାନଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ।
୨. ବିଭିନ୍ନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିବା କୃତୀ ଛାତ୍ର ଛାତ୍ରୀମାନଙ୍କୁ ପୁରସ୍କାର ବିତରଣ।
୩. ନିଗମର କର୍ତ୍ତବ୍ୟନିଷ୍ଠ କର୍ମଚାରୀମାନଙ୍କୁ ତାଙ୍କର ଉଲ୍ଲେଖନୀୟ କାର୍ଯ୍ୟ ନିମନ୍ତେ ପୁରସ୍କାର ବିତରଣ।

ସୁଶ୍ରୀ କିରନ୍‌ଦୀପ୍ କୌର ସହୋତା, (ଭା.ପ୍ର.ସେ) — ଆୟୁକ୍ତ
ସୁଶ୍ରୀ ଦମୟନ୍ତୀ ମାଝୀ — ଡେପୁଟି ମେୟର
ଶ୍ରୀଯୁକ୍ତ ସୁବାସ ଚନ୍ଦ୍ର ସିଂହ — ମେୟର

ନିଗମର ସମସ୍ତ କର୍ପୋରେଟର, ସମସ୍ତ ଅଧିକାରୀ ଏବଂ କର୍ମଚାରୀ ବୃନ୍ଦ

OIPR-13031/13/0212/2526

# ଭିଜିଲାନ୍ସ କୋର୍ଟରେ ଆର୍‌ଡବ୍ଲ୍ୟୁଏସ୍‌ଏସ୍ କନିଷ୍ଠ ଯନ୍ତ୍ରୀ ଦୋଷୀ ସାବ୍ୟସ୍ତ

## ୨ ବର୍ଷ ସଶ୍ରମ କାରାଦଣ୍ଡ ସହ ୧ ଲକ୍ଷ ଟଙ୍କା ଜରିମାନା

ପାରଳାଖେମୁଣ୍ଡି,୩୦।୮ (ଗିରିଧାରୀ ପରିଚ୍ଛା)

ଗଜପତି ଜିଲା ଆର୍‌ଡବ୍ଲ୍ୟୁଏସ୍‌ଏସ୍ କାର୍ଯ୍ୟାଳୟର କନିଷ୍ଠ ଯନ୍ତ୍ରୀ ଅରୁଣ କୁମାର ଜେନାଙ୍କୁ ବାରିପଦାସ୍ଥିତ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ଦୋଷୀ ସାବ୍ୟସ୍ତ କରିଛନ୍ତି। ତାଙ୍କୁ ଦୁଇ ବର୍ଷ ସଶ୍ରମ କାରାଦଣ୍ଡ ସହ ଏକଲକ୍ଷ ଟଙ୍କା ଜରିମାନାରେ କୋର୍ଟ ଦଣ୍ଡିତ କରିଛନ୍ତି। ଏଥିସହ ଚାକିରିରୁ ବହିଷ୍କାର କରିବାକୁ ସକ୍ଷମ ପ୍ରାଧିକରଣଙ୍କ ନିକଟରେ ଆବେଦନ କରାଯିବ ବୋଲି କଟକସ୍ଥିତ ଭିଜିଲାନ୍ସ ନିର୍ଦ୍ଦେଶାଳୟ ପକ୍ଷରୁ କୁହାଯାଇଛି।

ଖବରରୁ ଜଣାପଡିଛି, କନିଷ୍ଠଯନ୍ତ୍ରୀ ଅରୁଣ ମୟୁରଭଞ୍ଜରେ ଏସ୍‌ଏସ୍‌ଏ ବିଭାଗରେ କାର୍ଯ୍ୟରତ ଥିବା ବେଳେ ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ଅଭିଯୋଗ ହୋଇଥିଲା। ଏହାକୁ ଭିତ୍ତି କରି ଭିଜିଲାନ୍ସ ବିଭାଗ ଦୁର୍ନୀତି ନିବାରଣ ଆଇନରେ ମାମଲା ରୁଜୁ କରିଥିଲା। ବାଲେଶ୍ୱର ଭିଜିଲାନ୍ସ ଡିଭିଜନର ପୂର୍ବତନ ଇନ୍ସପେକ୍ଟର ନରେନ୍ଦ୍ର ବେହେରା ଏହାର ତଦନ୍ତ କରୁଥିଲେ। ବାରିପଦା ଭିଜିଲାନ୍ସ କୋର୍ଟର ସ୍ୱତନ୍ତ୍ର ପିପି ଶାନ୍ତନୁ ଦାସ ମାମଲା ପରିଚାଳନା କରୁଥିଲେ।

# ଘର ଭିତରୁ ଦେଢ଼ ବର୍ଷର ଶିଶୁପୁତ୍ର ନିଖୋଜ

ରାସୋଳ,୩୦।୮ (ସରୋଜ ମିଶ୍ର)

ଢେଙ୍କାନାଳ ଜିଲା ରାସୋଳ ଥାନା କନକା ଗ୍ରାମରେ ଏକ ଘର ଭିତରୁ ଦେଢ଼ ବର୍ଷର ଶିଶୁପୁତ୍ର ନିଖୋଜ ଥିବା ନେଇ ଶନିବାର ଥାନାରେ ଅଭିଯୋଗ ହୋଇଛି। କନକା ଗ୍ରାମର ହୃଦାନନ୍ଦ ପ୍ରଧାନ ଶୁକ୍ରବାର ସକାଳେ କାମକୁ ବାହାରି ଯାଇଥିଲେ। ଘରେ ଶିଶୁପୁତ୍ର ଶୋଇଥିବା ବେଳେ ତାଙ୍କ ସ୍ତ୍ରୀ ବାଡ଼ି ପଛପଟ ଜଙ୍ଗଲକୁ ଛେଳି ଛାଡ଼ିବାକୁ ଯାଇଥିଲେ। ସେଠାରୁ ସେ ଫେରି ଶିଶୁପୁତ୍ରକୁ ଘରେ ପାଇ ନ ଥିଲେ। ବହୁ ଖୋଜାଖୋଜି କରିଥିଲେ ମଧ୍ୟ ଶିଶୁପୁତ୍ରର ସନ୍ଧାନ ନ ପାଇବାରୁ ଶନିବାର ଥାନାରେ ଅଭିଯୋଗ କରିଥିଲେ। ଏ ସଂକ୍ରାନ୍ତରେ ରାସୋଳ ପୋଲିସ ତଦନ୍ତ ଆରମ୍ଭ କରିଛି।

# ହତ୍ୟା ମାମଲାରେ ୩ ଜଣଙ୍କୁ ଆଜୀବନ କାରାଦଣ୍ଡ

ରାୟଗଡ଼ା,୩୦।୮ (ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଅତିରିକ୍ତ ଜିଲା ଦୌରାଜଜ୍ ଅଜ୍ଜନା ସ୍ୱାଇଁ ଏକ ହତ୍ୟା ମାମଲାର ବିଚାରକରି ୩ ଜଣ ଅଭିଯୁକ୍ତଙ୍କୁ ଆଜୀବନ ସଶ୍ରମ କାରାଦଣ୍ଡାଦେଶ ସହ ୫ ହଜାର ଟଙ୍କା ଜରିମାନା ପ୍ରଦାନ ପାଇଁ ଶନିବାର ରାୟ ଦେଇଛନ୍ତି। ଅଭିଯୁକ୍ତମାନେ ହେଲେ ଅଶୋକ ଗୌଡ଼, ଭାଗୀରଥି ଗୌଡ଼ ଓ ବିକ୍ରମ ଗୌଡ଼। ୨୩ ଜଣ ସାକ୍ଷୀଙ୍କ ବୟାନ ଆଧାରରେ ଦଫା ୩୦୨/୩୪ ଆଇପିସି, ଆର୍‌ଡବ୍ଲ୍ୟୁ ୩(୧)(ଆର୍)(ଏସ୍)/୩(୨)(ଭି)(ଭିଏ) ଏସସି ଏବଂ ଏସ୍‌ଟି (ପିଓଏ) ଆକ୍ଟରେ ବିଚାରକରି ରାୟ ପ୍ରକାଶ ପାଇଛି। ଜରିମାନା ଅନାଦାୟେ ଅଧିକ ୬ ମାସ ସଶ୍ରମ କାରାଦଣ୍ଡ ପାଇଁ ଆଦେଶ ଦିଆଯାଇଛି।

ମିଳିଥିବା ସୂଚନା ମୁତାବକ, ୨୦୨୩ ଜୁନ୍ ୯ ସକାଳ ସମୟରେ କାଶୀପୁର ବ୍ଲକର ଗଜେନ୍ଦ୍ର ନାୟକ କଶନାଦୋରା ଗ୍ରାମରେ ଥିବା ଜମିରେ ସମତଳ ହେଉଥିବା କାର୍ଯ୍ୟକୁ ତଦାରଖ ପାଇଁ ଯାଇଥିଲେ। ଜେସିବି ଦ୍ୱାରା ଅପରେଟର ରଘୁ ଝୋଡିଆ, ତାଙ୍କ ସହଯୋଗୀ ଅନନ୍ତ ମାଝି ଓ ଚୈତନ୍ୟ ମାଝି ଏହି କାର୍ଯ୍ୟ କରୁଥିଲେ। ଉକ୍ତ ସମୟରେ ଭାଗୀରଥି ଗୌଡ଼, ତାଙ୍କର ଦୁଇ ସହଯୋଗୀ ଅଶୋକ ଏବଂ ବିକ୍ରମ ସେହି ସ୍ଥାନକୁ ଆସି ଆମ ଜମି କେଉଁଠି ଅଛି ଦେଖାଇଦେ କହିବା ସହ ସେମାନେ ସାଙ୍ଗରେ ଆଣିଥିବା ଟାଙ୍ଗିଆ ଦ୍ୱାରା ପ୍ରଥମେ ତାଙ୍କ ଗୋଡ ଏବଂ ପରେ ବେକକୁ ଆକ୍ରମଣ କରିଥିଲେ। ସେଠାରେ କାର୍ଯ୍ୟ କରୁଥିବା ଲୋକମାନେ ପାଟି କରିବାରୁ ସେମାନେ ଘଟଣାସ୍ଥଳରୁ ଦୌଡ଼ି ପଳାଇଥିଲେ। ଜମିରେ କାର୍ଯ୍ୟ କରୁଥିବା ଲୋକମାନେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଗଜେନ୍ଦ୍ରଙ୍କୁ କାଶୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନେଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଗଜେନ୍ଦ୍ରଙ୍କ ପୁଅ ମିହିର କୁମାର ନାୟକ ଏନେଇ କାଶୀପୁର ଥାନାରେ ଅଭିଯୋଗ କରିଥିଲେ। କାଶୀପୁର ପୋଲିସ ଘଟଣାର ତଦନ୍ତକରି ୨୦୨୩ ଜୁନ୍ ୧୨ରେ ୩ ଜଣ ଅଭିଯୁକ୍ତଙ୍କୁ ଗିରଫକରିବା ସହ ବ୍ୟବହର ହୋଇଥିବା ୩ଟି ଟାଙ୍ଗିଆକୁ ଜବତ କରିଥିଲା। ସରକାରଙ୍କ ତରଫରୁ ଏହି ମାମଲାକୁ ଏପିପି ରାମପ୍ରସାଦ ପାତ୍ର ପରିଚାଳନା କରୁଥିଲେ।

# ନାବାଳିକାଙ୍କୁ ନାବାଳକଙ୍କ ବଳାତ୍କାର

ଖଣ୍ଡପଡ଼ା, ୩୦।୮ (ଅଜୟ କୁମାର ମହାରଣା)

ଖଣ୍ଡପଡା ଥାନା ଅଧୀନ ରାଣୀପଡ଼ା ଅଞ୍ଚଳର ଜଣେ ୭ ବର୍ଷର ନାବାଳିକାଙ୍କୁ ସେହି ଅଞ୍ଚଳର ଜଣେ ୧୪ ବର୍ଷର ନାବାଳକ ଏକ ନିକାଞ୍ଚନ ସ୍ଥାନକୁ ଡାକି ନେଇ ବଳାତ୍କାର କରିଥିବା ନେଇ ଶୁକ୍ରବାର ଖଣ୍ଡପଡ଼ା ଥାନାରେ ଲିଖିତ ଅଭିଯୋଗ ହୋଇଛି। ନାବାଳିକା ପରିବାର ଲୋକଙ୍କ ଲିଖିତ ଅଭିଯୋଗକ୍ରମେ ପୋଲିସ ସମ୍ପୃକ୍ତ ନାବାଳକଙ୍କୁ ଗ୍ରାମରୁ ଉଠାଇ ନେଇ ଥାନାରେ ଅଟକ ରଖି ତଦନ୍ତ କରିଥିଲା। ଶନିବାର ତାଙ୍କୁ ଅନୁଗୋଳସ୍ଥିତ ଜୁଭେନାଇଲ ଜଷ୍ଟିସ୍ ହୋମ୍‌କୁ ପଠାଇ ଦିଆଯାଇଛି।

**GOVERNMENT OF CHHATTISGARH**
**WATER RESOURCES DEPARTMENT**
**OFFICE OF THE EXECUTIVE ENGINEER**
**WATER RESOURCES DIVISION, JASHPUR, DISTT.: JASHPUR (C.G.)**
**e-Procurement Tender Notice**
**eProcurement Portal: https://eproc.cgstate.gov.in**
**(First CALL)**

Online tenders are invited for the following works upto 15.09.2025 (17.30 hours IST).

| System Tender No./NIT No./Dated | Name of Work | Probable Amount of Contract |
|---|---|---|
| S.T.N. 174034/N.I.T. No. 02/ SAC/2025-26 Date: 25.08.2025 | Construction of Head Work and canal & their Structure of Gurmhakona Diversion Scheme | Rs.411.70 Lakhs |
| S.T.N. 174042/NIT No. 03/ SAC/2025-26 Date: 25.08.2025 | Construction of Head Work and canal & their Structure of Semra Tank Scheme | Rs.241.73 |

The details can be viewed & downloaded online directly from the Govt. of Chhattisgarh integrated e-Procurement portal **(https://eproc.cgstate.gov.in)** from **dated 01.09.2025 at 17.31 hours (IST)** onwards.
**Note:** All eligible/interested contractors/bidders are mandated to get enrolled on the integrated e-Procurement portal **(https://eproc.cgstate.gov.in)** and get approval on specific vendor class from PWD under centralized contractor/supplier registration in order to download the tender documents and participate in the subsequent bidding process.

**Sd./- Executive Engineer**
**Water Resources Division, Jashpur (C.G.)**
**For, Chief Engineer**
**Hasdeo Ganga Basin, W.R. Deptt., Ambikapur, Sarguja (C.G.)**

G-252603083/1

# ବାଇଗୁଣିଆରେ ଗୋଷ୍ଠୀ ସଂଘର୍ଷ: ଗଉଡ଼ସାହିର ଜଣେ ଗୁରୁତର, ୧୦ ଆହତ

ନୟାଗଡ଼/ଭାପୁର,୩୦।୮ (ଲୋକନାଥ ମିଶ୍ର/ପ୍ରଭାତ ବରାଡ଼)

ନୟାଗଡ ଜିଲା ଫତେଗଡ଼ ଥାନା ଜଗନ୍ନାଥପ୍ରସାଦ ଫାଣ୍ଡି ବାଇଗୁଣିଆ ଗାଁର ଗଉଡ଼ସାହିର ଗୋଟିଏ ଗୋଷ୍ଠୀ ଏବଂ ଦଳିତ ସାହି ଏକ ଗୋଷ୍ଠୀ ମଧ୍ୟରେ ଶନିବାର ରାତି ପ୍ରାୟ ସାଢ଼େ ୮ଟାରେ ସଂଘର୍ଷ ଘଟିଛି। ଏଥିରେ ଜଣେ ଗୁରୁତର ହୋଇଥିବାବେଳେ ଉଭୟ ପକ୍ଷର ୧୦ ଜଣ ଆହତ ହୋଇଛନ୍ତି। ଗୋଷ୍ଠୀ ସଂଘର୍ଷ ପୂର୍ବରୁ ଗଉଡ଼ସାହିର ରାଜେଶ ବେହେରାଙ୍କୁ ଆକ୍ରମଣ କରାଯାଇଥିଲା। ରାଜେଶଙ୍କୁ ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ରାଜେଶ ଗୁରୁତର ଥିବା ଖବର ଜଣାପଡିବା ପରେ ଗାଁରେ ଉଭୟ ପକ୍ଷ ମୁହାଁମୁହିଁ ହୋଇ ସଂଘର୍ଷ ହୋଇଥିଲା। ଖବର ପାଇ ଫତେଗଡ଼ ଥାନା ପୋଲିସ ଘଟଣାର ଅନୁଧ୍ୟାନ କରୁଥିବାବେଳେ ଉଭୟ ସାହିରେ ଫୋର୍ସ ମୁତୟନ ହୋଇଛନ୍ତି। ମିଳିଥିବା ସୂଚନା ଅନୁସାରେ ୨ ବର୍ଷ ତଳେ ଗଣେଶ ପୂଜା ଭସାଣିକୁ ନେଇ ଗଉଡ଼ସାହି ଓ ଦଳିତ ସାହିର ଗୋଷ୍ଠୀ ମଧ୍ୟରେ ସଂଘର୍ଷ ହୋଇଥିଲା। ଉଭୟ ପକ୍ଷକୁ ବୁଝାଶୁଝା କରାଯାଇ ସମାଧାନ କରାଯାଇଥିଲା। କିନ୍ତୁ ବିବାଦ ଧୀରେ ଧୀରେ ବଢ଼ିବାରେ ଲାଗିଥିଲା। ପୂର୍ବ ଶତ୍ରୁତାକୁ ନେଇ ଏବେ ପ୍ରାୟ ୪ ଦିନ ହେଲା ଗାଁରେ ଉତ୍ତେଜନା ଦେଖାଦେଇଥିଲା। ଦଳିତ ସାହିର କେତେଜଣ ଲୋକ ଗଉଡ଼ସାହିର ରାଜେଶଙ୍କୁ ଆକ୍ରମଣ ପରେ ବିବାଦ ଗୋଷ୍ଠୀ ସଂଘର୍ଷର ରୂପ ନେଇଥିଲା।

# ନିଜ ହାତରେ ଶାସନ ବ୍ୟବସ୍ଥା

ବ୍ରିଟିଶ ଅମଳରୁ ସ୍ୱାୟତ୍ତ ଶାସନ ବ୍ୟବସ୍ଥାର ପରିକଳ୍ପନା କରାଯାଇଥିଲା। ସେହି ଅନୁସାରେ ପଞ୍ଚାୟତିରାଜ ବ୍ୟବସ୍ଥାକୁ ଆରମ୍ଭକରି ମହାନଗର ପର୍ଯ୍ୟନ୍ତ ସବୁଠି ଏହି ପ୍ରକ୍ରିୟା ଲାଗୁ କରାଯାଇଛି। ବିକାଶକୁ ସରଳୀକରଣ କରିବା ପାଇଁ ଲୋକଙ୍କ ହାତରେ ଶାସନ ବ୍ୟବସ୍ଥାକୁ ଦିଆଯାଇଛି। ଗଞ୍ଜାମରେ ସ୍ୱାୟତ୍ତଶାସନ ପ୍ରକ୍ରିୟାକୁ ଦେଖିଲେ ପ୍ରଥମେ ୧୮୬୭ରେ ବ୍ରହ୍ମପୁରକୁ ପୌରପାଳିକା ଘୋଷଣା କରାଯାଇଥିଲା। ସେତେବେଳେ ବ୍ରହ୍ମପୁରର ପରିସୀମା ଛୋଟ ଥିଲା। ଲୋକସଂଖ୍ୟା ବି କମ୍ ଥିଲା। ବିଦ୍ୟୁତ୍ ବ୍ୟବସ୍ଥା ନ ଥିବାରୁ ଷ୍ଟ୍ରିଟ୍ ଲାଇଟରେ ଲଣ୍ଠନ ଲଗାଇ ଲୋକଙ୍କୁ ଆଲୁଅ ଯୋଗାଇ ଦିଆଯାଉଥିଲା। ରାସ୍ତାଘାଟ ସ୍ୱଚ୍ଛ ଥିଲା। ପରିମଳ ବ୍ୟବସ୍ଥା ବି ଭଲ ଥିଲା। ତେଣୁ ୧୯୩୦ରେ ବ୍ରହ୍ମପୁର ପୌରପାଳିକାକୁ ବ୍ରିଟିଶ ଶାସନ ସମୟରେ ମାଡ୍ରାସ ପ୍ରେସିଡେନ୍ସି ପକ୍ଷରୁ ପୁରସ୍କୃତ ହୋଇଥିଲା। ଦୀର୍ଘଦିନ ପରେ କିଛି ବଡ଼ ଅଞ୍ଚଳର ଲୋକସଂଖ୍ୟା ବୃଦ୍ଧିକୁ ବିଜ୍ଞାପିତ ଅଞ୍ଚଳ ରୂପେ ଘୋଷଣା କରାଯାଇଥିଲା। ବର୍ତ୍ତମାନ ଗଞ୍ଜାମରେ ଏକ ମହାନଗର ନିଗମ, ଏକ ପୌରପାଳିକା ଏବଂ ୧୭ଟି ବିଜ୍ଞାପିତ ଅଞ୍ଚଳ ପରିଷଦ ରହିଛି। ଆଉକୁ ଆହୁରି କେତେ ଏନ୍ଏସି ଘୋଷଣା ବାକି ଅଛି। ବ୍ରହ୍ମପୁର ଇଂରେଜ ଅମଳର ହୋଇଥିବାବେଳେ ହିଞ୍ଜିଳିକାଟୁ ଉପରେ ବିଜେଡି ସରକାର ଅମଳରେ ପୌରପାଳିକାର ମୋହର ବାଜିଛି। ତେବେ ଦେଖିବାକୁ ଗଲେ ନିଜ ହାତକୁ ଶାସନ କ୍ଷମତା ଆସିବା ପରେ କାମ ବେଶ୍ ବଢ଼ିଯାଇଛି। କିନ୍ତୁ ସମସ୍ୟା ବି ବଢ଼ିଛି। ଏ ସମ୍ପର୍କରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ରାଜନୀତି ବିଜ୍ଞାନର ଅବସରପ୍ରାପ୍ତ ପ୍ରଫେସର ବିଷ୍ଣୁ ଚୌଧୁରୀ କୁହନ୍ତି, ଏହା ଏକ ଭଲ ବ୍ୟବସ୍ଥା। କିନ୍ତୁ ଏହାଦ୍ୱାରା କ୍ଷମତାର ଗଣତାନ୍ତ୍ରିକ ବିକେନ୍ଦ୍ରୀକରଣ ହେଲା କିନ୍ତୁ ପ୍ରକୃତ କ୍ଷମତା ମିଳିନାହିଁ। ଲୋକଙ୍କ ହାତରେ ଶାସନ ବ୍ୟବସ୍ଥାକୁ ଲଦିଦେଇ କ୍ଷମତା ଅନ୍ୟ ହାତରେ ଥିଲେ ତାହା ବ୍ୟବସ୍ଥାକୁ ଟଳିଟ କରିପାରେ। ଉଦାହରଣ ସ୍ୱରୂପ, ଗୋଟିଏ ଘରେ ୨ ଜଣ ଥିବେ। ଅଞ୍ଚଳ ସଫା ରହିବ। ସେହି ଘରେ ଯଦି ୧୨ ଜଣ ହେବେ ତେବେ ନିଶ୍ଚିତ ଭାବେ ତାହା ଅସଫଳ ହେବ। ୧୯୩୦ରେ ବ୍ରିଟିଶ ସରକାର ବିଭିନ୍ନ ଦିଗକୁ ତର୍ଜମାକରି ବ୍ରହ୍ମପୁରକୁ ଭଲ ପୌରପାଳିକାର ମୋହର ମାରିଥିଲେ। ଏବେ ପୌରପାଳିକା ମହାନଗର ନିଗମରେ ପରିଣତ ହୋଇଛି। ସେହି ଅନୁସାରେ ଅଞ୍ଚଳ ବି ବଢ଼ିଛି। ୨୭ ଓ୍ୱାର୍ଡରୁ ୪୨ ହୋଇଛି। ସେହି ଅନୁସାରେ ବିକାଶ ବି ହୋଇଛି। କିନ୍ତୁ ଲୋକଙ୍କୁ ସଶକ୍ତ କରିବା ପାଇଁ ପ୍ରଣୀତ ଏହି ବ୍ୟବସ୍ଥାରେ ଏନ୍ଏସି ଓ ମ୍ୟୁନିସିପାଲିଟିଗୁଡ଼ିକ କେତେ ପରିମାଣରେ ସଫଳ ହୋଇଛନ୍ତି ତାହା ଆକଳନ କରିବା ମୁସ୍କିଲ। ପୌରପାଳିକା ତଥା ବିଜ୍ଞାପିତ ଅଞ୍ଚଳଗୁଡ଼ିକରେ ଶାସନ ଲୋକଙ୍କର, ଲୋକଙ୍କ ଦ୍ୱାରା ଓ ଲୋକଙ୍କ ପାଇଁ। ସେମାନେ ନିଜ ନେତା ନିଜେ ବାଛିବେ, ସିଏକି ତାଙ୍କୁ ଶାସନ କରିବ। ଲୋକଙ୍କ ପାଇଁ ଯାହା ଯାହା ଦରକାର ତାହା ଠିକ୍ ଭାବରେ ଯୋଗାଇ ଦିଆଯାଉଛି କି ନାହିଁ ତାହାକୁ ଲୋକେ ହିଁ ପରଖି ଏହି ମାପକାଠି ନିର୍ଣ୍ଣୟ କରିପାରିବେ ବୋଲି ସେ କହିଥିଲେ। ଏ ସମ୍ପର୍କରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗ ପ୍ରଫେସର ଜୟନ୍ତ କୁମାର ପଣ୍ଡା କୁହନ୍ତି, ସ୍ୱାୟତ୍ତ ଶାସନ ବ୍ୟବସ୍ଥାରେ ସମସ୍ତେ ସାମିଲ ହେବା ଉଚିତ। ଏହା ଗୋଷ୍ଠୀଗତ ଉନ୍ନତିରେ ସହାୟକ ହୋଇଥାଏ। ଲୋକଙ୍କୁ ସଶକ୍ତ କରିବା ପାଇଁ ଏଭଳି ବ୍ୟବସ୍ଥା କରାଯାଇଛି। ଏଥିପାଇଁ ଲୋକଙ୍କର ପ୍ରମୁଖ ଦାୟିତ୍ୱ ରହିଛି। ଅନେକ ସ୍ଥାନରେ ଏହା ସଫଳ ହୋଇଆସୁଛି। ଜନସାଧାରଣ ଓ ଜନପ୍ରତିନିଧିଙ୍କ ମଧ୍ୟରେ ସମନ୍ୱୟ ଦୃଢ଼ ହେଲେ ଭବିଷ୍ୟତରେ ଏହା ଆହୁରି ସୁଦୃଢ଼ ହୋଇପାରିବ ବୋଲି ସେ କହିଥିଲେ।

**–ଅଶୋକ କୁମାର ସାହୁ**, ବ୍ରହ୍ମପୁର

# ବିକାଶ ଅପେକ୍ଷା ପ୍ରଚାର ଅଧିକ

**୧୨୦ ବର୍ଷର ବାରିପଦା ପୌରପାଳିକା**



ମୟୂରଭଞ୍ଜ ଜିଲା ବାରିପଦା ପୌର ପରିଷଦ ୧୨୦ ବର୍ଷରେ ପଦାର୍ପଣ କରିଛି। ବିକାଶ ଦିଗରେ କାର୍ଯ୍ୟ କରୁଥିବା ପୌର ପରିଷଦ ବହୁ ପଛରେ ପଡ଼ିରହିଛି। କର୍ମଚାରୀ ଅଭାବ ପାଇଁ ଅଞ୍ଚଳର ଗମନାଗମନ, ଆମୋଦ ପ୍ରମୋଦ ଓ ଡ୍ରେନେଜ୍ ବ୍ୟବସ୍ଥାରେ ସୁଧାର ଆସିପାରୁନାହିଁ। ଫଳରେ ବର୍ଷାଦିନେ ସହରବାସୀ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏପରିକି ପ୍ରାଚୀନ କଳା ସ୍ଥାପତ୍ୟ, ଐତିହ୍ୟଗୁଡ଼ିକ ଭଗ୍ନାବସ୍ଥାକୁ ଆସିଯାଇଛି। ବାରିପଦା ସହରକୁ ସୁରକ୍ଷିତ ରଖିବା ପାଇଁ ବୁଢ଼ାବଳଙ୍ଗ ନଦୀରେ ଆଡ଼ିବନ୍ଧ ଯୋଜନା ପ୍ରହସନ ପାଲଟିଛି। ଜମ୍ବୀରା ନଦୀରୁ ପାନୀୟଜଳ ଯୋଗାଣ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବାରେ ବିଳମ୍ବ ହେବାକୁ ନେଇ ସରକାରୀ ବ୍ୟବସ୍ଥା ପ୍ରତି ଅଙ୍ଗୁଳି ଉଠାଉଛି। ରିଂ-ରୋଡ୍, ଆଡ଼ିବନ୍ଧ, ଆନ୍ତଃରାଜ୍ୟ ବସ୍‌ଷ୍ଟାଣ୍ଡ, ଟାଉନ୍ ବସ୍‌ଷ୍ଟାଣ୍ଡ ଓ ବସ୍ ଚଳାଚଳ, ସ୍ୱୟଂ ଚାଳିତ ଟ୍ରାଫିକ୍ ବ୍ୟବସ୍ଥା, ଓ୍ୱାର୍ଡ ସଂଖ୍ୟା ବୃଦ୍ଧି ଭଳି ଯୋଜନା ବାଟବଣା ହୋଇପଡ଼ିଛି। ଆଦିବାସୀ ଅଧ୍ୟୁଷିତ ଜିଲାରେ ବିକାଶର ବାର୍ତ୍ତା କେବଳ ପ୍ରଚାର ମାଧ୍ୟମରେ ସୀମିତ ରହୁଛି।

ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ଶାସନକାଳ ସମୟରେ ବାରିପଦା ସହରର ୨ ବର୍ଗକିମି ଆୟତନକୁ ନେଇ ୧୯୦୫, ଜୁଲାଇ ୧ରେ ପୌରପରିଷଦ କାର୍ଯ୍ୟ ଆରମ୍ଭ କରିଥିଲା। ମହାରାଜାଙ୍କ ଦ୍ୱାରା ମନୋନୀତ ହରିଶ୍ ଚନ୍ଦ୍ର ଭଞ୍ଜଦେଓ ଥିଲେ ପ୍ରଥମ ଅଧ୍ୟକ୍ଷ ଓ ମୟୂରଭଞ୍ଜ ରାଜ୍ୟର ସରକାରୀ ଆଇନଜୀବୀ ଉତ୍କଳମଣି ଗୋପବନ୍ଧୁ ଦାସ ଥିଲେ ପ୍ରଥମ ଉପାଧ୍ୟକ୍ଷ। ସେ ସମୟର ଉଚ୍ଚ ଚିନ୍ତାଧାରାକୁ ନେଇ ସହରର ରାସ୍ତାଘାଟ, ପାନୀୟଜଳ, ପରିମଳ ବ୍ୟବସ୍ଥା, ବିଦ୍ୟୁତ୍ ସେବା ସହ ବିଭିନ୍ନ ଦିଗରେ ପୌରପରିଷଦ ସର୍ବାଗ୍ରେ ରହିଥିଲା। ତେବେ ପ୍ରାଚୀନ କଳା ସ୍ଥାପତ୍ୟ, ଐତିହ୍ୟଗୁଡ଼ିକ ଭଗ୍ନାବସ୍ଥାରେ ପଡ଼ି ରହିଥିବା ବେଳେ ଏହାର ପୁନରୁଦ୍ଧାର କରାଯାଇପାରୁନାହିଁ।

ଏହି ପୌରପରିଷଦ ଅଧୀନରେ ରହିଛି ୨୮ଟି ଓ୍ୱାର୍ଡ। ୨୦୧୧ ଜନଗଣନା ଅନୁଯାୟୀ, ପରିଷଦର ଜନସଂଖ୍ୟା ୧ଲକ୍ଷ ୧୬ହଜାର ଥିବା ବେଳେ ୧୫ ବର୍ଷ ପରେ ତାହା ଦୁଇଲକ୍ଷ ଟପିଯିବଣି। ବର୍ଦ୍ଧିତ ଜନସଂଖ୍ୟା କାରଣରୁ ସହରର ରାସ୍ତାଘାଟ ସଙ୍କୁଚିତ ହେବାରେ ଲାଗିଛି। ଜବରଦଖଲଠାରୁ ଆରମ୍ଭକରି ଛିନ୍‌ତାଇ, ରାହାଜାନି ଓ ଆତଙ୍କରାଜ ବୃଦ୍ଧି ପାଇବାରେ ଲାଗିଛି। ଶାନ୍ତିପ୍ରିୟ ସହରରେ ଅଶାନ୍ତିର ବାତାବରଣ ସୃଷ୍ଟି ହେଉଛି। ଅନୁପ୍ରବେଶକାରୀଙ୍କ ସମ୍ପର୍କରେ କୌଣସି ସୂଚନା କିମ୍ବା ତଥ୍ୟ ମ୍ୟୁନିସିପାଲିଟି ପାଖରେ ନାହିଁ। କାର୍ଯ୍ୟାଳୟରେ ୧୩୫ ପଦବୀ ମଧ୍ୟରୁ ୯୩ଟି ଫାଙ୍କା ପଡ଼ିଛି। ଟ୍ୟାକ୍ସ ଏବଂ ଦେୟ ସଂଗ୍ରହ କରୁଥିବା ୨୮ କର୍ମଚାରୀଙ୍କ ମଧ୍ୟରୁ ୨୦ଟି ପଦବୀ ଖାଲିରହିଛି। ସହରରେ ବହୁତଳ ପ୍ରାସାଦ ନିର୍ମାଣ ବଢୁଥିଲେ ହେଁ କର୍ମଚାରୀ ଅଭାବରୁ ରାଜସ୍ୱ ଆଦାୟ ବୃଦ୍ଧି ପ୍ରତି ପଦକ୍ଷେପ ଗ୍ରହଣ କରାଯାଇପାରୁନାହିଁ। ବିକାଶ ଦିଗରେ କାର୍ଯ୍ୟ କରୁଥିବା ପୌର ପରିଷଦ ସହରକୁ କଂକ୍ରିଟୀକରଣ କରି ଚାକଚକ୍ୟ କରିବାରେ ଲାଗିଛି। ଗମନାଗମନ ଓ ଡ୍ରେନେଜ୍ ବ୍ୟବସ୍ଥାରେ ସୁଧାର ଆସିପାରୁ ନ ଥିବାରୁ ବର୍ଷାଦିନେ ସହରବାସୀଙ୍କ ଘରେ ବର୍ଷା ଜଳ ପ୍ରବେଶ କରୁଛି। ସେହିପରି ସଫେଇ କର୍ମଚାରୀ ପଦବୀ ୨୬ଟି ଫାଙ୍କା ପଡ଼ିଥିବାରୁ ବିଭିନ୍ନ ଓ୍ୱାର୍ଡରେ ଡ୍ରେନ୍ ସଫେଇ ଓ ପରିମଳ ବ୍ୟବସ୍ଥାରେ ଉନ୍ନତୀକରଣ ହୋଇଥିଲେ ମଧ୍ୟ ଶତପ୍ରତିଶତ ସଫଳତା ମିଳିପାରିନାହିଁ।

ପୌରପାଳିକାର ନିଜସ୍ୱ କାର୍ଯ୍ୟାଳୟଟି ୧୯୧୭ ମସିହା ରାଜରାଜୁଡ଼ା ଅମଳରେ ନିର୍ମାଣ କରାଯାଇଥିବା ବେଳେ ତାହା ଦୂରକୁ ସୁନ୍ଦର ଭାବେ ଉଭା ହୋଇଛି। ଜୁବୁଲି ଲାଇବ୍ରେରି ଓ ବାରିପଦା କ୍ଲବ ଭଳି କେତେକ ଅନୁଷ୍ଠାନ କେବଳ ସ୍ମୃତିର ମୂକସାକ୍ଷୀ ହୋଇ ରହିଛି। ରକ୍ଷଣାବେକ୍ଷଣ ଅଭାବରୁ ଐତିହ୍ୟଗୁଡ଼ିକ ଏବେ ଜରାଜୀର୍ଣ୍ଣ ଅବସ୍ଥାରେ। ଜବରଦଖଲକାରୀଙ୍କ ପାଇଁ ପୌରପରିଷଦର ମାନଚିତ୍ର ବଦଳିଥିବା ବେଳେ ବେଆଇନ ଗୃହ, ରାସ୍ତା, ଡ୍ରେନ୍ ଓ ଦୋକାନ ଗୃହ ନିର୍ମାଣ ବିକାଶରେ ଅନ୍ତରାୟ ସୃଷ୍ଟି କରୁଛି। କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା ତୁଳନାରେ ଗାଡ଼ିମୋଟର ଚଳାଚଳ ଓ ଦୋକାନ ବୃଦ୍ଧି ପାଇଁ ପାର୍କିଂ ବ୍ୟବସ୍ଥା ନ ଥିବାରୁ ଟ୍ରାଫିକ୍ ସମସ୍ୟା ଦିନକୁ ଦିନ ଜଟିଳ ହେବାରେ ଲାଗିଛି। ସ୍ୱାସ୍ଥ୍ୟ, ଶିକ୍ଷା ଓ ପାରିପାର୍ଶ୍ୱିକ ଉନ୍ନତି ପୌରପାଳିକା ବୟସ ତୁଳନାରେ ପଛରେ ପଡ଼ିଛି। ଅସ୍ତିଆ, ଚିପଟ ଅସ୍ତିଆ, ରଘୁନାଥପୁର, ମୁର୍ଗାବାଡ଼ି ଓ ପାଲବଣି ଅଞ୍ଚଳକୁ ପୌରପରିଷଦରେ ସାମିଲ ସହିତ ଓ୍ୱାର୍ଡସଂଖ୍ୟା ବୃଦ୍ଧି କରାଗଲେ ସହରାଞ୍ଚଳ ବିକାଶ ଯୋଜନାରେ ଲୋକମାନେ ବିଶେଷ ଉପକୃତ ହୋଇପାରନ୍ତେ। ଚଳିତ ସ୍ୱାୟତ୍ତ ଶାସନ ଦିବସ ଅବସରରେ ଦଳମତ ନିର୍ବିଶେଷରେ ସମସ୍ତେ ଏକ୍ ହୋଇ ସହଯୋଗର ହାତ ବଢ଼ାଇଲେ ପୌରପରିଷଦର ହଜିଯାଇଥିବା ଗୌରବ ପୁଣି ଫେରିଆସନ୍ତା ବୋଲି ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି।

**– ନୀଳାଦ୍ରି ବିହାରୀ ଦଣ୍ଡପାଟ**, ବାରିପଦା

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. ETELCONBBST -374E, ତା.23.08.2025ରିଖ

**କାର୍ଯ୍ୟର ନାମ :** ଭଦ୍ରକ - ନିର୍ଗୁଣ୍ଡି ସେକ୍ସନ ପାଇଁ 2TR କ୍ଷମତା ବିଶିଷ୍ଟ ପ୍ରିସିଜନ୍ ଏସି ଏବଂ 2TR ସ୍ପ୍ଲିଟ୍ ଏସି ଯୋଗାଣ, ସ୍ଥାପନ, ପରୀକ୍ଷଣ ଏବଂ କମିଶନିଂ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 86.06 ଲକ୍ଷ, EMD : ₹ 1,72,100.00, କାର୍ଯ୍ୟ ଶେଷ ହେବା ଅବଧି : 9 ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.23.09.2025ରିଖ 1200 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଚାର୍ଟର୍ଡ ଆକାଉଣ୍ଟାଣ୍ଟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-B, G ଏବଂ G1ର ଦାଖଲ ସହିତ, ଟେଣ୍ଡର ନଥିପତ୍ର ଉପରୁ 2ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍)ର ଯାଞ୍ଚ ସୂଚୀ, ପାରା 3.1 (ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।

ଉପ ମୁଖ୍ୟ ବିଦ୍ୟୁତ୍ ଯନ୍ତ୍ରୀ (ନିର୍ମାଣ-III)/ ଭୁବନେଶ୍ୱର
PR-89/CI/25-26

**Government of Odisha** No.B-442

**OFFICE OF THE CHIEF CONSTRUCTION ENGINEER CUTTACK (R&B) CIRCLE, CUTTACK**

E-mail ID - sectcrb_2006@yahoo.co.in
Tel/Fax - 0671-2301751/2302751

**('e'-PROCUREMENT NOTICE)**
**Bid Identification No.CCE.Ctc.(R&B) 5/2025-26**

1 The Chief Construction Engineer, Cuttack (R&B) Circle, Cuttack on behalf of Governor of Odisha invites on Percentage rate basis bid in double cover system in ONLINE MODE from eligible contractors for Road works as mentioned below.
2 No. of work : 04 Nos.
3 Nature of work : Road works
4 Class of contractor : **'B' & 'A' Class**
5 Tender paper cost : Rs. 10000/- **(online)**
6 Available of bid document in the website : **From 01.09.2025 to 17:30 Hours of 15.09.2025**
7 Date of opening of bid : **Dt. 16.09.2025 at 11.00 Hours**
8 The Bidders have to participate in ONLINE bidding only. Further details can be seen from the website https://tendersodisha.gov.in. Any addendum / corrigendum / cancellation of tender can also be seen in the said web site.

Sd./- Chief Construction Engineer Cuttack (R&B) Circle
OIPR-34012/11/0042/2526

# ପଛରେ ପଡ଼ିଛି ରାଜ୍ୟର ପ୍ରଥମ ମ୍ୟୁନିସିପାଲିଟି

ଓଡ଼ିଶାର ପ୍ରଥମ ମ୍ୟୁନିସିପାଲିଟି କେନ୍ଦ୍ରାପଡ଼ାଠାରେ ୧୮୬୯ ମାର୍ଚ୍ଚ ୧୦ରେ ପ୍ରତିଷ୍ଠା ହୋଇଥିଲା। କେନ୍ଦ୍ରାପଡ଼ା କେବଳ ପ୍ରଥମ ମ୍ୟୁନିସିପାଲିଟି ନୁହେଁ, ଏହି ସହର ଦେଇ ଯାଇଥିବା କେନ୍ଦ୍ରାପଡ଼ା କେନାଲ ରାଜ୍ୟର ପ୍ରଥମ କେନାଲ(୧୮୬୯ ମେ' ୨୯) ଭାବେ ମାନ୍ୟତା ପାଇଛି। ସେହିପରି ମହିଳାଙ୍କୁ ଶିକ୍ଷା ଦେବା ପାଇଁ ଇଂରେଜମାନେ ଫେଜର ବାଳିକା ବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ। ଶିକ୍ଷାର ବିକାଶ ଲାଗି ତତ୍କାଳୀନ ସମୟରେ ପ୍ରତିଷ୍ଠା ହୋଇଥିବା ସହରର ପୁରୁଣା ବସ୍‌ଷ୍ଟାଣ୍ଡର ଡାଇମଣ୍ଡ ଜୁବିଲି ପାଠାଗାର ଏବେବି ଐତିହାସିକ ସ୍ୱାକ୍ଷର ବହନ କରୁଛି। ଆଖପାଖ ୬.୪୭ ବର୍ଗକିଲୋମିଟର ମଧ୍ୟରେ ଥିବା ୧୪ଟି ପଡ଼ା ଗ୍ରାମକୁ ନେଇ ଗଠିତ ଏହି ମ୍ୟୁନିସିପାଲିଟିରେ ୧୮୮୭ ମସିହାରେ ଲୋକାଲ ବୋର୍ଡ ଗଠନ ହୋଇଥିଲା। ଏଠାରେ ପ୍ରଥମଥର ଓ୍ୱାର୍ଡ କାଉନ୍‌ସିଲର ନିର୍ବାଚନ ୧୯୧୧ରେ ଅନୁଷ୍ଠିତ ହୋଇଥିଲା। ତେବେ ୧୮୮୫– ୮୬ ମସିହାରେ ଏହାର ଲୋକସଂଖ୍ୟା ଥିଲା ମାତ୍ର ୧୫,୭୧୯। ସମ୍ପ୍ରତି ଏହି ମ୍ୟୁନିସିପାଲିଟି ୨୧ଟି ଓ୍ୱାର୍ଡରେ ପରିଣତ ହୋଇଛି। ଏଠାରେ ଏବେ ୬୦,୦୦୦ରୁ ଊର୍ଦ୍ଧ୍ୱ ଲୋକ ବସବାସ କରୁଥିବାବେଳେ ସହରର କଳେବର ମଧ ବଢ଼ୁଛି। କଟକ-ଚାନ୍ଦବାଲି ରାଜ୍ୟ ରାଜପଥର ଜମଧରଠାରୁ ଜଜାଙ୍ଗ, ଅପରପକ୍ଷରେ ୫୩(କ) ଜାତୀୟ ରାଜପଥର ଛତାଠାରୁ ହଜାରୀ ଛକ ଯାଏ ସହର ଲମ୍ବିଗଲାଣି। ଏହାକୁ ହିସାବ ରଖିଲେ ସହରରେ ଏବେ ୧ ଲକ୍ଷରୁ ଅଧିକ ଲୋକ ବସବାସ କରୁଛନ୍ତି। କ୍ରମବର୍ଦ୍ଧିଷ୍ଣୁ ଲୋକସଂଖ୍ୟା ଓ କଳେବର ବୃଦ୍ଧି ପାଉଥିଲେ ମଧ ପୌରାଞ୍ଚଳର ପରିସୀମା ବୃଦ୍ଧି ପାଉନି।




ନିକଟରେ ଏହାର ପରିସୀମା ବୃଦ୍ଧି ପାଇଁ ପ୍ରସ୍ତାବ ଆଗତ ହୋଇଛି। ଶିକ୍ଷା, ସ୍ୱାସ୍ଥ୍ୟ ଓ ପରିମଳ କ୍ଷେତ୍ରର ବିକାଶ ସହିତ ୧୫୬ ବର୍ଷର ଏହି ପୌରାଞ୍ଚଳ ସବୁବେଳେ ଅବହେଳାର ଶିକାର ହୋଇଥିବା ଅଭିଯୋଗ ହେଉଛି। ଏଠାକାର ଶିକ୍ଷାନୁଷ୍ଠାନରେ ଶିକ୍ଷକ ଓ କର୍ମଚାରୀ ଅଭାବ ସହିତ ଭିତ୍ତିଭୂମି କ୍ଷେତ୍ରରେ ବହୁପଛରେ ପଡ଼ିଛି। କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟରେ ପରିଣତ କରିବା ପାଇଁ ସହରବାସୀଙ୍କ ସମେତ ଜିଲାବାସୀ ବହୁବାର ଆନ୍ଦୋଳନକୁ ଓହ୍ଲାଇଛନ୍ତି। ସେହିପରି ମେଡିକାଲ କଲେଜ ପ୍ରତିଷ୍ଠା ଦାବି ଜାରି ରହିଛି। କୃଷି ବିଶ୍ୱବିଦ୍ୟାଳୟ, ସ୍ୱରୋଜଗାର ଓ କର୍ମନିଯୁକ୍ତି ପାଇଁ ତାଲିମ୍ କେନ୍ଦ୍ର ଏଠାରେ ଅଭାବ ରହିଛି। ଆଗାମୀ ଦିନରେ ଏହି ଜିଲାରେ ବିଭିନ୍ନ ଶିଳ୍ପ ସହ ରାଜ୍ୟର ପ୍ରଥମ ନଦୀଭିତ୍ତିକ ବନ୍ଦର ପ୍ରତିଷ୍ଠା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହାକୁ ଦୃଷ୍ଟିରେ ରଖିଲେ ସହରର ରାସ୍ତା ସମସ୍ୟା ଅଧିକ ଉତ୍କଟ ହେବ। ତିନିମୁହାଣୀ ସହରର ମୁଖ୍ୟ ଛକ ହୋଇଥିବା ବେଳେ ଏଠାରେ ସରକାରୀ ଓ ବେସରକାରୀ ଅବରୋଧ ଅଧିକ ହୋଇଛି। ଆସନ୍ତା ୫୦ ବର୍ଷର ସହର ଯୋଜନା ଦୃଷ୍ଟିରୁ ଏଠାରେ ନିର୍ମାଣ ହୋଇଥିବା ସୁଲଭ ଶୌଚାଳୟ, ଆଇ ଲଭ୍ କେନ୍ଦ୍ରାପଡ଼ା, ଭେଣ୍ଡିଂ ଜୋନ୍ ଆଦି ଅପ୍ରାସଙ୍ଗିକ ହୋଇପଡ଼ିବ। ସେହିପରି ନିର୍ମାଣାଧୀନ ଗାନ୍ଧୀ ସ୍ମୃତି ପୀଠର ସ୍ଥାନାନ୍ତର ନିହାତି ଆବଶ୍ୟକ ବୋଲି ବୁଦ୍ଧିଜୀବୀ ସ୍ୱର ଉଠାଇଛନ୍ତି। ବାଇପାସ୍ ରାସ୍ତା ବହୁ ବିଳମ୍ବରେ ଆରମ୍ଭ ହେଉଛି। ମହାଭୋଇ ପୋଖରୀ, ଗୋବରୀ ନଦୀ ଓ କେନାଲରେ ନୌକାବିହାର, ଫୁଟ୍‌ପାଥ୍ ନିର୍ମାଣ ଓ ଆଲୋକୀକରଣ ଇତ୍ୟାଦି ସହର ପାଇଁ ଆବଶ୍ୟକ ହୋଇପଡ଼ିଛି। ସହର ମଧ୍ୟସ୍ଥ ପାର୍କକୁ ଉପଯୋଗୀ କରିବା ସହ ସହରର ସୌନ୍ଦର୍ଯ୍ୟକରଣରେ ଅପ୍ରଶସ୍ତ ରାସ୍ତା, ବିଦ୍ୟୁତ୍ ଖୁଣ୍ଟ ଆଦି ବାଧା ସୃଷ୍ଟି କରୁଛି। ଏହି ସହରରେ ବହୁ ଐତିହାସିକ ସ୍ମାରକୀ ଅଛି। ସୂର୍ଯ୍ୟଘଡ଼ି, ପୁରୁଣା ବଳଦେବଜୀଉ ମନ୍ଦିରର ସୁନାକୂଅ, ବାଲାବାବା ମନ୍ଦିର ପରିସରରେ ଥିବା ରାଜାବାବାଙ୍କ ମୂର୍ତ୍ତି ପଛପଟର ସୁଡ଼ଙ୍ଗ ଆଦିକୁ ଅଧିକ ଗୁରୁତ୍ୱ ଦିଆଗଲେ ପର୍ଯ୍ୟଟକଙ୍କ ସଂଖ୍ୟା ବଢ଼ିପାରନ୍ତା। ଏହାବ୍ୟତୀତ ଆଧ୍ୟାତ୍ମିକ ପର୍ଯ୍ୟଟନ ସ୍ଥଳ ପାଇଁ ଛୋଟ ଛୋଟ ଆଧ୍ୟାତ୍ମିକ ପ୍ରକଳ୍ପ ଆବଶ୍ୟକ। ୱାଟର ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ, ସ୍ୱେରେଜ୍ ସିଷ୍ଟମ, ପଲିଥିନ ବ୍ୟାନ୍, ରସାବଳୀ ସହିତ ପୋଟଳି ପିଠାକୁ ଜିଲାର ମିଠା ଭାବେ ସ୍ୱୀକୃତି ଦେବା, ଶ୍ରୀବଳଦେବଜୀଉ ଓ ଅନ୍ୟ ଧାର୍ମିକ ପୀଠସ୍ଥଳକୁ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ସହରବାସୀ ସଦାସର୍ବଦା ଆଲୋଚନା କରୁଛନ୍ତି।

**–ଜଗନ୍ନାଥ ଧଳ**, କେନ୍ଦ୍ରାପଡ଼ା

**ପୂର୍ବ ତଟ ରେଳପଥ**

ଫାଇଲ ସଂ. DRM/Engg/KUR/25-26/E-Tender/66 ତା.26.08.2025ରିଖ

1) ଟେଣ୍ଡର ସଂ. eTender-CenKUR-224-2025, ତା.18-08-2025ରିଖ
**ବିବରଣୀ :** ଖୋର୍ଦ୍ଧା ରୋଡ୍ ମଣ୍ଡଳର ତାଳଚେର - ପାରାଦୀପ ସେକ୍ସନରେ ବିଭିନ୍ନ ୟାର୍ଡରେ ୟାର୍ଡର ଉନ୍ନତି / ଅପ୍‌ଗ୍ରେଡେସନ କାର୍ଯ୍ୟ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (₹) :** 778.70 ଲକ୍ଷ, EMD (₹) : 5,39,400.00, ଶେଷ ହେବା ଅବଧି : 18 (ଅଠର) ମାସ।

2) ଟେଣ୍ଡର ସଂ. e-Tender-CENTKUR-229-2025, ତା.20-08-2025ରିଖ
**ବିବରଣୀ :** ଖୋର୍ଦ୍ଧା ରୋଡ୍ ମଣ୍ଡଳର ବରିଷ୍ଠ ମଣ୍ଡଳ ଯନ୍ତ୍ରୀ (P.Way)/ଅନୁଗୁଳ ଅଧୀନରେ 30.09.2026ରେ ଶେଷ ହେଉଥିବା ଅବଧି ପାଇଁ କେରେଜାଙ୍ଗ ଠାରୁ ତାଳଚେର ରୋଡ୍ ଷ୍ଟେସନ ମଧ୍ୟରେ କି.ମି. 140.400 ଠାରୁ 169.537 ପର୍ଯ୍ୟନ୍ତ P.Way ଜୋନାଲ କାର୍ଯ୍ୟର ସମସ୍ତ ମରାମତି ଓ ରକ୍ଷଣାବେକ୍ଷଣ କାର୍ଯ୍ୟ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (₹) :** 148.20 ଲକ୍ଷ, EMD (₹) : 2,24,100.00, ଶେଷ ହେବା ଅବଧି : 12 (ବାର) ମାସ।

3) ଟେଣ୍ଡର ସଂ. e-Tender-CENTKUR-230-2025, ତା.20-08-2025ରିଖ
**ବିବରଣୀ :** ଖୋର୍ଦ୍ଧା ରୋଡ୍ ମଣ୍ଡଳର ରାଜ ଆଠଗଡ଼ ଏବଂ ତାଳଚେର ଠାରେ TRD କାର୍ଯ୍ୟଶାଳା ସହିତ ମଡେଲ OHE ପାଇଁ OHE ଏବଂ PSI ଡିପୋରେ ସୁଧାର।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (₹) :** 170.14 ଲକ୍ଷ, EMD (₹) : 2,35,100.00, ଶେଷ ହେବା ଅବଧି : 08 (ଆଠ) ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** (ସମସ୍ତ ଟେଣ୍ଡର ନିମନ୍ତେ) ତା.10.09.2025ରିଖ 1500 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ଖୋର୍ଦ୍ଧା ରୋଡ୍
PR-539/Q/25-26

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER BARGARH (R&B) DIVISION, BARGARH**
E-mail: eepwdbgh@gmail.com, Phone/Fax: 06646-234819

**INVITATIONS FOR BIDS (I.F.B.)**
No. B-456 **e-Procurement Notice**
**IDENTIFICATION No. IFB-SE PWD BGH No. 09 of 2025-26**
No. 4469 Dated: 22.08.2025

1. The Superintending Engineer, Bargarh (R&B) Division, Bargarh on behalf of Governor of Odisha invites Percentage Rate bid in Single & Double Cover System in ONLINE MODE for the Road Works as detailed in the Detailed Tender Call Notice (D.T.C.N.) from the eligible class of contractors
2. No. of Road Work : 07 Nos.
3. Cost of Tender Paper : Rs.6,000/- & Rs.10,000/-
4. Class of Contractor : "D", "C", "B" Class & Electrical Contractor
5. Date & time of available in website & receipt of Bids : 11.00 Hrs. of 02.09.2025 to 17.00 Hrs. of 11.09.2025
6. Date of Opening of Technical Bid : 12.09.2025 at 11.30 Hrs.
7. The bidders have to participate in ONLINE bidding only. Further details can be seen from the State Govt. Portal website **https://tendersodisha.gov.in**.
8. Any corrigendum/addendum will be displayed in the website **https://tendersodisha.gov.in** only.

Sd./- Superintending Engineer Bargarh (R&B) Division
OIPR-34039/11/0028/2526

No.D-444
GOVT. OF ODISHA
**Government of Odisha "e" Procurement Notice**
**Bid Identification No. PWDK - 11/2025-26**
**No. G2/7875 Dt. 22.08.2025**
e-mail : eepwdkeonjhar@yahoo.com

1 No. of the work : 02 Nos. of Road Work.
2 Estimated cost : **Rs.45.61 Lakh to Rs.80.69 Lakh**
3 Period of completion : **02 (Two) to 03 (Three)** Calendar Months
4 Date and Time of availability of Bid document in the portal : From 10.00 Hr **01.09.2025** to 17.00 Hr of **15.09.2025**
5 Last date / Time for receipt of bids in the portal : 17.00 Hr of **15.09.2025**
6 Date of opening of Bid from Portal : 10.30 Hr of **16.09.2025**
7 Name and address of the officer inviting Bid : Superintending Engineer, Keonjhar (R&B) Division, Keonjhar

Further details can be seen from the e-procurement portal "http://tendersodisha.gov.in".

Sd./- Superintending Engineer, Keonjhar (R&B) Division
OIPR-34004/11/0035/2526

ରାଜ୍ୟ ଖବର

# ଶିଶୁଭବନରେ ଶଯ୍ୟା ସଂଖ୍ୟା ୮୪୬କୁ ବୃଦ୍ଧି

ଭୁବନେଶ୍ୱର, ୩୦।୮ (ବନ୍ଦନା ସେଠୀ)

ଶିଶୁମାନଙ୍କ ପାଇଁ ଗୁଣାତ୍ମକ ଚିକିତ୍ସା କ୍ଷେତ୍ରରେ ରାଜ୍ୟ ସରକାରଙ୍କ ପକ୍ଷରୁ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରାଯାଇଛି। ଏହି କ୍ରମରେ କଟକର ଶିଶୁଭବନ ନାମରେ ପରିଚିତ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ପୋଷ୍ଟ ଗ୍ରାଜୁଏଟ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ପେଡିଆଟ୍ରିକ୍ସ (ଏସ୍‌ଭିପିପିଜିଆଇପି)ରେ ଶଯ୍ୟା ସଂଖ୍ୟା ବୃଦ୍ଧି କରାଯାଇଛି। ପୂର୍ବରୁ ଏଠାରେ ୪୨୨ଟି ଶଯ୍ୟା ଉପଲବ୍ଧ ଥିଲା। ତେବେ ଶନିବାର ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଆଉ ୪୨୪ଟି ଶଯ୍ୟା ମଞ୍ଜୁର କରିଛନ୍ତି। ଫଳରେ ଏଠାରେ ମୋଟ ଶଯ୍ୟା ସଂଖ୍ୟା ୮୪୬କୁ ବୃଦ୍ଧି ପାଇଛି। ଶିଶୁଭବନରେ ଶଯ୍ୟା ସଂଖ୍ୟା ବୃଦ୍ଧି ପାଇବା ଦ୍ୱାରା ରାଜ୍ୟର ବିଭିନ୍ନ ଜିଲା ଏବଂ ପଡୋଶୀ ରାଜ୍ୟରୁ ଏଠାକୁ ଚିକିତ୍ସା ପାଇଁ ଆସୁଥିବା ପିଲାମାନଙ୍କ ଆବଶ୍ୟକତା ପୂରଣ ହୋଇପାରିବ।

ସେହିପରି ରାଜ୍ୟ ସରକାର ଶିଶୁ ଭବନ ପାଇଁ ବିଭିନ୍ନ ବର୍ଗରେ ୫୯ଟି ନୂତନ ଅଧ୍ୟାପକ ଏବଂ ଡାକ୍ତର ପଦବୀକୁ ମଧ ମଞ୍ଜୁର କରିଛନ୍ତି। ଏଥିମଧ୍ୟରେ ୫ଟି ପ୍ରଫେସର ପଦବୀ ରହିଥିବାବେଳେ ୧୦ଟି ଆସୋସିଏଟ୍ ପ୍ରଫେସର, ୧୮ଟି ଆସିଷ୍ଟାଣ୍ଟ ପ୍ରଫେସର, ୨୪ଟି ସିନିୟର ରେସିଡେଣ୍ଟସ୍, ୨ଟି ମେଡିକାଲ ଅଫିସର ପଦବୀ ରହିଛି। ମେଡିକାଲ ଅଫିସର ପଦବୀ ମଧ୍ୟରୁ ଗୋଟିଏ ବ୍ଲଡ୍‌ବ୍ୟାଙ୍କ ଏବଂ ଗୋଟିଏ ଡ୍ରଗ୍ ଷ୍ଟୋର୍ ପାଇଁ ରହିଥିବା ସୂଚନା ଦିଆଯାଇଛି। ଏହି ନୂତନ ମଞ୍ଜୁରୀ ଉପରେ ସନ୍ତୋଷ ପ୍ରକାଶ କରି ମନ୍ତ୍ରୀ ଡ. ମହାଲିଙ୍ଗ କହିଛନ୍ତି, ୧୯୬୦ରେ ଶିଶୁଭବନ ପ୍ରତିଷ୍ଠା ହେବା ପରଠାରୁ ଏହି ସମ୍ପ୍ରସାରଣ ସର୍ବାଧିକ। ଏହା ପୂର୍ବ ଭାରତରେ ଏସ୍‌ଭିପିପିଜିଆଇପିକୁ ଏକ ଉନ୍ନତ ଏବଂ ପ୍ରମୁଖ ଶିଶୁ ଚିକିତ୍ସା ପ୍ରତିଷ୍ଠାନରେ ବିକଶିତ କରିବାରେ ସହଯୋଗ କରିବ।

**୫୯ ଅଧ୍ୟାପକ, ଡାକ୍ତର ପଦବୀ ମଞ୍ଜୁର କଲେ ରାଜ୍ୟ ସରକାର**

**ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର**
(ଗ୍ରାମ୍ୟ/ପୋଷ୍ଟ: ଆମ୍ବପୁଆ, ଆୟକର ଭବନ ନିକଟରେ, ବ୍ରହ୍ମପୁର – ୭୬୦୦୧୧, ଗଞ୍ଜାମ, ଓଡ଼ିଶା)
**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BERHAMPUR**
(At/P.O.- Ambapua, Near Income Tax Office, Berhampur - 760011, Ganjam, Odisha)
(E-mail: serwbpr2004@yahoo.com, Tel No.: 0680-2404287)
**NATIONAL COMPETITIVE BIDDING THROUGH e-Procurement**
No. O-657 **Bid Identification No. Online Tender / 24-2025-26/BPR**

| Identification No. | Name of Work | No. of Works | Approx. Estimated Cost (in Lakh) | Class of Contractor | Period of Completion |
|---|---|---|---|---|---|
| Online Tender / 24-2025-26/ BPR | Road Works under MMSY-TRIP & SETU BANDHANA YOJANA (SBY) | 02 Nos. | From Rs.344.24 Lakhs to Rs.377.25 Lakhs | "A" Class as applicable | Period of Completion as provided as per Col No. 5 of Annexure of NIT |

| Procurement Officer | Bid Identification No. | Availability of Tender Online for Bidding From | To |
|---|---|---|---|
| Chief Construction Engineer, R.W. Circle, Berhampur | Online Tender / 24-2025-26/BPR | 04.09.2025 at 10.00 A.M. | 18.09.2025 upto 5.30 P.M. |

(i) EMD/Bid Security, Cost of Bid document is to be transferred through Online as per the procedure mentioned in the DTCN.
(ii) Non-submission of the information/documents through online by the bidder as per the items mentioned in the eligible criteria of the DTCN will also liable for rejection of his tender.
Further details & Corrigendum if any can be seen from the website: **www.tendersodisha.gov.in**.
OIPR-25071/11/0117/2526 Sd./- Chief Construction Engineer, R.W. Circle, Berhampur

**ODISHA CONSTRUCTION CORPORATION LIMITED, BHUBANESWAR, ODISHA**
PIN: 751012, Tel. No.: (0674) 2562020, e-Mail: theoccltd@odishaconstruction.com, GSTIN - 21AAACO2571K2ZM
No. CAD-1591 **e-Procurement Notice No. 41/OCCL/2025-26 (Online)**
Online item rate tender is invited for the following works:

| Sl. No. | Name of Work | Name of Division | Bid Identification No. | Approx Value of Work | Bid Security (In Rs.) | Period of Completion (in Months) | Availability & submission of tender of tender (Online) |
|---|---|---|---|---|---|---|---|
| 1 | Renovation of Papanga Minor (C.C. Lining) from RD 1500 M to RD 8870 M for the year 2024-25 | Burla Irrigation Division | OCCL-SMP/16/2025-26 | Rs.2.30 Crore | Rs.2,30,000/- | 6 Calendar Months | From 04.09.2025, 03.30 P.M. to 24.09.2025, 05.30 P.M. |
| 2 | Renovation (C.C., Lining) of Lahanda Minor in between RD 00 M to RD 6000 M for the year 2024-25 | Burla Irrigation Division | OCCL-SMP/17/2025-26 | Rs.2.29 Crore | Rs.2,29,000/- | 6 Calendar Months | |
| 3 | Renovation (C.C. Lining) of Banipali Minor in between RD 00 M to RD 3962 M & Porbari Minor from RD 00 M to RD 1750 M for the year 2024-25 | Burla Irrigation Division | OCCL-SMP/18/2025-26 | Rs.2.30 Crore | Rs.2,30,000/- | 6 Calendar Months | |
| 4 | Construction of C.C. Lining from RD 60 M to RD 1800 M of Behera Distributary | Bargarh Irrigation Division | OCCL-SMP/19/2025-26 | Rs.2.30 Crore | Rs.2,30,000/- | 6 Calendar Months | |
| 5 | Improvement to Khandahata Sub-Minor | Bargarh Irrigation Division | OCCL-SMP/20/2025-26 | Rs.2.27 Crore | Rs.2,27,000/- | 6 Calendar Months | |
| 6 | Improvement to Sambalpur Ditributary in between RD 11500 M to RD 12500 M for the year 2024-25 | Sambalpur Irrigation Division | OCCL-SMP/21/2025-26 | Rs.2.31 Crore | Rs.2,31,000/- | 6 Calendar Months | |
| 7 | Improvement to Sambalpur Distributary in between RD 5650 M to RD 6700 M for the year 2024-25 | Sambalpur Irrigation Division | OCCL-SMP/22/2025-26 | Rs.2.30 Crore | Rs.2,30,000/- | 6 Calendar Months | |
| 8 | Improvement to Sambalpur Distributary in between RD 7445 M to RD 8610 M for the year 2024-25 | Sambalpur Irrigation Division | OCCL-SMP/23/2025-26 | Rs.2.28 Crore | Rs.2,28,000/- | 6 Calendar Months | |
| 9 | Improvement to Resham Distributary within RD 60 M to RD 7050 M | Barpalli Irrigation Division | OCCL-SMP/24/2025-26 | Rs.2.29 Crore | Rs.2,29,000/- | 6 Calendar Months | |
| 10 | Improvement to Rampur Distributary within RD 320 M to RD 7980 M | Barpalli Irrigation Division | OCCL-SMP/25/2025-26 | Rs.2.28 Crore | Rs.2,28,000/- | 6 Calendar Months | |

Procurement Officer : Managing Director, OCCL
Date of Opening of the Tender: 25.09.2025, 12.00 Noon onwards
Further details can be seen from the e-procurement portal: **https://www.tendersodisha.gov.in, https://odishaconstruction.com**
OIPR-34120/11/0065/2526 Sd./- Managing Director

**ई–प्रोक्योरमेन्ट सेल कार्यपालक अभियंता का कार्यालय, भवन निर्माण विभाग, भवन प्रमंडल, गोड्डा।**
**e-Procurement Notice**
ई–टेन्डर रेफरेन्स नं0– BCD/EE/08/Godda/2025-26 दिनांक– 29.08.2025

| | | |
|---|---|---|
| 1. | कार्य का नाम | **Construction of 50 Bedded Girls Hostel, at- Volleyball Training Centre, Godda.** |
| 2. | प्राक्कलित राशि (रू0) | रू0 2,69,37,700.00 (दो करोड़ उनहत्तर लाख सैंतीस हजार सात सौ) मात्र। |
| 3. | कार्य पूर्ण की अवधि | 11 (ग्यारह) माह |
| 4. | वेबसाईट पर निविदा प्रकाशन की तिथि | 18.09.2025 11:00 बजे |
| 5. | बिड प्राप्ति के लिए अन्तिम तिथि/समय | 25.09.2025 11:00 बजे |
| 6. | निविदा प्रकाशित करने वाले कार्यालय का नाम एवं पता | ई–प्रोक्योरमेन्ट सेल कार्यपालक अभियंता का कार्यालय, भवन निर्माण विभाग भवन प्रमंडल, गोड्डा। |
| 7. | निविदा खोलने की तिथि/समय एवं स्थान | 26.09.2025 12:00 बजे नोडल पदाधिकारी, ई–प्रोक्योरमेन्ट सेल, मुख्य अभियंता का कार्यालय, भवन निर्माण विभाग, लाईन टैंक रोड, झारखण्ड, राँची। |
| 8. | प्रोक्योरमेन्ट पदाधिकारी का सम्पर्क संख्या | 8709838492 |
| 9. | ई–प्रोक्योरमेन्ट सेल का हेल्पलाईन संख्या | 8285834461 |

10. परिमाण विपत्र की राशि घट–बढ़ सकती है तदनुसार अग्रधन की राशि देय होगी।
11. सूचना प्रौद्योगिकी एवं ई–गवर्नेस विभाग, झारखण्ड सरकार के आदेश ज्ञापांक 120 दिनांक 03.10.2023 के द्वारा निर्गत SOP (मानक संचालन प्रक्रिया) एवं भवन निर्माण विभाग, झारखण्ड सरकार के पत्रांक 2229 दिनांक 06.10.2023 के आलोक में निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
12. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, SOP के तहत् अग्रधन की राशि उसी खाते में वापस होगी। अगर खाता बंद कर दिया जाता है जो उसकी संपूर्ण जवाबदेही आपकी होगी।
• अन्य किसी भी प्रकार की सूचना बदलाव **http://jharkhandtenders.gov.in** पर देखा जा सकता है।

ई–प्रोक्योरमेन्ट सेल कार्यपालक अभियंता का कार्यालय, भवन निर्माण विभाग,भवन प्रमंडल, गोड्डा।
PR 360784 Building(25-26)D

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଦେଶରେ ଉତ୍ପାଦନ ହେବ ଟେମ୍ପର୍ଡ ଗ୍ଲାସ୍

- ନୋଏଡ଼ାରେ ପ୍ରଥମ କାରଖାନା ଉଦ୍‌ଘାଟନ କଲେ ଅଶ୍ୱିନୀ ବୈଷ୍ଣବ
- ପ୍ରସ୍ତୁତ ହେବ 'ମେଡ୍ ଇନ୍ ଇଣ୍ଡିଆ' ଚିପ୍

ଭୁବନେଶ୍ୱର,୩୦।୮ (ଅନୁରାଧା ମହାରଣା)

ଏଣିକି ଦେଶରେ ମୋବାଇଲ ଡିଭାଇସ୍ ପାଇଁ ଟେମ୍ପର୍ଡ ଗ୍ଲାସ୍ ଉତ୍ପାଦନ ହେବ। କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ରବିବାର ନୋଏଡାରେ ଭାରତର ପ୍ରଥମ ମୋବାଇଲ ଡିଭାଇସ୍ ପାଇଁ ଟେମ୍ପର୍ଡ ଗ୍ଲାସ୍ ଉତ୍ପାଦନ କାରଖାନାର ଉଦ୍‌ଘାଟନ କରିଛନ୍ତି। ଓପ୍ଟିଏମ୍‌ସ ଇଲେକ୍ଟ୍ରୋନିକ୍ସ ଓ ଆମେରିକାର କର୍ଣ୍ଣିଂ ଇନ୍‌କର୍ପୋରେଟେଡ୍ ମିଳିତ ଭାବେ ଏହି କାରଖାନା ସ୍ଥାପନ କରିଛନ୍ତ। ଇଞ୍ଜିନିୟର୍ଡ ବାଇ କର୍ଣ୍ଣିଂ ବ୍ରାଣ୍ଡ ଅଧୀନରେ ଉଚ୍ଚମାନର ଟେମ୍ପର୍ଡ ଗ୍ଲାସ୍ ଉତ୍ପାଦନ ହେବ। ଏହି ଉତ୍ପାଦ ଦେଶୀୟ ଓ ଅନ୍ତର୍ଜାତୀୟ ବଜାରକୁ ଯୋଗାଣ କରାଯିବ। ପ୍ରାରମ୍ଭିକ ୭୦ କୋଟି ନିବେଶ ସହ ନୋଏଡାରେ ସ୍ଥାପିତ ଏହି କାରଖାନାରେ ଅତ୍ୟାଧୁନିକ ଭିତ୍ତିଭୂମି ରହିଛି। ଯାହା କଞ୍ଚାମାଲକୁ ଉଚ୍ଚମାନର ଟେମ୍ପର୍ଡ ଗ୍ଲାସ୍‌ରେ ରୂପାନ୍ତର କରିବ। ପ୍ରଥମ ପର୍ଯ୍ୟାୟରେ ଏହା ବାର୍ଷିକ ୨୫୦ ଲକ୍ଷ ୟୁନିଟ୍ ଉତ୍ପାଦନ କ୍ଷମତା ସହ ୬୦୦ରୁ ଅଧିକ ପ୍ରତ୍ୟକ୍ଷ ନିଯୁକ୍ତି ସୃଷ୍ଟି କରିବ। ଦ୍ୱିତୀୟ ପର୍ଯ୍ୟାୟରେ ୮୦୦ କୋଟି ଅତିରିକ୍ତ ନିବେଶ ସହ ବାର୍ଷିକ ୨୦୦୦ ଲକ୍ଷ ୟୁନିଟ୍ ଉତ୍ପାଦନ କ୍ଷମତା ବୃଦ୍ଧି କରାଯିବ, ଯାହା ୪,୫୦୦ରୁ ଅଧିକ ନିଯୁକ୍ତି ସୃଷ୍ଟି କରିବ। ଏହି କାରଖାନାରେ ସ୍କ୍ରାଇବିଂ, ଶେପିଂ, ପଲିସିଂ, ରାସାୟନିକ ଟେମ୍ପରିଂ, କୋଟିଂ, ପ୍ରିଣ୍ଟିଂ ଓ ଲାମିନେଶନ ଭଳି ସମ୍ପୂର୍ଣ୍ଣ ଉତ୍ପାଦନ ପ୍ରକ୍ରିୟା କଡ଼ା ଗୁଣବତ୍ତା ଯାଞ୍ଚ ଅଧୀନରେ ହେବ।



ଏହି ଅବସରରେ ମନ୍ତ୍ରୀ ବୈଷ୍ଣବ କହିଛନ୍ତି, ଭାରତ ମୋବାଇଲ ଫୋନର ପ୍ରତ୍ୟେକ ଉପାଦାନ ସହ ଚିପ୍, କଭର ଗ୍ଲାସ୍, ଲାପ୍‌ଟପ୍ ଓ ସର୍ଭର ଉପାଦାନ ଉତ୍ପାଦନ କରି ବିଶ୍ୱ ଇଲେକ୍ଟ୍ରୋନିକ୍ସ ଉତ୍ପାଦନରେ ଏକ ପ୍ରମୁଖ ସ୍ଥାନ ଅଧିକାର କରିବ। ଶୀଘ୍ର ଏକ 'ମେଡ ଇନ ଇଣ୍ଡିଆ' ଚିପ ବଜାରକୁ ଆସିବ, ଯାହା ଆତ୍ମନିର୍ଭର ଭାରତର ଦିଗରେ ଆଉ ଏକ ମାଇଲଖୁଣ୍ଟ ହେବ। ମନ୍ତ୍ରୀ ଆହୁରି କହିଛନ୍ତି ଯେ, ଗତ ୧୧ ବର୍ଷରେ ଭାରତର ଇଲେକ୍ଟ୍ରୋନିକ୍ସ ଉତ୍ପାଦନ ୬ ଗୁଣ ବୃଦ୍ଧି ପାଇ ୧୧.୫ ଲକ୍ଷ କୋଟିର ମୂଲ୍ୟରେ ପହଞ୍ଚିଛି, ଯେଉଁଥିରେ ୩ ଲକ୍ଷ କୋଟିରୁ ଅଧିକ ରପ୍ତାନି ଓ ୨୫ ଲକ୍ଷ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୃଷ୍ଟି ହୋଇଛି। ସେହିପରି ଓପ୍ଟିଏମସ ଇନଫ୍ରାକମ ଲିମିଟେଡ୍ର ଅଧ୍ୟକ୍ଷ ଅଶୋକ କୁମାର ଗୁପ୍ତା କହିଛନ୍ତି, ଟେମ୍ପର୍ଡ ଗ୍ଲାସ ପାଇଁ ଆମେ ଆମଦାନି ଉପରେ ନିର୍ଭରଶୀଳ ଥିଲୁ। ଏହି ପଦକ୍ଷେପ ମାଧ୍ୟମରେ ଆମେ ଭାରତୀୟ ଓ ଆନ୍ତର୍ଜାତୀୟ ବଜାରକୁ ଉଚ୍ଚମାନର ଉତ୍ପାଦ ଯୋଗାଇବ। ଇଣ୍ଡିଆ ସେଲୁଲାର ଆଣ୍ଡ ଇଲେକ୍ଟ୍ରୋନିକ୍ସ ଆସୋସିଏସନ (ଆଇସିଇଏ)ର ଅଧ୍ୟକ୍ଷ ପଙ୍କଜ ମହିନ୍ଦ୍ରୁ କହିଛନ୍ତି, ଏହି ଉତ୍ପାଦ କ୍ଷେତ୍ର କେବଳ ଦେଶୀୟ ଚାହିଦା ପୂରଣ କରିବ ନାହିଁ, ବରଂ ଭାରତକୁ ଏକ ପ୍ରମୁଖ ରପ୍ତାନିକାରୀ ଭାବେ ପ୍ରତିଷ୍ଠା କରିବ।

# ଅନୁଗୋଳରେ ଖୋଲିବ ଖିମ୍‌ଜୀ ଜୁଏଲର୍ସର ନୂଆ ଶୋ' ରୁମ୍




ଅନୁଗୋଳ,୩୦।୮ ( ମାନସ ବିଶ୍ୱାଳ)

ଖିମ୍‌ଜୀ ଜୁଏଲର୍ସ ପକ୍ଷରୁ ଅନୁଗୋଳରେ ୬୦୦୦ ବର୍ଗଫୁଟର ଶୋ'ରୁମ୍ ରବିବାର ଶୁଭାରମ୍ଭ ହେବ। ଏହି ଶୋ'ରୁମ୍ ଅନୁଗୋଳର ସବୁଠାରୁ ବଡ଼ ଅଳଙ୍କାର ଶୋ'ରୁମ୍ ଏବଂ ଓଡ଼ିଶାରେ ଏହା ବ୍ରାଣ୍ଡର ଦଶମ ଶୋ'ରୁମ୍ ହୋଇଥିବାବେଳେ ଏଠାରେ ସୁନା, ହୀରା, ପ୍ଲାଟିନମ ଏବଂ ରୁପା ଅଳଙ୍କାର ସହ ଫ୍ୟାଶନ ଜୁଏଲେରି ଏବଂ କର୍ପୋରେଟ୍ ଉପହାର ଉପଲବ୍ଧ ହେବ। ଏହି ଉଦ୍‌ଘାଟନ ସମାରୋହରେ ପରିଚାଳନା ନିର୍ଦ୍ଦେଶକ ମିତେଶ ଖିମ୍‌ଜୀ, ଖିମ୍‌ଜୀ ଜୁଏଲର୍ସ ନିର୍ଦ୍ଦେଶକ ସୁମିତ ଖିମ୍‌ଜୀ ପ୍ରମୁଖ ଉପସ୍ଥିତ ରହିବେ। ଷ୍ଟୋରର ଷ୍ଟୋର୍ ଲେଆଉଟ୍ ଗ୍ରାହକଙ୍କୁ ଖିମ୍‌ଜୀ ଜୁଏଲର୍ସର ଅନନ୍ୟ କାରିଗରିକୁ ଅନୁସନ୍ଧାନ କରିବାର ସୁଯୋଗ ପ୍ରଦାନ କରିବ ବୋଲି ଆଶା କରାଯାଉଛି। ଖିମ୍‌ଜୀ ଜୁଏଲର୍ସର ପରିଚାଳନା ନିର୍ଦ୍ଦେଶକ ମିତେଶ ଖିମ୍‌ଜୀ କହିଛନ୍ତି, ଅନୁଗୋଳ ବହୁଦିନ ଧରି ଓଡ଼ିଶାର ଶିଳ୍ପ ଅଭିବୃଦ୍ଧିର ପାୱାର ହାଉସ ହୋଇରହିଛି ଏବଂ ବର୍ତ୍ତମାନ ଏହା ବର୍ଦ୍ଧିତ ଆକାଂକ୍ଷା ଓ ଉଦୀୟମାନ ଜୀବନଶୈଳୀର ଜିଲା। ଆମର ନୂତନ ଶୋ' ରୁମ୍ ଜରିଆରେ ଆମେ ଗ୍ରାହକମାନଙ୍କ ନିକଟରେ କେବଳ ଆମର ବିଶ୍ୱାସ ଓ କାରିଗରିର ଐତିହ୍ୟ ନୁହେଁ, ବରଂ ଡିଜାଇନ ପହଞ୍ଚାଇବାକୁ ଲକ୍ଷ୍ୟ ରଖିଛୁ। ନୂତନ ଶୋ'ରୁମ୍ ଖୋଲିବାକୁ ଉତ୍ସବ ଭାବେ ପାଳନ କରିବା ପାଇଁ ବିଶେଷ ଉଦ୍‌ଘାଟନୀ ଅଫର୍ ଘୋଷଣା କରାଯାଇଛି, ଯେଉଁଥିରେ ଗ୍ରାହକମାନେ ସୁନା ଅଳଙ୍କାର ଗଢ଼ା ମଜୁରିରେ ୫୦% ରିହାତି, ହୀରାରେ ୨୦% ପର୍ଯ୍ୟନ୍ତ ରିହାତି, ରୁପା ଓଜନ ବସ୍ତୁର ଗଢ଼ା ମଜୁରିରେ ୨୫% ରିହାତି, ରୁପା ଏବଂ ଫ୍ୟାଶନ ଜୁଏଲେରି ଏମ୍‌ଆର୍‌ପିରେ ୧୫% ରିହାତି ଏବଂ କଳାକୃତି (ଆର୍ଟେଫ୍ୟାକ୍ଟସ) ଉପରେ ୧୦% ରିହାତି ପାଇବେ। ସୂଚନା ଥାଉ କି, ଖିମଜୀର ଭୁବନେଶ୍ୱରରେ ୪ଟି, କଟକ, ରାଉରକେଲା, ବ୍ରହ୍ମପୁର, ପୁରୀ, ଝାରସୁଗୁଡ଼ା ଏବଂ ବର୍ତ୍ତମାନ ଅନୁଗୋଳରେ ଥିବା ଶୋ'ରୁମ୍ ସହ ଖିମ୍‌ଜୀ ଜୁଏଲର୍ସ ଘରେ ଘରେ ପରିଚିତ ହୋଇଛି।

# ଜାତୀୟସ୍ତରରେ ହାଇଟେକ୍‌କୁ ପୁରସ୍କାର




ଭୁବନେଶ୍ୱର,୩୦।୮(ଅନୁରାଧା ମହାରଣା)

ବିଶ୍ୱ ସ୍ତନ୍ୟପାନ ସପ୍ତାହରେ ଅନୁଷ୍ଠିତ ଆଇଏପିଏସ୍‌ଏମ୍ ଜାତୀୟ ସ୍ତରୀୟ ଭିଡିଓ ପ୍ରତିଯୋଗିତାରେ ଭୁବନେଶ୍ୱରସ୍ଥିତ ହାଇଟେକ୍ ମେଡିକାଲ କଲେଜ ଏବଂ ହସ୍ପିଟାଲ ଦ୍ୱିତୀୟ ପୁରସ୍କାର ହାସଲ କରିଛି। କମ୍ୟୁନିଟି ମେଡିସିନ ବିଭାଗର ବିଭାଗୀୟ ମୁଖ୍ୟ ପ୍ରଫେସର ଡ. ଲିସା ଷଡ଼ଙ୍ଗୀ ଏବଂ ପିଜି କମ୍ୟୁନିଟି ମେଡିସିନ ବିଭାଗର ସହକାରୀ ପ୍ରଫେସର ଡ. ସୁଭାଶ୍ରୀ ଦାସଙ୍କ ନେତୃତ୍ୱରେ ଏହି ପୁରସ୍କାରପ୍ରାପ୍ତ ଭିଡିଓର ପରିକଳ୍ପନା ଏବଂ ମାର୍ଗଦର୍ଶନ କରାଯାଇଥିଲା। ବିଭାଗର ସ୍ନାତକୋତ୍ତର ଛାତ୍ରୀଛାତ୍ର ଡ. ସୋନିଆ ସାମନ୍ତରାୟ, ଡ. ଅଭିପ୍ସା ପ୍ରଧାନ, ଡ. ପ୍ରୀତୀଶ ଧଳ, ଡ. ସୁବ୍ରତ ପରିଡ଼ା, ଡ. ଦିବ୍ୟଶ୍ରୀ ସୁନନ୍ଦିନୀ ଏବଂ ଡ. ଶ୍ରୀୟଙ୍କା ପ୍ରିୟମଙ୍କ ଜୀବନ୍ତ ଅଭିନୟ କରିଥିଲେ। ଭିଡିଓଟିରେ ଅଭିନବ ଦୃଶ୍ୟ ଏବଂ ପ୍ରଭାବଶାଳୀ ବାର୍ତ୍ତା ମାଧ୍ୟମରେ ସ୍ତନ୍ୟପାନର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲା। କଲେଜ କର୍ତ୍ତୃପକ୍ଷ ଦଳଟିକୁ ସେମାନଙ୍କ ଉଲ୍ଲେଖନୀୟ ସଫଳତା ପାଇଁ ଅଭିନନ୍ଦନ ଜଣାଇବା ସହ ଜନସ୍ୱାସ୍ଥ୍ୟ ସଚେତନତା ଦିଗରେ ସେମାନଙ୍କ ଅବଦାନକୁ ପ୍ରଶଂସା କରିଥିଲେ। ଏହି ଜାତୀୟ ସ୍ୱୀକୃତି ଏକାଡେମିକ ଉତ୍କର୍ଷ , ସୃଜନଶୀଳତା ଏବଂ ସାମାଜିକ ଦାୟିତ୍ୱ ପ୍ରତି ଅନୁଷ୍ଠାନର ପ୍ରତିବଦ୍ଧତାର ଏକ ପ୍ରମାଣ ଭାବରେ ଛିଡ଼ାହୋଇଥିବା ହାଇଟେକ୍ କର୍ତ୍ତୃପକ୍ଷ କହିଛନ୍ତି।

# ଏମ୍‌ଏସ୍‌ଏମ୍‌ଇ ପ୍ରୋକ୍ୟୁରମେଣ୍ଟ ନୀତି ଲାଗୁ ପାଇଁ ସବୁ ବିଭାଗକୁ ନିର୍ଦ୍ଦେଶ

ଭୁବନେଶ୍ୱର,୩୦।୮(ଅନୁରାଧା ମହାରଣା)

ରାଜ୍ୟର ଅଣୁ ଓ କ୍ଷୁଦ୍ର ଶିଳ୍ପୋଦ୍ୟୋଗ(ଏମ୍‌ଏସ୍‌ଏମ୍‌ଇ)ଗୁଡ଼ିକୁ ସରକାରୀ କ୍ରୟରେ ଅଗ୍ରାଧିକାର ଦେବା ପାଇଁ ଓଡ଼ିଶା ପ୍ରୋକ୍ୟୁରମେଣ୍ଟ ପ୍ରିଫରେନ୍ସ ପଲିସି ଫର୍ ମାଇକ୍ରୋ ଆଣ୍ଡ ସ୍ମଲ୍ ମାନୁଫାକ୍ଚରିଂ ଏଣ୍ଟରପ୍ରାଇଜେସ୍, ୨୦୨୩ ରାଜ୍ୟ ମନ୍ତ୍ରିମଣ୍ଡଳର ୭୦ତମ ବୈଠକରେ ( ୨୦୨୪ ଜାନୁଆରୀ ୨୨) ଅନୁମୋଦିତ ହୋଇଛି। ତେବେ କିଛି ବିଭାଗ ଓ ଅଧୀନ କାର୍ଯ୍ୟାଳୟ ଏହି ଓଡ଼ିଶା ପ୍ରୋକ୍ୟୁରମେଣ୍ଟ ପ୍ରିଫରେନ୍ସ ପଲିସି ୨୦୨୩ ଓ ତା'ର ପରବର୍ତ୍ତୀ ସଂଶୋଧନଗୁଡ଼ିକୁ ଜିନିଷ କ୍ରୟ ସମୟରେ ପାଳନ କରୁନଥିବା ଲକ୍ଷ୍ୟ କରାଯାଇଛି। ତେଣୁ ରାଜ୍ୟ ସରକାରଙ୍କ ସମସ୍ତ ବିଭାଗ ଓ ଅଧୀନ କାର୍ଯ୍ୟାଳୟ ଓ ପ୍ରାଧିକାରୀମାନଙ୍କୁ କ୍ରୟର ମାଧ୍ୟମ ନିର୍ବିଶେଷରେ ଏହି ନୀତିର ବିଧାନଗୁଡ଼ିକୁ ବାଧ୍ୟତାମୂଳକ ଭାବେ ପାଳନ କରିବାକୁ ପୁନର୍ବାର ନିର୍ଦ୍ଦେଶ ଦିଆଯାଇଛି। ଏମ୍‌ଏସ୍‌ଏମ୍‌ଇ ବିଭାଗ ପକ୍ଷରୁ ୨୦୨୪ ଜାନୁଆରୀ ୨୪ରେ ଜାରି ଏକ ବିଜ୍ଞପ୍ତି ମାଧ୍ୟମରେ ଏହା ବିଧିବଦ୍ଧ ଭାବେ ଘୋଷିତ ହୋଇଛି। ଏହି ନୀତି ଅନୁଯାୟୀ, ସ୍ଥାନୀୟ ମାଇକ୍ରୋ ଓ ଛୋଟ ଉଦ୍ୟୋଗମାନଙ୍କୁ ମୂଲ୍ୟ ଅଗ୍ରାଧିକାର, କ୍ରୟ ଅଗ୍ରାଧିକାର ଏବଂ ସ୍ୱତନ୍ତ୍ର ତାଲିକାରେ ଥିବା ଜିନିଷ କେବଳ ଓଡ଼ିଶାର ଅଣୁ ଓ କ୍ଷୁଦ୍ର ଶିଳ୍ପୋଦ୍ୟୋଗମାନଙ୍କଠାରୁ କ୍ରୟକରିବା ବାଧ୍ୟତାମୂଳକ କରାଯାଇଛି।


## Classified Everyday

0674-2580101, 9692975378




### BRIDE WANTED

ସୌମ୍ୟ, ସୁନ୍ଦର ୩୪ବର୍ଷ MBA, ଏଲ୍.ଏଲ୍.ବି. ପୁରୀ ଟାଉନରେ ଘରବାଡ଼ି ଥାଇ Lawyer ଭାବେ ଭଲ ରୋଜଗାର କରୁଥିବା ବ୍ରାହ୍ମଣ ପୁଅ ପାଇଁ ଶିକ୍ଷିତ, ସଂସ୍କାରୀ ବ୍ରାହ୍ମିନ ପାତ୍ରୀ ଦରକାର, ଶୀଘ୍ର ବିବାହ ପାଇଁ ଫଟୋ ଓ biodata ସହିତ ଯୋଗାଯୋଗ କରନ୍ତୁ- ୭୯୭୮୬୨୬୪୬୨. ଧ-୧୭୨୪

Wanted Brahmin bride for Brahmin groom, Age- 39, Height - 5'8", Costing Inter, Accountant in Tata Power, Contact No- 7077237234. D-1809

Handsome Brahmin boy 1993, 5'8", B.Tech, MBA (IIM) Serving Delloitte Bangalore "SUNASANSAR". 9937512659. D-1812

### GROOM WANTED

ବୟସ 28, Hospitalରେ Nurse ଭାବେ କାର୍ଯ୍ୟ କରୁଥିବା ସୁନ୍ଦରୀ ସୁଶୀଳ ବ୍ରାହ୍ମଣ ଝିଅଙ୍କ ପାଇଁ ବରପାତ୍ର ଆବଶ୍ୟକ। 9827160964. D-1806

Beautiful Brahmin girl 1996, 5'3", MBA, Serving Hyderabad. "SUNASANSAR". 9937512659. D-1811

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com




### REAL ESTATE
### SALE

ସାକ୍ଷୀଗୋପାଳ ନିକଟ ପଟନାଇକିଆ ଛକରୁ ଦେଢକିଲୋମିଟର ଦୂରରେ ସରକାରୀ ରାସ୍ତାକୁ ଲାଗି ୬ ଏକର ଘରବାଡି ପ୍ଲଟ୍ ବିକ୍ରୟହେବ। ପ୍ଲଟିଂ, ସ୍କୁଲ, କଲେଜ ପାଇଁ ଉପଯୁକ୍ତ। No Broker, ଯୋଗାଯୋଗ- 9438109040, 8144658008. D-1802


ଭୁବନେଶ୍ୱର ପଟିଆ ନିକଟବର୍ତ୍ତୀ New ODM Global School-2 ଏବଂ KIIT କଲେଜରୁ ଅଳ୍ପ ଦୂରତାରେ ବାସୋପଯୋଗୀ ଏବଂ investment ପ୍ଲଟ୍ କିଣି ଗୃହ ନିର୍ମାଣ କରନ୍ତୁ। 8249976746, 7978660091. D-1698

ଭୁବନେଶ୍ୱର ଫୁଲନଖରାଛକ, ଉତ୍ତରାଛକ, କଟକ, ମହାନଦୀ ବିହାରରେ ଘରବାରି ପ୍ଲଟ, 2BHK/3BHK Flat/ Duplex ଅଛି। 8327785834. D-1781

2.5 guntha homestead & 11 guntha both are SC land for sale near Hanuman Mandir/ Baikuntha Brahmachari Ashram, Garapur, Kendrapara. Interested SC buyers may contact: 9437013139/ 9861526386. D-1796

Ready to move 1/2BHK flat for sale @18/24lakh at Gudiapokhari Bhubaneswar. Call- 9827439338. D-1803

1350sqft. gharabari plot sale near Balisahi near Sidhabakul lane, Puri, 500mtr. from Puri Jagannath Temple. Contact- 9438485517, 7008942032. D-76851




Two bedroom apartment for small family at Bomikhal, Bhubaneswar with two wheeler garage : 9238574993. D-1787




Newly open health benefits SPA by expert therapist. Contact- 8280961126. D-76935

Newly open Jyoti Spa positively heath benefits (Expert therapist). Contact- 8458067955. D-76933

Full body massage experience, good looking therapist @999 (bhubaneswar) 8658088274. D-1791

### AFFIDAVIT

I, JUDHISTHIR JENA, Father of No.- 15250580M, GNR (DMT) CHITTARANJAN JENA, resident of At/P.O.- Baunsagarh, Tehsil- Ranpur, Dist.- Nayagarh, State-Odisha, PIN- 752026 have changed my name and Date of Birth from JUDHISTHIR JENA, born on 12.06.1954 (Old), to DURYODHAN JENA, born on 12.06.1965 (New). The proposed new name and correct Date of Birth have been declared vide affidavit dated 05.08.2025 before the Odisha Court. D-1804

By virtue of an affidavit sworn before the Executive Magistrate, Chandbali Tahasil, Chandbali, Dist.- Bhadrak, Odisha dated 26.08.2025, I, Arjuna Das, S/o- Late Umakanta Das, Vill- Hengupati, P.O.- Hengupati, P.S.- Chandbali, Dist.- Bhadrak, PIN- 756131, Odisha declare that I have changed the name of my son from Ishtanrnna Das to Eastern Das. Henceforth, he shall be known as Eastern Das for all purposes.
Arjuna Das
D-1810

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

I, Manas Kumar Panda, S/o- Late Prahallad Panda residing of At/P.O.- Paida, P.S.- Erasama, Dist.- Jagatsinghpur, PIN- 754138, Odisha declare by this affidavit No.- 3772, dtd- 26.08.2025 that now onwards I shall be known as MANAS PANDA for all future purposes. D-1813

I, B.Chandana Reddy, S/o- B.Rama Chandra Reddy, resident of Village/Post.- Jhadabai, P.S.- Kabisuryanagar, Dist.- Ganjam, PIN- 761104, Odisha declare by this affidavit No.- 544, dtd. 29.08.2025 that now onwards I shall be known as B.CHANDAN REDDY for all future purposes. D-1808

We, Khirod Kumar Sahoo and Tilottama Sahoo parents of Piyush Pritam Sahoo, At/P.O.- Dala, P.S.- Jajpur Road, Dist.- Jajpur (Odisha) 755019 do hereby declared that by virtue of Court of Executive Magistrate, Cuttack. We have corrected our names from Khirod Ku. Sahoo and Tillottama Sahoo to Khirod Kumar Sahoo and Tilottama Sahoo for all purpose. D-1807

ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## ରାଜ୍ୟ

# ଗର୍ଜନଖୋଲ ଜଳପ୍ରପାତରେ ଯୁବକ ନିଖୋଜ


ସ୍ଥାନୀୟ ଲୋକେ ଖୋଜାଖୋଜିରେ ସହଯୋଗ କରୁଛନ୍ତି।

କେନ୍ଦୁଝର/ ପାଲଲହଡ଼ା, ୩୦।୮ (ନରେଶ ଚନ୍ଦ୍ର ପଟ୍ଟନାୟକ, ଦିବ୍ୟଜ୍ୟୋତି ଦାଶ)

ଅନୁଗୋଳ ଜିଲା ପାଲଲହଡ଼ା ଥାନା ଅଞ୍ଚଳର ଗର୍ଜନଖୋଲ ଜଳପ୍ରପାତରେ ଶୁକ୍ରବାର ଗାଧୋଇବା ସମୟରେ ଜଣେ ଯୁବକ ନିଖୋଜ ହୋଇଯାଇଛନ୍ତି। ଯୁବକ ଜଣକ ହେଲେ କେନ୍ଦୁଝର ଜିଲା ବାଂଶପାଳ ବ୍ଲକ୍ ନୟାକୋଟ ଥାନା ବାଲରାଇ ଗ୍ରାମର ଲିପୁନ ବେହେରା(୧୯)। ପୋଲିସ ଓ ଅଗ୍ନିଶମ ବିଭାଗ ପକ୍ଷରୁ ଖୋଜାଖୋଜି କରାଯାଇଥିଲେ ହେଁ ତାଙ୍କର କୌଣସି ପତ୍ତା ମିଳିନାହିଁ।

ପ୍ରକାଶ ଯେ, ଲିପୁନ ଅନ୍ୟ ୨ ବନ୍ଧୁଙ୍କ ସହ ପ୍ରାକୃତିକ ଜଙ୍ଗଲ ଘେରା ଗର୍ଜନଖୋଲ ଜଳପ୍ରପାତକୁ ବୁଲିବାକୁ ଯାଇଥିଲେ। ସେଠାରେ ଲିପୁନ ଗାଧୋଇବା ସହ ଫଟୋ ଉତ୍ତୋଳନ ସମୟରେ ପାଣି ସ୍ରୋତରେ ଭାସିଯାଇଥିଲେ। ବର୍ଷା ଲାଗି ରହିଥିବାରୁ ନାଳର ପ୍ରବଳ ସ୍ରୋତରୁ ବାହାରିପାରି ନ ଥିଲେ। ଭାସିଯାଇ ତଳେ ଥିବା ଜଳାଶୟରେ ପଡ଼ିଯାଇଥିଲେ। ବନ୍ଧୁ ଓ ସ୍ଥାନୀୟ ଗ୍ରାମବାସୀ ଅନେକ ଖୋଜାଖୋଜିକରି ପାଇ ନ ଥିଲେ। ଶେଷରେ ସ୍ଥାନୀୟ ପୋଲିସକୁ ଖବର ଦେଇଥିଲେ। ପୋଲିସ ଓ ଅଗ୍ନିଶମ ସେବା ଦଳ ଘଟଣାସ୍ଥଳରେ ପହଞ୍ଚି ସନ୍ଧାନ ଅଭିଯାନ ଆରମ୍ଭ କରିଥିଲେ। ସନ୍ଧ୍ୟା ପର୍ଯ୍ୟନ୍ତ ଯୁବକଙ୍କ କୌଣସି ପତ୍ତା ମିଳି ନ ଥିଲା। ଜଙ୍ଗଲାଞ୍ଚଳ ହୋଇଥିବାରୁ ଅଗ୍ନିସେବା ଦଳ ଫେରିଆସିଥିଲେ। ଅନୁଗୋଳର ପୋଲିସ ଅଧୀକ୍ଷକ ରାହୁଲ ଜୈନ କହିଛନ୍ତି, ୩ ଜଣ ଯୁବକ ଘଟଣାସ୍ଥଳକୁ ଯାଇଥିଲେ। ଗାଧୋଇବା ସମୟରେ ଜଣେ ନିଖୋଜ ଥିବା ଖବର ପାଇ ଓଡ୍ରାଫ ଏବଂ ଅଗ୍ନିଶମ ସେବା ଦଳ ଘଟଣାସ୍ଥଳକୁ ଯାଇ ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ। ସନ୍ଧ୍ୟା ହୋଇଯିବାରୁ ଉଦ୍ଧାର କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ପାଲଲହଡ଼ା ଥାନା ଅଧିକାରୀ ପ୍ରଦୀପ କୁମାର ମହାନ୍ତ କହିଛନ୍ତି, ଖୋଜାଖୋଜି ସତ୍ତ୍ୱେ ପତ୍ତା ମିଳିପାରିନାହିଁ। ସନ୍ଧ୍ୟା ହୋଇଯିବାରୁ ତଲାସିରେ ବାଧାପ୍ରାପ୍ତ ହୋଇଛି। ରବିବାର ଯାଞ୍ଚ ଜାରି ରହିବ। ଅଦ୍ୟାବଧି କୌଣସି ରିପୋର୍ଟ ଥାନାରେ ହୋଇନାହିଁ।

# କାରଖାନା ଫାଟକ ଆଗରେ ମୃତଦେହ ରଖି ପ୍ରତିବାଦ

ଯୋଡ଼ା,୩୦।୮ (ମାନସ ମହାନ୍ତି)

କେନ୍ଦୁଝର ଜିଲା ବାମେବାରି ଥାନା ଅନ୍ତର୍ଗତ ହେଁଶାବେଢ଼ାଠାରେ ଥିବା ଏକ କମ୍ପାନୀର ସ୍ଲରି ପାଇପ୍‌ଲାଇନ ଖୋଳା ସମୟରେ ଶୁକ୍ରବାର ମାଟି ଧସି ଶ୍ରମିକଙ୍କ ମୃତ୍ୟୁ ଘଟିଥିଲା। ଘଟଣାକୁ ନେଇ ଶନିବାର ଦବୁନାଠାରେ ଥିବା କମ୍ପାନୀର କାରଖାନା ଅଞ୍ଚଳରେ ଉତ୍ତେଜନା ଦେଖାଦେଇଛି। ପରିବାର ଲୋକେ ଫାଟକ ଆଗରେ ମୃତଦେହ ରଖି କ୍ଷତିପୂରଣ ପ୍ରଦାନ ଦାବିରେ ପ୍ରତିବାଦ କରିଛନ୍ତି।

ପ୍ରକାଶ ଯେ, ଉକ୍ତ କମ୍ପାନୀର ସ୍ଲରି ପାଇପ୍‌ଲାଇନ ଖୋଳା ସମୟରେ ଗୁରୁବାର ପୂର୍ବାହ୍ନରେ ପଶ୍ଚିମବଙ୍ଗ ରାଜ୍ୟର ମେଦିନପୁର ଅଞ୍ଚଳର କାର୍ତ୍ତିକ ସାମନ୍ତ(୪୫)ଙ୍କ ମୃତ୍ୟୁ ଘଟିଥିଲା। ଗୁରୁବାର ଘଟଣା ଘଟିଥିବା ବେଳେ କମ୍ପାନୀ ପକ୍ଷରୁ ଘଟଣାଚପାଇଦେବା ପାଇଁ ଉଦ୍ୟମ କରାଯାଉଥିବା ଅଭିଯୋଗ ହୋଇଛି। ଶୁକ୍ରବାର ସ୍ଥାନୀୟ ଲୋକଙ୍କ ଦାବି ପରେ କମ୍ପାନୀ ମେଶିନ ଲଗାଇ ମାଟି ତଳୁ ଶ୍ରମିକଙ୍କୁ ବାହାର କରିଥିଲା। ବାମେବାରି ପୋଲିସ ପହଞ୍ଚି ମୃତଦେହ ଯୋଡ଼ାସ୍ଥିତ ଡାକ୍ତରଖାନକୁ ନେଇ ଶବଗୃହରେ ରଖିଥିଲା। ଶନିବାର ପୂର୍ବାହ୍ନରେ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ପରିବାର ଲୋକେ ମୃତଦେହକୁ କମ୍ପାନୀ ଫାଟକ ସମ୍ମୁଖରେ ରଖି ପରିବାରର ଜଣେ ସଦସ୍ୟଙ୍କୁ ଚାକିରି ଓ ଆର୍ଥିକ କ୍ଷତିପୂରଣ ଦାବି କରିଥିଲେ। ବାମେବାରି ଥାନାରେ ଏକ ମାମଲା (ନଂ.୨୮/୨୫) ରୁଜୁ ହୋଇଛି। କମ୍ପାନୀର ପାଇପ୍‌ଲାଇନ ଖୋଳା ସମୟରେ ଅଘଟଣ ଘଟିଥିବା ପୋଲିସ ପ୍ରକାଶ କରିଥିଲା। କମ୍ପାନୀ କର୍ପୋରେଟ ଅଧିକାରୀ ସୌମିତ୍ର ପଟ୍ଟନାୟକ କହିଛନ୍ତି, ସ୍ଲରି ପାଇପ୍‌ଲାଇନ କାର୍ଯ୍ୟ କରୁଥିବା ଠିକାସଂସ୍ଥା ମୃତ ଶ୍ରମିକଙ୍କ ପରିବାରକୁ କ୍ଷତିପୂରଣ ବାବଦରେ ନିଷ୍ପତ୍ତି ନେବ। ଠିକାସଂସ୍ଥା ଏନ୍‌ପ୍ରୋକନର ପ୍ରୋଜେକ୍ଟ ମ୍ୟାନେଜର ଅଭନିଶ୍ ମିଶ୍ରା କହିଛନ୍ତି, ଘଟଣା ଏକ ଦୁର୍ଭାଗ୍ୟଜନକ, ଦୁଃଖଦ ସମୟରେ ମୃତକଙ୍କ ପରିବାରକୁ ସମବେଦନା ପ୍ରଦାନ କରୁଛୁ। ଏଥିସହ ଆମେ ସମସ୍ତ ପ୍ରକ୍ରିୟାଗତ ଆବଶ୍ୟକତାକୁ ପାଳନ କରିବା ପାଇଁ ପୂର୍ଣ୍ଣ ସହଯୋଗ କରୁଛୁ।

# ଯୁବପିଢ଼ି ଓ ଡିଜିଟାଲ ଡିମେନ୍ସିଆ

**ଘରେ ପରିବାର ସଦସ୍ୟଙ୍କ ପାଖରେ ଥିବା ବେଳେ ହେଉ ଅବା କଲେଜରେ ସାଙ୍ଗସାଥୀ କିମ୍ବା ଅଫିସ୍‌ରେ ସହକର୍ମୀଙ୍କ ସହ ଥାଇ ସୁଦ୍ଧା ଫାଙ୍କା ସମୟ ମିଳିଲେ ଯାହା ସହିତ ଏବେ ସବୁଠୁ ଅଧିକ ସମୟ ବିତୁଛି, ତାହା ହେଉଛି ମୋବାଇଲ୍ ଫୋନ୍। ହେଲେ ଯାହାକୁ ବର୍ତ୍ତମାନ ଅଧିକାଂଶ ନିଜର ସବୁଠୁ ପ୍ରିୟ ସାଥୀ ଭାବେ ଖାଇବା, ବୁଲିବା, ପଢ଼ିବା, ଶୋଇବା ସବୁବେଳେ ପାଖରେ ରଖୁଛନ୍ତି, ତା'ର ଅଧିକ ବ୍ୟବହାର ହିଁ ସବୁଠୁ ବଡ଼ ଅସୁବିଧାର କାରଣ ସାଜୁଛି। କେବଳ ଫୋନ୍ ନୁହେଁ, ଅନ୍ୟ ଡିଜିଟାଲ୍ ଗ୍ୟାଜେଟ୍‌ର ଆଡିକ୍ସନ ମଧ୍ୟ ଯୁବାବସ୍ଥାରେ ଅନେକଙ୍କଠାରେ ଡିଜିଟାଲ୍ ଡିମେନ୍ସିଆର କାରଣ ସାଜୁଛି...**



**ଡିଜିଟାଲ୍ ଡିମେନ୍ସିଆ ଓ ଏହାର ଲକ୍ଷଣ:** ଅତ୍ୟଧିକ ମୋବାଇଲ୍ ଫୋନ୍, ଲାପଟପ୍, କମ୍ପ୍ୟୁଟର ଆଦି ଡିଜିଟାଲ୍ ଗ୍ୟାଜେଟ୍ ବ୍ୟବହାର ଦ୍ୱାରା ମସ୍ତିଷ୍କର କାର୍ଯ୍ୟକ୍ଷମତା ହ୍ରାସ ପାଇଥାଏ ଏବଂ ଏକ ପ୍ରକାରର ମାନସିକ ସମସ୍ୟା ଦେଖାଦିଏ, ଯାହାକୁ ଡିଜିଟାଲ୍ ଡିମେନ୍ସିଆ କୁହାଯାଏ। ସ୍କ୍ରିନ୍‌ରେ ଅଧିକ ସମୟ ବିତାଇବା ଦ୍ୱାରା ବହୁସଂଖ୍ୟାରେ ଫଟୋ, ଭିଡିଓ, ଆପ୍ସ ଆଖିଆଗକୁ ଆସିଥାଏ, ଯାହାକୁ ଏକାସଙ୍ଗେ ମସ୍ତିଷ୍କ ମନେରଖିପାରେ ନାହିଁ ଏବଂ କନ୍‌ଫ୍ୟୁଜ୍ ହୋଇଯାଏ। ଫଳରେ ବାରମ୍ବାର ଭୁଲିବା, ପଢ଼ାରେ ହେଉ କିମ୍ବା କୌଣସି କାମରେ ଧ୍ୟାନ କେନ୍ଦ୍ରିତ ନ କରିପାରିବା, ଥକିଯିବା ଏବଂ ମାନସିକ ସ୍ଥିତି ଠିକ୍ ନ ରହିବା, ଏକାଗ୍ରତାର ଅଭାବ, ଚିଡ଼ିଚିଡ଼ା ଲାଗିବା, ବ୍ୟବହାରରେ ପରିବର୍ତ୍ତନ ଘଟିବା ଭଳି ଲକ୍ଷଣ ଦେଖାଯାଇଥାଏ। ଯୁବାବସ୍ଥାରେ ଏହା ଅଧିକ ସମୟ ଇଣ୍ଟରନେଟ୍‌ରେ ଅନ୍‌ଲାଇନ୍ ରହିବା, ଗେମ୍ ଖେଳିବା ଆଦି କାରଣରୁ ହୋଇଥାଏ।

**କେଉଁ ବୟସରେ ଅଧିକ ଦେଖାଯାଉଛି:** ଏକ ସର୍ଭେ ରିପୋର୍ଟ ମୁତାବକ ଯଦିଓ ଡିଜିଟାଲ୍ ଡିମେନ୍ସିଆ ବର୍ତ୍ତମାନ ସବୁ ବୟସ୍କଙ୍କଠାରେ ଦେଖାଯାଉଛି, ହେଲେ ୨୦-୪୦ ବର୍ଷ ବୟସ୍କଙ୍କଠାରେ ଏହା ସର୍ବାଧିକ ଦେଖିବାକୁ ମିଳୁଛି।



**କିପରି ଦୂରେଇବେ ଏହି ସମସ୍ୟା:**

**କମାନ୍ତୁ ସ୍କ୍ରିନ୍ ଟାଇମ୍:** ଯଥାସମ୍ଭବ ନିଜର ସ୍କ୍ରିନ୍ ଟାଇମ୍ କମାନ୍ତୁ। ଏଥିପାଇଁ ଫାଙ୍କା ସମୟ ମିଳିଲେ ପରିବାର କିମ୍ବା ସାଙ୍ଗସାଥୀଙ୍କ ସହ କ୍ୱାଲିଟି ଟାଇମ୍ ବିତାନ୍ତୁ, ନିଜ ରୁଚି ଥିବା କାର୍ଯ୍ୟ କରନ୍ତୁ, ଅଧିକରୁ ଅଧିକ ବହି ପଢ଼ନ୍ତୁ, ବୁଲାବୁଲି କରନ୍ତୁ, କିଛି ନୂଆ ଶିଖନ୍ତୁ, ଗାର୍ଡେନିଂ କରନ୍ତୁ ଦେଖିବେ ଏସବୁରେ ଧ୍ୟାନ ଦେଲେ ଉପକୃତ ହେବେ।

**ଡିଜିଟାଲ୍ ଡିଟକ୍ସ ହୋଇପାରେ ଲାଭଦାୟକ:** ଡିଜିଟାଲ୍ ଆଡିକ୍ସନ୍ ଯୋଗୁ ଅନେକେ ପରିବାର, ସାଙ୍ଗସାଥୀ କିମ୍ବା ନିଜ ଲକ୍ଷ୍ୟପଥରୁ ଦୂରେଇ ଯିବା ସହ ଡିଜିଟାଲ୍ ଡିମେନ୍ସିଆ ଭଳି ସ୍ୱାସ୍ଥ୍ୟ ସମସ୍ୟାର ବି ସମ୍ମୁଖୀନ ହେଉଛନ୍ତି। ଏମିତିରେ ନିଜକୁ ଏଥିରୁ ଦୂରେଇ ରହିବା ଲାଗି ଡିଜିଟାଲ୍ ଡିଟକ୍ସ ଉପାୟ ଆପଣେଇପାରିବେ, ଅର୍ଥାତ୍ ପ୍ରତିଦିନ ଏକ ନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ଡିଜିଟାଲ୍ ଗ୍ୟାଜେଟ୍ ଆଦୌ ବ୍ୟବହାର ନ କରିବା। ଏପରି କରିବା ଦ୍ୱାରା ମାନସିକ ଶାନ୍ତି ମିଳିବା ସହ କାର୍ଯ୍ୟଦକ୍ଷତା ବୃଦ୍ଧି ହେବାରେ ବି ସାହାଯ୍ୟ କରିବ। ଏଥିପାଇଁ ପ୍ରଥମେ ମାନସିକ ସ୍ତରରେ ପ୍ରସ୍ତୁତ ହେବା ସବୁଠୁ ଗୁରୁତ୍ୱପୂର୍ଣ୍ଣ। କାରଣ ମାତ୍ର କିଛି ସମୟ ମନକୁ ବୁଝାଇ ପୁନର୍ବାର ମୋବାଇଲ୍ ଦୁନିଆକୁ ଚାଲିଯିବା ଦ୍ୱାରା କୌଣସି ଲାଭ ହେବ ନାହିଁ। ତେଣୁ ମୋବାଇଲ୍ ବ୍ୟବହାର ନ କରିବା ଲାଗି ପ୍ରତିଦିନ ଏକ ନିର୍ଦ୍ଦିଷ୍ଟ ସମୟ ସୀମା ଧାର୍ଯ୍ୟ କରନ୍ତୁ। ଏଥିପାଇଁ ଆପଣଙ୍କୁ ନିଜ ମୋବାଇଲ୍‌କୁ ସାଇଲେଣ୍ଟ ମୋଡ୍‌ରେ ରଖି ବିଭିନ୍ନ ଆପ୍‌ଗୁଡ଼ିକର ନୋଟିଫିକେଶନ ଅଫ୍ କରିଦିଅନ୍ତୁ।

**ଆପଣାନ୍ତୁ ପୋମୋଡୋରୋ ଟେକ୍‌ନିକ୍:** ଯଦି ପାଠପଢ଼ା କିମ୍ବା ଜବ୍ ପାଇଁ ଅଧିକ ସମୟ ଡିଜିଟାଲ୍ ଗ୍ୟାଜେଟ୍ ବ୍ୟବହାର ଜରୁରୀ, ତେବେ ଡିଜିଟାଲ୍ ଡିମେନ୍ସିଆ ସମସ୍ୟା ନ ଦେଖାଦେବା ଲାଗି ପୋମୋଡୋରୋ ଟେକ୍‌ନିକ୍ ଆପଣାଇଲେ ଉପକୃତ ହେବେ। ଏହା ଫ୍ରାନ୍ସେସ୍କୋ ସିରିଲୋଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ଏକ ଉପାୟ ; ଯେଉଁଥିରେ ଫୋନ୍, ଲାପ୍‌ଟପ୍ ଆଦି ଗ୍ୟାଜେଟ୍‌ରେ କାମ କରିବା ବେଳେ ପ୍ରତି ୨୫ ମିନିଟ୍‌ରେ ୫ମିନିଟ୍‌ର ଶର୍ଟ ବ୍ରେକ୍ ନେବା ଏବଂ ଚାରିଥର ଏପରି କରିବା ପରେ ୨୫-୩୦ ମିନିଟ୍‌ର ଏକ ଲଙ୍ଗ୍ ବ୍ରେକ୍ ନେବା। ଏହାଦ୍ୱାରା କାମରେ ଫୋକସ୍ ଆସିଥାଏ, ବର୍ନଆଉଟ୍ ହେବା ଭଳି ସମସ୍ୟା ଦୂର ହୋଇଥାଏ।

**ପର୍ଯ୍ୟାପ୍ତ ନିଦ୍ରା ନିଅନ୍ତୁ:** ବିଶେଷଜ୍ଞଙ୍କ ମତରେ ରାତିରେ ଶୋଇବା ବେଳେ ମୋବାଇଲ୍ ବ୍ୟବହାର କରିବା କିମ୍ବା ପାଖରେ ରଖି ଶୋଇବା ବେଳେ ଆସୁଥିବା ନୋଟିଫିକେଶନ୍ ଯୋଗୁ ବାରମ୍ବାର ନିଦ ଭାଙ୍ଗିବା ଦ୍ୱାରା ନିଦ ସମ୍ପୂର୍ଣ୍ଣ ହୋଇ ନ ଥାଏ। ପ୍ରତିଦିନ ଏଭଳି କାରଣ ଯୋଗୁ ଦିନରେ ନିଦ ଆସିବା, ମୁଣ୍ଡ ବୁଲେଇବା, ଥକାପଣ, ଗ୍ୟାସ୍, ବ୍ଲଡ୍‌ପ୍ରେସର ଭଳି ଅନେକ ନିଦ୍ରାହୀନତାଜନିତ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଉପୁଜିଥାଏ। ଷ୍ଟ୍ରେସ୍ ହର୍‌ମୋନ ବଢ଼ିବା ସହ ଇମ୍ୟୁନିଟି ସିଷ୍ଟମ ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ। କେବଳ ଏତିକି ନୁହେଁ, ମାନସିକ ସ୍ତରରେ ମଧ୍ୟ ଏହା ପ୍ରଭାବ ପକାଇଥାଏ ଏବଂ ଡିମେନ୍ସିଆ ଦେଖାଦିଏ। ତେଣୁ ରାତିରେ ଆଦୌ ମୋବାଇଲ୍ କିମ୍ବା ଅନ୍ୟ କୌଣସି ଡିଜିଟାଲ୍ ଗ୍ୟାଜେଟ୍ ବ୍ୟବହାର ନ କରି ଆବଶ୍ୟକ ପରିମାଣରେ ଶୁଅନ୍ତୁ। ଏହାଦ୍ୱାରା ଉଭୟ ମାନସିକ ଏବଂ ଶାରୀରିକସ୍ତରରେ ସୁସ୍ଥ ରହିପାରିବେ।

## ଯୁବପିଢ଼ିଙ୍କ ପାଇଁ କ୍ଷତିକାରକ ଡିଜିଟାଲ ଡିମେନ୍ସିଆ



ଡିଜିଟାଲ୍ ଡିମେନ୍ସିଆ ବର୍ତ୍ତମାନ ସମଗ୍ର ପୃଥିବୀରେ ସବୁବର୍ଗ ବିଶେଷ କରି ଯୁବପିଢ଼ିଙ୍କ ପାଇଁ ଏକ ବଡ ସମସ୍ୟା ପାଲଟିଛି। ଏଥିରେ ସ୍ମାର୍ଟଫୋନ୍ ଏବଂ ଟେକ୍ନୋଲୋଜି ଉପରେ ଅତ୍ୟଧିକ ନିର୍ଭରଶୀଳତା କାରଣରୁ ମାନସିକସ୍ତରରେ ନକରାତ୍ମକ ପ୍ରଭାବ ପଡିଥାଏ ଏବଂ ଅଳ୍ପ ସମୟର ସ୍ମୃତିଶକ୍ତି ହ୍ରାସ ହୋଇଥାଏ। ଏହାଦ୍ୱାରା କିଛି କଥା ମନେ ପକାଇବା, ସଠିକ୍ ଶଦ୍ଦ ବାଛିବା ଅସୁବିଧା ହୋଇଥାଏ। ଏସବୁ ଡିଜିଟାଲ୍ ଗ୍ୟାଜେଟ୍ ଅଧିକ ବ୍ୟବହାର କଲେ ଧ୍ୟାନ ଦେବାର ସାମର୍ଥ୍ୟ ଏବଂ ଏକାଗ୍ରତା ବଜାୟ ରଖିବା କଷ୍ଟକର ହୋଇଥାଏ। ଏହଥିଯୋଗୁ ନିଦ୍ରାହୀନତା, ଚିନ୍ତା, ଅବସାଦ ଭଳି ସମସ୍ୟା ବି ଉପୁଜିଥାଏ। ତେଣୁ ଏଭଳି ମାନସିକ ସମସ୍ୟାଠାରୁ ଦୂରେଇ ରହିବା ଲାଗି ଇ-ଗ୍ୟାଜେଟ୍ ବ୍ୟବହାରର ସମୟସୀମା କମ୍ କରିବା ନିହାତି ଜରୁରୀ। ଏହା ବ୍ୟତୀତ ନିୟମିତ ଯୋଗ, ବ୍ୟାୟାମ କରିବା, ବହି ପଢିବା, ନୂତନ କୌଶଳ ଶିଖିବା, ସୋସିଆଲ୍ ମିଡିଆରେ ନୁହେଁ ବରଂ ସମୟ ବାହାର କରି ପରିବାର ସଦସ୍ୟ ଓ ବନ୍ଧୁମାନଙ୍କ ସହ ସମୟ ବିତାଇବା ଆଦି କାର୍ଯ୍ୟ କରିବାଦ୍ୱାରା ଉଭୟ ଶରୀରିକ ଓ ମାନସିକସ୍ତରରେ ଫିଟ୍ ରହିପାରିବେ।

-ଡା. ଅଂଶୁମୋଚନ ସାହୁ,
ଆସୋସିଏଟ୍ ପ୍ରଫେସର,





## ଏ ସପ୍ତାହର ପ୍ରଶ୍ନ ?

୧- ଆଇବିସିଏର ଫୁଲ୍‌ଫର୍ମ ............... ?
୨- ୱାର୍ଲ୍ଡ ଅଡିଓ ଭିଜୁଆଲ ଆଣ୍ଡ ଇଣ୍ଟରନେଟ୍ ସମିତି-୨୦୨୫ ............ ମିନିଷ୍ଟ୍ରି ଦ୍ୱାରା ପରିଚାଳିତ ହେଉଛି ?
୩- କୋକ୍‌ବୋରୋକ୍ ଭାଷା ଭାରତୀୟ ରାଜ୍ୟ ........ର ସରକାରୀ ଭାଷା ?
୪- ପିଏମ୍ ସ୍ୱନିଧି ଯୋଜନା ............... ମିନିଷ୍ଟ୍ରି ଦ୍ୱାରା ଆରମ୍ଭ କରାଯାଇଛି ?
୫- ଶିକାରୀ ଦେବୀ ଅଭୟାରଣ୍ୟ ...............ରାଜ୍ୟରେ ଅବସ୍ଥିତ ?

## ଗତ ଥରର ଉତ୍ତର

୧ ବିହାର
୨ ଚା' ଚାଷ
୩ ଝାଡ଼ଖଣ୍ଡ
୪ କମ୍ବନ
୫ ମଶା

## ଉତ୍ତର ଦାତା


ନରେଶ ଚନ୍ଦ୍ର ପ୍ରଧାନ, ଯାଜପୁର


ଶକ୍ତିପ୍ରସାଦ ସିଂ, ଭୁବନେଶ୍ୱର


ଜଗନ୍ନାଥ ଚଣ୍ଡୀ, କଳାହାଣ୍ଡି


ମାନସ ରଞ୍ଜନ ପଟ୍ଟନାୟକ, ଭୁବନେଶ୍ୱର

## ଟପ୍ ଟେନ୍ ୧୦

### ପୃଥିବୀର ସର୍ବାଧିକ ବେତନଯୁକ୍ତ ଜବ୍



୧.... ନ୍ୟୁରୋସର୍ଜନ
୨.... ଚିଫ୍ ଏକ୍‌ଜିକ୍ୟୁଟିଭ୍ ଅଫିସର୍
୩.... ଏଆଇ/ଏମ୍‌ଏଲ୍ ଇଞ୍ଜିନିୟର
୪.... ଡାଟା ସାଇଣ୍ଟିଷ୍ଟ
୫.... ବ୍ଲକ୍‌ଚେନ୍ ଡେଭେଲପର୍
୬.... କର୍ପୋରେଟ୍ ଲୟର
୭.... ଇନ୍‌ଭେଷ୍ଟମେଣ୍ଟ ବ୍ୟାଙ୍କର୍
୮.... ସାଇବର ସିକ୍ୟୁରିଟି ସ୍ପେଶିଆଲିଟି
୯.... ଆନାସ୍ଥେସିଓଲୋଜିଷ୍ଟ
୧୦.... କ୍ଲାଉଡ୍ ଇଞ୍ଜିନିୟର

ଜାଣନ୍ତୁ ଦୁନିଆ

## ଅଙ୍ଗ୍‌କୋର ୱାଟ୍ ମନ୍ଦିର

**ଆମ ଦେଶରେ ଅନେକ ଛୋଟ ବଡ ମନ୍ଦିର ରହିଛି। ହେଲେ ଜାଣନ୍ତିକି ପୃଥିବୀର ସବୁଠାରୁ ବଡ ମନ୍ଦିର କିନ୍ତୁ ଆମ ଦେଶରେ ନୁହେଁ ବରଂ କାମ୍ବୋଡ଼ିଆଠାରେ ରହିଛି। ଯାହାର ନାମ ଅଙ୍ଗ୍‌କୋର ୱାଟ୍। ତେବେ ଏହା ସେହି ଦେଶରେ କେବେ ଓ କିଏ ନିର୍ମାଣ କରାଇଥିଲେ ଜାଣିବା ସେ ସମ୍ପର୍କରେ ...**



→ ଏହି ମନ୍ଦିର କାମ୍ବୋଡ଼ିଆର ସିମ୍ ରିପ୍ ସହରରେ ମିକାଙ୍ଗ୍ ନଦୀତଟରେ ରହିଛି। ପ୍ରାୟ ୪୦୦ ଏକର ପରିମିତ ସ୍ଥାନରେ ଏହି ଭବ୍ୟ ମନ୍ଦିର ସ୍ଥାପନ କରାଯାଇଛି। କୁହାଯାଏ, ଏହି ମନ୍ଦିର ନିର୍ମାଣ କରିବା ଲାଗି ୩୫ ବର୍ଷ ସମୟ ଲାଗିଥିବା ବେଳେ ପ୍ରାୟ ୩,୦୦,୦୦୦ରୁ ଊର୍ଦ୍ଧ୍ୱ ଶିଳ୍ପୀ ଏବଂ ପ୍ରାୟ ୬,୦୦୦ ହାତୀ ନିଯୁକ୍ତ ହୋଇଥିଲେ।

→ ଏହି ମନ୍ଦିର ଦ୍ୱାଦଶ ଶତାବ୍ଦୀରେ ନିର୍ମାଣ କରାଯାଇଥିଲା ବୋଲି କୁହାଯାଏ। ଉକ୍ତ ମନ୍ଦିରର ପ୍ରକୃତ ନାମ ବରାହ ବିଷ୍ଣୁଲୋକ କିମ୍ବା ପରମ ବିଷ୍ଣୁଲୋକ ହୋଇଥିଲେ ହେଁ ଏହା ଅଙ୍ଗ୍‌କୋର ୱାଟ୍ ନାମରେ ବିଶ୍ୱପ୍ରସିଦ୍ଧ। କାମ୍ବୋଡ଼ିଆ ଭାଷାରେ ଅଙ୍ଗ୍‌କୋର ଅର୍ଥ ସହର ଏବଂ ୱାଟ୍ ଅର୍ଥ ମନ୍ଦିର। ଅର୍ଥାତ୍ ଅଙ୍ଗ୍‌କୋର ୱାଟ୍ ହେଉଛି ମନ୍ଦିରର ସହର।

→ ଏହି ମନ୍ଦିରର ଅନେକ କାନ୍ଥରେ ରାମାୟଣ ଏବଂ ମହାଭାରତ ଆଦି ହିନ୍ଦୁ ଧର୍ମଗ୍ରନ୍ଥ ଖୋଦେଇ ହୋଇଥିବାର ମନୋରମ ଦୃଶ୍ୟ ଦେଖିବାକୁ ମିଳେ।

→ କାମ୍ବୋଡ଼ିଆରେ ପ୍ରାୟ ୨୭ ଜଣ ଭାରତୀୟ ଶାସକଙ୍କ ଶାସନ ରହିଥିଲା। ସେମାନଙ୍କ ମଧ୍ୟରେ କେତେକ ହିନ୍ଦୁ ହୋଇଥିବା ବେଳେ ଅନ୍ୟମାନେ ବୌଦ୍ଧ ଧର୍ମାବଲମ୍ବୀ ଥିଲେ। ତେଣୁ ଏହି ମନ୍ଦିରରେ ବିଶାଳକାୟ ହିନ୍ଦୁ ଏବଂ ବୌଦ୍ଧମୂର୍ତ୍ତି ଦେଖିବାକୁ ମିଳେ।

→ ଖମେର ବାସ୍ତୁକଳାର ଶାସ୍ତ୍ରୀୟ ଶୈଳୀର ସବୁଠାରୁ ଭଲ ଉଦାହରଣ ଦେଖିବାକୁ ମିଳେ ଏହି ମନ୍ଦିରର ପ୍ରତ୍ୟେକ କଳାକୃତିରେ।

→ ୧୯୮୩ ମସିହାରେ ଏହି ମନ୍ଦିରକୁ ରାଷ୍ଟ୍ରୀୟ ସମ୍ମାନ ସ୍ୱରୂପ କାମ୍ବୋଡ଼ିଆ ରାଷ୍ଟ୍ରୀୟ ପତାକାରେ ସ୍ଥାନ ଦିଆଯାଇଛି।

→ ୟୁନେସ୍କୋର ୱାର୍ଲ୍ଡ ହେରିଟେଜ୍ ସାଇଟ୍‌ରେ ୧୯୯୨ରେ ଏହା ସ୍ଥାନ ପାଇଛି।



## ଅଭୁଲା ଅନୁଭୂତି

# ଛାତ୍ରଙ୍କ ଶ୍ରଦ୍ଧା ଦେଖି ଆନନ୍ଦାଶ୍ରୁ ଝରିଆସିଲା

ଡକ୍ଟର ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍ ଶିକ୍ଷକତା ବୃତ୍ତିକୁ ସମ୍ମାନ ଦେବା ପାଇଁ ତାଙ୍କ ଜନ୍ମଦିନକୁ ଗୁରୁ ଦିବସ ଭାବରେ ପାଳନ କରିବାକୁ ପରାମର୍ଶ ଦେଇଥିଲେ। ଏହାକୁ ତାଙ୍କ ବ୍ୟକ୍ତିଗତ ଜନ୍ମଦିନ ପାଳନ ଉପରେ ଧ୍ୟାନ ଦେବା ଅପେକ୍ଷା ସମାଜ ଗଠନରେ ଶିକ୍ଷକମାନଙ୍କ ଅମୂଲ୍ୟ ଭୂମିକାକୁ ସ୍ୱୀକୃତି ଦେବାର ଏକ ଉପାୟ ଭାବରେ ଦେଖିଥିଲେ। ସେ ବିଶ୍ୱାସ କରୁଥିଲେ ଯେ, ଶିକ୍ଷକମାନେ ସମାଜର ସ୍ତମ୍ଭ ଏବଂ ଜାତୀୟ ପ୍ରଗତି ପାଇଁ ସେମାନଙ୍କର କାର୍ଯ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, ଏହି ଭାବନା ତାଙ୍କ ଛାତ୍ର ଏବଂ ବନ୍ଧୁମାନେ ଅଂଶୀଦାର କରିଥିଲେ, ଯାହାଫଳରେ ଭାରତରେ ସେପ୍ଟେମ୍ବର ୫ ତାରିଖରେ ଗୁରୁ ଦିବସ ପାଳନ କରାଯାଏ। ଏହି ମହାନ୍ ବ୍ୟକ୍ତିତ୍ୱ ମୋର ପ୍ରେରଣାର ଉତ୍ସ ଥିଲେ ଏହି ଶିକ୍ଷା ବୃତ୍ତିକୁ ଆପଣେଇବା ପାଇଁ। ତା'ଛଡ଼ା 'ଶିକ୍ଷକଙ୍କ ଦାୟିତ୍ୱ କେବଳ ପାଠପଢ଼ାରେ ସୀମିତ ନ ରହି ସମ୍ପୂର୍ଣ୍ଣ ମଣିଷ ଗଢ଼ିବା ହେଉଛି ସାମାଜିକ ଭାବରେ ଏକ ଗୁରୁଦାୟିତ୍ୱ' ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଏହି ଆଦର୍ଶ ଦ୍ୱାରା ଉଦ୍‌ବୁଦ୍ଧ ହୋଇ ଶିକ୍ଷକ ବୃତ୍ତି ପାଇଁ ମୁଁ ଆକର୍ଷିତ ହେଲି।

୨ ଅଗଷ୍ଟ, ୧୯୬୭ରେ ସ୍ୱନାମଧନ୍ୟ ରେଭେନ୍ସା ମହାବିଦ୍ୟାଳୟରେ ଉଦ୍ଭିଦ ବିଜ୍ଞାନରେ ସ୍ନାତକୋତ୍ତର ପରୀକ୍ଷା ସରିଲା। ଦୁଇ ଦିନ ପରେ ଅର୍ଥାତ୍ ୪ ଅଗଷ୍ଟରେ ସେ ସମୟରେ ରାଜ୍ୟର ଦ୍ୱିତୀୟ ବୃହତ୍ତମ ଉଚ୍ଚ ଶିକ୍ଷାନୁଷ୍ଠାନ ଖଲ୍ଲିକୋଟ ମହାବିଦ୍ୟାଳୟ, ବ୍ରହ୍ମପୁରରେ ଅଧ୍ୟାପକ ଭାବରେ ଅଧ୍ୟାପନା କାର୍ଯ୍ୟ ଆରମ୍ଭ କଲି। ଯେଉଁ ମହାବିଦ୍ୟାଳୟରେ ଦିନେ ଛାତ୍ର ଜୀବନ କଟାଇଥିଲି, ସେହିଠାରେ ଅଧ୍ୟାପକ ଚାକିରି ଆରମ୍ଭ, ଏହା ଥିଲା ମୋର ପ୍ରଥମ ସୌଭାଗ୍ୟ। ଚକ୍‌ଖଡ଼ି ଧରି ବ୍ଲାକବୋର୍ଡରେ ପାଠ ଲେଖି



ପଢ଼ାଇବା ଆରମ୍ଭ କରିବା ମୁହୂର୍ତ୍ତଟି ଅବର୍ଣ୍ଣନୀୟ, କୋହ ସମ୍ଭାଳି ପାରି ନ ଥିଲି, ଆନନ୍ଦରେ ଆଖିରୁ ଲୁହ ଏବଂ ଛାତିଫୁଲା ସୀମା ବାହାରେ। ସେହି ସମୟରେ ମୋର ଗୁରୁଜନମାନଙ୍କ ଚେହେରା ମୋ ସାମ୍ନାରେ ଦୃଶ୍ୟମାନ ହେଉଥାଏ।

କିଛିଦିନ ପରେ ପଡ଼ିଲା ଗୁରୁଦିବସ। ଛାତ୍ରୀଛାତ୍ରମାନେ ଯେତେବେଳେ ଖୁସିରେ ପାଳନ କରୁଥିଲେ, ମୋର ୧୯୫୦-୫୫ ମସିହା ବେଳର କଥା ମନେପଡ଼ିଯାଉଥିଲା। ଗଞ୍ଜାମ ଜିଲାର ନୂଆପଡ଼ା ଗାଁରେ ପ୍ରାଇମେରୀ ସ୍କୁଲରେ ପଢୁଥିବା ବେଳେ କିପରି ଆମେ ଶିକ୍ଷକମାନଙ୍କ ପାଦ ଧୋଇ ଫୁଲ ଦେଇ ସାଷ୍ଟାଙ୍ଗ ପ୍ରଣାମ କରି ଆଶୀର୍ବାଦ ନେଉଥିଲୁ। ଯେଉଁମାନେ ମୋର ଆଦର୍ଶ ଶିକ୍ଷକ ଥିଲେ, ପ୍ରାଇମେରୀ ସ୍କୁଲରୁ ଆରମ୍ଭ କରି ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ସେମାନଙ୍କୁ ପ୍ରତିବର୍ଷ ଗୁରୁ ଦିବସରେ ମୋର ପ୍ରଣାମ ଜଣାଏ। ଏବେ ପ୍ରାୟ ଆଉ କେହି ମୋର ସେଭଳି ଶିକ୍ଷକ ଜୀବିତ ନାହାନ୍ତି ; ହଁ, ହାତଗଣତି କେତେଜଣଙ୍କୁ ଛାଡ଼ି। ମୋର ଯେଉଁମାନେ ପୁରାତନ ଛାତ୍ରୀଛାତ୍ର, ଅଧିକାଂଶ ବୟସ୍କ, ବର୍ତ୍ତମାନ ସୁଦ୍ଧା ଗୁରୁ ଦିବସରେ ସ୍ମରଣ କରନ୍ତି, ଆସି ନମସ୍କାର ହୁଅନ୍ତି।

ଦିନକର ଘଟଣା। ମୁଁ ଅତିଥି ଭାବେ ଏକ ବିଶ୍ୱବିଦ୍ୟାଳୟକୁ ଯାଇଥାଏ। ସେଠାକାର କୁଳପତି ସମସ୍ତ ଉପସ୍ଥିତ ଛାତ୍ରୀଛାତ୍ରମାନଙ୍କ ସମ୍ମୁଖରେ ମୋ ପାଦ ଛୁଇଁ ନମସ୍କାର ହୋଇ ମୋ ଆଡ଼କୁ ଚାହିଁ କହିଲେ, ''ଏ ହିଁ ମୋତେ ମଣିଷ କରିଛନ୍ତି ଏବଂ ମୁଁ ଆଜି ଯାହା ହେଇଛି ତାଙ୍କରି ପାଇଁ।'' ମୁଁ ଅବାକ୍ ହୋଇ ଚାହିଁ ରହିଛି। ସମୟ ସହିତ ବୟସ ବଢ଼ିବା ଯୋଗୁ ଚେହେରା ପରିବର୍ତ୍ତନ ହୋଇଯାଇଛି। ତେଣୁ ହଠାତ୍ ଚିହ୍ନି ନ ହେଉଥିଲେ ବି ପରିଚୟ ପାଇବା ପରେ ନିଜ ଛାତ୍ରକୁ କୁଣ୍ଢେଇ ଧରି ରହିଲି, ଆଖିରୁ ଆନନ୍ଦାଶ୍ରୁ ଝରିଆସିଲା। ଜଣେ ଶିକ୍ଷକଙ୍କର ସବୁଠାରୁ ବଡ଼ ଉପଲବ୍ଧି ଜୀବନରେ ଏହାଠାରୁ କ'ଣ ଅଧିକ ଆଶା କରାଯାଇପାରେ।

ଜଣେ ସଫଳ ଶିକ୍ଷକ ହେବା ପାଇଁ ହାଇ ସ୍କୋରିଂ ଛାତ୍ରଛାତ୍ରୀ ହେବା ଯେତେ ଜରୁରୀ ନୁହେଁ, ତା'ଠାରୁ ଅଧିକ ପ୍ରୟୋଜନ ହେଉଛି ଶିକ୍ଷା ବୃତ୍ତି ପାଇଁ ଶ୍ରଦ୍ଧା, ପ୍ରତିବଦ୍ଧତା, ପ୍ରତିଶ୍ରୁତିବଦ୍ଧତା ଏବଂ ଛାୀଛାତ୍ରମାନଙ୍କୁ ଅନ୍ତରର ସହିତ ଭଲପାଇବା। ଶିକ୍ଷାଦାନ ସହିତ ଏକ ଭଲ ସମାଜ ଗଢ଼ିବା, ପ୍ରକୃତି, ପରିବେଶ, ପରିସଂସ୍ଥା ସଂରକ୍ଷଣ ଓ ସୁରକ୍ଷା ଜଣେ ଆଦର୍ଶ ଶିକ୍ଷକଙ୍କ ନୈତିକ କର୍ତ୍ତବ୍ୟ ଓ ଦାୟିତ୍ୱ ବୋଲି ମୋର ଅନୁଭବ ହୁଏ।

**- ଡ. ସୁନ୍ଦର ନାରାୟଣ ପାତ୍ର**
*ଅବସରପ୍ରାପ୍ତ ମହାବିଦ୍ୟାଳୟ ଶିକ୍ଷକ, ଓଡ଼ିଶା ଶିକ୍ଷା ସେବା*

ଧରିତ୍ରୀ
DHARITRI
www.orissakhabar.com/ www.dharitri.com | ପୃଷ୍ଠା ୧୨ | Press Regd. No. R.N. 21326/74 Postal Regd. No. BN/42/24-26. | ଭୁବନେଶ୍ୱର, ରବିବାର, ୩୧ ଅଗଷ୍ଟ, ୨୦୨୫ | Bhubaneswar, Sunday, 31 August, 2025

**ଜୁନିୟର ହକି ବିଶ୍ୱକପ୍**

# ଭାରତରେ ଖେଳିବାକୁ ଆସିବ ପାକିସ୍ତାନ

ରାଜଗିର, ୩୦।୮(ପି.ଟି.)




ଚଳିତବର୍ଷ ନଭେମ୍ବର-ଡିସେମ୍ବରରେ ହେବାକୁ ଥିବା ଏଫ୍ଆଇଏଚ୍ ଜୁନିୟର ହକି ବିଶ୍ୱକପ୍ ଲାଗି ପାକିସ୍ତାନ ଦଳ ଭାରତ ଟୁର୍ କରିବ। ଏ ନେଇ ହକି ଇଣ୍ଡିଆ (ଏଚ୍ଆଇ) ସାଧାରଣ ସମ୍ପାଦକ ଭୋଳାନାଥ ସିଂ ଶନିବାର ସ୍ପଷ୍ଟ କରିଛନ୍ତି। ଦୁଇ ଦେଶ ମଧ୍ୟରେ ସାମରିକ ବିବାଦ କାରଣରୁ ବିହାରରେ ଚାଲିଥିବା ଏସିଆ କପ୍‌ରୁ ପାକିସ୍ତାନ ଓହରି ଯାଇଥିଲା। ଏଥିଯୋଗୁ ଚେନ୍ନାଇ ଓ ମଦୁରାଇରେ ହେବାକୁ ଥିବା ଜୁନିୟର ବିଶ୍ୱକପ୍‌ରେ ପାକିସ୍ତାନ ଭାଗ ନେବ କି ନାହିଁ, ସେ ନେଇ ଅନିଶ୍ଚିତତା ଦେଖାଦେଇଥିଲା।

ପାକିସ୍ତାନ ଦଳ ଜୁନିୟର ବିଶ୍ୱକପ୍ ପାଇଁ ଭାରତ ଆସିବ। ସେମାନେ ଶୁକ୍ରବାର ରାତିରେ ଏହା ସ୍ପଷ୍ଟ କରିଛନ୍ତି। ଏସିଆ କପ୍‌ରୁ ଓହରିବା ପରେ ସେମାନଙ୍କ ଉପଲବ୍ଧତା ସମ୍ପର୍କରେ ମୁଁ ପଚାରି ବୁଝିଥିଲି। ଟୁର୍ନାମେଣ୍ଟରେ ଭାଗ ନେବାକୁ ଥିବା ୨୪ରୁ ୨୩ ଦେଶର ଲଙ୍ଗ ଲିଷ୍ଟ ମିଳିସାରିଛି। କେବଳ ପାକିସ୍ତାନ ବାକି ଅଛି। ଆଶା କରୁଛୁ ଗୋଟିଏ କି ଦୁଇ ଦିନରେ ଏହା ଆମକୁ ମିଳିଯିବ ବୋଲି ଭୋଳାନାଥ କହିଛନ୍ତି। ଏତଦ୍ ବ୍ୟତୀତ ସେ ପ୍ରକାଶ କରିଛନ୍ତି ଯେ, ଭାରତ ସରକାର ସ୍ପଷ୍ଟ କରିଛନ୍ତି ଯେ, ଯେକୌଣସି ଅନ୍ତର୍ଜାତୀୟ ଟୁର୍ନାମେଣ୍ଟରେ ଖେଳିବା ପାଇଁ ପାକିସ୍ତାନ ଆସିପାରିବ। ସରକାର ସେମାନଙ୍କ ଭିଜାକୁ ଅନୁମତି ମଧ୍ୟ ଦେଇଥିଲେ। କିନ୍ତୁ ପାକିସ୍ତାନ କାହିଁକି ଆସିଲା ନାହିଁ, ତାହା କେବଳ ସେମାନଙ୍କୁ ଜଣା। ପାକିସ୍ତାନ ଏଫ୍ଆଇଏଚ୍ ପ୍ରୋ ଲିଗ୍‌ରେ ନ୍ୟୁଜିଲାଣ୍ଡ ସ୍ଥାନ ନେଇଛି। ଏ ସମ୍ପର୍କରେ ଭୋଳାନାଥ କହିଛନ୍ତି ଯେ, ଯଦି ସେମାନେ ଆମ ପୁଲରେ ରହିବେ, ତେବେ ଆମେ ସେମାନଙ୍କ ସହ କାହିଁକି ଖେଳିବୁ ନାହିଁ। ଏହା ଏକ ଅନ୍ତର୍ଜାତୀୟ ଟୁର୍ନାମେଣ୍ଟ। ଯଦି ପାକସ୍ତାନ ପ୍ରୋ ଲିଗ୍ ପାଇଁ ଆସିବ, ତେବେ ଆମେ ସେମାନଙ୍କ ବିପକ୍ଷରେ ଖେଳିବୁ।

## ମୁଖ୍ୟ କୋଚ୍ ପଦବୀରୁ ଓହରିଲେ ଦ୍ରାଭିଡ

ନୂଆଦିଲ୍ଲୀ, ୩୦।୮ (ପି.ଟି.)

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ସିଜନ ୨୦୨୬ ପୂର୍ବରୁ ରାହୁଲ ଦ୍ରାଭିଡ ମୁଖ୍ୟ କୋଚ୍ ପଦବୀରୁ ଓହରିଯିବେ ବୋଲି ରାଜସ୍ଥାନ ରୟାଲ୍ସ ତରଫରୁ ଶନିବାର ଘୋଷଣା କରାଯାଇଛି। ଏହା ପୂର୍ବରୁ ଫ୍ରାଞ୍ଚାଇଜ୍‌ରେ ଏକ ବଡ଼ ପଦବୀକୁ ସେ ପ୍ରତ୍ୟାଖ୍ୟାନ କରିଦେଇଥିଲେ। ଆଇପିଏଲ ସିଜନ ୨୦୨୫ ପୂର୍ବରୁ ଦ୍ରାଭିଡ ରାଜସ୍ଥାନ ରୟାଲ୍ସର ମୁଖ୍ୟ କୋଚ୍ ଭାବେ ନିଯୁକ୍ତ ହୋଇଥିଲେ। କୌତୂହଳର କଥା ଅଧିନାୟକ ସଞ୍ଜୁ ସାମ୍ସନ ଫ୍ରାଞ୍ଚାଇଜ୍ ଛାଡୁଥିବା ଗୁଜବ ଶୁଣିବାକୁ ମିଳିବା ପରେ ରୟାଲ୍ସ ପକ୍ଷରୁ ଏହି ଘୋଷଣା କରାଯାଇଛି।

## ପଦକ ନିଶ୍ଚିତ କଲେ ସାତ୍ତ୍ୱିକ-ଚିରାଗ



**ବିଶ୍ୱ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍**

ପ୍ୟାରିସ, ୩୦।୮ (ପି.ଟି.)

ଭାରତର ଷ୍ଟାର ବ୍ୟାଡ୍‌ମିଣ୍ଟନ ଡବଲ୍ସ ଯୋଡ଼ି ସାତ୍ତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ଶେଟ୍ଟି ଏଠାରେ ଚାଲିଥିବା ବିଶ୍ୱ ଚାମ୍ପିୟନଶିପ୍‌ରେ ଭାରତ ପାଇଁ ପଦକ ପକ୍କା କରିଛନ୍ତି। ପୁରୁଷ ଡବଲ୍ସ କ୍ୱାର୍ଟରଫାଇନାଲରେ ସେମାନେ ମାଲେସିଆର ଦୁଇଥର ଅଲିମ୍ପିକ ପଦକ ବିଜେତା ଆରୋନ ଚିଆ ଓ ସୋହ ଉଇ ୟିକ୍‌ଙ୍କୁ ୨୧-୧୨, ୨୧-୧୯ରେ ହରାଇ ଦେଇଛନ୍ତି। ବର୍ଷକ ପୂର୍ବେ ଏହି ଦୁଇ ଯୋଡ଼ି ପ୍ୟାରିସରେ ପରସ୍ପରକୁ ଭେଟିଥିଲେ। ସାତ୍ତ୍ୱିକ-ଚିରାଗ ମ୍ୟାଚରେ ପରାଜିତ ହୋଇ ଏକ ଅଲିମ୍ପିକ ପଦକରୁ ବଞ୍ଚିତ ହୋଇଥିଲେ। ୨୦୨୨ରେ ଏକ ବ୍ରୋଞ୍ଜ ପଦକ ପରେ ଏହି ଭାରତୀୟ ଯୋଡ଼ି ସେମାନଙ୍କର ଦ୍ୱିତୀୟ ପଦକ ହାସଲ କରିବାକୁ ଯାଉଛନ୍ତି।

## ଗିଲ୍, ରୋହିତ ଫିଟ୍‌ନେସ ଟେଷ୍ଟର ସମ୍ମୁଖୀନ ହେବେ



ରୋହିତ ଶର୍ମା ଓ ଶୁବମନ ଗିଲ୍।

ବେଙ୍ଗାଲୁରୁ,୩୦।୮(ପି.ଟି.)

ଭାରତୀୟ ଟେଷ୍ଟ ଅଧିନାୟକ ଶୁବମନ ଗିଲ ଫିଟନେସ୍ ଆସେସ୍‌ମେଣ୍ଟ ଓ ଆଗାମୀ ଏସିଆ କପ୍ ଲାଗି ପ୍ରସ୍ତୁତି କରିବା ପାଇଁ ବିସିସିଆଇ ସେଣ୍ଟର ଅଫ୍ ଏକ୍ସିଲେନ୍ସ(ସିଓଇ)ରେ ପହଞ୍ଚିଛନ୍ତି। ଭାରତୀୟ ଦଳର ସଦସ୍ୟମାନେ ସେପ୍ଟେମ୍ବର ୪ ତାରିଖରେ ଦୁବାଇରେ ଏକତ୍ରିତ ହେବେ। ଦିନିକିଆ ଦଳର ଅଧିନାୟକ ରୋହିତ ଶର୍ମା ଓ ପେସର ମହମ୍ମଦ ସିରାଜ ସିଜନ ପୂର୍ବରୁ ଫିଟ୍‌ନେସ ଆସେସ୍‌ମେଣ୍ଟ ପାଇଁ ସିଓଇରେ ପହଞ୍ଚିଛନ୍ତି। ଫିଟ୍‌ନେସ ଟେଷ୍ଟ ରବିବାର ହୋଇପାରେ। ଟି୨୦ ଓ ଟେଷ୍ଟରୁ ଅବସର ନେଇସାରିଥିବା ରୋହିତ କେଉଁ ଭଳି ପରବର୍ତ୍ତୀ ସିଜନ ପାଇଁ ପ୍ରସ୍ତୁତ ହେଉଛନ୍ତି, ତାହା ଦେଖିବା କୌତୂହଳପୂର୍ଣ୍ଣ ହେବ। ୩୮ ବର୍ଷୀୟ ରୋହିତ ଅକ୍ଟୋବରରେ ଅଷ୍ଟ୍ରେଲିଆ ବିପକ୍ଷରେ ହେବାକୁ ଥିବା ଦିନିକିଆ ସିରିଜ୍‌ରେ ଖେଳିବେ। ଏଥି ପୂର୍ବରୁ ସେପ୍ଟେମ୍ବର ୩୦, ଅକ୍ଟୋବର ୩ ଓ ୫ ତାରିଖରେ ଅଷ୍ଟ୍ରେଲିଆ ଏ' ବିପକ୍ଷରେ ହେବାକୁ ଥିବା ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ଭାରତ ଏ' ପାଇଁ ରୋହିତ ଖେଳିପାରନ୍ତି। ପ୍ରିମିୟର ପେସର ଯଶପ୍ରୀତ ବୁମରା, ୱାଶିଂଟନ ସୁନ୍ଦର, ଯଶସ୍ୱୀ ଜୟସ୍ୱାଲ ଓ ଶାର୍ଦ୍ଦୂଳ ଠାକୁର ସିଜନ ପୂର୍ବରୁ ବାଧ୍ୟତାମୂଳକ ଫିଟନେସ ଟେଷ୍ଟ ଲାଗି ସିଓଇରେ ପହଞ୍ଚିବେ।

## ଜୋକୋଭିଚ୍, ସାବାଲେଙ୍କା ଚତୁର୍ଥ ରାଉଣ୍ଡରେ

**ୟୁଏସ୍ ଓପନ**

ନ୍ୟୁୟର୍କ,୩୦।୮

ରେକର୍ଡ ୨୫ତମ ଗ୍ରାଣ୍ଡସ୍ଲାମ ଟାଇଟଲ ଲକ୍ଷ୍ୟରେ ଥିବା ଟେନିସ ଲିଜେଣ୍ଡ ନୋଭାକ ଜୋକୋଭିଚ୍ ଓ ମହିଳା ସିଙ୍ଗଲ୍ସରେ ୱାର୍ଲ୍ଡ ନଂ-୧ ଆରିନା ସାବାଲେଙ୍କା ଚଳିତ ୟୁଏସ୍ ଓପନ ଟୁର୍ନାମେଣ୍ଟର ୪ର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଅନ୍ୟପକ୍ଷରେ ପଞ୍ଚମ ସିଡ୍ ମୀରା ଆଣ୍ଡ୍ରିଭା ଓ ଦଶମ ସିଡ୍ ଏମା ନାଭାରୋ ପରାଜୟ ସହ ବିଦାୟ ନେଇଛନ୍ତି।

ଶନିବାର ଖେଳାଯାଇଥିବା ପୁରୁଷ ସିଙ୍ଗଲ୍ସ ତୃତୀୟ ରାଉଣ୍ଡ ମ୍ୟାଚ୍‌ରେ ଜୋକୋଭିଚ୍ ୬-୪, ୬-୭ (୪/୭), ୬-୨, ୬-୩ ସେଟ୍‌ରେ କାମେରନ ନୋରିଙ୍କୁ ହରାଇଛନ୍ତି। ୩୮ ବର୍ଷୀୟ ଜୋକୋଭିଚ୍ ପରବର୍ତ୍ତୀ ମ୍ୟାଚ୍‌ରେ ଜର୍ମାନୀର ଜାନ ଲେନାର୍ଡ ଷ୍ଟ୍ରଫଙ୍କୁ ଭେଟିବେ। ଅନ୍ୟ ତୃତୀୟ ରାଉଣ୍ଡ ମ୍ୟାଚ୍‌ରେ ଚତୁର୍ଥ ସିଡ୍ ଟେଲର ଫ୍ରିଜ ୭-୬ (୭/୩), ୬-୭(୯/୧୧), ୬-୪, ୬-୪ ସେଟ୍‌ରେ ଜେରମି କିମଙ୍କୁ, ଟୋମାସ ମାକାକ ୭-୫, ୬-୩, ୬-୧ ସେଟ୍‌ରେ ଉଗୋ ବ୍ଲାନଚେଟଙ୍କୁ ଓ ଲେନାର୍ଡ ଷ୍ଟ୍ରଫ ୬-୪, ୬-୩, ୬-୭ (୯/୭) ସେଟ୍‌ରେ ୧୭ତମ ସିଡ୍ ଫ୍ରାନସେସ ଟିଆଫୋଙ୍କୁ ହରାଇଛନ୍ତି।



ଆରିନା ସାବାଲେଙ୍କା

ମହିଳା ସିଙ୍ଗଲ୍ସରେ ସାବାଲେଙ୍କା ୬-୩, ୭-୬ (୭/୨) ସିଧାସଳଖ ସେଟ୍‌ରେ ଲେଲା ଫର୍ନାଣ୍ଡେଜଙ୍କୁ ହରାଇଛନ୍ତି। ଏହି ମ୍ୟାଚ୍ ବେଳେ ଜଣେ ଦର୍ଶକ ତାଙ୍କ ବାନ୍ଧବୀଙ୍କୁ ବିବାହ ପ୍ରସ୍ତାବ ଦେଇଥିଲେ, ଯାହାକି ଚର୍ଚ୍ଚାର ବିଷୟ ପାଲଟିଛି। ସାବାଲେଙ୍କା ରାଉଣ୍ଡ ଅଫ୍-୧୬ରେ ସ୍ପେନର କ୍ରିଷ୍ଟିନା ବୁକସାଙ୍କୁ ଭେଟିବେ। ଅନ୍ୟ ତୃତୀୟ ରାଉଣ୍ଡ ମ୍ୟାଚ୍‌ରେ ଟେଲର ଟାଉନସେଣ୍ଡ ୭-୫, ୬-୨ ସେଟ୍‌ରେ ଆଣ୍ଡ୍ରିଭାଙ୍କୁ, ବାର୍ବୋରା କ୍ରେଜିସିକୋଭା ୪-୬, ୬-୪, ୬-୪ ସେଟ୍‌ରେ ନାଭାରୋଙ୍କୁ ଓ ଆନ ଲି ୭-୫, ୬-୩ ସେଟ୍‌ରେ ପ୍ରିସ୍କିଲା ହନଙ୍କୁ ହରାଇ ଆଗକୁ ବଢ଼ିଛନ୍ତି।

## ଦଳାଚକଟା ପୀଡ଼ିତଙ୍କ ପରିବାର ପାଇଁ ୨୫ ଲକ୍ଷ

**ଆର୍‌ସିବିର ଘୋଷଣା**

ବେଙ୍ଗାଲୁରୁ,୩୦।୮

ଗତ ଜୁନ୍ ୪ ତାରିଖରେ ଚିନ୍ନାସ୍ୱାମୀ ଷ୍ଟାଡିୟମ ନିକଟରେ ଘଟିଥିବା ଦଳାଚକଟାରେ ପ୍ରାଣ ହରାଇଥିବା ୧୧ ପ୍ରଶଂସକଙ୍କ ପରିବାର ଲାଗି ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ପକ୍ଷରୁ ୨୫ ଲକ୍ଷ ଲେଖାଏ ପୁରସ୍କାର ରାଶି ଘୋଷଣା କରାଯାଇଛି। ଏ ନେଇ ଫ୍ରାଞ୍ଚାଇଜ ପକ୍ଷରୁ ଏକ୍ସ'ରେ ପୋଷ୍ଟ କରାଯାଇଛି।

"ଜୁନ ୪ ତାରିଖରେ ଆମ ହୃଦୟ ଭାଙ୍ଗି ଯାଇଥିଲା। ଆମେ ଆର୍‌ସିବି ପରିବାରର ୧୧ ସଦସ୍ୟଙ୍କୁ ହରାଇଥିଲୁ। ସେମାନେ ଆମର ଅଂଶ ଥିଲେ। ଆମ ସହର, ଆମ ସମ୍ପ୍ରଦାୟ ଓ ଆମ ଦଳକୁ ସ୍ୱତନ୍ତ୍ର କରୁଥିବାର ଏକ ଅଂଶ ଥିଲେ। ସେମାନଙ୍କ ଅନୁପସ୍ଥିତି ଆମ ସଭିଙ୍କ ମନରେ ପ୍ରତିଧ୍ୱନିତ ହେବ। ସେମାନେ ଯେଉଁ ଖାଲି ସ୍ଥାନ ଛାଡ଼ି ଯାଇଛନ୍ତି, ତାହାକୁ କେତେ ପରିମାଣର ଟଙ୍କା ପୂରଣ କରିପାରିବ ନାହିଁ। କିନ୍ତୁ ପ୍ରଥମ ପଦକ୍ଷେପ ଭାବେ ଏବଂ ଗଭୀର ସମ୍ମାନ ସହିତ ଆର୍‌ସିବି ପ୍ରତ୍ୟେକଙ୍କ ପରିବାରକୁ ୨୫ ଲକ୍ଷ ଟଙ୍କା ଦେଉଛି। ଏହା କେବଳ ଏକ ଆର୍ଥିକ ସହାୟତା ନୁହେଁ, ବରଂ ଏହା କରୁଣା, ଏକତା ଓ ନିରନ୍ତର ଯତ୍ନର ପ୍ରତିଶ୍ରୁତି। ଏଥିସହିତ ଏହା ଆର୍‌ସିବି କେୟାରର ଆରମ୍ଭ। ସେମାନଙ୍କ ସ୍ମୃତିକୁ ସମ୍ମାନ ଜଣାଇ ଆରମ୍ଭ ହେଉଥିବା ଅର୍ଥପୂର୍ଣ୍ଣ କାର୍ଯ୍ୟ ପାଇଁ ଏହା ଏକ ଦୀର୍ଘକାଳୀନ ପ୍ରତିବଦ୍ଧତା" ବୋଲି ପୋଷ୍ଟରେ ଉଲ୍ଲେଖ କରାଯାଇଛି।

**ଉତ୍କଳ କରାଟେ ସ୍କୁଲ ପ୍ରତିଷ୍ଠା ଦିବସ**

## ୫ କ୍ରୀଡ଼ା ଖବରଦାତା, ୧୭ ଆଥ୍‌ଲେଟ୍ ସମ୍ବର୍ଦ୍ଧିତ



ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ କ୍ରୀଡ଼ା ଖବରଦାତା ଓ ଆଥ୍‌ଲେଟମାନେ।

ଭୁବନେଶ୍ୱର,୩୦।୮(ଅନାଦି କର)

ସ୍ଥାନୀୟ ଉତ୍କଳ କରାଟେ ସ୍କୁଲର ପ୍ରତିଷ୍ଠା ଦିବସ ଶନିବାର ସ୍କୁଲ ପରିସରରେ ପାଳିତ ହୋଇଯାଇଛି। ଏହି ଅବସରରେ ସିନିୟର କ୍ରୀଡ଼ା ଖବରଦାତା ସନ୍ଦୀପ ମିଶ୍ର, ସର୍ବେଶ୍ୱର ମହାନ୍ତି, ଏସ୍ ରାଜୀବ ଗୌରବ, ମନୋରଞ୍ଜନ ଦାସ ଓ ଶୁଭଲକ୍ଷ୍ମୀ ବଳଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ଅବସରରେ ବିଭିନ୍ନ କ୍ରୀଡ଼ାରେ ଅନ୍ତର୍ଜାତୀୟ ପଦକ ବିଜେତା ଅନୁପମା ସ୍ୱାଇଁ, ଲୋମା ସ୍ୱାଇଁ, ଡ. ଭଗବାନ ରେଡ୍ଡୀ, ଅଂଶୁମାନ ଆଚାର୍ଯ୍ୟ, ତ୍ରିଲୋଚନ ରଣା, ସମରଜିତ ଚକ୍ର, ଅଭିଷେକ ପଟ୍ଟନାୟକ, ପ୍ରିୟଦର୍ଶିନୀ ସାହୁ, ଆର୍ଯ୍ୟ ବ୍ରତ, ପୁଲକ ପାଢ଼ୀ, ସୂର୍ଯ୍ୟ ପ୍ରକାଶ ଘଡ଼େଇ, ପୁନିତ ମହନ୍ତ ଓ ଅମୈଶା ଝାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ରାଜ୍ୟ ଅଲିମ୍ପିକ୍ ସଂଘ ସଭାପତି ଓ ତଥା ବରିଷ୍ଠ ଭାଜପା ନେତା ସମୀର ମହାନ୍ତି, ପ୍ରିୟଦର୍ଶୀ ମିଶ୍ର, ଦୁଇ ଥରର ବିଶ୍ୱ କରାଟେ ଚାମ୍ପିୟନ ଅମିର ମେହେଦିଜାଦେ, ଉତ୍କଳ କରାଟେ ସ୍କୁଲର ପ୍ରତିଷ୍ଠାତା ଡ. ହରିପ୍ରସାଦ ପଟ୍ଟନାୟକ ଯୋଗଦେଇଥିଲେ।




## 'ଭାରତ କ୍ରୀଡ଼ା ସାମଗ୍ରୀର ନିର୍ମାଣ କେନ୍ଦ୍ର ହେବ'

ନୂଆଦିଲ୍ଲୀ,୩୦।୮(ପି.ଟି.)

ଭାରତ ଚଳିତବର୍ଷ ଶେଷସୁଦ୍ଧା ନିର୍ଦ୍ଦିଷ୍ଟ ଭାବେ କ୍ରୀଡ଼ା ସାମଗ୍ରୀ ନିର୍ମାଣ କ୍ଷେତ୍ର ଲାଗି ନୀତି ଆଣିବାକୁ ଯାଉଛି। ଏହା କେବଳ କ୍ରୀଡ଼ା ପ୍ରତିଭାଙ୍କୁ ପ୍ରୋତ୍ସାହିତ କରିବ ନାହିଁ, ବରଂ ଏହା ଭାରତକୁ ବିଶ୍ୱରେ ଅଗ୍ରଣୀ କ୍ରୀଡ଼ା ସାମଗ୍ରୀ ଉତ୍ପାଦନକାରୀ ଭାବେ ପରିଚିତ କରାଇବ। କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ଶନିବାର ଏହା କହିଛନ୍ତି। ବିଭିନ୍ନ କ୍ରୀଡ଼ାରେ ଆଥ୍‌ଲେଟ୍ସ ଶୀର୍ଷ ସ୍ତରର ପ୍ରତିଯୋଗିତାରେ ପ୍ରତିଦ୍ୱନ୍ଦ୍ୱିତା କରିବା ପାଇଁ ବିଦେଶରୁ ଆସୁଥିବା ଦାମୀ ସାମଗ୍ରୀ ଉପରେ ନିର୍ଭର କରୁଛନ୍ତି।

"ନଭେମ୍ବର-ଡିସେମ୍ବର ସୁଦ୍ଧା ଏକ ଯୋଜନା ଆରମ୍ଭ କରାଯିବ; ଯାହାଫଳରେ ଭାରତ ଶ୍ରେଷ୍ଠ କ୍ରୀଡ଼ା ସାମଗ୍ରୀ ଉତ୍ପାଦନକାରୀ ହୋଇପାରିବ। ଏହା ଉପଯୁକ୍ତ ଭିତ୍ତିଭୂମି ଯୋଗାଇବା ସହ ଇକୋସିଷ୍ଟମକୁ ସଶକ୍ତ କରିବ ଏବଂ ଭାରତକୁ ବିଶ୍ୱରେ କ୍ରୀଡ଼ା ସାମଗ୍ରୀର ପ୍ରମୁଖ ରପ୍ତାନିକାରୀ କରିବାରେ ସାହାଯ୍ୟ କରିବ। କ୍ରୀଡ଼ା ଇକୋସିଷ୍ଟମ ଖୁବ୍ ଦ୍ରୁତଗତିରେ ଆଗକୁ ବଢ଼ୁଛି। ଆମ ଦେଶ ପାଖରେ କିଛି ବି ହାସଲ କରିବାର ଦକ୍ଷତା ରହିଛି। ଆମକୁ ଆମ ସାମ୍ନାରେ ଥିବା ଚ୍ୟାଲେଞ୍ଜକୁ ବୁଝିବାକୁ ପଡ଼ିବ। ଆଗାମୀ ଦିନରେ ଆମେ ସ୍ପୋର୍ଟ୍ସ ମେଡସିନ, କ୍ରୀଡ଼ା ଭିତ୍ତିଭୂମି, କ୍ରୀଡ଼ା ଭିତ୍ତିକ ଶିକ୍ଷା ପ୍ରସ୍ତୁତ କରିପାରିବା। ଏଥିରେ ଜିଏସ୍‌ଟି ଭଳି ଅନେକ ଚ୍ୟାଲେଞ୍ଜ ରହିଛି। ଆମକୁ ଏକ ଟାସ୍କଫୋର୍ସ ଗଠନ କରିବାକୁ ପଡ଼ିବ ଏବଂ କ୍ରୀଡ଼ା ଭିତ୍ତିଭୂମି ଲାଗି ଯୋଜନା ଓ ନୀତି ପ୍ରସ୍ତୁତ କରିବାକୁ ପଡ଼ିବ। କ୍ରୀଡ଼ା ସାମଗ୍ରୀ ନିର୍ମାଣ କ୍ଷେତ୍ର ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି। କ୍ରୀଡ଼ା ସାମଗ୍ରୀ ନିର୍ମାଣ କ୍ଷେତ୍ର ଲାଗି ବିଭିନ୍ନ ଅଂଶୀଦାର, ନୀତି ଆୟୋଗ ଓ ନିର୍ମାଣକାରୀ କମ୍ପାନୀଙ୍କ ସହ ଆଲୋଚନା ମାଧ୍ୟମରେ ନୀତି ପ୍ରସ୍ତୁତ କରାଯିବ ବୋଲି କ୍ରୀଡ଼ାମନ୍ତ୍ରୀ କହିଛନ୍ତି।

**ଆନ୍ତଃ ସ୍କୁଲ ଫୁଟ୍‌ବଲ**

## ଓଡିଏମ୍‌କୁ ହରାଇ କିସ୍ ଚାମ୍ପିୟନ

ଭୁବନେଶ୍ୱର, ୩୦।୮ (ବିଜୟ ରଣା)

ସ୍ଥାନୀୟ ୟୁନିଟ୍-୬ ଆଥ୍‌ଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ୩୪ତମ ଜୟନ୍ତ ମହାପାତ୍ର ସ୍ମାରକୀ ଆନ୍ତଃ ସ୍କୁଲ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲରେ କିସ୍ ବିଦ୍ୟାଳୟ ୩-୧ ଗୋଲ୍‌ରେ ଓଡିଏମ୍ ଗ୍ଲୋବାଲ ବିଦ୍ୟାଳୟକୁ ପରାସ୍ତ କରି ଚାମ୍ପିୟନ ହୋଇଛି। ବିଜୟୀ ଦଳ ତରଫରୁ ସୋନାରାମ ସୋରେନ, ଉପେନ୍ଦ୍ର ଆମେନ୍ତିଆ ଓ କାନୁ ମାରାଣ୍ଡି ଗୋଲ ସ୍କୋର କରିଥିବା ବେଳେ ପରାଜିତ ଦଳ ପକ୍ଷରୁ ଏକମାତ୍ର ଗୋଲ ପ୍ରୀତମ ଟୁଡୁ ସ୍କୋର କରିଥିଲେ।

ଚାମ୍ପିୟନ ଦଳ ଭାବେ କିସ୍ ଟ୍ରଫି ସହ ୫୦,୦୦୦ ଟଙ୍କା ଏବଂ ରନର ଅପ୍ ଓଡିଏମ୍ ଗ୍ଲୋବାଲ ବିଦ୍ୟାଳୟ ଟ୍ରଫି ସହ ୩୦,୦୦୦ ଟଙ୍କା ଆର୍ଥିକ ପୁରସ୍କାର ପାଇଛନ୍ତି। ଭୁବନେଶ୍ୱର ଫୁଟ୍‌ବଲ ଏକାଡେମୀ ପଡ଼ିଆରେ ୨୦ଟି ବିଦ୍ୟାଳୟକୁ ନେଇ ଅନୁଷ୍ଠିତ ଏହି ଟୁର୍ନାମେଣ୍ଟରେ ଦୁଇ ଲୁଜର୍ସ ସେମିଫାଇନାଲିଷ୍ଟ ବିକାଶ ରେସିଡେନ୍‌ସିଆଲ ସ୍କୁଲ ଓ ଡିଏଭି ପୋଖରୀପୁଟକୁ ୧୦,୦୦୦ ଟଙ୍କା ଲେଖାଏ ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଛି। ଏହି ଅବସରରେ ବିଭିନ୍ନ ବିଭାଗରେ ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଖେଳାଳିମାନଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ସେମାନେ ହେଲେ ଶ୍ରେଷ୍ଠ ଗୋଲ ରକ୍ଷକ: କ୍ରିସ୍ ରାଜ (ବିକାଶ ରେସିଡେନ୍‌ସିଆଲ), ଶ୍ରେଷ୍ଠ ରକ୍ଷଣଭାଗ ଖେଳାଳି: ମୋହନ ମାରାଣ୍ଡି (କିସ୍), ଶ୍ରେଷ୍ଠ ଫରୱାର୍ଡ: ଆଶିଷ କୁମାର (ଓଡିଏମ୍), ଫାଇନାଲ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି: ଉପେନ୍ଦ୍ର ଅମାନିତିଆ, ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳି: ସୋନାରାମ ସୋରେନ। ଉଦ୍‌ଯାପନୀ ଉତ୍ସବରେ ଭୁବନେଶ୍ୱର ଆଥ୍‌ଲେଟିକ୍ ଆସୋସିଏଶନ ସଭାପତି ସୁରେଶ କୁମାର ରାଉତରାୟ, ସମ୍ପାଦକ ସୌର୍ଯ୍ୟରଞ୍ଜନ ପରିଡ଼ା, ସାମାଜିକ କର୍ମୀ ଜଗନ୍ନାଥ ପ୍ରଧାନ ଏବଂ ୟୁନିଟ୍-୬ ଆଥ୍‌ଲେଟିକ୍ ଆସୋସିଏଶନ ସଭାପତି ତପନ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ଏସ୍.ଆର୍. ପରିଡ଼ା, ବରିଷ୍ଠ ଫୁଟ୍‌ବଲ କୋଚ୍ ଆର୍.କେ. ମଣ୍ଡଳ ଏବଂ ପୂର୍ବତନ କ୍ରୀଡ଼ା ପ୍ରଶାସକ ଅଶୋକ ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବକୁ ଅଶୋକ ମହାନ୍ତି ଓ ୟୁନିଟ୍-୬ ଆଥ୍‌ଲେଟିକ୍ ଆସୋସିଏଶନର ସମ୍ପାଦକ ଦିଲୀପ ଦାସ ପରିଚାଳନା କରିଥିଲେ।



ଅତିଥିଙ୍କ ସହିତ ଚାମ୍ପିୟନ କିସ୍ ଦଳର ଖେଳାଳିମାନେ।

**ଏସିଆ କପ୍ ହକି**

## ବାଂଲାଦେଶ, ମାଲେସିଆ ବିଜୟୀ

ରାଜଗିର୍ (ବିହାର), ୩୦।୮ (ପି.ଟି.)

ପୁରୁଷ ଏସିଆ କପ୍ ହକି ଟୁର୍ନାମେଣ୍ଟରେ ଶନିବାର ପୁଲ୍ 'ବି'ରେ ବାଂଲାଦେଶ ଏହାର ଦ୍ୱିତୀୟ ମ୍ୟାଚରେ ଚାଇନିଜ ତାଇପେକୁ ୮-୩ ଗୋଲ୍‌ରେ ପରାସ୍ତ କରିଛି। ବାଂଲାଦେଶ ଏହା ପୂର୍ବରୁ ମାଲେସିଆ ନିକଟରୁ ୪-୧ ଗୋଲ୍‌ରେ ହାରିଯାଇଥିଲା। ଚାଇନିଜ ତାଇପେର ଏହା ହେଉଛି କ୍ରମାଗତ ଦ୍ୱିତୀୟ ପରାଜୟ। ଦଳ ଏହାର ପ୍ରଥମ ମ୍ୟାଚରେ କୋରିଆଠାରୁ ୭-୦ ଗୋଲରେ ପରାଜିତ ହୋଇଥିଲା। ପୁଲ୍ 'ବି'ର ଅନ୍ୟ ଏକ ମ୍ୟାଚରେ ମାଲେସିଆ ୫ଥର ଚାମ୍ପିୟନ କୋରିଆ ବିପକ୍ଷରେ ୪-୧ ଗୋଲ୍‌ରେ ଚମକପ୍ରଦ ବିଜୟ ହାସଲ କରିଛି। ବାଂଲାଦେଶ ସେପ୍ଟେମ୍ବର ୧ରେ ଏହାର ଫାଇନାଲ ପୁଲ୍ ମ୍ୟାଚ କୋରିଆ ବିପକ୍ଷରେ ଖେଳିବାକୁ ଥିବାବେଳେ ଚାଇନିଜ ତାଇପେ ସେହିଦିନ ମାଲେସିଆ ବିପକ୍ଷରେ ଖେଳିବ।



ମାଲେସିଆ ଓ କୋରିଆ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Editor- Tathagata Satpathy, ସମ୍ପାଦକ- ତଥାଗତ ସତପଥୀ